

# ପୁଷ୍ପା-୨ ଟିଜର ଆଉଟ୍




ନିକଟରେ ରିଲିଜ୍ ହୋଇଛି ବହୁ ପ୍ରତୀକ୍ଷିତ ଫିଲ୍ମ 'ପୁଷ୍ପା-୨'ର ଟିଜର । ପୁଷ୍ପା-୨ ଫିଲ୍ମର ରହିଛି ଓଡ଼ିଶା ଲିଙ୍କ, ଫିଲ୍ମର ଅନେକ ଭାଗ ମାଲକାନଗିରିରେ ସୁଟିଂ ହୋଇଛି । ଫିଲ୍ମର ଟିଜରକୁ ଅଲ୍ଲୁ ଅର୍ଜୁନଙ୍କ ଜନ୍ମଦିନ ଅବସରରେ ରିଲିଜ୍ କରାଯାଇଛି । ଫିଲ୍ମଟିର ଟିଜରକୁ ଦର୍ଶକ ଖୁବ ଭଲପାଇବା ଦେଉଛନ୍ତି । ଟିଜରରୁ ଜଣା ପଡୁଛି ଫିଲ୍ମଟି କେତେ ଭଲ ହୋଇଥିବା । ଫିଲ୍ମରେ ଅଲ୍ଲୁ ଅର୍ଜୁନଙ୍କ ଅର୍ଦ୍ଧନାରୀଶ୍ୱର ବେଶ ଦର୍ଶକଙ୍କୁ ଖୁବ ହଟକେ ଲାଗିଛି । ଅଲ୍ଲୁଙ୍କର ହଟକେ ସ୍ୱାଗ ଟିଜରରେ ଦେଖିବାକୁ ମିଳୁଛି, ଯାହା ଫିଲ୍ମକୁ ୟୁନିକ୍ କରିବ ବୋଲି ସମୀକ୍ଷକ ମତ ଦେଉଛନ୍ତି । ଫିଲ୍ମର ସବୁଠାରୁ ଆକର୍ଷଣ ସାଜିଛି ଅଲ୍ଲୁ ଅର୍ଜୁନଙ୍କର ଗେଟ୍‌ଅପ୍ । ତାଙ୍କ ଗେଟ୍ ଅପ୍‌କୁ ଫ୍ୟାନମାନେ ଖୁବ ପସନ୍ଦ କରୁଥିବା ଟିଜରକୁ ନେଇ ଆସୁଥିବା କମେଣ୍ଟରୁ ଜଣା ପଡିଛି । ଫିଲ୍ମର ଟିଜର ନିଜେ ଅଲ୍ଲୁ ଅର୍ଜୁନ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରି ସେୟାର କରିଛନ୍ତି । ସେୟାର ହେବା ପରେ ବହୁଳ ମାତ୍ରାରେ ଏହା ଭାଇରାଲ ହେବାରେ ଲାଗିଛି । ଅଗଷ୍ଟ ୧୫ରେ ଫିଲ୍ମଟି ରିଲିଜ୍ ହେବାର ଯୋଜନା ରହିଛି ।

# ଖରାଦିନେ ଆଖିର ଯତ୍ନ

**ଖରାଦିନେ ଟାଣ ଖରାର ଖରାପ ପ୍ରଭାବ କେବଳ ଯେ ଆମ ତ୍ୱଚା ଉପରେ ପଡିଥାଏ, ତାହା ନୁହେଁ, ଏହାର ପ୍ରଭାବ ଆମ ଆଖି ଉପରେ ମଧ୍ୟ ପଡିଥାଏ । ତେଣୁ ଏହି ଦିନେ ଆଖିର ବିଶେଷ ଯତ୍ନ ନେବାକୁ ହୋଇଥାଏ । କିଛି ଉପାୟ ରହିଛି ଯାହାକୁ ଅନୁକରଣ କରିବା ଦ୍ୱାରା ଆମେ ଏହି ଦିନେ ଆଖିକୁ ସୁସ୍ଥ ରଖି ପାରିବା ।**



**ପ୍ରତି ସମୟରେ ଆଖିର ଯତ୍ନ-** ଏହି ସମୟରେ ଆଖିର ରୁଟିନ୍ ଚେକଅପ୍‌ର ଆବଶ୍ୟକତା ରହିଛି । ଯଦି ଆପଣ ଆଗରୁ ଚଷମା ପିନ୍ଧୁଛନ୍ତି, କିମ୍ବା ସବୁବେଳେ ଖରାରେ ରହି କାମ କରୁଛନ୍ତି, ତେବେ ଏହାର ଆବଶ୍ୟକତା ଅଧିକ ରହିଛି । ତେଣୁ ରେଗୁଲାର ଆଇ ଚେକଅପ କରାନ୍ତୁ, ଯାହା ଫଳରେ ଯଦି କିଛି ସମସ୍ୟା ଥିବ ତାହେଲେ ଜଣାପଡିବ ।

**ସୂର୍ଯ୍ୟ କିରଣରୁ ଦୂରରେ ରୁହନ୍ତୁ-** ଆପଣ ଯଦି ବାହାରେ କାମ କରୁଛନ୍ତି, ତେବେ ଚେଷ୍ଟାକରନ୍ତୁ ସବୁବେଳେ ସିଧା ସଳଖ ସୂର୍ଯ୍ୟ କିରଣରୁ ଦୂରେଇ ରହିବା ପାଇଁ । ଯେତେବେଳେ ସୂର୍ଯ୍ୟଙ୍କର କିରଣ ପ୍ରଖର ରହିଥାଏ ଅର୍ଥାତ ଦିନ ୧୨ ଟାରୁ ୪ ମଧ୍ୟରେ ବାହାରକୁ କମ ଯିବା ପାଇଁ ଚେଷ୍ଟା କରନ୍ତୁ । ଯଦି ଯାଉଛନ୍ତି ତେବେ କଳା ଚଷମା ବ୍ୟବହାର କରନ୍ତୁ, ଯାହା ଫଳରେ ଆପଣଙ୍କ ଆଖିକୁ ଆରାମ ମିଳିବ ।

**ଖାଦ୍ୟରେ ଧ୍ୟାନ ଦିଅନ୍ତୁ-** ଆଖିର ସ୍ୱାସ୍ଥ୍ୟ ଆମର ଖାଦ୍ୟ ଉପରେ ବେଶି ନିର୍ଭର କରିଥାଏ । ତେଣୁ ଆଖିକୁ ସୁସ୍ଥ ରଖିବାକୁ ହେଲେ ଆମକୁ ହେଲ୍‌ଦି ଡାଏଟ୍ ଫଲୋ କରିବାକୁ ହୋଇଥାଏ । ଆଖିକୁ ସୁସ୍ଥ ରଖିବାକୁ ଖାଦ୍ୟରେ ଭିଟାମିନ୍ ଏ, ସି, ଇ, ଜିଙ୍କ ଓ ଓମେଗା-୩ ଆଡ କରନ୍ତୁ । ଏହି ସମସ୍ତ ଖାଦ୍ୟ ଆଖିକୁ ଶକ୍ତି ଯୋଗାଇବା ସହିତ ବିଭିନ୍ନ ଆଖି ସମ୍ବନ୍ଧିତ ସମସ୍ୟାକୁ ଦୂର କରିଥାଏ । ସେହିଭଳି ଖାଦ୍ୟରେ ଯେତେ ପାରିବେ ପନିପରିବା, ଫଳ, ଶାଗ ଆଦିକୁ ସାମିଲ କରନ୍ତୁ । ଏହା ଆଖି ପାଇଁ ଖୁବ ଭଲ ହୋଇଥାଏ ।

# ଯତ୍ନ ନନେବାରୁ ୧କୋଟି ଫାଇନ୍

ପଶୁଟିଏ ରଖିଲେ ସେମାନଙ୍କର ଯତ୍ନ ନେବା ମଧ୍ୟ ଅନିବାର୍ଯ୍ୟ । ସେମାନଙ୍କ ଖାଇବା ପିଇବା ଓ ସ୍ୱାସ୍ଥ୍ୟର ଯତ୍ନ ନେବା ସେମାନଙ୍କ ମାଲିକଙ୍କର ମୌଳିକ କର୍ତ୍ତବ୍ୟ ହୋଇଥାଏ । ହେଲେ ଏଭଳି କିଛି ଘଟଣା ଦେଖିବାକୁ ମିଳିଥାଏ, ଯେଉଁଠି ମାଲିକମାନେ ସେମାନଙ୍କ ପୋଷା ଜୀବଙ୍କର ଯତ୍ନ ନେଇ ନଥାନ୍ତି । ସେହିଭଳି ଏକ ଘଟଣା ଦେଖିବାକୁ ମିଳିଛି ଫ୍ରାନ୍ସରେ । ଏଠାରେ ଏକ ଆପାଟ୍‌ମେଣ୍ଟରେ ଦମ୍ପତି ନିଜର ୧୬୬ଟି ପୋଷା ଜୀବଙ୍କ ସହିତ ରହୁଥିଲେ । ଏଥିରେ ୧୫୯ଟି ବିଲେଇ ଥିବାବେଳେ ୭ଟି କୁକୁର ଥିଲେ । ହେଲେ ଦମ୍ପତି ସେମାନଙ୍କର ଯତ୍ନ ନେବାରେ ଅସମର୍ଥ ଥିବା ତାଙ୍କ ପଡୋଶୀଙ୍କ ଠାରୁ ଜଣା ପଡିଥିଲା । ତେବେ ଏହି ଅପରାଧ ପାଇଁ ତାଙ୍କୁ ଫ୍ରାନ୍ସ ସରକାର ୧.୩୫ କୋଟିର ଫାଇନ୍ ସହିତ ଏକ ବର୍ଷର ଜେଲ ଦଣ୍ଡ ଦେଇଛନ୍ତି । ତେବେ ଏନେଇ ୨୦୨୩ରେ ଜଣାପଡିଥିଲା, ଯେତେବେଳେ ଦମ୍ପତିଙ୍କ ପଡୋଶୀ ସେମାନଙ୍କର ପାଖାପାଖି ୧୦୦ରୁ ଅଧିକ ପଶୁଙ୍କୁ ପୃଷ୍ଟିହୀନତା ଅବସ୍ଥାରେ ଦେଖିବାକୁ ପାଇଥିଲେ । କିଛି ପଶୁଙ୍କ ଶରୀରରେ କ୍ଷତ ଥିବା ମଧ୍ୟ ପଡୋଶୀ ଜାଣିବାକୁ ପାଇଥିଲେ, ଏନେଇ ସେମାନେ ଅଭିଯୋଗ କରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା । ଅନେକ ଦିନ ଧରି କୋର୍ଟରେ କେସ୍ ଚାଲିବା ପରେ ଏହି ରାୟ ଆସିଥିବା ଜଣା ପଡିଛି ।



## ହାଃ ହାଃ

ଦୁଇଜଣ ଝିଅ ବସ୍‌ରେ ସିଟରେ ବସିବା ପାଇଁ ଝଗଡା କରୁଥିଲେ.

କଣ୍ଡକ୍ଟର - କ'ଣ ପାଇଁ ପାଟି କରୁଛ ?
ଉଭୟ - ମୁଁ ଆଗ ଆସିଛି ମୁଁ ବସିବି ।
କଣ୍ଡକ୍ଟର - ମୁଁ ଗୋଟିଏ ଉପାୟ କହୁଛି, କଳି ସମାଧାନ ହୋଇଯିବ ।
ଉଭୟ - କ'ଣ?
କଣ୍ଡକ୍ଟର - ଯାହାର ବୟସ ଅଧିକ ସେ ସିଟ୍‌ରେ ବସିପଡୁ ।
....... ଉଭୟ ଛିଡା ହୋଇ ରହିଲେ ।



## ଇତିହାସ

୧୭୫୬ - ବଙ୍ଗାଳର ନବାବ ଅଲ୍ଲୀ ବର୍ଦି ଖାନ୍‌ଙ୍କର ୮୦ ବର୍ଷରେ ନିଧନ ।

୧୯୫୭ - ବ୍ୟବସାୟ ପାଇଁ ସୁଏଜ କେନାଲକୁ ପୁଣି ଖୋଲା ଯାଇଥିଲା ।

୧୯୫୯ - ନାସା ପକ୍ଷରୁ ପ୍ରୋଜେକ୍ଟ ମରକ୍ୟୁରୀରେ ପ୍ରଥମ ଅନ୍ତରୀକ୍ଷ ଯାତ୍ରୀଙ୍କର ଘୋଷଣା କରାଯାଇଥିଲା ।

୧୯୬୩ - ବ୍ରିଟିଶ ରାଜନେତା ସାର୍ ବିଷ୍ଟନ ଚର୍ଚ୍ଚିଲ ଆମେରିକାର ନାଗରିକତ୍ୱ ଗ୍ରହଣ କରିଥିଲେ ।

୧୯୬୫ - ପଶ୍ଚିମ ଜର୍ମାନ ସଂସଦ ନାଜୀ ଯୁଦ୍ଧ ଅପରାଧ ଉପରେ ସୀମା ନିୟମକୁ ବଢାଇଥିଲା ।

## ସୋସିଆଲ କୋଟ୍ସ



ମୋର ୨ରୁ ୩ ଥର ବ୍ରେକ୍ ଅପ୍ ହୋଇଛି । ସେହି ସମୟରେ ମୁଁ ଖୁବ ଦୁଃଖରେ ରହିଥାଏ । ତେବେ ସେହି ସମୟରେ ମୁଁ ଅଧିକ ବ୍ୟାୟାମ କରିବା ଆରମ୍ଭ କରିଥିଲି । ମୋର ରାଗ କମାଇବା ପାଇଁ ମୁଁ ବ୍ୟାୟାମର ସାହାରା ନେଇଥାଏ ।

**ଅକ୍ଷୟ କୁମାର, ଅଭିନେତା**



ଅର୍ଜୁନଙ୍କର ମା'ଙ୍କ ମୃତ୍ୟୁ ଓ ଫିଲ୍ମ ଫ୍ଲପ୍ ଏକା ସହିତ ହୋଇଥିଲା, ଯାହା ତାଙ୍କ ପାଇଁ ଖୁବ ଦୁଃଖ ଦାୟକ ଥିଲା । ଏକାବେଳେ ତାଙ୍କୁ ଦୁଇ ଦୁଇଟି ଦୁଃଖକୁ ହ୍ୟାଣ୍ଡେଲ୍ କରିବାକୁ ହୋଇଥିଲା ।

**ବୋନି କପୁର, ଫିଲ୍ମମେକର**



ମୋ ନିର୍ବନ୍ଧ ସିକ୍ରେଟ ନୁହେଁ ପ୍ରାଇଭେଟ୍ ଥିଲା । ବିବାହ ତାରିଖ ପରିବାର ଲୋକ ନିଷ୍ପତ୍ତି ନେବେ । ସେ ବିଷୟରେ ମୋତେ ଏବେ କୌଣସି ଆଇଡିଆ ନାହିଁ ।

**ଅଦିତି ରାଓ ହୈଦରୀ, ଅଭିନେତ୍ରୀ**

# ମଙ୍କି ମ୍ୟାନ୍ ପାଇଁ ଗର୍ବିତ



ବର୍ତ୍ତମାନ ବି-ଟାଉନ୍‌ରେ ସୋଭିତା ଧୂଲିପାଲାଙ୍କୁ ନେଇ ବେଶ୍ ଚର୍ଚ୍ଚା ଲାଗିରହିଛି । ତାଙ୍କ ଅଭିନୟକୁ ଦର୍ଶକଙ୍କ ସହିତ ସମୀକ୍ଷକମାନେ ପ୍ରଶଂସା କରିବାରେ ଲାଗିଛନ୍ତି । ନିକଟରେ ତାଙ୍କର ହଲିଉଡ୍ ଫିଲ୍ମ 'ମଙ୍କି ମ୍ୟାନ୍' ପରଦାକୁ ଆସିଛି । ଏଥିରେ ସେ ଜଣେ କଲ୍ ଗର୍ଲ ଭାବେ ନଜର ଆସିଛନ୍ତି । ତେବେ ନିକଟରେ ଏକ ସାକ୍ଷାତକାରରେ ମଙ୍କି ମ୍ୟାନ୍‌ର ଚରିତ୍ର ନେଇ ମନଖୋଲି କଥା ହୋଇଛନ୍ତି ଶୋଭିତା । ଏହି ଚରିତ୍ର କରିବା ଫଳରେ ସେ ଅନେକ କିଛି ଶିଖିଥିବା ପ୍ରକାଶ କରିଛନ୍ତି । ସେହିଭଳି ନିର୍ଦ୍ଦେଶକ ଦେବ ପଟେଲଙ୍କର ବିଶ୍ୱାସ ତାଙ୍କ ଉପରେ ଥିବାରୁ ସେ ନିଜକୁ ଗର୍ବିତ ଭାବୁଥିବା ସାକ୍ଷାତକାରରେ ପ୍ରକାଶ କରିଛନ୍ତି । ସେହିଭଳି ଦେବ ପଟେଲଙ୍କ ସହିତ କାମ କରି ସେ ଖୁବ ଖୁସି ଥିବା ପ୍ରକାଶ କରିଛନ୍ତି । ଜଣେ ନିର୍ଦ୍ଦେଶକ ଭାବେ ଦେବ ପଟେଲଙ୍କ କାମ ଖୁବ ଡାଇନାମିକ୍ ବୋଲି ଶୋଭିତା ପ୍ରକାଶ କରିଛନ୍ତି । ମଙ୍କି ମ୍ୟାନ୍ ଟିମ୍ ଖୁବ ଟାଲେଣ୍ଟେଡ୍ ଟିମ୍ ବୋଲି ସେ ମତ ଦେଇଛନ୍ତି । ସୂଚନା ଅନୁସାରେ ଦେବ ପଟେଲ୍‌ଙ୍କର ମଙ୍କି ମ୍ୟାନର ସୁଟିଂ ୨୦୨୧ରେ ସରିଥିଲା ଏହାପରେ ଏକ ଓଟିଟି ପ୍ଲାଟଫର୍ମକୁ ୩୦ ମିଲିଅନ ଡଲାରରେ ଏହା ବିକ୍ରି ହୋଇଥିଲା । ଏଥିରେ ଶୋଭିତାଙ୍କ ସହିତ ସାର୍ଲୋଟ କୋପ୍ଲେ, ପିତବାସ, ଶିକନ୍ଦର ଖେର, ବିପିନ ଶର୍ମା ଆଦି ନଜର ଆସିଛନ୍ତି । ଫିଲ୍ମଟି ଭଗବାନ ହନୁମାନଙ୍କ ଉପରେ ପର୍ଯ୍ୟବେଶିତ ବୋଲି ସୂଚନା ରହିଛି । ଏପ୍ରିଲ ୫ରେ ଏହା ବିଶ୍ୱସ୍ତରରେ ରିଲିଜ୍ ହୋଇ ସାରିଥିବାବେଳେ ଭାରତରେ କେବେ ରିଲିଜ୍ ହେବ ସେ ନେଇ କୌଣସି ସୂଚନା ନାହିଁ ।

# ମାଗଣାରେ ମିଳୁଛି ଛେଳି



ସାଧାରଣତଃ ଗୋଟିଏ ଛେଳିର ଦାମ୍ ୬ ହଜାରରୁ ଆରମ୍ଭ ହୋଇଥାଏ, ତେଣୁ ସମସ୍ତଙ୍କ ପାଖେ ଛେଳି କିଣିବା ସମ୍ଭବପର ହୋଇନଥାଏ । ହେଲେ ଇଟାଲୀର ଇଡିଲିକ୍ ଆଇଲାଣ୍ଡ୍‌ରେ ମାଗଣା ଛେଳି ମିଳୁଛି, କଥାଟି ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ସତ । ସୂଚନା ଅନୁସାରେ ଏହି ଆଇଲାଣ୍ଡରେ ମଣିଷଙ୍କ ସଂଖ୍ୟା ଅପେକ୍ଷା ଛେଳିଙ୍କର ସଂଖ୍ୟା ଅଧିକ, ତେଣୁ ଲୋକମାନଙ୍କୁ ଏଥିପାଇଁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତେଣୁ ସ୍ଥାନୀୟ ସରକାର ଏଥିପାଇଁ ଏକ ଅଭିନବ ଉପାୟ ବାହାର କରିଛନ୍ତି, ଯେପରି ଛେଳିଙ୍କ ଠାରୁ ମୁକ୍ତି ମିଳିବ । ଯେଉଁମାନେ ଚାହିଁବେ ଏହି ଆଇଲାଣ୍ଡରୁ ମାଗଣା ଛେଳି ଘରକୁ ଆଣିପାରିବେ । ତେବେ ଏଥିପାଇଁ କେବଳ ଆପଣଙ୍କୁ ଛେଳିଙ୍କୁ ଧରିବାକୁ ହେବ । ଗୋଟିଏ ଥରରେ ପାଖାପାଖି ୫୦ଟି ଛେଳି ଆପଣ ଆଣିପାରିବେ । ପାଖାପାଖି ୨୦ ବର୍ଷ ପୂର୍ବେ ଜଣେ କୃଷକ ଏହି ଆଇଲାଣ୍ଡରେ ପ୍ରଥମ ଥର ପାଇଁ ଛେଳିକୁ ଆଣିଥିଲେ । ଏହି କାର୍ଯ୍ୟକ୍ରମ ଜରିଆରେ ଛେଳିଙ୍କ ପାଇଁ ନୂଆ ଘର ଓ ଠିକଣା ମିଳିବ ବୋଲି ସ୍ଥାନୀୟ ପ୍ରଶାସନ ଆଶା ରଖିଛନ୍ତି ।

# ମନୁଷ୍ୟକୃତ ଗର୍ଭାଶୟ

ଆଜିକାଲି ବୈଜ୍ଞାନିକମାନେ ଏଭଳି ଅନେକ ଉଦ୍ଭାବନ କରୁଛନ୍ତି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ଅନେକ ଅସମ୍ଭବ କାର୍ଯ୍ୟ ବିଜ୍ଞାନ କାରଣରୁ ସମ୍ଭବ ହୋଇପାରୁଛି । ସେହିଭଳି ଏକ ଅସାଧାରଣ କାର୍ଯ୍ୟ ଯଥା ମନୁଷ୍ୟକୃତ ଗର୍ଭାଶୟରେ ଶିଶୁକୁ ଜନ୍ମପୂର୍ବରୁ ରଖିବାପାଇଁ ପଦକ୍ଷେପ ନେଇଛନ୍ତି ବୈଜ୍ଞାନିକ । ଏହି ପ୍ରକ୍ରିୟାର ନାଁ ହେଉଛି ମନୁଷ୍ୟକୃତ ଗର୍ଭାଶୟ । ଆଗକୁ ଏହାକୁ କାର୍ଯ୍ୟକ୍ଷମ କରିବାକୁ ଆମେରିକାର ବୈଜ୍ଞାନିକମାନେ ଅଣ୍ଟା ଭିଡିଛନ୍ତି । ପୂର୍ବରୁ ୨୦୧୭ରେ ଏହି ପ୍ରକ୍ରିୟାର ପରୀକ୍ଷଣ ସରିଛି । ଏହି ପ୍ରକ୍ରିୟାରେ ଜନ୍ମିତ ଶିଶୁକୁ ବିଭିନ୍ନ ଉନ୍ନତମାନର ଚିକିତ୍ସା ଜରିଆରେ ସୁସ୍ଥ ରଖିବାକୁ ଚେଷ୍ଟା ଜାରି ରହିଛି । ଏହି ମନୁଷ୍ୟକୃତ ଗର୍ଭାଶୟ ଏକ ପ୍ଲାଷ୍ଟିକ ବ୍ୟାଗ ଭଳି ହୋଇଥାଏ । ଏଥିରେ କିଛି ଟ୍ୟୁବ ଯୋଡା ହୋଇଥାଏ ଯାହା ସାହାଯ୍ୟରେ ଭ୍ରୂଣ ପର୍ଯ୍ୟନ୍ତ ତରଳ ଅମ୍ଳଯାନ, ରକ୍ତ ଓ ଔଷଧ ପହଞ୍ଚାଯାଇଥାଏ । ବୈଜ୍ଞାନିକମାନେ ଏହି ମନୁଷ୍ୟକୃତ ଗର୍ଭାଶୟ ସାହାଯ୍ୟରେ ୨୩ରୁ ୨୫ ସପ୍ତାହ ପର୍ଯ୍ୟନ୍ତ ଜନ୍ମନେବାକୁ ଥିବା ପ୍ରିମେଚୋର ଶିଶୁଙ୍କର ପୋଷଣ କରିବେ । ଏହାଦ୍ୱାରା ଶିଶୁଙ୍କର ଫୁସ୍‌ଫୁସ୍ ବିକଶିତ ହୋଇପାରିବ ବୋଲି ବୈଜ୍ଞାନିକ ମତ ଦେଇଛନ୍ତି । ଏହି ପ୍ରକ୍ରିୟା ପ୍ରିମେଚୋର ବା ଆଗୁଆ ଜନ୍ମ ହେଉଥିବା ଶିଶୁଙ୍କ ପାଇଁ ବେଶ୍ ଲାଭଦାୟକ ସାବ୍ୟସ୍ତ ହୋଇଥାଏ । ତଥ୍ୟ ଅନୁସାରେ ଆମେରିକାରେ ପାଖାପାଖି ଏକ ପ୍ରତିଶତ ଶିଶୁ ସମୟ ପୂର୍ବରୁ ଜନ୍ମ ନେଇଥାଆନ୍ତି । ତେଣୁ ଆମେରିକାରେ ଏହା ଏକ ଲାଭଦାୟକ ପଦ୍ଧତି ହେବ ବୋଲି ସମସ୍ତେ ଆଶା ରଖିଛନ୍ତି ।



R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

# ସମୟ

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୮୪
ତିଥି : ଅମାବାସ୍ୟା
୦୯ ଏପ୍ରିଲ ୨୦୨୪, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 184
09 April 2024, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ତାତିରୁ ମିଳିଲା ଆଶ୍ୱସ୍ତି

## ୧୨ ଯାଏ କାଳବୈଶାଖୀ ବର୍ଷା
## ୧୭ ସହରରେ ୩୩° ତଳେ ପାରଦ
## ବରଗଡ଼ରେ ଦିନ ତାପମାତ୍ରା ୨୫°



ଭୁବନେଶ୍ୱର, ୮।୪ (ସବ୍ୟୁ) : ଆଗାମୀ ୫ଦିନ ଯାଏଁ ତାତିରୁ ମିଳିବ ଆଶ୍ୱସ୍ତି । ରବିବାର କାଳବୈଶାଖୀ ବର୍ଷା ଯୋଗୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପାରଦ ତଳମୁହାଁ ହୋଇଛି । ଏପରିକି ସୋମବାର ୧୭ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୩୩ଡିଗ୍ରୀ କିମ୍ବା ତା'ଠାରୁ କମ୍ ରହିଛି । ବରଗଡରେ ଦିନ ତାପମାତ୍ରା ୨୫ଡିଗ୍ରୀ ରେକର୍ଡ ହୋଇଛି । ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହୋଇପାରେ । ଫଳରେ ଦିନ ତାପମାତ୍ରା ବିଶେଷ ଭାବେ ବୃଦ୍ଧି ପାଇନପାରେ । ଏଭଳି ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ।

ପାଣିପାଗ ବିଭାଗର କହିବାନୁଯାୟୀ ରବିବାର ଓ ସୋମବାର ଦୁଇଦିନ ଧରି ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହୋଇଛି । ରବିବାରେ ଭୁବନେଶ୍ୱରରେ ୨୪.୪ମିଲିମିଟର ହୋଇଥିଲା ବେଳେ ଢେଙ୍କାନାଳ ୨୭ମିମି, ନବରଙ୍ଗପୁରରେ ୩୧.୪ମିମି, ଖୋର୍ଦ୍ଧାରେ ୧୭ମିମି, ଛତ୍ରପୁରରେ ୨୨.୪ ମିମି, ଯାଜପୁରରେ ୧୪.୮ ମିମି, ଅନୁଗୁଳରେ ୯ମିମି ବର୍ଷା ରେକର୍ଡ କରାଯାଇଛି । ସୋମବାର ସକାଳ ସାଢେ ୮ଟାରୁ ସନ୍ଧ୍ୟା ସାଢେ ୫ଟା ସୁଦ୍ଧା ଭଦ୍ରକ, ବରଗଡ, ସମ୍ବଲପୁରରେ ୪.୫ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ତାଳଚେର ୩.୬ ମିମି, ନୂଆପଡାରେ ୩ମିମି ବର୍ଷା ରେକର୍ଡ ହୋଇଛି ।

ଆସନ୍ତାକାଲି ମଙ୍ଗଳବାର ପୁରୀ, ଖୋର୍ଦ୍ଧା, ନୟାଗଡ, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ରାୟଗଡା ଜିଲ୍ଲାକୁ କାଳବୈଶାଖୀ ଲାଗି ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଏହିସବୁ ଜିଲ୍ଲାର ସ୍ଥାନେ ସ୍ଥାନେ ଘଡଘଡି ସହ ବର୍ଷା ହୋଇପାରେ । ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, ଝାରସୁଗୁଡା, ସୁନ୍ଦରଗଡ ଓ ବରଗଡ ଜିଲ୍ଲାର ସ୍ଥାନେ ଦୁଇସ୍ଥାନେ ହାଲ୍କାରୁ ମଧ୍ୟମ (୯ ପୃଷ୍ଠାରେ)

## ନଳକୂପ ପାଣି ସାଜିଛି ବିପଦ

# ଗଲାଣି ୫୦ ଜୀବନ, ଗାଁ ଛାଡୁଛନ୍ତି ଲୋକେ

**ବିନାୟକ ମିଶ୍ର**

ଖଣ୍ଡପଡା, ୮।୪

ଖଣ୍ଡପଡ଼ାନଳକୂପ ପାଣି ସାଜିଛି ବିପଦ । ନେଲାଣି ୫୦ ଜୀବନ ,ଭୟରେ ଗାଁ ଛାଡୁଛନ୍ତି ଲୋକେ । ଏପରି ଅଭିଯୋଗ ଆସିଛି ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ୍ ସିଧାମୂଳା ପଞ୍ଚାୟତରେ ରହିଛି ଘୋଡାମାରି ଦୁଆର ଗାଁରୁ । ଏହି ଗାଁରେ ଦିନେ ୭୫ରୁ ଅଧିକ ପରିବାର ବସବାସ କରୁଛନ୍ତି। ମୂଳ ମଜୁରି ଓ କାମଦାମ କରି ପରିବାର ଭରଣ ପୋଷଣ କରନ୍ତି। ଅଭାବୀ ଜୀବନ ଭିତରେ ମୁଖ୍ୟ ସମସ୍ୟା ହେଉଛି ପାନୀୟ ଜଳ। ଶୋଷ ମେଣ୍ଟାଇବା ପାଇଁ ୩ଟି ସରକାରୀ ନଳକୂପ ରହିଛି। ସେଥିରୁ ଗୋଟିଏ ଖରାପ ହୋଇଯାଇଥିବା ବେଳେ ଆଉ ଦୁଇଟି କାମ କରୁଛି। ହେଲେ ସେଥିରୁ ଅଳ୍ପ ଅଳ୍ପ ପାଣି ବାହାରୁଛି। ଯେଉଁ ପାଣି ବାହାରୁଛି, ତାହା ପିଇବା ଯୁକ୍ତ ନୁହେଁ। ଆଇରନ୍ ଯୁକ୍ତ ଫ୍ଲୋରାଇଡ୍ ପାଣି । ସେହି ପାଣି ପିଇଲେ କିଡ଼ନୀ ରୋଗ ହେଉଥିବାରୁ ଧନୀ ଲୋକମାନେ ପାଣି କିଣି ପିଉଛନ୍ତି। ହେଲେ ଅଭାବୀ ଓ ଗରିବ ଶ୍ରେଣୀର ଗାଁ ଲୋକମାନେ ତେଲ ଲୁଣ ସଂସାରକୁ ନେଇ ଘାଣ୍ଟି ହେଉଛନ୍ତି। ସେମାନେ ଟଙ୍କା କେଉଁଠୁ ପାଇବେ ପାଣି କିଣିବା ପାଇଁ। ତେଣୁ ବାଧହୋଇ ସେହି ପାଣିକୁ ପିଉଛନ୍ତି। ଫ୍ଲୋରାଇଡ୍ ପାଣି ପିଇ ଗାଁର ଶତାଧିକ ଲୋକ କିଡ଼ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଯବାନ ଟୋକା ପାଲଟି ଯାଉଛନ୍ତି ବୃଦ୍ଧା ମେରୁଦଣ୍ଡ ବାଙ୍କି ଯାଉଛି। ଲୋକମାନେ ତଳି ତଳାନ୍ତ ହୋଇଯାଉଛନ୍ତି। କିଡ଼ନୀ ଜନିତ ରୋଗରେ ପୀଡ଼ିତ ହୋଇ ଗାଁର ବସନ୍ତ କୁମାର ଦାସ, ବିଦ୍ୟାଧର ଦାସ, ଗୋବିନ୍ଦ ଚନ୍ଦ୍ର ଦସ, ପ୍ରମୋଦ ଦାସ, ବିଶିକା (୯ ପୃଷ୍ଠାରେ)



# ବିଜେଡି ଛାଡ଼ିଲେ ପୂର୍ବତନ ସାଂସଦ ପ୍ରଭାସ ସିଂ

ଭୁବନେଶ୍ୱର, ୮।୪ (ସବ୍ୟୁ) : ବିଜେଡି ଛାଡ଼ିଲେ ବରଗଡ଼ର ପୂର୍ବତନ ସାଂସଦ ଡ଼. ପ୍ରଭାସ କୁମାର ସିଂ । ନବୀନ ନିବାସରେ ପହଞ୍ଚି ସେ ତାଙ୍କ ଇସ୍ତଫାପତ୍ର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଜିଲ୍ଲା ସଭାପତି ପଦରୁ ତଥା ବିଜେଡିର ପ୍ରାଥମିକ ସଭ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି ପ୍ରଭାସ । ୨୦୧୪ରୁ ୨୦୧୯ ଯାଏ ବରଗଡ଼ର ସାଂସଦ ଥିଲେ ପ୍ରଭାସ। ଗତଥର ତାଙ୍କୁ ଟିକେଟ ମିଳିନଥିଲା। ସେ ଟିକେଟ ପାଇଁ ଆଶାୟୀ ଥିଲେ ମଧ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଦଳ ପ୍ରାର୍ଥୀ କରିଥିଲା। ଏଥର ମଧ ସାଂସଦ ଟିକେଟ ପାଇଁ ଦାବିଦାର ଥିଲେ ପ୍ରଭାସ। ଏଥର ବି ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଦଳ ତାଙ୍କୁ ଟିକେଟ ନ ଦେଇ ପରିଣୀତା ମିଶ୍ରଙ୍କୁ ବରଗଡ଼ ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ କରିଛି। ଦୁଇ ଦୁଇ ଥର ନିରାଶ ହେବା ପରେ ପ୍ରଭାସ ଆଜି ଦଳ ଛାଡ଼ିଛନ୍ତି। ବିଜେଡି ଛାଡ଼ିବା ପରେ ପ୍ରଭାସ କହିଛନ୍ତି, ଦଳ ଗଠନରେ ଗୁଣ୍ଡୁଚି ମୂଷା ଭଳି ମୋର ଅବଦାନ ଥିଲା। ଦଳ ପାଇଁ ମୁଁ ବହୁତ କାମ କରିଛି। ବିଜେପୁର ଓ ପଦ୍ମପୁର ଉପନିର୍ବାଚନରେ ଦଳ ପାଇଁ କଠିନ ପରିଶ୍ରମ କରିଛି। ବରଗଡ଼ ଜିଲ୍ଲାର ବିକାଶ ପାଇଁ ମୁଁ କାମ କରିଛି। ବିଜେଡିରେ ଯେଉଁ ନୀତି, ଆଦର୍ଶ ଥିଲା, ଏବେ ସେହି ଆଭିମୁଖ୍ୟ ଏବେ ଆଉ ଦଳରେ ନାହିଁ। ଦଳରେ ମୋ ଭଳିଆ ଉଚ୍ଚ ଶିକ୍ଷିତ ବ୍ୟକ୍ତିର ଆବଶ୍ୟକ ନାହିଁ। ଦଳ ଏବେ ଯେପରି ଭାବେ ଚାଲିଛି ଆମ ଭଳିଆ ଲୋକ ଦଳରେ ଦରକାର ନାହିଁ। ଏଥିପାଇଁ ଦଳରୁ ମୁଁ ଇସ୍ତଫା ଦେଲି। ସେ ଆହୁରି କହିଛନ୍ତି, ୨୦୧୪ରୁ ୨୦୧୯ ଦଳ ମୋତେ ଭରଷା କରିଥିଲା, ମୋତେ ଟିକେଟ ଦେଇଥିଲା। ୨୦୧୯ ରେ ମୋତେ ରିପିଟ୍ ପାଇଁ ଲୋକେ ଚାହୁଁଥିଲେ। ହେଲେ ମୋତେ ଟିକେଟ ମିଳିଲା ନାହିଁ। ଏଥର ଅନ୍ୟଦଳରୁ ମୋତେ ଅଫର ଥିଲା। ହେଲେ ମୁଁ ଗଲି ନାହିଁ। ମୁଁ ନିର୍ବାଚନ ଲିଢି ନାହିଁ, ଲୋକମାନଙ୍କ ସେବା କରିବି। ମୋ ସମର୍ଥକଙ୍କ ସହ ଆଲୋଚନା କରି ଆଗକୁ କାର୍ଯ୍ୟପନ୍ଥା ଗ୍ରହଣ କରିବି ବୋଲି ପ୍ରଭାସ କହିଛନ୍ତି ।

## ଦିଲ୍ଲୀପଙ୍କୁ ହାଇକୋର୍ଟଙ୍କ ରିହାତି

# ନିର୍ବାଚନ ଲଢ଼ିପାରିବେ



ଭୁବନେଶ୍ୱର, ୮।୪ (ସବ୍ୟୁ) : ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟର ବରିଷ୍ଠ ନେତା ଦିଲ୍ଲୀପ ରାୟଙ୍କୁ ଆଶ୍ୱସ୍ତି । ନିର୍ବାଚନରେ ଲଢ଼ିପାରିବେ ବରିଷ୍ଠ ନେତା ଦିଲୀପ ରାୟ । ଦିଲୀପଙ୍କ ଦଣ୍ଡାଦେଶ ଉପରେ ରହିତାଦେଶ ଦେଇଛନ୍ତି ଦିଲ୍ଲୀ ହାଇକୋର୍ଟ । ଆଉ କୋର୍ଟଙ୍କ ରହିତାଦେଶ ପରେ ଦିଲୀପଙ୍କ ନିର୍ବାଚନ ଲଢ଼ିବା ବାଟ ଫିଟିଛି । ଝାଡ଼ଖଣ୍ଡ କୋଇଲା ଆବଣ୍ଟନ ଅନିୟମିତତା ମାମଲାରେ ତଳ କୋର୍ଟଙ୍କ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇ ୩ ବର୍ଷ ଜେଲ ଦଣ୍ଡାଦେଶ ପାଇଥିଲେ ଦିଲୀପ । ଏହାକୁ ନେଇ ସେ ଦିଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ପରେ ଶୁଣାଣି ହୋଇଥିଲା । (୯ ପୃଷ୍ଠାରେ)

## କଂଗ୍ରେସ ଇସ୍ତାହାରକୁ ମୁସ୍‌ଲିମ୍ ଲିଗ୍ ଛାପ ମନ୍ତବ୍ୟ

# ନିର୍ବାଚନ କମିଶନଙ୍କ ନିକଟରେ କଂଗ୍ରେସର ଫେରାଦ

ନୂଆଦିଲ୍ଲୀ, ୮।୪ : କଂଗ୍ରେସର ଇସ୍ତାହାରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁସ୍‌ଲିମ୍ ଲିଗ୍‌ର ଛାପ ରହିଛି ଓ ମିଛର ଭଣ୍ଡାର ବୋଲି କହି ସମାଲୋଚନା କରିଛନ୍ତି । କଂଗ୍ରେସ ରାଷ୍ଟ୍ରୀୟ ସଭାପତି ମଲ୍ଲିକାର୍ଜୁନେ ଖଡ଼୍‌ଗେ ଆଜି କଡା ଭାଷାରେ ଏହାକୁ ସମାଲୋଚନା କରିଛନ୍ତି ଓ ସେ କହିଛନ୍ତି ଯେ ବିଜେପି ନିର୍ବାଚନ ହାରିବାକୁ ଯାଉଥିବାରୁ ଭୟରେ ଏଭଳି କାର୍ଯ୍ୟ କରିଚାଲୁଛି । ଏ ବାବଦରେ କଂଗ୍ରେସ ପକ୍ଷରୁ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଛି । ରାଜସ୍ଥାନର ଆଜ୍‌ମୀରରେ ପ୍ରଧାନମନ୍ତ୍ରୀ ପ୍ରଥମେ ଏହି ମନ୍ତବ୍ୟ ଦେଇଥିଲେ । କଂଗ୍ରେସ ପକ୍ଷରୁ ଏହି ମନ୍ତବ୍ୟର ସମସ୍ତ ତଥ୍ୟ ଓ ଭିଡିଓକୁ ନିର୍ବାଚନ କମିଶନଙ୍କୁ ଦିଆଯାଇଛି ।

ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ ତୀବ୍ର ସମାଲୋଚନା କରି ଖଡ଼୍‌ଗେ କହିଛନ୍ତି ଯେ ମୋଦି ଓ ଶାହାଙ୍କର ରାଜନୈତିକ ଓ ଆଦର୍ଶ ଯେଉଁମାନେ ସେମାନେ ବ୍ରିଟିଶ୍ ଓ ମୁସ୍‌ଲିମ୍ ଲିଗ୍‌କୁ ସ୍ୱାଧୀନତା ସଂଗ୍ରାମ ବିରୋଧରେ ସମର୍ଥନ କରୁଥିଲେ । ୧୯୪୨ରେ ମହାତ୍ମା ଗାନ୍ଧି ଯେତେବେଳେ ଭାରତ ଛାଡ ଡାକରା ଦେଇଥିଲେ ଓ ମୌଲାନା ଆଜାଦ୍ ସେତେବେଳେ କଂଗ୍ରେସ ଅଧ୍ୟକ୍ଷ ଥିଲେ । ଆର୍‌ଏସ୍‌ଏସ୍ ସେତେବେଳେ ମୁସ୍‌ଲିମ୍ ଲିଗ୍ ସହ ସମ୍ପର୍କରେ ରହିଥିଲା ଓ ଉଭୟେ ବନ୍ଧୁ ଥିଲେ । ସେମାନେ ଇତିହାସ ଜାଣନ୍ତି ନାହିଁ ବୋଲି ସେ କହିଛନ୍ତି । ତେବେ ବିଜେପି ପକ୍ଷରୁ କଂଗ୍ରେସର ଇସ୍ତାହାରକୁ ନେଇ ବାରମ୍ବାର ସମାଲୋଚନା କରାଯିବା ସହ ମୁସ୍‌ଲିମ୍ ଲିଗ୍‌ର ଯେଉଁ ଚିନ୍ତାଧାରା ଥିଲା ତାହା ପ୍ରତିଫଳନ ବୋଲି କୁହାଯାଉଛି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା କହିଛନ୍ତି ଯେ କଂଗ୍ରେସକୁ ଏହିଭଳି କାର୍ଯ୍ୟ ଯୋଗୁ ଲୋକ ପ୍ରତ୍ୟାଖ୍ୟାନ କରୁଛନ୍ତି । ମୁଁ ଇସ୍ତାହାର ଦେଖିଲି ଓ ଆଶ୍ଚର୍ଯ୍ୟ ପ୍ରକଟ କଲି । ଏହା ଇସ୍ତାହାର ନା ମୁସ୍‌ଲିମ୍ ଲିଗ୍‌ର ଚିନ୍ତାଧାରା ବୋଲି ସେ କହିଛନ୍ତି । କଂଗ୍ରେସ ମଧ ଏହାକୁ ସମାଲୋଚନା କରିଛି । କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି ଯେ ଜନସଂଘର ପ୍ରତିଷ୍ଠାତା ଓ ବିଜେପିର ଆଦର୍ଶ ଶ୍ୟାମ ପ୍ରସାଦ ମୁଖାର୍ଜୀ ୧୯୪୦ରେ ପଶ୍ଚିମବଙ୍ଗରେ (୯ ପୃଷ୍ଠାରେ)



### ମୁସ୍‌ଲିମ୍ ଲିଗ୍ ସହ ବିଜେପିର ଆଦର୍ଶମାନଙ୍କ ପୁରୁଣା ସମ୍ପର୍କ

### ୧୯୪୦ରେ ମିଳିତ ଭାବେ ଗଢ଼ିଥିଲେ ସରକାର

# ୮ ହଜାର ଜଙ୍ଗଲ ଜାଗାରେ ନିଆଁ

ଭୁବନେଶ୍ୱର, ୮।୪ (ସବ୍ୟୁ) : ରାଜ୍ୟରେ ଗ୍ରୀଷ୍ମ ସାଙ୍ଗକୁ ଜଙ୍ଗଲରେ ନିଆଁ ଲାଗିବା ଚିନ୍ତା ବଢ଼ାଉଛି । ରବିବାର ସୁଦ୍ଧା ରାଜ୍ୟର ୮ ହଜାର ପଏଣ୍ଟରେ ନିଆଁ ଲାଗିଛି । ୯୯.୫ ପ୍ରତିଶତ ନିଆଁକୁ ଲିଭାଯାଇଛି । ଆଜି ରାଜ୍ୟରେ ୨୦୦ ପଏଣ୍ଟରେ ନିଆଁ ଲାଗିଥିବା ଖବର ଆସିଛି । ଏନେଇ ସୂଚନା ଦେଇଛନ୍ତି ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ ।

ଶ୍ରୀ ବିଶ୍ୱାଳ କହିଛନ୍ତି, ଗତବର୍ଷ ଏହି ସମୟ ସୁଦ୍ଧା ରାଜ୍ୟର ୨୭ ହଜାର ପଏଣ୍ଟରେ ନିଆଁ ଲାଗିଥିଲା । ମାଲକାନଗିରିରେ ପୋଡୁ ଚାଷ ପାଇଁ ଅଧିକ ନିଆଁ ଲାଗୁଛି । ମହୁଲ ଫୁଲ ସଂଗ୍ରହ ଓ ଜନ୍ତୁ ଶିକାର ପାଇଁ ମଧ ନିଆଁ ଲଗାଉଛନ୍ତି ଲୋକେ । ଏମିତିକି କିଛି ଲୋକ ଦୁଷ୍ଟାମୀ କରିବା ପାଇଁ ଜଙ୍ଗଲରେ ନିଆଁ ଲଗାଉଥିବା ଦେଖିବାକୁ ମିଳୁଛି । ନିଆଁ ଲଗାଉଥିବା ଲୋକ ଧରା ପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ନିଆଁ ଲିଭାଇବା ପାଇଁ ୩୬୭ ସ୍କ୍ୱାର୍ଡ ନିୟୋଜିତ ହୋଇଛନ୍ତି । ୨ ହଜାର ୩୬୫ ସେଫ୍ଟି କିଟ୍ ସହ ୪ ହଜାର ୭୯୦ ଫାୟାର ଗ୍ଲୋଭର ଦିଆଯାଇଛି । (୯ ପୃଷ୍ଠାରେ)

# ବଜ୍ରାଘାତରେ ଚାଲିଗଲା ଦୁଇ ଜୀବନ

ମାଲକାନଗିରି, ୮।୪ (ସବ୍ୟୁ) : ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଅସରଡ଼ା ଗାଁରେ ବଜ୍ରପାତରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଉଛନ୍ତି ଆନ୍ଧ୍ର ପ୍ରଦେଶର ମୁଚିମପୁଟ ଥାନା ଅସରଡ଼ା ଗାଁର ପାଙ୍ଗି ସୁକଦେବ ଓ ମାଲକାନଗିରି ଜିଲ୍ଲା ପେପରମେଟାଲ ଗାଁର ଖରା ଶୀତାରାମ। ବର୍ଷା ହେବା ଯୋଗୁଁ ଉଭୟ ଗଛମୂଳେ ଆଶ୍ରୟ ନେଇଥିଲେ । ତେବେ ବଜ୍ରପାତ ହେବାରୁ ଘଟଣା ସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତ ଖରା ଶୀତାରାମ ଅସରଡ଼ା ଗାଁକୁ କୁଣିଆ ହୋଇ ଆସିଥିଲେ ବୋଲି ଜଣାପଡ଼ିଛି।

# ଦୁଇ ଏସ୍‌ପିଙ୍କ ବଦଳି

ଭୁବନେଶ୍ୱର, ୮।୪ (ସବ୍ୟୁ) : ନିର୍ବାଚନ କମିଶନ ବ୍ରହ୍ମପୁର ଓ ଖୋର୍ଦ୍ଧା ଏସ୍‌ପିଙ୍କୁ ବଦଳି କରିଛନ୍ତି । ବ୍ରହ୍ମପୁର ଏସ୍‌ପି ଭାବେ ଡ. ସାର୍ଥକ ଷଡଙ୍ଗୀଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ ଖୋର୍ଦ୍ଧା ଏସ୍‌ପି ଭାବେ ଅଭିନାସ କୁମାରଙ୍କୁ ଦାୟିତ୍ୱ ଦିଆଯାଇଛି । କିଛିଦିନ ତଳେ ସରକାର ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳ ବଦଳ କରିଥିଲେ । ପୂର୍ବରୁ ନିର୍ବାଚନ କମିଶନ ଦୁଇ ଆଇଏଏସ୍ ଓ ୬ ଆଇପିଏସ୍ ଅଫିସରଙ୍କୁ ନିର୍ବାଚନ କାର୍ଯ୍ୟରୁ ବାଦ୍ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ପରିପ୍ରେକ୍ଷୀରେ ଏହି ବଦଳି ମଧ ହୋଇଥିଲା ।

# ସୀମାନ୍ତରେ ୬ ମାଓବାଦୀ ଗିରଫ

ମାଲକାନଗିରି, ୮।୪ (ସବ୍ୟୁ) : ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ପୁଲିସକୁ ମିଳିଛି ବଡ଼ ସଫଳତା। ନିର୍ବାଚନ ପୂର୍ବରୁ ମାଓ ସଂଗଠନର ୨ ଜଣ ସହଯୋଗୀ ସହ ୪ ଜଣକୁ ଗିରଫ କରିଛି ସୁକମା ପୁଲିସ ।

ଲୋକସଭା ନିର୍ବାଚନକୁ ଆଖି ଆଗରେ ରଖି ପୁଲିସ ବିଭିନ୍ନ ସ୍ଥାନରେ କଡା ସୁରକ୍ଷା ବ୍ୟବସ୍ଥା କରିବା ସହ ଯାଞ୍ଚ କରୁଛି। ଡିଆରଜି ଯବାନ ପାଟ୍ରୋଲିଂ କରୁଥିବା ବେଳେ କିଛି ଲୋକଙ୍କ ଉପରେ ସନ୍ଦେହ ହେବାରୁ ସେମାନଙ୍କୁ ଧରି ପଚରା ଉଚରା କରିବା ସମୟରେ ସେମାନଙ୍କ ଠାରୁ ମାଓ ସାମଗ୍ରୀ ଜବତ କରିଛି। ତୁରନ୍ତ ସମସ୍ତ ମିଲିସିଆ ଏବଂ ମାଓବାଦୀକୁ ଗିରଫ କରାଯାଇଛି। ଏମାନେ କେରଳାପାଲ ଅଂଚଳର ବୋଲି ପୁଲିସ କହିଛି। ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଉଛି।

# ବଦଳୁଛି ପ୍ରଚାର ତରିକା : ପାର୍କ, ମନ୍ଦିର, ଚା ଖଟି ନେତାଙ୍କ ନଜରରେ





ଭୁବନେଶ୍ୱର, ୮।୪ (ସବ୍ୟୁ) : ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି ଘୋଷଣା ହୋଇଥିବା ପ୍ରାର୍ଥୀମାନେ ଏକରକମ ପ୍ରଚାର ମୈଦାନକୁ ଓହ୍ଲାଇ ଗଲେଣି । ଭିନ୍ନ ଭିନ୍ନ ଢ଼ଙ୍ଗରେ ଏବେ ପ୍ରଚାର ଦେଖିବାକୁ ମିଳୁଛି । ମନ୍ଦିର, ପାର୍କ ଓ ଚାହା ଖଟିରେ ନେତାଙ୍କ ଆବିର୍ଭାବ ହେଲାଣି । ବିଶେଷ କରି ସହରାଞ୍ଚଳରେ ପ୍ରଚାର ତରିକା ବଦଳିଛି । ଗ୍ରାମାଞ୍ଚଳରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରାର୍ଥୀ ଘର ଘର ବୁଲିବା ସହ ପାଦ ଛୁଇଁ ଆଶୀର୍ବାଦ ନେଉଛନ୍ତି । ଏଭଳି ଦୃଶ୍ୟ ସାରା ରାଜ୍ୟରେ ଦେଖିବାମୁ ମିଳୁଛି ।

ଭୁବନେଶ୍ୱର ଲୋକସଭା ଆସନରେ ବିଜେପି ଓ ବିଜେଡିର ପ୍ରାର୍ଥୀ ଘୋଷଣା ସରିଛି । ଏହି ଆସନରେ ପ୍ରାର୍ଥୀ ଏବେ ପ୍ରଚାର ମୈଦାନରେ ଦେଖିବାକୁ ମିଳୁଛନ୍ତି । ଖରା ହେଉଥିବାରୁ ସକାଳୁ ସକାଳୁ ପ୍ରଚାର ପର୍ବ ଆରମ୍ଭ ହେଉଛି । ଟାର୍ଗେଟରେ ରହୁଛି ପାର୍କ । ସହରାଞ୍ଚଳରେ ଥିବା ପାର୍କଗୁଡିକରେ ସକାଳୁ ବହୁ ଜନଗହଳି ହୁଏ । ମର୍ଣ୍ଣିଂୱାକ୍ କରିବା ସହ ମୁକ୍ତ ଆକାଶ ବ୍ୟାୟାମଶାଳାରେ ଲୋକମାନେ ବ୍ୟାୟାମ କରିଥାନ୍ତି । ଏହି ଅବସରରେ ସେମାନଙ୍କୁ ସିଧାସଳଖ ଭେଟିବା ପାଇଁ ନେତାମାନେ ପହଞ୍ଚି ଯାଉଛନ୍ତି । ବିଜେପି ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ନିକଟରେ ଏକ ପାର୍କରେ ଲୋକଙ୍କ ସହ ବ୍ୟାୟାମ କରୁଥିବା ନଜର ଆସିଛନ୍ତି । ସେହିଭଳି ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ମଧ ଲୋକଙ୍କୁ ଭେଟି ପାର୍କରେ ଆଶୀର୍ବାଦ ଲୋଡୁଛନ୍ତି । ପାର୍କ ପରେ ପରବର୍ତ୍ତି ପ୍ରଚାର ସ୍ଥଳ ହେଉଛି ମନ୍ଦିର । ନେତାମାନେ ଧୋତି, ପଞ୍ଜାବୀ ପିନ୍ଧି ମନ୍ଦିର ଯାଇ ପୂଜାର୍ଚ୍ଚନା କରୁଛନ୍ତି । ଦିଅଁଙ୍କର ଆଶୀର୍ବାଦ ନେଉଛନ୍ତି । ଏଭଳି ଚିତ୍ର ଭୁବନେଶ୍ୱରରେ ବେଶ୍ ଦେଖିବାକୁ ମିଳୁଛି । ଲୋକସଭା ପ୍ରାର୍ଥୀଙ୍କ ସହିତ ଘୋଷିତ ବିଧାନସଭା ପ୍ରାର୍ଥୀ ବି ରହୁଛନ୍ତି । ଏହି ପ୍ରାର୍ଥୀମାନେ ମଧ ବ୍ୟାୟାମ କରୁଥିବା ନଜର ଆସୁଛି । ସେହିଭଳି ପୁରୀରେ ମଧ ପ୍ରାର୍ଥୀ ଘର ଘର ବୁଲୁଛନ୍ତି । ବିଜେଡିର ଅରୁପ ପଟ୍ଟନାୟକ, ବିଜେପିର ସମ୍ବିତ ପାତ୍ର ଘର ଘର ବୁଲି ଆଶୀର୍ବାଦ ଭିକ୍ଷା କରୁଛନ୍ତି । ଡେଲାଙ୍ଗ ନିଜ ଘର କହି ନିଜକୁ ପୁରୀ ଅଞ୍ଚଳ (୯ ପୃଷ୍ଠାରେ)

### ଆସନ୍ନ ପରାଜୟ ଦେଖିଲେ ସରକାରୀ ଅଧିକାରୀଙ୍କୁ ଟାର୍ଗେଟ କରେ ବିଜେପି : ବିଜେଡି

# ବଦଳି ଧମକ ଦେଉଛନ୍ତି ବିଜେପି ନେତା ଓ ପ୍ରାର୍ଥୀ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ପରାଜୟ ହେବାକୁ ଯାଉଛି ବୋଲି ଅନୁଭବ କଲେ ରାଜ୍ୟର ସରକାରୀ ଅଧିକାରୀଙ୍କୁ ଟାର୍ଗେଟ କରିବା ଓଡ଼ିଶା ବିଜେପି ନେତାଙ୍କ ଅଭ୍ୟାସ । ୨୦୧୯ ସାଧାରଣ ନିର୍ବାଚନ ଓ ଓଡ଼ିଶା ବିଧାନସଭା ନିର୍ବାଚନରେ ସେମାନେ ଏହା କରିଥିଲେ ଏବଂ ପରବର୍ତ୍ତୀ ସମୟରେ ରାଜ୍ୟରେ ହୋଇଥିବା ଉପନିର୍ବାଚନରେ ପୁଣି ଥରେଏହା କରିଥିଲେ । ତେଣୁ ୨୦୨୪ ନିର୍ବାଚନରେ ଓଡ଼ିଶା ବିଜେପି ପୁର୍ନବାର ସରକାରୀ ଅଧିକାରୀଙ୍କୁ ଟାର୍ଗେଟ କରିବା ନୂଆ କଥା ନୁହେଁ ବୋଲି ସୋମବାର ଶଙ୍ଖଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ରାଜ୍ୟସଭା ଡ. ସସ୍ମିତ ପାତ୍ର। ୨୦୨୪ ନିର୍ବାଚନରେ ସେମାନେ ନୂତନ ଭାବେ ଅତ୍ୟନ୍ତ ନିମ୍ନସ୍ତରକୁ ଖସି ଆସିବା ସହିତ ବିଡିଓ, ତହସିଲଦାର, ପୋଲିସ ଡିଏସପି ଏବଂ ପୋଲିସ ଇନ୍ସପେକ୍ଟର ଇନଚାର୍ଜ (ଆଇଆଇସି)ଙ୍କ ଭଳି ସରକାରୀ ଅଧିକାରୀଙ୍କୁ ଫୋନ୍‌କରି ଧମକ ଦେବା ଆରମ୍ଭ କରିଛନ୍ତି । ଓଡ଼ିଶା ବିଜେପି ସେମାନଙ୍କୁ ଧମକ ଦେଉଛି ଯେ, ଏହି ନିର୍ବାଚନରେ ଓଡ଼ିଶା ବିଜେପିକୁ ସମର୍ଥନ କରନ୍ତୁ ନଚେତ ବଦଳି ଓ ଅନ୍ୟାନ୍ୟ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୁଅନ୍ତୁ । ୨୦୨୪ ନିର୍ବାଚନରେ ସେମାନେ ଏକ ନୂଆକୌଶଳରେ ଏହା



କରୁଛନ୍ତି । ୨୦୨୪ ନିର୍ବାଚନରେ ଓଡ଼ିଶା ବିଜେପି ପ୍ରାର୍ଥୀଙ୍କୁ ସମର୍ଥନ ନକଲେ ଓଡ଼ିଶା ବିଜେପି ରକିଛି ପ୍ରାର୍ଥୀ ଓ ନେତା ନିର୍ବାଚନ କମିଶନଙ୍କ ନାମର ଖୋଲାଖୋଲି ଅପବ୍ୟବହାର କରିବା ସହ ବଦଳି ସହ ନିର୍ବାଚନ ଡ୍ୟୁଟିରେ ଥିବା ଓଡ଼ିଶା ସରକାରଙ୍କ ଅଧିକାରୀମାନଙ୍କୁ ଭାରତୀୟ ନିର୍ବାଚନ କମିଶନଙ୍କ ନାଁନେଇ ଧମକ ଦେଉଛନ୍ତି । ଏ ସଂକ୍ରାନ୍ତରେ ଆଜି ସକାଳେ ବିଜୁଜନତା ଦଳ ପକ୍ଷରୁ ମୁଖ୍ୟ ନିର୍ବାଚନ କମିଶନର ଓ ନିର୍ବାଚନ ଆୟୋଗଙ୍କ ନିକଟରେ ଏକ ପିଟିସନ୍ ଦାଖଲ କରାଯାଇ ଓଡ଼ିଶାର ମୁଖ୍ୟନିର୍ବାଚନ ଅଧିକାରୀଙ୍କୁ ଏହାର ନକଲ ପ୍ରଦାନ କରାଯାଇଛି ।

ଓଡ଼ିଶାର ୬ ଜଣ ଆଇପିଏସ୍ ଓ ୨ ଜଣ ଆଇଏଏସ୍ ଅଫିସରଙ୍କୁ ନିର୍ବାଚନ କମିଶନ ବଦଳି କରିଛନ୍ତି ବୋଲି ବିଜେଡି ଆବେଦନରେ ଦର୍ଶାଇଛି । ଭାରତୀୟ ନିର୍ବାଚନ ଆୟୋଗଙ୍କ ପ୍ରତି ବିଜେଡିର ସମ୍ମାନ ରହିଛିଏବଂ ଦେଶର ନିର୍ବାଚନ ଆୟୋଗଙ୍କୁ ବିଜେଡି ଗଭୀର ଓ ବ୍ୟାପକ ସମ୍ମାନ ଦେଉଛି ଏବଂ ବିଜେଡି ଦଳ ନିର୍ବାଚନ କମିଶନଙ୍କ ସ୍ୱଚ୍ଛତା ଓ ଉଚ୍ଚସ୍ତରୀୟ ଦକ୍ଷତା ସହିତ ଦୃଢ଼ଭାବରେ ଠିଆ ହୋଇଥିବା ଅନୁଭବ କରୁଛି। ତେବେ ଓଡ଼ିଶା ବିଜେପିର ଏହି ପ୍ରାର୍ଥୀ ଓ ନେତାମାନେ ଏହି ବଦଳିକୁ ଉଦାହରଣ ଭାବେ ବ୍ୟବହାର କରି ନିର୍ବାଚନ ଡ୍ୟୁଟିରେ ଥିବା ଓଡ଼ିଶା ଅଧିକାରୀଙ୍କୁ ଫୋନ୍ କରି କହିଛନ୍ତି ଯେ, ଓଡ଼ିଶା ବିଜେପିର ଅଭିଯୋଗ ଆଧାରରେ ଭାରତର ନିର୍ବାଚନ ଆୟୋଗ ଏହି ବଦଳି କରିଛନ୍ତି । ଯଦି

ବେଆଇନ ଭାବେ ପ୍ରଭାବିତ କରିବାକୁ ଚେଷ୍ଟାକରିବା ମଧ ଅପରାଧିକ ପ୍ରକୃତିର ଅଟେ । ଏପରି କରି ଓଡ଼ିଶାର ଏହି ନେତା ଓ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ କେବଳ ଆମର କଠିନ ପରିଶ୍ରମର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ନଷ୍ଟ କରୁନାହାନ୍ତି ବରଂ ଆମର ନିର୍ବାଚନ ବ୍ୟବସ୍ଥାକୁ ଖରାପ କରୁଛନ୍ତି । ଏହାକହିବା ଅନାବଶ୍ୟକ ଯେ ଅବାଧ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ହେଉଛି ଆମ ସମ୍ବିଧାନ ପ୍ରଦତ୍ତ ଗଣତନ୍ତ୍ରର ମୂଳଦୂଆ । ଆମେ ଅନୁରୋଧ କରୁଛୁ ଯେ ନିର୍ବାଚନ

**ନିର୍ବାଚନ ଆୟୋଗଙ୍କ ନିକଟରେ ଫେରାଦ ହେଲା ବିଜେଡି**
**ଅବାଧ ଓ ନିରପେକ୍ଷ ନିର୍ବାଚନ କରିବାକୁ ଅନୁରୋଧ**

ଏହି ଅଧିକାରୀମାନେ ଓଡ଼ିଶା ବିଜେପିକୁ ସମର୍ଥନ ନ କରନ୍ତି, ତେବେ ପୂର୍ବଭଳି ନିର୍ବାଚନ ଆୟୋଗଙ୍କ ନିକଟରେ ମିଥ୍ୟା ଅଭିଯୋଗ କରି ସେମାନଙ୍କ ବଦଳି ସୁନିଶ୍ଚିତ କରିବେ ବୋଲି ସେମାନେ ଧମକ ଦେଉଛନ୍ତି ।

ଏହା କେବଳ ଚଳିତ ନିର୍ବାଚନ ସମୟରେ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧିର ଘୋର ଉଲ୍ଲଂଘନ ନୁହେଁ, ବରଂ ନିର୍ବାଚନ କାର୍ଯ୍ୟରେ ମୁତୟନ ଥିବା କର୍ମଚାରୀଙ୍କୁ ଧମକ ଦେବା ଏବଂ ନିର୍ବାଚନ ପ୍ରକ୍ରିୟାକୁ ଆୟୋଗଏହି ପ୍ରସଙ୍ଗରେ ଆବଶ୍ୟକ ଧ୍ୟାନ ଦିଅନ୍ତୁ ଏବଂ ଓଡ଼ିଶା ବିଜେପିର ନେତା ଏବଂ ପ୍ରାର୍ଥୀମାନେ ନିର୍ବାଚନ ଡ୍ୟୁଟିରେ ଥିବା ଓଡ଼ିଶାର ସରକାରୀ ଅଧିକାରୀଙ୍କ ପ୍ରତି ଏଭଳି ଭୟଙ୍କର କାର୍ଯ୍ୟକୁ ରୋକିବା ଏବଂ ଭାରତୀୟ ଗଣତନ୍ତ୍ରର ବୃହତ୍ତର ମଙ୍ଗଳ ଏବଂ ଅବାଧ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟା ପାଇଁ ଓଡ଼ିଶାରେ ଏକ ମୁକ୍ତ, ନିରପେକ୍ଷ, ସ୍ୱଚ୍ଛ ଏବଂ ସୁସ୍ଥ ନିର୍ବାଚନ କରିବାକୁ ସୁନିଶ୍ଚିତ କରନ୍ତୁ ବୋଲି ଡକ୍ଟର ପାତ୍ରକହିଛନ୍ତି ।

# ସମ୍‌ରେ ବୋନ୍ ଟ୍ୟୁମର ସମ୍ପର୍କିତ ସିଏମ୍‌ଇ ଆୟୋଜିତ

ଭୁବନେଶ୍ୱର (ସବ୍ୟୁ): ବୋନ୍ ଟ୍ୟୁମର ସମସ୍ୟା ଓ ଏ ସମ୍ପର୍କିତ ଚିକିତ୍ସାକୁ ନେଇ ଗତ ରବିବାର ଦିନ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ମସ୍କୁଲୋସ୍କେଲିଟାଲ୍ ସୋସାଇଟି ଅଫ୍ ଇଣ୍ଡିଆ (ଏମ୍‌ଏସ୍‌ଏସ୍) ପକ୍ଷରୁ ଏକ କଂଟିନ୍ୟୁଇଙ୍ଗ୍ ମେଡିକାଲ୍ ଏଜୁକେସନ୍ (ସିଏମ୍‌ଇ) ଆୟୋଜିତ ହୋଇଯାଇଛି । ଏହି ଏକ ଦିବସୀୟ କର୍ମଶାଳାରେ ଯୋଗ ଦେଇଥିବା ବିଶେଷଜ୍ଞମାନେ ଅତ୍ୟାଧୁନିକ ଇମେଜିଂ ଟେକ୍ନୋଲୋଜି ଓ ବୋନ୍ ଟ୍ୟୁମରର ଚିକିତ୍ସା ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ । ଓଡ଼ିଶା ରେଡିଓଲଜିକାଲ୍ ଆଣ୍ଡ ଇମେଜିଂ ଆସୋସିଏସନ୍ (ଓରିଆ) ଏବଂ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ସହଭାଗିତାରେ ଆୟୋଜିତ ଏହି ସିଏମ୍‌ଇର ପ୍ରସଙ୍ଗ ଥିଲା 'ଏମ୍‌ଏସ୍‌କେ ଟ୍ୟୁମର୍ସ ଇମେଜିଂ ଆଣ୍ଡ ଇନ୍‌ଟରଭେନ୍‌ସନ୍ସ'। ଏହି କାର୍ଯ୍ୟକ୍ରମରେ ମସ୍କୁଲୋସ୍କେଲିଟାଲ୍ ସୋସାଇଟିର ସଭାପତି ତଥା କାର୍ଯ୍ୟକ୍ରମର କାର୍ଯ୍ୟକାରୀ ଅଧକ୍ଷ ଡାକ୍ତର ଜୟରାଜ ଗୋବିନ୍ଦରାଜ ଯୋଗ ଦେଇ ବୋନ୍ ଟ୍ୟୁମର ଚିକିତ୍ସାରେ ନ୍ୟୁକ୍ଲିୟର୍ ସ୍କାନ୍‌କୁ ଏକ ଗେମ୍ ଚେର




ଭାବେ ଅଭିହିତ କରିଥିଲେ। ନିଜ ଜ୍ଞାନକୁ ବିସ୍ତାରିତ କରିବା ଉପରେ ଗୁରୁତ୍ୱ ଦେଇ ବୈଷୟିକ ଜ୍ଞାନକୌଶଳକୁ ଅଧିକ ଜାଣିବା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଛାତ୍ରଛାତ୍ରୀଙ୍କୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ସିଏମ୍‌ଇର କାର୍ଯ୍ୟକାରୀ ଅଧକ୍ଷ ଡାକ୍ତର ସତ୍ୟ ଏସ୍.ଜି. ମହାପାତ୍ର ବୋନ୍ ଟ୍ୟୁମରର ବିଭିନ୍ନ ପରୀକ୍ଷା ଓ ଇମେଜିଂ ମୋଡାଲିଟି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ଆୟୋଜକ ସମ୍ପାଦକ ଡାକ୍ତର ଆଦ୍ୟ କିଙ୍କର ପଣ୍ଡା ଓ ଏମ୍‌ଏସ୍‌ଏସ୍ ସଚିବ ତଥା କାର୍ଯ୍ୟକ୍ରମର ସହ-ଆୟୋଜକ ସମ୍ପାଦକ ଡାକ୍ତର ଧର୍ମେନ୍ଦ୍ର କେ. ସିଂହ ମଧ ବକ୍ତବ୍ୟ ରଖିଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ବିଶେଷଜ୍ଞମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ବେଲବାହାଲିରେ ବିଜେପିର ନିର୍ବାଚନ ପ୍ରଚାର

ଆନନ୍ଦପୁର,(ସବ୍ୟୁ) :କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ର ବେଲବାହାଲି ଠାରେ ସୋମବାର ଦିନ ବିଜେପି ସାଂସଦ ପ୍ରାର୍ଥୀ ଅନନ୍ତ ନାୟକ, ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ କୁମାର ସେଠୀ, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକଜ୍ଞାନ ରଞ୍ଜନ ସାମନ୍ତସିଂହାର, ଆନନ୍ଦପୁର ମୁନିସିପାଲିଟି ର ପୂର୍ବତନ ନଗରପାଳ ରାମଚନ୍ଦ୍ର ସାହୁଙ୍କ ସମେତ ବହୁ ନେତୃବୃନ୍ଦ ବେଲବାହାଲି ଗ୍ରାମ ଦେବତୀ ମା କୁଣ୍ଡାଳାଇ ଶାଳ ଠାରେ ପୂଜାର୍ଚ୍ଚନା କରିବା ପରେ ଏକ ଶୋଭାଯାତ୍ରା ରେ ବାହାରି ଘର ଘର ସମ୍ପର୍କ ଅଭିଯାନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ଙ୍କ ୧୦ ବର୍ଷ ଶାସନ କାଳରେ ଜନ କଲ୍ୟାଣ କାରୀ ଯୋଜନା ଓ ବିକାଶ ଉପରେ ପ୍ରଚାର ପତ୍ର ବଣ୍ଟନ କରିବା ସହିତ ନରେନ୍ଦ୍ର ମୋଦୀ ଜୀ ବାର୍ତ୍ତା ଜନସାଧାରଣ ଙ୍କ ପାଖରେ ପହଞ୍ଚାଇଥିଲେ। ବେଲବାହାଲି ଗ୍ରାମ ରେ ଜନସାଧାରଣ ଓ ମହିଳା ମାନଙ୍କ ତରଫରୁ ସାଂସଦ ପ୍ରାର୍ଥୀ ଅନନ୍ତ ନାୟକ ଓ ବିଧାୟକ ପ୍ରାର୍ଥୀ ଆଲୋକ କୁମାର ସେଠୀଙ୍କୁ ପୁଷ୍ପଗୁଚ୍ଛ ଦେଇ ଓ ବନ୍ଦାପନା କରି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବେଲବାହାଲି ମଣ୍ଡଳ ସଭାପତି ଅନାଦୀ ଚରଣ ସାହୁ, ସରପଞ୍ଚ ଶ୍ରୀମତୀ ଦୀପ୍ତି ସାହୁ, ଆନନ୍ଦପୁର ନଗର ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ପ୍ରାଣବନ୍ଧୁ ସାହୁ, ବିଶ୍ୱନାଥ ଦାସ, ଶ୍ରୀଧର ସାହୁ, ଉଦ୍ଧବ ଓଝା, ସଞ୍ଜୟ କୁମାର ବାରିକ, ବୈଲୋଚନ ମହାରଣା, ବୀରବର ସାହୁ, ଶ୍ରୀମତୀ ସଂଯୁକ୍ତା ସାହୁ, ଗୁରୁବାରି ସାହୁ, ମିନତୀ ସାହୁ, ଆରତୀ ସେଠୀ, ପୂର୍ଣ୍ଣ ଚନ୍ଦ୍ର ରାଉତ, ଗୋବିନ୍ଦ ରଣା, କ୍ଷମାକର ମାଝୀ, ସଙ୍କର୍ଷଣ ରାଉତ, ମଦନ ମୋହନ ଜେନା ପ୍ରମୁଖ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ଦେବଦତ୍ତ କାନୁନଗୋଙ୍କ ସ୍ନାତକୋତ୍ତର ଆଇନ୍ ବିଭାଗରେ ସ୍ୱର୍ଣ୍ଣପଦକ ଲାଭ

ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଆଇନ୍ ବିଭାଗରେ ୨୦୨୩ ଶିକ୍ଷା ବର୍ଷରେ ସର୍ବୋଚ୍ଚ ନମ୍ବରରଖି ଦେବଦତ୍ତ




କାନୁନଗୋ 'ସ୍ୱର୍ଣ୍ଣ ପଦକ' ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ରାଜ୍ୟପାଳ ରଘୁବର ଦାସ ସୋମବାର ଦିନ ବିଶ୍ୱବିଦ୍ୟାଳୟର ୩୩ ତମ ସମାବର୍ତ୍ତନ ଉତ୍ସବରେ ଦେବଦତ୍ତ କାନୁନଗୋଙ୍କ ସମେତ ୩୫ ଜଣ ଛାତ୍ର ଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିଛନ୍ତି । ଏତଦ୍ ବ୍ୟତୀତ ୨ ଜଣଙ୍କୁ ଡିଲିଟ ଉପାଧି, ୭୮ ଜଣ ଛାତ୍ର ଛାତ୍ରୀଙ୍କୁ ପିଏଚ ଡି ଉପାଧି ପ୍ରଦାନ କରିଛନ୍ତି । ଏହି ଉତ୍ସବରେ କୁଳାଧିପତି ରଘୁବର ଦାସଙ୍କ ସମେତ, ସମ୍ମାନିତ ଅତିଥି ଭାବେ ଆଇ ଏମ୍ ଏମ୍ ଟିର ନିର୍ଦ୍ଦେଶକ ଡ଼ଃ ରାମାନୁଜ ନାରାୟଣ, ମୁଖ୍ୟ ବକ୍ତା ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶାର ଉପକୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ । ଏତଦ୍ ବ୍ୟତୀତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଉପକୂଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ରେଜିଷ୍ଟ୍ରାର ନୃପରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେଛିଶ୍ୱବିଦ୍ୟାଳୟ ପକ୍ଷରୁ ଦେବଦତ୍ତ ଙ୍କ ସମେତ ସ୍ୱର୍ଣ୍ଣ ପଦକ ଧାରୀ ମାନଙ୍କୁ ସମ୍ମାନ ସୂଚକ ଭାବେ ଉତ୍ତରୀୟ ଓ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ଦେବଦତ୍ତ ଜଙ୍ଗଲ ଓ ପରିବେଶ ଏବଂ ବାଣିଜ୍ୟ (ବିଜନେସ୍) ଆଇନ୍ ବିଷୟରେ ସ୍ନାତକୋତ୍ତର କରିଛନ୍ତି । ସେ ବର୍ତ୍ତମାନ ଜଙ୍ଗଲ ଓ ପରିବେଶ ଉପରେ ଗବେଷଣା ( ପିଏଚଡ଼ି) କରୁଛନ୍ତି । ଦେବଦତ୍ତ ହେଉଛନ୍ତି ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ କାନୁନଗୋ ଏବଂ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରି ଶ୍ରୀମତୀ ଚଞ୍ଚଳା କାନୁନଗୋଙ୍କ ଏକମାତ୍ର ପୁତ୍ର ।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ସଚେତନତା ଅଭିଯାନ



ଭୁବନେଶ୍ୱର (ସବ୍ୟୁ): ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥିଙ୍କ ତତ୍ତ୍ୱାବଧାନରେ ଯୁମ୍ବା ଓ ଯୋଗ ଶିବିର ଆୟୋଜିତ ହୋଇଥିଲା । ଶ୍ରୀ ପରୁଥି ସମସ୍ତ କର୍ମଚାରୀଙ୍କୁ ନିଜ ନିଜର ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ । ତାମିଲପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ବ୍ୟାୟାମ୍ ଅଭ୍ୟାସ କରାଯାଇଥିଲା । ପ୍ରାୟ ୫୦ଜଣ କର୍ମଚାରୀ ଓ ଉଚ୍ଚଅଧିକାରୀ ଏଥିରେ ଯୋଗ ଦେଇଥିଲେ । ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଅଣ ସଂରକ୍ଷିତ ସମ୍ପ୍ରଦାୟର ବାଳିକାଙ୍କ ନିଯୁକ୍ତି ପାଇଁ

# 'ପ୍ରୋଜେକ୍ଟ ପଞ୍ଚି' ର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ କରିଛି ବେଦାନ୍ତ ଲାଞ୍ଜିଗଡ଼

ଭୁବନେଶ୍ୱର (ସବ୍ୟୁ): ଅଣ ସଂରକ୍ଷିତ ସମ୍ପ୍ରଦାୟର ବାଳିକାଙ୍କ ନିଯୁକ୍ତି ପାଇଁ 'ପ୍ରୋଜେକ୍ଟ ପଞ୍ଚି' ର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ କରିଛି ବେଦାନ୍ତ ଲାଞ୍ଜିଗଡ଼ । ଏହି ପ୍ରକଳ୍ପଟି ଜାତୀୟସ୍ତରରେ ଅଣସଂରକ୍ଷିତ ସମ୍ପ୍ରଦାୟର ୧୦୦୦ ବାଳିକାଙ୍କୁ ଉଚ୍ଚଶିକ୍ଷା ଏବଂ ଚାକିରି ସୁଯୋଗ ମାଧ୍ୟମରେ ସେମାନଙ୍କୁ ସମର୍ଥନ କରିବାକୁ ଲକ୍ଷ୍ୟ ରଖିଛି ଛତ୍ରିଏଭଳି ଭୟଙ୍କର କାର୍ଯ୍ୟକୁରୋ। ଲାଞ୍ଜିଗଡ଼, କଳାହାଣ୍ଡିଜିଲ୍ଲା, ଓଡିଶା, ୦୮ ଏପ୍ରିଲ୨୦୨୪ – ବେଦାନ୍ତ ଲିମିଟେଡ୍, ଭାରତର ସ୍ମେଲଟର ଗ୍ରେଡ୍ ଆଲୁମିନା ଉତ୍ପାଦକ ତଥା ବେଦାନ୍ତ ଆଲୁମିନିୟମର ଏକୟୁ ନିଟ୍, ଏହାର ଅନନ୍ୟ ନିଯୁକ୍ତିଡ୍ରାଇଭ୍ 'ପ୍ରୋଜେକ୍ଟପଞ୍ଚି'ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିଛି ଏବଂ ଦେଶବ୍ୟାପୀ ଅଣସଂରକ୍ଷିତ ସମ୍ପ୍ରଦାୟର ୧୦୦୦ ବାଳିକାଙ୍କ ଜୀବନ ଧାରଣରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି, ଯେଉଁମାନେ କି ସାମାଜିକ-ଅର୍ଥନୈତିକ ପ୍ରତିବନ୍ଧକ ହେତୁ ଅଧିକ ଅଧ୍ୟୟନ ଏବଂ ଏକ ପୂର୍ଣ୍ଣକ୍ୟାରିୟର ଛାଡ଼ିବାର ସମ୍ଭାବନା ରହିଛି ଛ ଏହିପ୍ରକଳ୍ପର ଏକ ଅଂଶ ଭାବରେ, ପ୍ରାର୍ଥୀ ମାନେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗୁଡିକରେ ସେମାନଙ୍କର ଉଚ୍ଚଶିକ୍ଷା ପାଇଁଆର୍ଥିକ ସହାୟତା ପାଇବା ସହିତ ଶିକ୍ଷା ସମାପ୍ତ ହେବାପରେ, ବେଦାନ୍ତ ମଧ୍ୟରେ ଚାକିରି କରିବାର ସୁଯୋଗ ମଧ ରହିଛି । ଗତବର୍ଷ ଏହିପ୍ରକଳ୍ପ ଆରମ୍ଭ ହେବା ପରଠାରୁ ବେଦାନ୍ତ ଲାଞ୍ଜିଗଡ଼ ୫୦ ରୁ ଅଧିକ ବାଳିକାଙ୍କୁ ନିଯୁକ୍ତି ପାଇଁ ଚିହ୍ନଟ କରିଥିଲେ, ଯେଉଁମାନେ ସେମାନଙ୍କ ପରିବାରର ପ୍ରଥମ ଶିକ୍ଷିତ ଅଟନ୍ତି ଛ ଏକ ପରିବର୍ତ୍ତନଶୀଳ ପଦକ୍ଷେପର ଏକ ଅଂଶଭାବରେ ଲାଞ୍ଜିଗଡ଼,ଝାରସୁଗୁଡ଼ା, କୋରବା ଏବଂ ସୁନ୍ଦରଗଡ଼ରେ ଦୂରସମ୍ପ୍ରଦାୟରୁ ୨୩୦ରୁ ଅଧିକ ବାଳିକାଙ୍କୁ ଚିହ୍ନଟ କରିଛି । ଏହିପ୍ରକଳ୍ପର ମହତ୍ୱ ବିଷୟରେ ପ୍ରକାଶ କରି ପ୍ରଣବ



ପୁଙ୍ଖାନୁପୁଙ୍ଖ, ପର୍ଯ୍ୟାୟ ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟାକୁ ଆଧାର କରି କମ୍ପାନୀ ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାଗୁଡିକରେ ସଠିକ୍ପ୍ରାର୍ଥୀ ଚିହ୍ନଟ କରିଛି ଛ ପରବର୍ତୀ ସମୟରେ, ମନୋନୀତ ପ୍ରାର୍ଥୀମାନେ କମ୍ପାନୀର ବରିଷ୍ଠ କାର୍ଯ୍ୟନିର୍ବାହୀମାନଙ୍କ ସହିତ ଏକ ବ୍ୟାପକ ଆଭିମୁଖ୍ୟ ପ୍ରକ୍ରିୟାକୁ ଅନୁସରଣ କରିଥାନ୍ତି ଛ ଆଜି ପର୍ଯ୍ୟନ୍ତ ବେଦାନ୍ତ ଆଲୁମିନିୟମ୍ ଏହି କୁମାର ଭଟ୍ଟାଚାର୍ଯ୍ୟ, ସିଇଓ – ଆଲୁମିନାବ୍ୟବସାୟ, ବେଦାନ୍ତଆଲୁମିନିୟମକହିଛନ୍ତି, ଆମ ଅଧକ୍ଷ ଅନିଲ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ପ୍ରକଳ୍ପ ପଞ୍ଚିବିକାଶ କରାଯାଇଛି । ଏକ ପରିବର୍ତ୍ତନଶୀଳ ଯାତ୍ରା ପାଇଁ ବାଟ ମଧ ପ୍ରସ୍ତୁତ କରୁଛୁ ଯାହା ଆମର କାର୍ଯ୍ୟକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସକରାତ୍ମକ ପରିବର୍ତ୍ତନ ଆଣିବାକୁ ପ୍ରତିଜ୍ଞା କରିଛି ।

# ସୌଭାଗ୍ୟ ମଞ୍ଜରୀ ଦାସଙ୍କ ପରଲୋକ

କଟକ, (ସବ୍ୟୁ)– ଓଡ଼ିଶା ହାଇକୋର୍ଟର ପୂର୍ବତନ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସ୍ୱର୍ଗତ ପ୍ରଫୁଲ୍ଲ କିଶୋର ମହାନ୍ତିଙ୍କ ସାନଭଉଣୀ ତଥା ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ରାଜକିଶୋର ଦାସଙ୍କ ଧର୍ମପତ୍ନୀ ସୌଭାଗ୍ୟମଞ୍ଜରୀ ଦାସ (୯୧)ଙ୍କର ମର୍କତନଗର (ସିଡିଏ)ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଥିଲେ । ମୃତ୍ୟୁଶଯ୍ୟା ନିକଟରେ ଦୁଇପୁଅ ଡାକ୍ତର ସୁଶାନ୍ତ କୁମାର ଦାସ ଓ ସୁବ୍ରତ କୁମାର ଦାସ, ଜ୍ୱାଇଁ ବରିଷ୍ଠ ଶିକ୍ଷାବିତ୍ ଡକ୍ଟର ନାରାୟଣ ମହାନ୍ତି ଏବଂ ନାତି ଇଂ ସଂଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ପ୍ରଶାସକ ଅଶୋକ କୁମାର ମହାନ୍ତି, ବିଶିଷ୍ଟ ଶିକ୍ଷାବିତ୍ ପ୍ରଭୁଦତ୍ତ ଦାସ, ଆଡ଼ଭୋକେଟ ବିଭୁପ୍ରସାଦ ପୃଷ୍ଟି, ପ୍ରମୋଦ କୁମାର ନାୟକ, ବିଶ୍ୱଜିତ୍ ମହାନ୍ତି, ଶିବପ୍ରସାଦ ବେହେରା, ଡାକ୍ତର ପ୍ରମୋଦ କୁମାର ନନ୍ଦ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା ।

# ଅନ୍‌ଲାଇନ୍ ଠକେଇ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) :ଘରଭଡ଼ା କରାଇଦେବା ବାହାନାରେ ଠକେଇ କରିଥିବା ଦୁଇଜଣ ଠକଙ୍କୁ ଗିରଫ କରିଛି ସହିଦ୍ ନଗର ଥାନା ପୋଲିସ୍। ସହିଦ୍ ନଗରରେ ଜଣେ ହାଇକୋର୍ଟ ଓକିଲଙ୍କର ଘର ଅଛି। ସେ ଭଡ଼ାକୁ ଦେବେ ବୋଲି ଏତଲାକାରୀଙ୍କୁ କହିଥିଲେ। ଏତଲାକାରୀ ସୁନୀଲ କୁମାର ମହାନ୍ତ ଘରଭଡ଼ାକୁ ଖୋଜୁଥିଲେ। ସେ ସୋସିଆଲ ମିଡ଼ିଆ ଓଏଲ୍‌ଏକ୍ସରେ ତାଙ୍କ ନମ୍ବର ଓ ମେଲ୍ ଆଇଡ଼ିରେ ସହିଦ୍ ନଗରରେ ଘରଭଡ଼ା ଦେବେ ବୋଲି ଦର୍ଶାଇଥିଲେ। ଓଏଲ୍‌ଏକ୍ସରୁ ତାଙ୍କ ନମ୍ବର ଓ ମେଲ୍ ଆଇଡି ପାଇବା ପରେ ମନୋଜ ବେହେରା (୨୪) ଓ ସତ୍ୟପ୍ରକାଶ ଦଳେଇ (୨୧) ନାମକ ଦୁଇଜଣ ଠକ ତାଙ୍କୁ ଯୋଗାଯୋଗ କରିଥିଲେ। ଜଣେ ହାଇକୋର୍ଟ ଓକିଲଙ୍କ ଘର ଅଛି ସେ ମାସିକ ୮ ହଜାର ଟଙ୍କା ନେବେ। ତେଣୁ ତାଙ୍କୁ ଅଗ୍ରିମ ବାବଦକୁ ଟଙ୍କା ଦେବାକୁ ପଡ଼ିବ ବୋଲି କହିବା ସହ ଦୁଇ ଦଫାରେ ଦୁଇ ଠକ ୭ ହଜାର ଟଙ୍କା ଠକି ନେଇଥିଲେ। ଗତ ୪ ତାରିଖ ଦିନ ସୁନୀଲ ମହାନ୍ତଙ୍କୁ ଯୋଗାଯୋଗ କରି ବାଣୀବିହାର ଛକକୁ ଆସିବା ପାଇଁ କହିଥିଲେ। ସେ ବାଣୀବିହାର ଛକକୁ ଆସି ଟେଲିଫୋନ୍ କରିବାରୁ ଜଣକ ଫୋନ୍ ସୁଇଚ୍ ଅଫ୍ ଥିଲା । ଆଉ ଜଣଙ୍କର ଫୋନ୍ ରିଙ୍ଗ ହେଉଥିଲେ ମଧ ସେ ରିସିଭ୍ କରୁନଥିଲା। ଉପାୟଶୂନ୍ୟ ହୋଇ ସୁନୀଲ ମହାନ୍ତ ସହିଦ୍ ନଗର ଥାନାରେ ଏତଲା କରିଥିଲେ। ଏତଲା ଅନୁଯାୟୀ, ପୋଲିସ୍ ଅନୁସନ୍ଧାନ କରି ଯାଜପୁର ଜିଲ୍ଲାର ୨ ଠକ ମନୋଜ ଓ ସତ୍ୟକୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

### ଖୋର୍ଦ୍ଧା ସହରରେ କାଲୁ ଖଣ୍ଡେଇତରାୟଙ୍କ ଶକ୍ତି ପ୍ରଦର୍ଶନ

# ସାଂସଦ ଅପରାଜିତା ଓ ବିଧାୟକ ପ୍ରଶାନ୍ତଙ୍କ ଦେଖାମିଳିଲାନି

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧାନଗରରେ ଆଜି ବିଜେପିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ୫ ହଜାର କର୍ମୀଙ୍କୁ ନେଇ କାଲୁ ଖଣ୍ଡେଇତରାୟ କରିଛନ୍ତି ନିଜର ଶକ୍ତି



ପ୍ରଦର୍ଶନ । ଖୋର୍ଦ୍ଧା ବିଜେପିରେ ଦେଖିବାକୁ ମିଳିଛି ରୋଚକ ମୋଡ । କାଲୁ ଙ୍କ ସାଙ୍ଗରେ ୪ଆଶାୟୀ ପ୍ରାର୍ଥୀ ହୋଇଛନ୍ତି ଏକାଠି । ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଶାୟୀ ବିଧାୟକ ପ୍ରାର୍ଥୀ କାଲୁ ଚରଣ ଖଣ୍ଡେଇତରାୟ ଏ ପର୍ଯ୍ୟନ୍ତ ଦଳୀୟ ଟିକେଟ ହାତେଇ ନଥିବାରୁ କାଲୁ ପ୍ରେମୀଙ୍କ ମନରେ ଅନିଶ୍ଚିତତା ଦେଖାଦେଇଥିବା ବେଳେ କାଲୁ ବର୍ତମାନ୍ ସୁଦ୍ଧା ଆଶା ହରେଇ ନାହାଁନ୍ତି। କେନ୍ଦ୍ର ଓ ରାଜ୍ୟ ନେତୃତଙ୍କ ଭରସା ରଖି ଆରମ୍ଭ କରିଛନ୍ତି ନିଜର ନିର୍ବାଚନୀ ରଣ କୌଶଳ । ଆଉ ଜନ ସମ୍ପର୍କ ପଦଯାତ୍ରା କରି ଦେଖାଇଛନ୍ତି ଶକ୍ତି ପ୍ରଦର୍ଶନ । ଆଜି ଅପରାହ୍ନରେ ମୁକୁନ୍ଦପ୍ରସାଦ ଠାରୁ ନେଇ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଦୀର୍ଘ ତିନି କିଲୋମିଟର ପ୍ରାୟ ୫ହଜାର ସମର୍ଥକଙ୍କ ଗହଣରେ ଏକ ପଦଯାତ୍ରା କରି ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ତେବେ ଏହା ରାଜ୍ୟ ନେତୃତ୍ୱଙ୍କୁ କେତେ ପ୍ରଭାବିତ କରୁଛି, ତାହାକୁ ଉପରେ ଏବେ ସମସ୍ତଙ୍କ ନଜର । ଏହି ଶୋଭାଯାତ୍ରାରେ ଜିଲ୍ଲା ସଭାପତି ଙ୍କ ସହିତ ଚାରି ଜଣ ଆଶାୟୀ ଉପସ୍ଥିତ ଥିଲେ । ତେବେ ବଡ଼କଥା ହେଲା ଏହି କାର୍ଯ୍ୟକ୍ରମରେ ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଓ ବିବାଦୀୟ ବିଧାୟକ ପ୍ରଶାନ୍ତ ଜଗଦେବ ଦେଖାନମିଳିବା ଘଟଣାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ରାଜ୍ୟ ସମବାୟ ସେଲ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ରାଜ୍ୟ ଶିକ୍ଷକ ସେଲ ସଂଯୋଜକ ଲକ୍ଷ୍ମୀକାନ୍ତ ମିଶ୍ର, ସିନେ କଳାକାର ଅଖିଳ ପଟ୍ଟନାୟକ, ଅଭିମନ୍ୟୁ ଘଟୁଆଳ, ତ୍ରୀଲୋଚନ ଦାସ, ତ୍ରିନାଥ ମହାପାତ୍ର, ସୂଚୀସ୍ମିତା ମିଶ୍ର ବଡଜେନା, ରଘୁନାଥ ସାହୁ, ରାମଚନ୍ଦ୍ର ପରିଡା, ଆଶିଷ ବରିସଲ, ବିପିନ ପାଲଟାସିଂହ ପ୍ରମୁଖ ଉପସ୍ଥିତଥିଲେ ।

# ବାରବାଟୀ କଟକରେ ମାଆଙ୍କ ଆଶୀର୍ବାଦ ନେଇ ପ୍ରଚାର ଆରମ୍ଭ କଲେ ପ୍ରକାଶ

### ଛାମୁଆ କର୍ମୀଙ୍କ ସହ ହେଲା ପରିଚୟ , କହିଲେ ମୁଁ ଖାଣ୍ଟି କଟିକିଆ

କଟକ,(ପ୍ରଫୁଲ୍ଲ ମହାନ୍ତି): ମୁଁ କଟକିଆ । ମୋର ଜନ୍ମ କଟକରେ । ମୋ ବାପା,ତାଙ୍କ ବାପା ଓ ଗୋସେଇଁ ବାପା ସମସ୍ତେ କଟକ ମାଛୁଆ ବଜାରର ମୂଳ ବାସିନ୍ଦା । ପାଠ ପଢ଼ା ମୋର କଟକର ଷ୍ଟୁଆର୍ଟରେ । ମୁଁ ନେତା ନୁହେଁ ସାଧାରଣ କର୍ମୀଟିଏ ।ତୃଣମୂଳ ସ୍ତରରେ ରହି କର୍ମୀଙ୍କ ସହ କାମ କରିବା ମୋର ହବି । ଜଣେ କେତେ ବର୍ଷ ରହିଲେ ସେ କଟକର ବାସିନ୍ଦା ହୋଇପାରିବ ବୋଲି ବିରୋଧୀଙ୍କୁ ପ୍ରଶ୍ନ କରିଥିଲେ ? ଏଭଳି ଭିତ୍ତିହୀନ କଥାକହି ସୋସିଆଲ ମିଡିଆରେ ଛାଡିବା ମୂଳ ବାସିନ୍ଦାଙ୍କ ମନକୁ ଆଘାତ କରିବ । ବାରବାଟୀ କଟକରେ ବାସକରୁଥିବା ପ୍ରତ୍ୟେକ ନାଗରିକ ସବୁବେଳେ କଟକ କଥା ଚିନ୍ତା କରୁଥାଏ । ଭାଇଚାରାର ସହରରେ ଯେତେ ମନାନ୍ତର ମତାନ୍ତର ଥିଲେ ବି କଟକର ଉନ୍ନତି କରଣ କଥା ଉଠିଲେ ସମସ୍ତେ ଏକାଠି ହୋଇ ଅଣ୍ଟା ଭିଡନ୍ତି ବୋଲି ସୋମବାର ବିଜୁ ଜନତା ଦଳ ଛାମୁଆ କର୍ମୀ ମାନଙ୍କୁ



ନେଇ କରାଯାଇଥିବା ପରିଚୟ ବିନିମୟ କାର୍ଯ୍ୟକ୍ରମରେ ଯୋଗଦେଇ ବିଜୁ ଜନତା ଦଳର ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ବିରୋଧୀଙ୍କୁ ବ୍ୟଙ୍ଗାତ୍ମକ ଢ଼ଙ୍ଗରେ କଟାକ୍ଷ କରିଛନ୍ତି । ବାରବାଟୀ କଟକର ବିଜୁ ପରିବାର ମୋତେ ଗ୍ରହଣ କରିସାରିଥିବାରୁ ମୁଁ ସେମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି । ଏହି ବିଧାନସଭା କ୍ଷେତ୍ରଟି ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ଜନ୍ମ ମାଟି । ସାରା ରାଜ୍ୟରେ କଟକ ହେଉଛି ମର୍ଯ୍ୟାଦାପୂର୍ଣ୍ଣ ବିଧାନସଭା କ୍ଷେତ୍ର । ଏଠାରେ ଯାହା ବିକାଶ ହୋଇଛି ସବୁ ନବୀନ ବାବୁଙ୍କ ଅବଦାନ । ଗତ ୫ ବର୍ଷ ତଳେ ଏଠାରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ପ୍ରତିନିଧିଙ୍କ କାର୍ଯ୍ୟଧାରାକୁ ତର୍ଜମା କଲେ ଫଳ ବିଗ ଜିରୋ ବୋଲି ସେ ପରୋକ୍ଷରେ ମୋକିମ ବାବୁଙ୍କୁ ଟାର୍ଗେଟ କରିଥିଲେ । ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଏଥିରେ ଅଧକ୍ଷତା କରି ବାରବାଟୀ କଟକର ୨୨ ଗୋଟି ୱାର୍ଡରେ ଥିବା ବିଜୁ ଜନତା ଦଳର ଛାମୁଆ ନେତା , କର୍ପୋରେଟର ,ମହିଳା ସାମ୍ମୁଖ୍ୟ,ମହିଳା ସ୍ୱୟଂସହାୟକ ଗୋଷ୍ଠୀ,ସଭାପତିଙ୍କ ସହ ପ୍ରକାଶଙ୍କ ପରିଚୟ କରାଇଥିଲେ ।ମେୟର ସୁବାସ ସିଂ କଟକର ବିକାଶ ଉପରେ ଆଲୋକପାତ କରିବା ସହ ଆଗାମୀ ନିର୍ବାଚନ ପରେ କଟକ ପୁଣି ରାଜ୍ୟକୁ ଆଉ ଦୁଇଟି ପ୍ରତିନିଧି ବିଜୁଜନତା ଦଳରୁ ପଠାଇବାକୁ ସଂକଳ୍ପ ନେବାକୁ ଛାମୁଆ କର୍ମୀ ମାନଙ୍କୁ ନିବେଦନ କରିଥିଲେ । ଏଥିରେ ନଗର ବିଜେଡି ସଭାପତି ମଧୁସୂଦନ ସାହୁ , ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ,ବରିଷ୍ଠ ନେତା ପ୍ରଫୁଲ୍ଲ ବେହେରା, ଆଇନଜୀବୀ ଶୁଭ୍ରାଂଶୁ ମହାନ୍ତି, ସନ୍ତୋଷ ମହାପାତ୍ର, ଜନସନ ମହାପାତ୍ର, ଦେବେନ୍ଦ୍ର କାହାଳୀ,ମନୋରଞ୍ଜନ ଦାଶ,ବିଜୟ ବେହେରା , ମହମ୍ମଦ ସକିଲ, ଆଇନଜୀବୀ ସଂଜୟ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ସାରଳା ଭବନ ଠାରେ ଉପସ୍ଥିତ ଥିଲେ । ପରେ ପ୍ରକାଶ ବେହେରା ଏକ ବିରାଟ ମଟର ସାଇକେଲ ରାଲିରେ ଚଣ୍ଡି ମନ୍ଦିରରେ ପହଞ୍ଚି ପୁଜାଅର୍ଚ୍ଚନା କରି ମାଆଙ୍କ ଆର୍ଶିବାଦ ନେଇ ସେଠାରୁ ଯାଇ ବରପୁତ୍ର ସୁଭାଷ ବୋଷଙ୍କ ପ୍ରତିମୁର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ପରେ ପରେ କଦମ ରସୁଲରେ ପହଞ୍ଚି ଶେଷରେ ରାଣୀହାଟ ଜଗନ୍ନାଥ ମନ୍ଦିରରେ ମଧ ପୁଜାକରି ଆଶିର୍ବାଦ ଲୋଡିଥିଲେ ।

# ରାଜ୍ୟ କଂଗ୍ରେସର ନିର୍ବାଚନ ପ୍ରଚାର ପାଇଁ ଏଲ୍‌ଇଡ଼ି ଭ୍ୟାନ ଉଦ୍‌ଘାଟିତ



ଭୁବନେଶ୍ୱର (ସବ୍ୟୁ) : ରାଜ୍ୟରେ ୨୪ ବର୍ଷର ନବୀନ ସରକାରଙ୍କ ଅସଫଳତା ଓ ୧୦ ବର୍ଷର ମୋଦୀ ସରକାରଙ୍କ ବିଫଳତା ସଂପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏଲ୍.ଇ.ଡ଼ି ଭ୍ୟାନର ଉଦ୍‌ଘାଟନ କରାଯାଇଛି। ଘରେ ଘରେ ଉଭୟ ସରକାରଙ୍କର ଅପାରଗତା, ଦୁର୍ନୀତି ଓ ଭ୍ରଷ୍ଟାଚାର ସଂପର୍କରେ ଜନସାଧାରଣଙ୍କ ଅବଗତ କରିବା ପାଇଁ ଦଳ ପକ୍ଷରୁ ଏପରି ଏକ ଅଭିନୟ ପ୍ରୟାସ ଆରମ୍ଭ କରାଯାଇଅଛି। ଦେଶ ନିର୍ମାଣରେ କଂଗ୍ରେସର ଭୂମିକା ଅନନ୍ୟ ହୋଇଥିବାବେଳେ ବିଜେଡ଼ି ଓ ବିଜେପି ପକ୍ଷରୁ ଯେପରି ଭାବରେ କୁତ୍ସାରଟନା କରାଯାଉଛି ତା'ର ସତ୍ୟତାକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବା ପାଇଁ ଦଳ ପକ୍ଷରୁ ଏହି ଏଲ୍.ଇ.ଡ଼ି ଭ୍ୟାନ ବ୍ୟବସ୍ଥା ଆପଣାଯାଇଛି। ଦେଶ ତଥା ରାଜ୍ୟର ମହିଳା, କୃଷକ, ଯୁବକ ଏବଂ ବଂଚିତ ବର୍ଗଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବା କଂଗ୍ରେସର ପ୍ରମୁଖ ଦାୟିତ୍ୱ। ଦଳ ପକ୍ଷରୁ ଦିଆଯାଇଥିବା ଗ୍ୟାରେଂଟି ସଂପର୍କରେ ଜନତାଙ୍କୁ ସଚେତନ କରିବା ଓ ଉଭୟ ସରକାରଙ୍କ ଜନ ବିରୋଧି ନୀତି ବାବଦରେ ଜନସାଧାରଣଙ୍କୁ ସଜାଗ କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଆଭିମୁଖ୍ୟ । ଏହି କାର୍ଯ୍ୟକ୍ରମରେ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ, ଏଆଇସିସି ବରିଷ୍ଠ ପର୍ଯ୍ୟବେକ୍ଷକ ମୀନାକ୍ଷୀ ନଟରାଜନ, ଡ. ରାମଚନ୍ଦ୍ର ଖୁଂଟିଆ, ଓଡ଼ିଶା ସହପ୍ରଭାରୀ ତଥା ଏ.ଆଇ.ସି.ସି. ସଂପାଦକ ଖ୍ରୀଷ୍ଟଫର ତିଲ୍ଲକ, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି, ଏ.ଆଇ.ସି.ସି. ଗଣମାଧ୍ୟମ ପ୍ରଭାରୀ ବବିତା ଶର୍ମା, ଏ.ଆଇ.ସି.ସି ସହପର୍ଯ୍ୟବେକ୍ଷକ ହର୍ଷବର୍ଦ୍ଧନ ସପକାଲ, ମାନିଫେଷ୍ଟୋ କମିଟି ଅଧ୍ୟକ୍ଷ – ପଂଚାନନ କାନୁନ୍‌ଗୋ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ଓ ମୁଖପାତ୍ର ରଜନୀ ମହାନ୍ତି, ସୋନାଲୀ ସାହୁ ଓ ଅପର୍ଣ୍ଣାଧିର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶ ପାଇଁ ସହଯୋଗ ଲୋଡିଲେ ସଞ୍ଜୀବ

ବନ୍ତ,(ସବ୍ୟୁ) : ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକର ବିକାଶ ପାଇଁ ଭଦ୍ରକ ବିଧାୟକ ତଥା ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି । ବନ୍ଧୁମିଳନ ଅବସରରେ ଏନେଇ ସେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ଦେଇଛନ୍ତି । ଶ୍ରୀ ମଲ୍ଲିକ ଗତ ୨୦୧୯ ଠାରୁ ଭଦ୍ରକ ବିଧାନସଭା କ୍ଷେତ୍ରରେ ବିଧାୟକ ଭାବେ କାର୍ଯ୍ୟ କରିଆସିଛନ୍ତି । ତାଙ୍କର ୫ ବର୍ଷ କାର୍ଯ୍ୟକାଳ ମଧ୍ୟରେ ସେ ଭଦ୍ରକ ପାଇଁ ବହୁ ବିକାଶ ମୂଳକ କାର୍ଯ୍ୟ କରିଛନ୍ତି । ଆଗାମୀ ସାଧାରଣ ନିର୍ବାଚନ ପରିପେକ୍ଷୀରେ ବିଜେଡି ପକ୍ଷରୁ ତାଙ୍କୁ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀରେ ଟିକେଟ ମିଳିଛି । ଏହି ନିର୍ବାଚନ ମଣ୍ଡଳୀରେ ଗତ ୧୫ ବର୍ଷ ଧରି ପ୍ରଫୁଲ୍ଲ ସାମଲ ବିଧାୟକ ରହି ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିବା ବେଳେ ବିଜେଡି ସଙ୍ଗଠନ ବହୁ ସୁଦୃଢ ରହିଛି । ତେବେ ଶ୍ରୀ ମଲ୍ଲିକ ଏହି ନିର୍ବାଚନ ମଣ୍ଡଳୀରେ ତାଙ୍କର ୨ୟ ଇନିଂଙ୍ଗସ ଆରମ୍ଭ କରିବାକୁ ଯାଉଛନ୍ତି । ଫଳରେ ଏହି ନିର୍ବାଚନ ମଣ୍ଡଳୀରେ ସେ ପ୍ରଚାର ଆରମ୍ଭ କରିବା ପୂର୍ବରୁ ଭଦ୍ରକ ଠାରେ ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକର ନେତା ଓ କର୍ମୀ ମାନଙ୍କୁ ନେଇ କର୍ମୀ ସମ୍ମିଳନୀ କରିଛନ୍ତି । ଯେହେତୁ ସେ ଏହି ନିର୍ବାଚନ ମଣ୍ଡଳୀରେ ନୂଆ ମୁହଁ ହୋଇଥିବାରୁ ପଞ୍ଚାୟତ ସ୍ତରୀୟ ନେତୃତ୍ୱ ଓ କର୍ମୀ ମାନଙ୍କ ସହ ପରିଚୟ ହେବା ସହ ସଙ୍ଗଠନ ସଂପର୍କରେ ଅବଗତ ହେବା ଏବଂ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରିଛନ୍ତି । ସେହିପରି ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକର ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସହ ବନ୍ଧୁମିଳନ କରି ଉଭୟ ବ୍ଲକର ବାକି ଥିବା ବିକାଶ ମୂଳକ କାର୍ଯ୍ୟକୁ କିପରି ସଂପୂର୍ଣ୍ଣ କରାଯାଇପାରିବ ସେନେଇ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଆଗାମୀ ଦିନରେ ସେ ବିଧାୟକ ହେଲେ ଭଦ୍ରକ ଭଳି ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀରେ ଆହୁରି ଅଧିକ ବିକାଶ ମୂଳକ କାର୍ଯ୍ୟ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି।

# ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ ବିଜେପିରେ



ଭୁବନେଶ୍ୱର (ସବ୍ୟୁ): ସୋମବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଜି. ଉଦୟଗିରିର ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ ନିଜ ଶତାଧିକ ସମର୍ଥକଙ୍କ ଗହଣରେ କଂଗ୍ରେସ ଦଳ ଛାଡି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ସେହିପରି ରାଜ୍ୟରେ ଜଣାଶୁଣା ଏବଂ ବିଶିଷ୍ଟ ଶିକ୍ଷାବିତ ତଥା ଓୟୁଏଟି ପ୍ରଫେସର ଡ.ଆଶୁତୋଷ ସାମନ୍ତରାୟ ଏବଂ ବିଜେବି କଲେଜର ପୂର୍ବତନ ପ୍ରିନ୍ସିପାଲ ସୁରେନ୍ଦ୍ର ନାଥ ମହାନ୍ତିଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ମଧ୍ୟ ବିଜେପିରେ ଯୋଗଦାନ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସାଂସଦ ଅପରାଜିତା ଷଡଙ୍ଗୀ ନୂତନ ସଦସ୍ୟଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଛନ୍ତି । ପାର୍ଟୀରେ ସାମିଲ ହୋଇଥିବା ନୂତନ ସଦସ୍ୟଙ୍କୁ ୮୯୮୦୮୦୮୦୮୦ ନମ୍ବରରେ ଡାୟାଲ କରାଇ ରାଜ୍ୟ ସଭାପତି ଶ୍ରୀ ଷଡଙ୍ଗୀ ସଦସ୍ୟତା କରାଇଥିଲେ । ଏହି ମିଶ୍ରଣ ପର୍ବରେ ବିଧାୟକ ପ୍ରଶାନ୍ତ ଜଗଦେବ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ ମହାନ୍ତି, ଶ୍ରୀତମ ଦାସ, ନିରଞ୍ଜନ ମିଶ୍ର, ଶ୍ରୀମତୀ ରଶ୍ମୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଘୁନଘୁଟିପଡା ବିସ୍ଥାପିତଙ୍କ ସହ ବବିଙ୍କ ଆଲୋଚନା



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଘୁନ୍ଘୁଟିପଡା ବିସ୍ଥାପିତଙ୍କ ଧାରଣା ସୋମବାର ୯୦ତମ ଦିନରେ ପହଁଚିଛି । ଏଭଳିସ୍ଥଳେ ବିଜେଡିର ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ(ବବି) ବିସ୍ଥାପିତଙ୍କ ସହ ଆଲୋଚନା କରିବା ପରେ ଖୁବ୍‌ଶୀଘ୍ର ପଡାବାସୀ ଆନ୍ଦୋଳନରୁ ଓହରିବେ ବୋଲି ନିଷ୍ପତି ନେଇଛନ୍ତି । ସୂଚନାଯୋଗ୍ୟ, ପଶ୍ଚିମ ଓଡିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ମନ୍ଦିର ଓ ଏହାର ଚତୁଃପାର୍ଶ୍ୱର ବିକାଶ ପାଇଁ ରାଜ୍ୟ ସରକାର ସମଲେଇ ଯୋଜନା ଘୋଷଣା କରିଥିଲେ । ୧୦୮ ଏକର ପରିମିତ ଜମିରେ ବିକାଶ ପାଇଁ ଯୋଜନା ଥିବାବେଳେ ୧୦ଅଗଷ୍ଟ, ୨୦୨୧ରେ ପ୍ରଥମେ ଘୁନଘୁଟିପଡା ସର୍ଭେ କାମ ଆରମ୍ଭ ହୋଇଥିଲା । ସମଲେଇ ଯୋଜନାରେ ବିସ୍ଥାପନ ଓ କ୍ଷତିପୂରଣ ନେଇ ପ୍ରଥମେ ପଡାବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ । ବିସ୍ଥାପିତଙ୍କ ସହ ଜିଲ୍ଲା ପ୍ରଶାସନର ବାରମ୍ବାର ଆଲୋଚନା ପରେ ୨୨୦ଟି ପରିବାର ବିସ୍ଥାପିତ ହୋଇଛନ୍ତି । ବିସ୍ଥାପିତଙ୍କୁ ସରକାରଙ୍କ ପକ୍ଷରୁ ଦୁର୍ଗାପାଲିସ୍ଥିତ କୁସୁମପଡାରେ ସ୍ଥାୟୀ ଜାଗା ପ୍ରଦାନ କରାଯାଇଛି । ଗୃହର ମୂଲ୍ୟ ଅନୁଯାୟୀ କ୍ଷତିପୂରଣ ସହ ଘରଭଡା ବାବଦକୁ ୨୫୦୦ଟଙ୍କା ଲେଖାଁଏ ୬ମାସ ପାଇଁ ୧୫ହଜାର ଟଙ୍କା , ଆସବାବପତ୍ର ସ୍ଥାନାନ୍ତରଣ ପାଇଁ ୧୦ହଜାର ଟଙ୍କା ଓ ଘର ନିର୍ମାଣ ପାଇଁ ସାହାର୍ଯ୍ୟ ରାଶି ୩ଲକ୍ଷ ଟଙ୍କା ଲେଖାଁଏ ଯୋଗାଇ ଦିଆଯାଇଛି । କେତେକ ବିସ୍ଥାପିତ କ୍ଷତିପୂରଣ ଯଥେଷ୍ଟ ନୁହେଁ ବୋଲି ଗତ ୧୦ଜାନୁଆରୀରୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ସେମାନେ ସରକାର କ୍ଷତିପୂରଣ ଓ ଥଇଥାନ କ୍ଷେତ୍ରରେ ପାତରଅନ୍ତର ହୋଇଥିବା ଅଭିଯୋଗ କରିଛନ୍ତି । ବିସ୍ଥାପିତ ପରିବାରକୁ ୧୦ଲକ୍ଷ ଟଙ୍କା ଲେଖାଁଏ ସହାୟତା ରାଶି ପ୍ରଦାନ, ଘରଭଡା ମାସିକ ୧୨ହଜାର ହିସାବରେ ୧ବର୍ଷ ଭଡା ପ୍ରଦାନ, ପରିବହନ ବାବଦକୁ ୧ଲକ୍ଷ ଟଙ୍କା , ବିସ୍ଥାପିତ ପରିବାରର ଜଣେ ସଦସ୍ୟଙ୍କୁ ସମଲେଶ୍ୱରୀ ଟ୍ରଷ୍ଟବୋର୍ଡରେ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ଓ ସର୍ଭେରୁ ବାଦ ପଡିଥିବା ୨୭ଯୋଗ୍ୟ ପରିବାରକୁ ସମଲେଇ ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଛି । ଧାରଣା ଚାଲୁ ରହିଥିବା ବେଳେ ଶ୍ରୀଦାସ ଆନ୍ଦୋଳନ ସ୍ଥଳକୁ ଯାଇଥିଲେ । ମୁଖ୍ୟମନ୍ତ୍ରୀ ପଡାବାସୀଙ୍କ ସମସ୍ୟା ନେଇ ଅବଗତ ଅଛନ୍ତି । ନିର୍ବାଚନ ପରେ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଆନ୍ଦୋଳନକୁ ସ୍ଥଗତି ରଖିବାକୁ ନିବେଦନ ମଧ୍ୟ କରିଥିଲେ । ସାଙ୍ଗଠନିକ ସମ୍ପାଦକ ବବିଙ୍କ ସହ ବିଜେଡି ଜିଲ୍ଲା ସଭାପତି ଇଂ. ରୋହିତ ପୁଝାରୀ ଓ ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା ପ୍ରମୁଖ ଉପସ୍ଥିତ ଥିଲେ ।

## ମାହାଙ୍ଗା ବିଜେପିକୁ ଝଟକା
# ବିଜେଡିରେ ମିଶିଲେ ସରପଞ୍ଚଙ୍କ ସମେତ ଶତାଧିକ କର୍ମୀ

କୁଆଁପାଳ(ସବ୍ୟୁ):ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଭାରତୀୟ ଜନତା ପାର୍ଟିର ସ୍ଥିତି ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ବିକାଶ ମୂଳକ କାର୍ଯ୍ୟ ତଥା ଦୃଢ ନେତୃତ୍ୱ ପ୍ରତି ଅନୁପ୍ରାଣିତ ହୋଇ ଆଜି ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋତରା ପଞ୍ଚାୟତ ସରପଞ୍ଚ ସୂର୍ଯ୍ୟକାନ୍ତ ପଣ୍ଡା ଓ ଓାର୍ଡସଭ୍ୟ ମାନଙ୍କ ସମେତ ଶତାଧିକ ବିଜେପି କର୍ମୀ ବିଧାୟକ ତଥା କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ର ସଂଯୋଜକ ପ୍ରତାପ ଜେନାଙ୍କ ଉପସ୍ଥିତିରେ ଅଳିଯୋଡା ସ୍ଥିତ ବାସଭବନରେ ଆନୁଷ୍ଠାନିକ ଭାବେ ବିଜୁଜନତା ଦଳରେ ଯୋଗ ଦେଇଥିଲେ। ବିଧାୟକ ଶ୍ରୀ ଜେନା ଏହି ମିଶ୍ରଣ ପର୍ବକୁ ସ୍ୱାଗତ କରି ମୂଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାରେ ସମସ୍ତେ ସାମିଲ ହୋଇ ମାହାଙ୍ଗା ନିର୍ବାଚନ ମଣ୍ଡଳିର ବିକାଶ କାର୍ଯ୍ୟକୁ ଶୀର୍ଷରେ ପହଁଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ମାହାଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୀପା ମଲ୍ଲିକ,ଉପାଧ୍ୟକ୍ଷ ସତ୍ୟନାରାରଣ ମହାନ୍ତି,ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା,ବ୍ଲକ ବିଜେଡି ମିଡିଆସେଲ କାର୍ଯ୍ୟକର୍ତ୍ତା ଅମୀୟ ନାୟକ,ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର,ସରପଞ୍ଚଙ୍କ ପ୍ରତିନିଧି ସୁବାସ ଜେନା,ଜିଲ୍ଲା ବିଜେଡି ସଭାପତି ହୃଷିକେଶ ସ୍ୱାଇଁ,ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ଜିଲ୍ଲା ପରିଷଦ ସଭ୍ୟ ରିୟାଜୁଲ ହୋଦା,ଜଗବନ୍ଧୁ ସେଠୀ ଓ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଗୋତରା ପଞ୍ଚାୟତର ବିଜେପି କର୍ମକର୍ତ୍ତା ସନ୍ତୋଷ ରାଉତ,ମନୋରଞ୍ଜନ ସ୍ୱାଇଁ,ବିଜୟ ସ୍ୱାଇଁ,ସାରଦା ପ୍ରସାଦ ପଣ୍ଡା,ଓାର୍ଡସଭ୍ୟ ସଞ୍ଜୟ ମହାପାତ୍ର, ରମେଶ ସାମଲ,ପ୍ରଶାନ୍ତ କୁମାର ପ୍ରଧାନ, ଚିତ୍ତନ ରାଉତ,ସନ୍ତୋଷ ସ୍ୱାଇଁ,ଓାର୍ଡ ସଭ୍ୟ ବସନ୍ତ ପ୍ରଧାନ,ଓାର୍ଡସଭ୍ୟ କାଳନ୍ଦି ସାମଲ, ଓାର୍ଡସଭ୍ୟ ପ୍ରଦୀପ୍ତ କୁମାର ସ୍ୱାଇଁ, ମନୋରଞ୍ଜନ ପଣ୍ଡା,ସୁଶାନ୍ତ ପଣ୍ଡା, ଜଗନ୍ନାଥ ବେହେରା,କାଳିଆ ମଲ୍ଲିକ, ପୁରୁଷୋତ୍ତମ ବାରିକ,କୈଳାସ ଚନ୍ଦ୍ର ପଣ୍ଡା, ନରେନ୍ଦ୍ର ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ବିଜେଡିରେ ଯୋଗ ଦେଇଥିଲେ।

# ଆଇଏଏସ ଶିକ୍ଷାନବିଶଙ୍କ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପରିଦର୍ଶନ



ଭୁବନେଶ୍ୱର (ସବ୍ୟୁ): ସୋମବାର ପୂର୍ବାହ୍ନରେ ଭାରତୀୟ ପ୍ରଶାସନିକ ସେବାର ୬ ଜଣ ଶିକ୍ଷାନବିଶ ସେମାନଙ୍କ ଶିକ୍ଷାଗ୍ରହଣ ପରିଦର୍ଶନ (ଏକ୍ସପୋଜର୍ ଭିଜିଟ୍) କ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗରେ ପହଞ୍ଚିଥିଲେ। ଲୋକସେବା ଭବନସ୍ଥିତ ବିଭାଗୀୟ ଦପ୍ତରରେ ସେମାନେ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ତଥା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ଦୃଶ୍ୟଶ୍ରାବ୍ୟ ଉପସ୍ଥାପନା ମାଧ୍ୟମରେ ଶିକ୍ଷାନବିଶମାନଙ୍କୁ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଅବଗତ କରାଯାଇଥିଲା । ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନା ତଥା କାର୍ଯ୍ୟାବଳୀ ନେଇ ସେମାନଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା । ଏହାପରେ ସେମାନେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିନସ୍ଥ ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନ (ସିପ୍), ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ସାଇଜର୍) ଓ ରାଜ୍ୟ ଭିନ୍ନକ୍ଷମ ପୁନର୍ବାସ ପ୍ରତିଷ୍ଠାନ (ଏସଆଇଡ଼ିଆର୍) ପରିଦର୍ଶନରେ ଯାଇଥିଲେ।

## ଏସିଆନ ପେସ ଏକ ବୈପ୍ଳବିକ ଉତ୍ପାଦ 'ନିଓ ଭାରତ ଲାଟେକ୍ସ ପେ' ପାଇଁ ବିରାଟ କୋହଲିଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବରେ ଚୁକ୍ତିବଦ୍ଧ କଲା

ଭୁବନେଶ୍ୱର (ସବ୍ୟୁ): ଭାରତର ଅଗ୍ରଣୀ ପେ ଓ ଡେକୋର କମ୍ପାନୀ ଏସିଆନ ପେସ ତାହାର ଆଗାମୀ ଉତ୍ପାଦ ନିଓ ଭାରତ ଲାଟେକ୍ସ ପେ ପାଇଁ ବ୍ରାଣ୍ଡ ଆମ୍ବାସାଡରଭାବରେ ବିଶିଷ୍ଟ କ୍ରିକେଟ ତାରକା ବିରାଟ କୋହଲିଙ୍କୁ ଚୁକ୍ତିବଦ୍ଧ କରିବା ସମ୍ପର୍କରେ ଗର୍ବର ସହିତ ଘୋଷଣା କରୁଛି। ନିଓ ଭାରତ ଲାଟେକ୍ସ ପେ ସହିତ ଏସିଆନ ପେସ ଏହି ଗତିଶୀଳ ଶିଳ୍ପରେ ନିଜର ଉପସ୍ଥିତିକୁ ପରିବ୍ୟାପ୍ତ କରି ଏବଂ ଏହାକୁ ପ୍ରତ୍ୟେକଙ୍କ ନିମନ୍ତେ ସୁଲଭ କରାଇ ପେ ବର୍ଗରେ ଏକ ବିପ୍ଳବ ଆଣିବ । ନିଓ ଭାରତ ଲାଟେକ୍ସ ପେ ପ୍ରତିଟି ଭାବରେ ବୈପ୍ଳବିକ, କାରଣ ଏହା ସ୍ୱତନ୍ତ୍ର ପଲିମର ପ୍ରଯୁକ୍ତି ସହିତ ଆସୁଛି ଯାହା ଉନ୍ନତତର ଫିନିଶକ୍ସ, ଉଚ୍ଚତର କଭରେଜ ଏବଂ ଉନ୍ନମ ଧୋଇବା ସୁବିଧା ଆଦିରେ ସୁସଜ୍ଜିତ ହୋଇଛି। ନିଓ ଭାରତ ପାଇଁ ଏହାର ଟ୍ୟାଗଲାଇନ ରଖାଯାଇଛି 'ପ୍ରଗତିର ରଙ୍ଗସମୂହ' (କଲର ଅଫ ପ୍ରୋଗ୍ରେସ) ଯାହା ଉନ୍ନମ ଜୀବନ ସନ୍ଧାନରେ ଥିବା ନିୟୁତାଧିକ ଭାରତୀୟଙ୍କ ପାଇଁ ଏକ ଉତ୍ସର୍ଗ ଏବଂ ଏସିଆନ ପେସ ସେମାନଙ୍କ ଯାତ୍ରାରେ ସେମାନଙ୍କ ସହିତ ସହଭାଗୀ ହେବାକୁ ଲକ୍ଷ୍ୟ ରଖିଛି। ବଜାରରେ ଏକ ଅଗ୍ରଣୀ ସ୍ଥାନ ଦଖଲକାରୀ ଭାବରେ ଏସିଆନ ପେସ ନିରନ୍ତର ନବୋନ୍ମେଷୀ ଉତ୍ପାଦସମୂହ ପ୍ରଚଳନ କରିଚାଲିଛି ଯାହା ମାନଗତ ଦିଗକୁ ପୁନଃନିର୍ଦ୍ଧାରଣ କରୁଛି ଏବଂ ନିଓ ଭାରତ ଲାଟେକ୍ସ ପେଣ୍ଟ ଏହି ବର୍ଗରେ ପୁନଃ ବିପ୍ଳବ ଆଣିବାକୁ ଯାଉଛି। ଏଭଳି ବିରାଟ ଶୁଭାରମ୍ଭ କରିବା ନିମନ୍ତେ ବିରାଟ କୋହଲିଙ୍କ ଠାରୁ ଆଉ କିଏ ଭଲ ହୋଇପାରିବେ । ବିରାଟ ଏହି ବ୍ରାଣ୍ଡର ମୂଲ୍ୟବୋଧ ଏବଂ ଉତ୍ସାହକୁ ବହନ କରୁଛନ୍ତି ଯାହା ଏସିଆନ ପେସର ନେତୃତ୍ୱ ନେବା ଏବଂ ଉତ୍କର୍ଷ ପ୍ରତି ପ୍ରତିବଦ୍ଧତା ସହିତ ପ୍ରଦର୍ଶନକୁ ପ୍ରତିଫଳିତ କରୁଛି ।

## ନିର୍ବାଚନରେ ସଂରକ୍ଷଣ ଆସନରୁ
# ନକଲି ଅନୁସୂଚିତ ଜାତି କେଉଟ, କୈବର୍ତ୍ତ ଓ ଧୀବରଙ୍କୁ ପ୍ରାର୍ଥୀ କରାନଯାଉ

ଭୁବନେଶ୍ୱର (ସବ୍ୟୁ): ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତି ତରଫରୁ ସଭାପତି ଇଂ ଅଲେଖ ମଲ୍ଲିକଙ୍କ ସଭାପତିତ୍ୱରେ ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ଏକ ବିଶେଷ କାର୍ଯ୍ୟକାରୀ ସଭା ଅନୁଷ୍ଠିତ ହୋଇଯାଇଛି । ଯୁଗ ଯୁଗ ଧରି ଅବହେଳିତ, ଲାଞ୍ଛିତ ଓ ଶୋଷଣର ଶିକାର ହେଉଥିବା ଅସ୍ପୃଶ୍ୟ ଜାତିମାନଙ୍କୁ ଦେଶର ଉନ୍ନତିର ମହାସ୍ରୋତରେ ସାମିଲ୍ କରିବା ନିମିତ୍ତ ସମ୍ବିଧାନରେ ସେମାନଙ୍କ ପାଇଁ ଅନୁସୂଚିତ ଜାତି ସଂରକ୍ଷଣର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଦୁଃଖର ବିଷୟ ଏହି ସଂରକ୍ଷଣର ସିଂହଭାଗ ସବର୍ଣ୍ଣ ଜାତିମାନେ ହଡପ କରି ନେଇଛନ୍ତି । ଉଦାହରଣସ୍ୱରୂପ ସବର୍ଣ୍ଣ, କେଉଟ, କୈବର୍ତ୍ତ, ଧୀବର ଜାତିମାନେ କଣ୍ଡରା ଓ ଗୋଖାମାନଙ୍କ ବେଉଷା ମାଛଧରାକୁ ଆଧାର କରି ଏହାକୁ ଆରମ୍ଭ ହେବା ଦିନଠାରୁ ସିଂହଭାଗ ହଡ଼ପ କରି ଚାଲିଥିଲେ। ପରେ ଧରା ପଡ଼ିବାରୁ ସେମାନେ ଦେଓର ନାମକ ଯାଯାବର କେଳା ଜାତିଙ୍କ ନାମରେ ପ୍ରମାଣ ପତ୍ର ହାସଲ କରି ପ୍ରାୟ ୧ ଲକ୍ଷ ଲୋକ ସେହି ଜାତି ୮୦ ଲକ୍ଷ ଅନୁସୂଚିତ ଜାତିଙ୍କର ୮୦ ଭାଗ ସଂରକ୍ଷଣ ହଡ଼ପ କରିଛନ୍ତି । ଏହାକୁ ବିରୋଧ ହେବା ପରେ ଏମାନେ ୨୦୦୨ ମସିହାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହାୟତାରେ ଚଞ୍ଚକତାପୂର୍ଣ୍ଣ ଗଳାବାଟ ଦେଇ ଓଡ଼ିଶା ଏସ୍‌ସି ତାଲିକାକୁ ପଶିଆସିଲେ ଏବଂ ସିଂହଭାଗ ଏସ୍‌ସି ସଂରକ୍ଷଣ ସେହିମାନଙ୍କ ହାତକୁ ଯାଉଛି ।



ଓଡ଼ିଶାର ୮୦ ଲକ୍ଷ ଅସ୍ପୃଶ୍ୟ ଦଳିତ ଏହା ବିରୁଦ୍ଧରେ ଆନ୍ଦୋଳନ କରି ଆସୁଥିଲେ ମଧ୍ୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଅସହଯୋଗ ଯୋଗୁଁ ସେମାନଙ୍କୁ ତାଲିକାରୁ ହଟାଯାଇ ପାରୁନାହିଁ । ଏଣୁ ଓଡ଼ିଶା ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସମିତି ତରଫରୁ କୁହାଯାଇଛି ଯେ, ରାଜ୍ୟ ସରକାର ଯଦି ଏମାନଙ୍କୁ ହଟାଇବା ପାଇଁ ସୁପାରିଶ ନ କରନ୍ତି ଓ କେନ୍ଦ୍ର ସରକାର ବ୍ୟବସ୍ଥା ନ କରନ୍ତି ତାହେଲେ ଆସନ୍ତା ନିର୍ବାଚନରେ ଏହି ୮୦ ଲକ୍ଷ ଅନୁସୂଚିତ ଜାତି ଏମାନଙ୍କୁ ତୀବ୍ର ବିରୋଧ କରିବେ ଓ ତୀବ୍ର ଆନ୍ଦୋଳନ କରାଯିବ । ସାଧାରଣ ନିର୍ବାଚନରେ ଏହି ନକଲି ଅନୁସୂଚିତ ଜାତିମାନଙ୍କୁ ସଂରକ୍ଷଣ ଆସନରୁ ଟିକେଟ ନ ଦେବା ନିମିତ୍ତ ଦୃଢ ଦାବି କରାଯାଇଛି। ଏମାନଙ୍କୁ ପ୍ରାର୍ଥୀ କରାଗଲେ ରାଜ୍ୟର ୮୦ଲକ୍ଷ ଦଳିତମାନେ ଦୃଢ ବିରୋଧ କରିବା ସହିତ ସେମାନଙ୍କ ବିରୁଦ୍ଧରେ ଭୋଟ ଦାନ କରିବେ ବୋଲି ଚେତାବନି ଦେଇଛନ୍ତି ।

# ଇଭିଏମ ଓ ଭିଭିପାଟର ପ୍ରଥମ ରାଣ୍ଡମାଇଜେସନ ଅନୁଷ୍ଠିତ

ପୁରୀ (ସବ୍ୟୁ): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ର ବା ଏନ ଆଇ ସି ସମ୍ମିଳନୀ କକ୍ଷରେ ଇଭିଏମ ଓ ଭିଭିପାଟର ପ୍ରଥମ ରାଣ୍ଡମାଇଜେସନ କରାଯାଇଥିଲା । ର୍ନିବାଚନ କମିଶନର ଓ ରାଜ୍ୟ ମୁଖ୍ୟ ର୍ନିବାଚନ ଅଧିକାରୀ ଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ଉପସ୍ଥିତି ରେ ଏହି ରାଣ୍ଡମାଇଜେସନ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହା ସମ୍ପନ୍ନ ହୋଇଥିଲା।ଛଜିଲ୍ଲାପାଳ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ପୂର୍ବରୁ ଭାରତର ନିର୍ବାଚନ କମିଶନ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଠାରୁ ମିଳିଥିବା ସମସ୍ତ ଇଭିଏମ ଓ ଭିଭିପାଟ କୁ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ଉପସ୍ଥିତି ରେ ଷ୍ଟ୍ରଙ୍ଗରୁମ ରେ ରଖାଯାଇଥିଲା ବୋଲି କହିଥିଲେ । ବର୍ତ୍ତମାନ ସମସ୍ତ ଇଭିଏମ ଓ ଭିଭିପାଟ ର ପ୍ରଥମ ରାଣ୍ଡମାଇଜେସନ ବା ଫାଷ୍ଟ ଲେଭଲ ରାଣ୍ଡମାଇଜେସନ କମ୍ପ୍ୟୁଟର ମାଧ୍ୟମରେ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ରେ କରାଯାଉଛି । ମୋଟ ଇଭିଏମ ଓ ଭିଭିପାଟ ମଧ୍ୟରୁ ରାଣ୍ଡମାଇଜେସନ ପରେ ଏହାକୁ ଲୋକସଭା ଓ ବିଧାନସଭା ୱାରୀ ବଛା ଯାଇଛିଛପରବର୍ତ୍ତୀ ସମୟରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ପୁନଃ ରାଣ୍ଡମାଇଜେସନ ମାଧ୍ୟମରେ ବାଲାଟ ୟୁନିଟ, କଣ୍ଟ୍ରୋଲ ୟୁନିଟ ଓ ଭିଭିପାଟର ସଂଯୁକ୍ତ ଓ ପରବର୍ତ୍ତୀ ସମୟରେ ଏହା ର୍ନିଦିଷ୍ଟ ବୁଥ ୱାରୀ ରାଣ୍ଡମାଇଜେସନ କରାଯିବଛଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ କମ୍ପ୍ୟୁଟର ମାଧ୍ୟମରେ କରାଯାଉଛି ବୋଲି ଜିଲ୍ଲାପାଳ ସୂଚନା ଦେବା ସହ ଏ ସମସ୍ତ ପ୍ରକ୍ରିୟାରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଓ ସଂପୃକ୍ତ ବିଧାନସଭା ର୍ନିବାଚନ ମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର ମାନେ ନିଶ୍ଚିତ ଉପସ୍ଥିତ ରହିବାକୁ ଅନୁରୋଧ କରିଥିଲେ । ରାଣ୍ଡମାଇଜେସନ ରେ ଉପସ୍ଥିତ ଥିବା ରାଜନୈତିକ ଦଳର ପ୍ରତିନିଧିମାନେ ପ୍ରକ୍ରିୟାରେ ସନ୍ତୋଷ ବ୍ୟକ୍ତ କରିଥିଲେ । ପରେ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ଉପସ୍ଥିତି ରେ ରାଣ୍ଡମାଇଜେସନ ତାଲିକା ଆଧାର ରେ ଇଭିଏମ ଗୋଦାମ ବା ଷ୍ଟ୍ରଙ୍ଗ ରୁମ ଖୋଲା ଯାଇ ବିଧାନସଭା ୱାରୀ ପ୍ରସ୍ତୁତ ହୋଇଥିବା ଷ୍ଟ୍ରଙ୍ଗ ରୁମରେ ସଂପୃକ୍ତ ଇଭିଏମ ଓ ଭିଭିପାଟ କୁ ରଖାଯାଇଥିଲା । କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ତଥା ୧୦୫– କାକଟପୁର ବିଧାନସଭା ର୍ନିବାଚନ ମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର କୈଳାସ ଚନ୍ଦ୍ର ନାୟକ,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ୧୦୯– ସତ୍ୟବାଦୀ ବିଧାନସଭା ର୍ନିବାଚନ ମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ତଥା ୧୦୬–ନିମାପଡା ବିଧାନସଭା ର୍ନିବାଚନମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ୧୦୮–ବ୍ରହ୍ମଗିରି ବିଧାନସଭା ର୍ନିବାଚନ ମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଉପଜିଲ୍ଲାପାଳ ତଥା ୧୧୦–ପିପିଲି ବିଧାନସଭା ର୍ନିବାଚନ ମଣ୍ଡଳୀ ର ରିଟର୍ଣ୍ଣିଂ ଅଫିସର ନିଳମାଧବ ମାଝୀ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ମନୀଷା ଷଡ଼ଙ୍ଗୀ,ରାଷ୍ଟ୍ରୀୟ ବିଜ୍ଞାନ କେନ୍ଦ୍ର ର ଡିଆଇଓ ବିଶ୍ୱନାଥ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ର୍ନିବାଚନ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।



## ଗଣପତି ଶିଶୁ ମନ୍ଦିରର ଏକାଦଶ ତମ ବାର୍ଷିକ ଉତ୍ସବ

କଟକ, (ସବ୍ୟୁ) : କଟକ ସଦର କନ୍ଦରପୁର ଉପକଣ୍ଠ ବମ୍ଭୁରି ସ୍ଥିତ ଗଣପତି ଶିଶୁ ମନ୍ଦିରର ଏକାଦଶ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ସାହିତ୍ୟିକ ଶ୍ରୀଯୁକ୍ତ ଉମାକାନ୍ତ ଭୂୟାଁ ସଭାପତିତ୍ୱ କରିଥିବା ବେଳେ ଉଦ୍‌ଘାଟକ ଭାବେ ବିଦ୍ୟା ବିକାଶ ସମିତି ଓଡ଼ିଶାର ପ୍ରତିଷ୍ଠାତା ସଭ୍ୟ ତାରାକାନ୍ତ ଅଗସ୍ତି,ମୁଖ୍ୟ ଅତିଥି ଭାବେ ବିଦ୍ୟା ବିକାଶ ସମିତି ଓଡିଶା ର ସମ୍ପାଦକ ଯୋଗେନ୍ଦ୍ର ନାଥ ବସ୍ତିଆ ମହୋଦୟ,ମୁଖ୍ୟ ବକ୍ତା ଭାବେ ସମାଜସେବୀ ଜ୍ୟୋର୍ତିବିଦ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ,ସମ୍ମାନିତ ଅତିଥି ଭାବେ କନ୍ଦରପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଭାଷିନୀ ରାଉତ ଓ ସରସ୍ୱତୀ କଳା ପରିଷଦର ସହ ସମ୍ପାଦକ ସାହିତ୍ୟିକ ଇଞ୍ଜିନିୟର ସେବକ ଶ୍ରୀକାନ୍ତ ଯୋଗ ଦେଇ କୁନିକୁନି ପିଲା ମାନଙ୍କୁ ଉତ୍ସାହିତ କରିଥିଲେ ଛ ପ୍ରଥମେ ବିଦ୍ୟାଳୟର ପ୍ରଧାନ ଗୁରୁମା ଜୟନ୍ତୀ ପତି ପ୍ରାରମ୍ଭିକ ଭାଷଣ ଦେଇଥିଲା ବେଳେ ସମାଜସେବୀ ଦୁର୍ଗା ପ୍ରସାଦ ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଗୁରୁମା ପୂର୍ଣ୍ଣିମା ବେହେରା ବାର୍ଷିକ ବିବରଣୀ ପଢ଼ିଥିଲେ ।

# ଭଗବାନପୁରର-ପାତ୍ରପଡ଼ାର ପ୍ରସିଦ୍ଧ କଣ୍ଢେଇ ମେଳଣ ଆରମ୍ଭ



ଭୁବନେଶ୍ୱର (ସବ୍ୟୁ): ନିକଟସ୍ଥ ୬୫ ନମ୍ବର ୱାର୍ଡର ଭଗବାନପୁର ଗ୍ରାମରେ ସୋମବାର କଣ୍ଢେଇ ମେଳଣ ଆରମ୍ଭ ହୋଇଛି । ଏହା ଦୀର୍ଘବର୍ଷର ମେଳଣ । ଏହି ମେଳଣରେ ଏକ ନିଆରା ବିମାନ ଦେଖାଯାଏ ଯେଉଁଥିରେ କଣ୍ଢେଇ ଠାକୁର ବିରାଜମାନ କରିଥାନ୍ତି । ପିଲାମାନଙ୍କ ଖେଳରୁ ଆରମ୍ଭ ହୋଇ ଆଜି ଏହା ଏକ ବଡ଼ ମେଳଣରେ ପରିଣତ ହୋଇଛି । ସକାଳୁ ପାତ୍ରପଡ଼ା ମେଳଣ ପଡ଼ିଆରୁ ବିଭିନ୍ନ ବାଜା, ଘୋଡ଼ା, ବାଘ ନାଚ ଓ ବିଭିନ୍ନ ପ୍ରକାର ସାଜସଜାକୁ ନେଇ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଜୁ ଜନତା ଦଳର ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ମନ୍ମଥ କୁମାର ରାଉତରାୟ, କର୍ପୋରେଟର ରଶ୍ମୀରଞ୍ଜନ ପାଟ୍ଟଶାଣୀଙ୍କ ସମେତ ପାତ୍ରପଡ଼ା ଓ ଭଗବାନପୁରର ଜନସାଧାରଣ ଉପସ୍ଥିତ ଥିଲେ । ଶେଷରେ ମା' ଛୋଟୀ ଭୁଆଶୁଣୀଙ୍କ ନିକଟରେ ସାଜସଜା ପହଞ୍ଚିଥିଲା । ଆଜି ଓ ଆସନ୍ତା କାଲି ସନ୍ଧ୍ୟାରେ କଣ୍ଢେଇ ନାଟକ ପ୍ରଦର୍ଶିତ କରାଯିବ ବୋଲି କମିଟି ସଭାପତି ଜଣାଇଛନ୍ତି ।

# ଅଗ୍ନିବର୍ଷାକୁ ବ୍ରେକ ଦେଲା କାଳବୈଶାଖୀ



ତାଳଚେର, (ସବ୍ୟୁ): ଜଙ୍ଗଲ ବିହିନ ଶିଳ୍ପନଗରୀ ତାଳଚେରରେ ପ୍ରଚଣ୍ଡ ଖରା ସହ ଅଗ୍ନିବର୍ଷା ଓ ଗୁଳୁଳି ଲୋକଙ୍କୁ ଅସ୍ଥବ୍ୟସ୍ଥ କରି ପକାଉଥିବା ବେଳେ ତତଲା ଝାଞ୍ଜି ପବନ ସହିତ ଦିନ ଓ ରାତିର ତାପମାତ୍ରା ବୃଦ୍ଧି ଯୋଗୁଁ ଏକ ଅସ୍ୱାଭିକ ପରିବେଶ ସୃଷ୍ଟି କରିଥିଲା । ମାତ୍ର ରବିବାର ସନ୍ଧ୍ୟା ସମୟରେ କାଳ ବୈଶାଖୀ ଜନିତ ବିଜୁଳି ଘଡ଼ଘଡ଼ି ସହ ଅସାରାଏ ବର୍ଷା ପବନ ଆଶ୍ୱସ୍ତି ଆଣିଦେଇଛି । କ୍ରମାଗତଭାବେ ଶିଳ୍ପନଗରୀ ତାଳଚେର ଅଂଚଳରେ ଉତାପ ବୃଦ୍ଧି ପାଇ ଶୁକ୍ରବାର ଦିନ ତାପମାତ୍ରା ୪୪ ଡ଼ିଗ୍ରୀ ଛୁଇଁଥିବା ବେଳେ ଗତକାଲି ସରକାରୀ ସୂତ୍ର ଅନୁଯାୟୀ ସର୍ବନିମ୍ନ ୨୬.୪ ରହିଥିବା ବେଳେ ସର୍ବାଧିକ ୩୭.୪ ରହିଥିଲା । ମାତ୍ର କାଳ ବୈଶାଖୀ ଯୋଗୁଁ ଆଜି ଏହା ଖସି ସର୍ବନିମ୍ନ ୨୨.୨ରେ ରହିଥିବା ବେଳେ ସର୍ବାଧିକ ୩୦.୪ ଡ଼ିଗ୍ରୀ ଛୁଇଁଥିବା ଜଣାପଡ଼ିଛି । ତେବେ ଏଥିନେଇ ଲୋକଙ୍କ ମନରେ ଆଶ୍ୱସ୍ତି ଆଣିଦେଇଛି । ସତେ ଯେପରି ଆଜି ସନ୍ଧ୍ୟାରେ ଶୀତୁଆ ଅନୁଭବ କରାଯାଉଛି ଓ ଏଥିନେଇ ଜୀବଜଗତକୁ ସାମାନ୍ୟତମ ଖୁସି ଆଣିଦେଇଛି । ତେବେ କାଳବୈଶାଖୀ ଯୋଗୁଁ ଆଶ୍ୱସ୍ତି ମିଳିଛି ସତ କିନ୍ତୁ ଜଳସଙ୍କଟ ଓ ବିଦ୍ୟୁତର ଲୁଚକାଳି ଖେଳ ଲାଗି ରହିଛି ।

# ୧୨୭୯ଟି ଲାଇସେନ୍ସପ୍ରାପ୍ତ ବନ୍ଧୁକ, ପୋଲିସକୁ ହସ୍ତାନ୍ତର ନିର୍ଦ୍ଦେଶ

ଅନୁଗୁଳ, (ସବ୍ୟୁ): ଅନୁଗୁଳ ଜିଲ୍ଲାରେ ରହିଛି ୧୨୭୯ଟି ଲାଇସେନ୍ସ ପ୍ରାପ୍ତ ବନ୍ଧୁକଛ ସେଥି ମଧ୍ୟରୁ ତାଳଚେର ଥାନା ଅଞ୍ଚଳରେ ସର୍ବାଧିକ ଲାଇସେନ୍ସ ପ୍ରାପ୍ତ ବନ୍ଧୁକ ରହିଥିବା ବେଳେ କିଆକଟା ଥାନା ଅଞ୍ଚଳରେ ସର୍ବନିମ୍ନ ବନ୍ଧୁକ ରହିଥିବା ଜଣାପଡିଛି ।

ସୂଚନା ମୁତାବକ, ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବନ୍ଧୁକ ଗୁଡ଼ିକୁ ପୋଲିସକୁ ହସ୍ତାନ୍ତର କରିବା ପାଇଁ ନୋଟିସ ହୋଇଛି । ଆଜି ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ପୋଲିସ ଷ୍ଟେସନରେ ମୋଟ ୪୮୬ ବନ୍ଧୁକ ପୋଲିସ ପାଖକୁ ଆସିଥିବା ବେଳେ ଅବଶିଷ୍ଟ ୭୯୩ ବନ୍ଧୁକ ପୋଲିସ ପାଖକୁ ଆସିବ । ଯେଉଁ ମାନେ ଗହଣା ଦୋକାନ, ବ୍ୟାଙ୍କ୍ ଭଳି ଜାଗାରେ ରହୁଥିବେ ସେମାନେ ଆବେଦନ କରି ନିଜ ପାଖରେ ବନ୍ଧୁକ ରଖି ପାରିବେ ବୋଲି ସୂଚନା ମିଳିଛି।

ତାଳଚେର ଥାନା ଅଧୀନରେ ସର୍ବାଧିକ ୧୭୮ଟି ଲାଇସେନ୍ସ ପ୍ରାପ୍ତ ବନ୍ଧୁକ ଥିବା ବେଳେ କିଆକଟା ଥାନା ଅଧୀନରେ ସର୍ବନିମ୍ନ ୨ଟି ବନ୍ଧୁକ ରହିଛି। ସେହିପରି ଅନୁଗୁଳରେ ୫୭, ସଦରରେ ୧୬, ବଣଁରପାଳରେ ୪୪, ନାଲକୋରେ ୨୧, ଜରପଡାରେ ୭୪, ଇଣ୍ଡଷ୍ଟ୍ରିଆଲରେ ୧୨, ଛେଣ୍ଡିପଦାରେ ୧୦୫, ବାଗଡିଆରେ ୩୯, ବନ୍ତଳାରେ ୩୭, ପୁରୁଣାକୋଟରେ ୫, ତାଳଚେରରେ ୧୫୮, ଗୋପାଳପ୍ରସାଦରେ ୫, ବିକ୍ରମପୁରରେ ୩, ସମଲରେ ୨୧, ଆଠମଲ୍ଲିକରେ ୧୫, କିଶୋରନଗରରେ ୨୬, ଠାକୁରଗଡ଼ରେ ୧୨, ହଣ୍ଡପାରେ ୧୯, ପାଳଲହଡ଼ାରେ ୬, ଖମାରରେ ୩୫, କଣିହାଁରେ ୪୧, ରେଙ୍ଗାଳି ଥାନାର ୪୨ଟି ବନ୍ଧୁକ ମୋଟ ୭୯୩ଟି ପୋଲିସକୁ ହସ୍ତାନ୍ତର ହୋଇ ନାହିଁ ଅନ୍ୟପଟେ କୋଲିୟରି, ଏନଟିପିସି ଏବଂ କିଆକଟା ଥାନା ଅଧୀନରେ ଥିବା ସମସ୍ତ ଲାଇସେନ୍ସ ପ୍ରାପ୍ତ ବନ୍ଧୁକ ପୋଲିସକୁ ହସ୍ତାନ୍ତର ହୋଇଛି। ବାକି ଯେଉଁ ମାନେ ବନ୍ଧୁକ ରଖିଛନ୍ତି ସେମାନେ ଖୁବ ଶୀଘ୍ର ନିର୍ବାଚନ ପୂର୍ବରୁ ପୋଲିସକୁ ହସ୍ତାନ୍ତର କରିବେ ବୋଲି ସୂଚନା ମିଳିଛି।

# ଦୁଇ ବାଇକ ମୁହାଁମୁହିଁ ଦମ୍ପତି ଗୁରୁତର

ତାଳଚେର, (ସବ୍ୟୁ): ଅସାବଧାନତା, ମୋବାଇଲ୍ ଏବଂ ଦ୍ରୁତଗତିରେ ଗାଡ଼ି ଚାଳନା ଯେ କେତେ ମାରାତ୍ମକ ହୋଇପାରେ ତାହା ଆଜି ବିକ୍ରମପୁର ଥାନା ଅନ୍ତର୍ଗତ ତେହେରାମ ପୁରଠାରେ ଘଟିଥିବା ଘଟଣାରୁ ସହଜରେ ଅନୁମେୟ । ପ୍ରକାଶ ଥାଉକି, ସାମାଜିକ ଅନୁଷ୍ଠାନ ସୋସିଆଲ ଡ଼େଭଲୋପମେଂଟ୍ ଫାଉଣ୍ଡେସନର ସମ୍ପାଦକ ବୁଦ୍ଧଦେବ ଦାସ, ତାଙ୍କ ଧର୍ମପତ୍ନୀ ମମତା ଦାସ ଅନୁଗୋଳରୁ ବାଇକ ଯୋଗେ ଆସୁଥିବା ବେଳେ ସ୍ଥାନୀୟ ବଆଁପାଳ ଅନ୍ତର୍ଗତ ଭୋଗବେରଣୀ ଗ୍ରାମର ଜୈନିକ ଯୁବକ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଉଭୟ ଗୁରୁତର ଆହାତ ହୋଇଥିଲେ। ମହିଳାଙ୍କ ମୁଣ୍ଡରେ ଓ କାନ୍ଧରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କ ସ୍ୱାମୀଙ୍କର ସେହିଭଳି ହାତଭାଙ୍ଗି ଗୁରୁତର ହୋଇଥିବା ଜଣାପଡ଼ିଛି । ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ତାଙ୍କ ବାଇକଟି ଭାଙ୍ଗିରୁଜି ଚୁରମାର୍ ହୋଇଥିବା ବେଳେ ଦୁର୍ଘଟଣା ଭିଆଇଥିବା ଯୁବକଙ୍କର ବିଶେଷ କିଛି କ୍ଷତି ହୋଇନଥିବା ଜଣାପଡ଼ିଛି ।

# ମତଦାନ ପ୍ରକ୍ରିୟାକୁ ସୁଦୃଢ ଓ ଜ୍ଞାନବର୍ଦ୍ଧକ କରାଇବା ପାଇଁ ପ୍ରଶାସନ ପକ୍ଷରୁ କୁଇଜ ପ୍ରତିଯୋଗିତା



ବାରିପଦା, (ସବ୍ୟୁ): ଭାରତୀୟ ନିର୍ବାଚନ କମିଶନଙ୍କ ବ୍ୟବସ୍ଥିତ ଭୋଟରଙ୍କ ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ କାର୍ଯ୍ୟକ୍ରମର ପ୍ରତିଫଳନ ଖୁବ ଉଲ୍ଲେଖନୀୟ ଢଙ୍ଗରେ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ଠାରେ ଅନୁଷ୍ଠିତ ହେଉଛି। ଯୁବ ଭୋଟର ମାନଙ୍କ ମଧ୍ୟରେ ନିର୍ବାଚନ ବାବଦରେ ସଚେତନତା ଏବଂ ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମତଦାନକୁ ନେଇ ତତ୍କ୍ଷଣାତ ସାଧାରଣଜ୍ଞାନ ପରୀକ୍ଷା ବା ଇନ୍ସଟାଣ୍ଟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଛୁଟି ଦିନିଆ ସନ୍ଧ୍ୟା ସମୟରେ, ପାର୍କ ଠାରେ କିମ୍ବା ନିତ୍ୟ ମନୋରଞ୍ଜନ ସ୍ଥାନ ମାନଙ୍କରେ ଏହି କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଜିଲ୍ଲା ପ୍ରଶାସନ ଏବଂ ବାରିପଦା ପୌରପାଳିକା ଦ୍ୱାରା ଆୟୋଜିତ ଏହି ପ୍ରଜ୍ଞାନଧର୍ମୀ କାର୍ଯ୍ୟକ୍ରମରେ ସାନ ପିଲାଙ୍କ ଠାରୁ ଆରମ୍ଭ କରି ବୟୋଜ୍ୟେଷ୍ଠ ବ୍ୟକ୍ତି ମାନେ ମଧ୍ୟ ଅଂଶଗ୍ରହଣ କରୁଛନ୍ତି। ମତଦାନ ଏକ ନାଗରିକର ମୌଳିକ ଅଧିକାର ଭାବରେ ଏହି ବିଷୟକୁ ଜନାଦୃତ କରିବାପାଇଁ ଏହି ପ୍ରୟାସ, ବାରିପଦା ସ୍ଥିତ ଶିଶୁ ପାର୍କ ଠାରେ ଅନୁଷ୍ଠିତ ହେଉଛି। ଏହି ଇନ୍ସଟାଣ୍ଟ କୁଇଜ ପ୍ରତିଯୋଗିତାରେ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ ସଂଯୋଜନା ଏବଂ ପରିଚାଳନା କରିଥିବାବେଳେ ପୌରପାଳିକାର ସମସ୍ତ କର୍ମକର୍ତ୍ତା ଏହି କୁଇଜ ପ୍ରତିଯୋଗିତାକୁ ଖୁବ ଆନନ୍ଦ ସହକାରେ ଉପସ୍ଥାପନା କରିଥିଲେ। ଅଧିକରୁ ଅଧିକ ଯୁବ ଭୋଟର ତଥା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ବେଳେ, ସମସ୍ତ ଅଂଶଗ୍ରହଣକାରି ମାନଙ୍କ ପାଇଁ ପୁରସ୍କାର, ବିଶେଷକରି ବିଜେତା ମାନଙ୍କୁ ସେହି ମୁହୂର୍ତରେ ପୁରସ୍କୃତ କରାଯାଏ। ଗଣତନ୍ତ୍ରର ଏହି ମହାନ ପର୍ବକୁ ସମସ୍ତେ ନିଜ ଅଧିକାର ସହ ସମ୍ପାଦନା କରିବା ପାଇଁ ଜିଲ୍ଲାପାଳ ମଧ୍ୟ ନିବେଦନ କରିଥିବା ସୂଚନା ପ୍ରାପ୍ତ।

# ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ତିର୍ତ୍ତୋଲ, (ସବ୍ୟୁ) ଜଗତସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଡା.ରାଜଶ୍ରୀ ମଲ୍ଲିକ ଓ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଡ.ରମାକାଂ ଭୋଇଙ୍କୁ ଝଙ୍କଡ ସାରଳା ପୀଠ ଠାରେ ଦଳୀୟ କର୍ମକର୍ତ୍ତା ଓ ସମର୍ଥକ ମାନଙ୍କ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଉଭୟ ପ୍ରାର୍ଥୀ ଏକ ଖୋଲା ଜିପରେ ବିଶାଳ ଶୋଭାଯାତ୍ରରେ ରଘୁନାଥପୁର ବ୍ଲକ ଅଞ୍ଚଳ ଅତିକ୍ରମ କରି ତିର୍ତ୍ତୋଲ ବ୍ଲକ ଅଧିନ ମୁଳସିଂ ସହର ଠାରେ ପହଞ୍ଚି ଥିଲେ । ମୁଳସିଂ ପଞ୍ଚାୟତର ବିଭିନ୍ନ ସ୍ଥାନରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଝଙ୍କଡ ଶାରଳା ପୀଠ ଠାରେ ପହଞ୍ଚି ମା ଶାରଳାଙ୍କ ଦର୍ଶନ କରିଥିଲେ । ପରେ ବହୁ ସଂଖ୍ୟାରେ ଦଳୀୟ କର୍ମକର୍ତ୍ତା ଓ କର୍ମୀ ମାନେ ଉଭୟ ପ୍ରାର୍ଥୀଙ୍କୁ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଜିଲା ସଭାପତି ରବିନାରାୟଣ ଜେନା, ସାଧାରଣ ସମ୍ପାଦକ ଅମରଜ୍ୟୋତି ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଜାତା ମର୍ହି, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା, ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମର୍ହି, ଜିଲା ବରିଷ୍ଠ ଉପସଭାପତି ଅଶ୍ୱିନୀ ଦାସ, ବସଂ ମହାପାତ୍ର, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ, ଜିଲାପରିଷଦ ସଭ୍ୟ ସୁନୀଲ ବେହେରା, ରିତା ସିଂ, ବିଜେଡି ନେତା ଅଶ୍ୱିନୀ ବିଶ୍ୱାଳ, ଦେବ ମର୍ହି, ପ୍ରଦୀପ୍ତ ମହାପାତ୍ର, ତୁଷାର ବିଶ୍ୱାଳଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ

# ପ୍ରାର୍ଥୀ ଘୋଷଣାରେ ବିଳମ୍ବ, ଆଶାୟୀଙ୍କ ଉତ୍କଣ୍ଠା

ତାଳଚେର, (ସବ୍ୟୁ): ବିଜେଡ଼ିର ତୃତୀୟ ପର୍ଯ୍ୟାୟରେ ଟିକେଟ ପ୍ରଦାନରେ ତାଳଚେର ବିଧାନସଭା ଆସନ ପାଇଁ ଘୋଷଣାନାମା ପ୍ରକାଶ ନପାଇବାରୁ ଏହାକୁ ନେଇ ରାଜନୈତିକ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି । ଦଳୀୟ ଟିକଟେ କାହାଭାଗ୍ୟରେ ପଡ଼ିବ ତାକୁ ନେଇ ବିଜେଡ଼ି ଗୋଷ୍ଠୀରେ ଛକାପଞ୍ଝା ଆରମ୍ଭ ହୋଇଛି । ତାଳଚେର ମୁଖ୍ୟତଃ ବିଜେଡ଼ି ବିଜେପି ମଧ୍ୟରେ କଡ଼ା ମୁକାବିଲା ହେଇ ଆସୁଥିବା ବେଳେ ବିଜେପି ପକ୍ଷରୁ କାଳନ୍ଦୀ ଦଳ ପୁନର୍ବାର ଭରଷା କରି ମୋହର ମାରିଥିବା ବେଳେ ବିଜେଡ଼ିର ଏପର୍ଯ୍ୟନ୍ତ ଟିକେଟ ଘୋଷଣା କରାଯାଇ ନାହିଁ । ତେବେ ବିଜେଡ଼ି ପକ୍ଷରୁ କିଏ ଟିକେଟ ପାଇବ ତାକୁନେଇ କର୍ମୀଙ୍କ ମହଲରେ ଅଙ୍କକଷା ଆରମ୍ଭ ହୋଇଯାଇଛି । ଗତଥର ବିଜେଡ଼ି ପ୍ରାର୍ଥିଭାବେ ବ୍ରଜ ଦଳୀୟ ଟିକଟେ ପାଇ ବିଜେପିକୁ ପରାସ୍ତ କରି ବିଜୟୀ ହୋଇଥିଲେ । ଏଥର ମଧ୍ୟ ବ୍ରଜ ଟିକେଟ ପାଇବେ ବୋଲି ତାଙ୍କ ସମର୍ଥକ ମାନେ ଦମ୍ଭୋକ୍ତି ପ୍ରକାଶ ପାଇଥିବା ବେଳେ ସାଂସଦ ମହେଶ ସାହୁ ଟିକେଟ ପାଇବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି । ଙ୍କୋନାଳ ସଂସଦୀୟ କ୍ଷେତ୍ରରେ ମହେଶକୁ ଚଳିତ ନିର୍ବାଚନରେ ଦଳୀୟ ଟିକଟେ ଦିଆଯାଇନଥିବା ବେଳେ ବିଜେଡ଼ି ତାଙ୍କୁ ହିନ୍ଦୋଳ କିମ୍ବା ତାଳଚେରରେ ଟିକେଟ ଦେବ ବୋଲି ଚର୍ଚ୍ଚା ଯୋରଧରିଛି । ଏପରି କ୍ଷେତ୍ରରେ ବିଜେଡ଼ି ଟିକେଟ ହାତେଇବାକୁ ବହୁ ଆଶାୟୀ ଭୁବନେଶ୍ୱରରେ ରୋ ପକାଇଥିବା କୁହାଯାଉଛି ।

ସେହିପରି କଂଗ୍ରେସ ଦଳ ପକ୍ଷରୁ ଅଦ୍ୟାବଧି ପ୍ରାର୍ଥ ଘୋଷଣ କରାଯାଇ ପାରିନାହିଁ । ଏଥିନେଇ ପୂର୍ବତନ ବ୍ଲକ ଅଧକ୍ଷ ଦିଗାମ୍ବର ଗଡ଼ନାୟକ, ପୂର୍ବତନ ପ୍ରଦେଶ କଂଗ୍ରେସ୍ କମିଟି ପ୍ରଫୁଲ ଦାସ ଓ କଣିହାଁ ଅଂଚଳର ଶ୍ରମିକନେତା ସୂର୍ଯ୍ୟମଣି ସାହୁ ଙ୍କ ସମେତ ଏକାଧିକ ଆଶୟୀ ରହିଥିବା ବେଳେ ଦଳ ଏଥର ଆମଦାନୀ ନେତାକୁ ଆଣି ମୋହର ମାରିବ ନା ଦଳ ମଧ୍ୟରୁ କାହାକୁ ଟିକେଟ ଦେବ ତାକୁ ନେଇ କର୍ମୀଙ୍କ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି ।

# ଜଳଛତ୍ର କାର୍ଯ୍ୟକ୍ରମ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ସହରରେ ଅବସ୍ଥିତ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟର ଏନ୍.ସି.ସି. ଛାତ୍ରୀ ତଥା ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କର ସହଯୋଗ କ୍ରମେ ଜଳଛତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଦିବସରେ ବିଦ୍ୟାଳୟର ଏନ୍‌ସିସି ଶିକ୍ଷୟିତ୍ରୀ ସୁଲୋଚନା ଭୂତିଆ, ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଏନ୍‌ସିସି ଛାତ୍ରୀମାନେ ପ୍ରଚଣ୍ଡ ରୌଦ୍ରତାପରେ ପଥିକମାନଙ୍କର ତୃଷ୍ଣ ନିବାରଣ ନିମନ୍ତେ ଦହି ସରବତର ଆୟୋଜନ କରିଥିଲେ ।

# ଚୋରା କୋଇଲା କାରବାର ବଢୁଛି, ପୋଲିସ୍ ନିରବ

ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଅଞ୍ଚଳ ରେ ଏବେ ବେଆଇନ ଚୋରା କୋଇଲା କାରବାର ବୃଦ୍ଧି ପାଉଛି । ଟନ ଟନ କୋଇଲା କାରବାର ହେଉଥିବା ବେଳେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଉନଥିବା ଯୋଗୁଁ ସାଧାରଣ ରେ ଅସନ୍ତୋଷ ଦେଖାଦେଇଛି । ଘଟଣା ରୁ ଜଣା ପଡିଛି ଯେ ଏହି ଥାନା ଅଞ୍ଚଳ ର ବିଭିନ୍ନ ଅଞ୍ଚଳ ରେ ଏବେ ବେଆଇନ ଇଟା ଭାଟି ଗଢି ଉଠିଛି। ବିଶେଷ କରି ଏହି ଇଟାଭାଟି ଗୁଡିକ ପୋଡିବା ପାଇଁ କୋଇଲା ର ଆବଶ୍ୟକତା ପଡୁଥିବା ବେଳେ ଚୋରା କୋଇଲା କାରବାର ବୃଦ୍ଧି ପାଇବା ରେ ଲାଗିଛି । ଛେଣ୍ଡିପଦା ଅଞ୍ଚଳ ରୁ ଚୋରା କୋଇଲା ବ୍ୟବସାୟୀ ମାନେ ଗୁଣ୍ଡୁରୀଝରଣ ଦେଇ ହଣ୍ଡପା ଅଞ୍ଚଳ କୁ ଚୋରାରେ କୋଇଲା ଚାଲାଣ କରୁଛନ୍ତି । ଏ ପରିକି ପିକ ଅପ ଭ୍ୟାନ ଓ ବାଇକ ଯୋଗେ ପ୍ରତେକ ଦିନ କୋଇଲା ଚାଲାଣ କରାଯାଉଥିଲେ ମଧ୍ୟ ହଣ୍ଡପା ପୋଲିସ ଚଢ଼ାଉ କରିବାରେ ବିଫଳ ହୋଇଛି । ଚୋରା ବ୍ୟବସାୟୀ ମାନେ ପୋଲିସ ର କିଛି କର୍ମଚାରୀ ଙ୍କୁ ହାତ କରି ଏହି ବେଆଇନ କାମ ଚଳାଇଥିବା ସାଧାରଣ ରେ ଅଭିଯୋଗ ହୋଇଛି । ହଣ୍ଡପା ଥାନା ଗୁଣ୍ଡୁରୀମୁଣ୍ଡା ନିକଟରେ କୋଇଲା ଡିପୋ ନିର୍ମାଣ ହୋଇଥିବା ବେଳେ ଏହାର ଫାଇଦା ନେଇ ଚୋରା କୋଇଲା ବ୍ୟବସାୟୀ ମାନେ ସ୍ଥାନୀୟ ପୋଲିସ କୁ ହାତ କରି ନିରାପଦ ରେ ଏହି ବ୍ୟବସାୟ କରୁଛନ୍ତି । ସେହିପରି ବାଇକ ଯୋଗେ ହଣ୍ଡପା ତଥା ଆଖ ପାଖରେ ଥିବା ବିଭିନ୍ନ ଅଞ୍ଚଳ କୁ ଚୋରା କୋଇଲା ବସ୍ତା ସାହାଯ୍ୟ ରେ ଚାଲାଣ କରୁଛନ୍ତି । ଚୋରା ବ୍ୟବସାୟୀ ମାନେ ପ୍ରତେକ ଦିନ ପୋଲିସ ଆଖି ରେ ଧୂଳି ଦେଇ ଏହି କାରବାର କରୁଥିଲେ ମଧ୍ୟ ପୋଲିସ ଧରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ହଣ୍ଡପା ଥାନା ଅଞ୍ଚଳ ରେ ଦିନ କୁ ଦିନ ଚୋରା ବ୍ୟବସାୟ ବୃଦ୍ଧି ପାଉଥିବା ବେଳେ ପୋଲିସ ର ଚଢ଼ାଉ ବିଳମ୍ବ କୁ ନେଇ ସାଧାରଣ ରେ ସଂନ୍ଦେହେ ସୃଷ୍ଟି ହୋଇଛି । ତୁରନ୍ତ ଏଥି ପ୍ରତି ଅନୁଗୋଳ ଏସପି ଦୃଷ୍ଟି ଦେଇ ସ୍ୱତନ୍ତ୍ର ଟିମ ଦ୍ୱାରା ଚୋରା କୋଇଲା ଆଡା ଉପରେ ଚଢ଼ାଉ କରିବା ପାଇଁ ସାଧାରଣ ରେ ଦାବି ହୋଇଛି । ଏ ନେଇ ଆଠମଲ୍ଲିକ ଏସଡିପିଓ ବାଳକୃଷ୍ଣ କଅଁର କୁହନ୍ତି ତୁରନ୍ତ ଚୋରା କୋଇଲା କାରବାର ଉପରେ ପୋଲିସ ଚଢ଼ାଉ କରିବା ପାଇଁ ନିର୍ଦ୍ଦେଶ ଦିଆଯିବ ।

# ଦଶଦୋଳ ଯାତ୍ରା

କଣିହାଁ,(ସବ୍ୟୁ): ଅନୁଗୋଳ ଜିଲା କଣିହାଁ ବ୍ଲକ ଅନ୍ତର୍ଗତ ତେଲିସିଂହା ଗ୍ରାମରେ ଦଶଦୋଳ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ତେଲିସିଂହା ଗ୍ରାମରେ ଅପରାହ୍ନରେ ସୁସଜ୍ଜିତ ବିମାନରେ ରାଧାକୃଷ୍ଣ ଙ୍କୁ ଦୋଳମଣ୍ଡପକୁ ଅଣାଯାଇ ଯାଇ ପୂଜାର୍ଚ୍ଚନା କରଯାଇଥିଲା । ପରେ ସନ୍ଧ୍ୟାରେ ବାଜା, ବାଣ, ଲଉଡ଼ି ଖେଳ, ଘଣ୍ଟ ବାଦ୍ୟ କୁ ନେଇ ଏକ ବିରାଟ ଶୋଭା ଯାତ୍ରାରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଙ୍କ ସମେତ ଅନ୍ୟାନ୍ୟ ରାଜନ୍ୟତିକ ଦଳର ନେତୃ ମଣ୍ଡଳୀ ଯୋଗ ଦେଇ ପ୍ରଭୁକୃପା ଲାଭ କରିଥିଲେ। ଏହା ପରେ ଦର୍ଶକଙ୍କ ମନୋରଞ୍ଜନ ନିମିତ୍ତ ମେଲୋଡି କାର୍ଯ୍ୟକ୍ରମ କରାଯାଉଥିଲା। ଉକ୍ତ କାର୍ଯ୍ୟକ୍ରମରେ ମେଲୋଡ଼ି କୁଇନ କଣ୍ଠ ଶିଳ୍ପୀ ଇରା ମହାନ୍ତି ଓ ସତ୍ୟଜିତ ପ୍ରଧାନଙ୍କ ଗୀତରେ ଦର୍ଶକ ବେଶ୍ ଝୁମିଥିଲେ । ମେଲୋଡ଼ି ପରେ ଅପେରା ପରିବେଷଣ ହୋଇଥିଲା । ମେଲୋଡ଼ି କାର୍ଯ୍ୟକ୍ରମରେ କଣିହାଁ କୋଇଲା କ୍ଷେତ୍ର ମହାପ୍ରବନ୍ଧକ କେ କେ ରାଉଳ ଓ ଅନ୍ୟାନ୍ୟ ଅଧିକାରୀ ଯୋଗଦେଇ କଳାକାର ମାନଙ୍କୁ ସମ୍ମାନୀତ କରିଥିଲେ ।

ଶୁକ୍ରବାର ସକାଳ ୭ଟାରେ ସ୍ଥାନୀୟ ଅଞ୍ଚଳର ଓଡିଶୀ ନାମ ସଂକୀର୍ତନ ମଣ୍ଡଳୀ ଯୋଗ ଦେଇ ନାମ ସଂକରିଥିଲେ । ସେହିପରି ପରି ଅର୍କିଳ ଗ୍ରାମରେ ଦଶଦୋଳ ଯାତ୍ରା ମହା ସମାରୋହରେ ପାଳିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ରେ ପାଲଲହଡା ବିଧାୟକ ମୁକେଶ କୁମାର ପାଳ ସହିତ ବିଭିନ୍ନ ଦଳୀୟ ରାଜନେତା ଓ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

# ସତ୍ୟସାଇ ସଙ୍ଗଠନ ପକ୍ଷରୁ ଅମୃତବିନ୍ଦୁ କାର୍ଯ୍ୟକ୍ରମ ୫୯ ୟୁନିଟ୍ ରକ୍ତ ସଂଗ୍ରହ



କଣିହାଁ, (ସବ୍ୟୁ) : ଅନୁଗୋଳ ଜିଲା ଏନଟିପିସି, କଣିହାଁ ସତ୍ୟସାଇ ସେବା ସମିତି ପକ୍ଷରୁ ଅମୃତବିନ୍ଦୁ କାର୍ଯ୍ୟକ୍ରମ ମଧ୍ୟରେ ଏକ ଗ୍ରୀଷ୍ମକାଳୀନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଏନଟିପିସି ପିଟିଏସ ସ୍ଥିତ ଦୀପତରଙ୍ଗ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଏନଟିପିସି କଣିହାଁର ପ୍ରକଳ୍ପ ମୁଖ୍ୟ ଏ କେ ସେହଗଲ, ଏଚଆର ମୁଖ୍ୟ ବି କେ ପାଣ୍ଡେ, ନୂତନ ଏଚ ଆର ମୁଖ୍ୟ ଶ୍ରୀ ନବନି୍ ପ୍ରମୁଖ ଯୋଗଦେଇ

ସତ୍ୟସାଇଙ୍କ ଫୋଟୋରେ ପ୍ରଦୀପ ପ୍ରଜ୍ୱଳନ କରି ରକ୍ତଦାନ ଶିବିରକୁ ଶୁଭାରମ୍ଭ କରିଥିଲେ । ପରେ ତାଳଚେର ରକ୍ତଭଣ୍ଡାର କର୍ମଚାରୀଙ୍କ ଦ୍ୱାରା ୫୯ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ ସତ୍ୟସାଇ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ରକ୍ତଦାନ ଶିବିର ପୂର୍ବଦିନ ସତ୍ୟସାଇ ସଂଗଠନର କର୍ମକର୍ତ୍ତା ଓ ବାଲବିକାଶ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ରକ୍ତଦାନ କରିବା ପାଇଁ ସଚେତନତା ପଦଯାତ୍ରା ଏନଟିପିସି ପିଟିଏସ କ୍ୱାର୍ଟର ଲାଇନରେ କରାଯାଇଥିଲା।

# ବର୍ଦ୍ଧିତ ଘର ଟିକସ, ପାର୍କିଂ ଫି ପ୍ରତ୍ୟାହାର ଅନୁପସ୍ଥିତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବ୍ରହ୍ମପୁର, (ସବ୍ୟୁ): ଏମକେସିଜି ମେଡିକାଲ ପରିସରରେ ବେନିୟମ ଭାବେ ଆଦାୟ ହେଉଥିବା ପାର୍କିଂ ଫି ବନ୍ଦ, କଟକ, ଭୁବନେଶ୍ୱରରେ ଘର ଟିକସ ବୃଦ୍ଧିକୁ ପ୍ରତ୍ୟାହାର କରିବା ଭଳି ବ୍ରହ୍ମପୁରରେ ମଧ୍ୟ ବର୍ଦ୍ଧିତ ଟିକସ ସଂଗ୍ରହ ବନ୍ଦ, ଏମକେସିଜି ମେଡିକାଲ ବର୍ହିବିଭାଗରେ ରୋଗୀ ଦେଖା ସମୟରେ ଅନୁପସ୍ଥିତ ରହୁଥିବା ଓ ଅନ୍ତଃବିଭାଗରେ ପରିଦର୍ଶନରେ ଆଦୌ ଯାଉନଥିବା କିଛି ଅସାଧୁ ବରିଷ୍ଠ ଡାକ୍ତର ପ୍ରଫେସରଙ୍କ ବିରୋଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ଦାବିନେଇ ଆଜି ମାନବାଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆବାହକ ଆଇନଜୀବୀ ଅବନୀ ଗୟାଙ୍କ ନେତୃତ୍ୱରେ ୧୧୯ତମ ଘଣ୍ଟ ଯାତ୍ରା ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଓଡିଶାର କୌଣସି ମେଡିକାଲ କଲେଜ ହସ୍ପିଟାଲରେ ପାର୍କିଂ ଫି ସଂଗ୍ରହ କରାଯାଉନଥିବା ବେଳେ ବ୍ରହ୍ମପୁର ଏମକେସିଜି ମେଡିକାଲ ପରିସରରେ ବେନିୟମ ଭାବେ ପାର୍କିଂ ଫି ସଂଗ୍ରହ ଚାଲିଛି । ମେଡିକାଲ କର୍ତ୍ତୃପକ୍ଷଙ୍କ ଛତ୍ରଛାୟା ତଳେ କିଛି ଅସାମାଜିକ ତତ୍ତ୍ୱ ଜବରଦସ୍ତ ଭାବେ ଫି ସଂଗ୍ରହ କରିଚାଲିଛନ୍ତି । ମହାନଗର ନିଗମ ଅଧିନସ୍ଥ କୌଣସି ସ୍ଥାନରେ ପାର୍କିଂ ଫି ସଂଗ୍ରହ ବେଆଇନ ହୋଇଥିବା ବେଳେ ଅଧିକ୍ଷକ ବଳପୂର୍ବକ ଭାବେ ଦୈନିକ ହଜାର ହଜାର ଟଙ୍କା ଆଦାୟ କରିଚାଲିଛନ୍ତି । ଓଡିଶା ସରକାର ମେଡିକାଲରେ ସମସ୍ତ ଔଷଧ ଓ ପରୀକ୍ଷା ମାଗଣା କରିଥିବା ବେଳେ ରୋଗୀଙ୍କ ଠାରୁ ପାର୍କିଂ ଫି କାହା ସ୍ୱାର୍ଥରେ ଆଦାୟ କରାଯାଉଛି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି । ସେହିପରି କରୋନା ସମୟରେ ଏକକାଳିନ ଭାବେ ତିନୋଟି ମହାନଗର ନିଗମ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ଠାରେ ଘର ଟିକସ ବୃଦ୍ଧି କରିବାସହ ମଇଳା ସଂଗ୍ରହ ନାଁ ରେ ୟୁଜର୍ସ ଫି କୁ ଓଡିଶା ସରକାର ଲାଗୁ କଲେ। ସେହି ସମୟରେ କୌଣସି ସ୍ଥାନରେ ଲୋକ ପ୍ରତିନିଧିଙ୍କ ମହାନଗର କାଉନସିଲ ନଥିବାରୁ ଏପ୍ରକାର ଜନବିରୋଧୀ ନିଷ୍ପତ୍ତିକୁ ସବୁ ସ୍ଥାନରେ ବିରୋଧ ହେଲା । ସରକାର କଟକ, ଭୁବନେଶ୍ୱରରେ ଏହି ଟିକସ ବୃଦ୍ଧି ଓ ୟୁଜର୍ସ ଫି ପ୍ରତ୍ୟାହାର କଲେ କିନ୍ତୁ ବ୍ରହ୍ମପୁର ସହରରେ ଲୋକଙ୍କୁ ଭୟଭୀତ କରି ଚାରିଗୁଣ ଅଧିକ ବର୍ଦ୍ଧିତ ଘର ଟିକସ ଓ ୟୁଜର୍ସ ଫି ଆଦାୟ କରାଯାଉଛି । ବ୍ରହ୍ମପୁରବାସୀଙ୍କ ପ୍ରତି ଏପ୍ରକାର ପାତରଅନ୍ତର ମନୋଭାବରୁ କ୍ଷାନ୍ତ ରହିବାପାଇଁ ଦାବି ହୋଇଛି। ଏମ୍‌କେସିଜି ମେଡିକାଲକୁ ଆସୁଥିବା ଦୈନିକ ଦୈନିକ ହଜାର ରୋଗୀଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ବର୍ହିବିଭାଗ ବା ଅନ୍ତଃବିଭାଗରେ ଅଧିକାଂଶ ପ୍ରଫେସର ଉପଲବ୍ଧ ହୋଇନଥାନ୍ତି । ସଂଖ୍ୟାଧିକ ଡାକ୍ତର ପଦବୀ ଖାଲି ପଡ଼ିଥିବା ବେଳେ କିଛି ଅସାଧୁ ବରିଷ୍ଠ ଡାକ୍ତର ରୋଗୀ ଦେଖା ସମୟରେ ଅନୁପସ୍ଥିତ ରହିବାରୁ ଜୁନିୟର ଡାକ୍ତର ବା ପିଜି ଛାତ୍ର ମାନେ ଅଭିଜ୍ଞତା ଅଭାବରୁ ମୋବାଇଲରେ ଗୁଗଲୁ ଦେଖି ରୋଗୀ ଚିକିତ୍ସା କରିବା ଏକ ଚିନ୍ତାର ବିଷୟ ଓ ଲକ୍ଷାଧିକ ଟଙ୍କା ଦରମା ନେଇ କିଛି ବରିଷ୍ଠ ଡାକ୍ତରଙ୍କ ଅନୁପସ୍ଥିତରୁ ଅଧିକାଂଶ ସମୟରେ ଚିକିତ୍ସା ଅଭାବରୁ ରୋଗୀର ଅକାଳ ମୃତ୍ୟୁ ହେଉଛ। ସିସି ଟିଭି କ୍ୟାମେରା ଓ ବାୟୋମେଟ୍ରିକ ବ୍ୟବସ୍ଥା ସତ୍ତ୍ୱେ ଏହିପରି ଚରମ ଅବହେଳା ପାଇଁ ସିଧା ସଳଖ ଭାବେ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି ମଞ୍ଚ କର୍ମକର୍ତ୍ତା। ଅନ୍ୟମାନଙ୍କ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମ୍ପାଦକ ସୁବାଷ ଚନ୍ଦ୍ର ମିଶ୍ର, ସାଲ୍ଲା କେଶବ ଲିଙ୍ଗମ, ପି. ନାଗେଶ୍ୱର ରାଓ, ଶିବ ସୁନ୍ଦର ରଥ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, କବିରାଜ ସାହୁ, ସାଧୂ ଚରଣ ବେହେରା, ଜୟକୃଷ୍ଣ ନାୟକ, ରମେଶ ପ୍ରସାଦ ଦାସ, ଗଗନ ଚାନ୍ଦ ପ୍ରଧାନ, କେ. ଏନ. ସେନାପତି, ମନୋଜ କୁମାର ତରାଇ, କେ. ଶ୍ରୀନିବାସ ରାଓ, ଅଳକା ନାଥ ମିଶ୍ର, ରାମଚନ୍ଦ୍ର ବାଡ଼ତ୍ୟା, ସଂଜୀବ କୁମାର ପଟ୍ଟନାୟକ, କାହ୍ନୁ ଚରଣ ପାତ୍ର, ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ରେଳଧାରଣାରୁ ଅଜଣା ବୃଦ୍ଧଙ୍କ ଶବ ଜବତ

ରମ୍ଭା, (ସବ୍ୟୁ): ସୋମବାର ଦିନ ପୂର୍ବତଟ ରେଳପଥ ରମ୍ଭା ରେଲୱେ ଗେଟ ପାର୍ଶ୍ୱ ରେଳଲାଇନ କଡ଼ରୁ ଅଜଣା ବୃଦ୍ଧଙ୍କ ଶବ ପଡ଼ିଥିବା ଦେଖିବାକୁ ମିଳିଛି । କେହି କେହି ଏହାକୁ ଦଣ୍ଡୁଆ ଭକ୍ତ ଦର୍ଶାଉଥିବା ବେଳେ ଅନ୍ୟ କେହି ବେକରେ କଳା ମାଳିଥିବା କହି ଭିନ୍ନ ରୂପ ବୋଲାଉଥିବା ଜଣାପଡିଛି। କେବିନି ପାର୍ଶ୍ୱରେ ଅନତି ଦୁରରେ ଶବ ପଡ଼ିଥିବା ଯୋଗୁଁ ଚିହ୍ନଟ କରିବା କିମ୍ବା ବିଭାଗୀୟ ଦପ୍ତରୀ ମାନଙ୍କର ତଦାରଖରେ ଶିଥିଳତା ଅବୁଭବ ହେଉଛି । କାରଣ ସନ୍ଧ୍ୟା ପର୍ଯ୍ୟନ୍ତ ଶବ ପଡି ରହିଥିବା ବେଳେ ଏଠାକୁ କେହି ଆସିନାହାଁନ୍ତି ।

# ମେଧାବୀ ଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା

ତିହିଡ଼ି,(ସବ୍ୟୁ):ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ଅଧୀନ ମଙ୍ଗରାଜପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଶ୍ରଦ୍ଧାଞ୍ଜଳି ପଣ୍ଡା ଚଳିତ ଏନଏମଏମଏସ ମେଧା ପରୀକ୍ଷାରେ ଭଦ୍ରକ ଜିଲାରେ ତୃତୀୟ ତଥା ତିହିଡ଼ି ବ୍ଲକର ପ୍ରଥମ ସ୍ଥାନ ଅଧିକାର କରି ସ୍କୁଲର ଗୌରବ ଆଣି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସ୍କୁଲ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ଧନେଶ୍ୱର ପଣ୍ଡା, ସମ୍ମାନିତ ଅତିଥି ଭାବେ ସମାଜସେବୀ ଅମୂଲ୍ୟ ସେନାପତି, ମନୋଜ ସେନାପତି, ପ୍ରିୟବ୍ରତ ପାଢ଼ୀ, ବିଶ୍ୱରଂଜନ ତ୍ରିପାଠୀ, ବସନ୍ତ ପଣ୍ଡା, ବୈଦ୍ୟନାଥ ସେନାପତି ପ୍ରମୁଖ ଯୋଗ ଦେଇ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗାମୀ ପିଢ଼ିଙ୍କୁ ମାର୍ଗଦର୍ଶନ କରିଥିଲେ।

# ବିଜେଡିରେ ମିଶ୍ରଣ ପର୍ବ



ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ତୁରୁଡ଼ା ଗ୍ରାମରେ ରବିବାର ଦିନ ବିଜେଡି ର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବିଜେଡି ନେତା ନଳିନୀ କାନ୍ତ ପ୍ରଧାନ ଯୋଗ ଦେଇ ଅନ୍ୟ ଦଳ ରୁ ଆସିଥିବା କୃଷ୍ଣଚନ୍ଦ୍ର ସାହୁ, ବସନ୍ତ ବିଶ୍ୱାଳ, ନିରଞ୍ଜନ ସାହୁ, ଶ୍ରୀକ୍ଷେତ୍ର ବେହେରା, ଦୁର୍ଯ୍ୟୋଧନ ବେହେରା, ନରେନ୍ଦ୍ର ବେହେରା, ସୁଶାନ୍ତ ସେଠିଙ୍କୁ ପୁଷ୍ପଗୁଚ୍ଛ ଦେଇ ଦଳ କୁ ସ୍ୱାଗତ କରିଥିଲେ । ଏଥିସହ ସେମାନଙ୍କର ବିଜେଡି ରେ ଯୋଗଦାନ ଯୋଗୁଁ ଦଳ ଆହୁରି ମଜଭୁତ ହେବ ଓ ଆଗାମୀ ଦିନରେ ଦଳ କିଭଳି ଆଠମଲ୍ଲିକରେ ଭଲ ପ୍ରଦର୍ଶନ କରିବ ସେଥିପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ । ଏଥିରେ ବିଜେଡି ନେତା ତପନ ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ସୁଦାମ ସାହୁ, ଲୋକନାଥ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଘର ଉପରେ ବଜ୍ରପାତ : ବର୍ତ୍ତିଲେ ପରିବାରର ୧୧

ବାଲେଶ୍ୱର , (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ମହମ୍ମଦନଗର ପାଟଣା ପଞ୍ଚାୟତର ଚାଲନ୍ତି ଗାଁରେ ରବିବାର ସକାଳେ ବଜ୍ରପାତ ଘଟି ବ୍ୟାପକ କ୍ଷୟକ୍ଷତି ହୋଇଛି। ଗ୍ରାମର ଉମାକାନ୍ତ ଗିରିଙ୍କ ଘର ଉପରେ ବଜ୍ରପାତ ହେବାଫଳରେ ତାଙ୍କ ଘର କାନ୍ଥ ଫାଟିଯିବା ସହ ଆସ୍ବେଷ୍ଟସ୍ ସବୁ ଫାଟି ଖଣ୍ଡଖଣ୍ଡ ହୋଇଯାଇଛି। ଏହାସହିତ ବାଡ଼ିରେ ଥିବା ଏକ ନଡ଼ିଆ ଗଛ ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ଘରେ ଟିଭି, ଫ୍ରିଜ୍, କୁଲର୍ ସମେତ ବହୁ ବୈଦ୍ୟୁତିକ ଉପକରଣ ପୋଡ଼ିଯାଇଛି। ଉମାକାନ୍ତଙ୍କର ଯୌଥ ପରିବାର। ଘର ଉପରେ ବଜ୍ର ପଡ଼ିବା ସମୟରେ ଭାଇ ନିଶିକାନ୍ତ, ଶଶିକାନ୍ତ ଓ ବିଶ୍ୱନାଥଙ୍କ ସମେତ ୧୧ ଜଣ ସଦସ୍ୟ ଥିଲେ। ତେବେ ଭଗବାନଙ୍କ କୃପାରୁ ସମସ୍ତେ ସୁରକ୍ଷିତ ଅଛନ୍ତି। ସେହିପରି ପଡ଼ୋଶୀ ବିଷ୍ଣୁପଦ ଗିରିଙ୍କ ଘରେ ଅନେକ ବିଦ୍ୟୁତ ଉପକରଣ ପୋଡ଼ିଯାଇଛି।

# ଦୁର୍ଘଟଣାରେ କଲେଜ ଛାତ୍ରୀ ଗୁରୁତର



ବେତନଟୀ , (ସବ୍ୟୁ) : ସୋମବାର ବେତନଟୀ କଲେଜକୁ ପରୀକ୍ଷା ଦେବାକୁ ଆସି ଘରକୁ ଫେରିବା ସମୟରେ ଜଣେ କଲେଜ ଛାତ୍ରୀ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାଇ ଯୁଗଳ ଉପକଣ୍ଠ ଗୋବିନ୍ଦପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଝିଅ ପ୍ରଜ୍ଞାପରମିତା। ବେତନଟୀ କଲେଜରେ ଯୁକ୍ତ ୩ କଳାର ପ୍ରଥମ ବର୍ଷ ଛାତ୍ରୀ ଥିଲେ। ସେ ପରୀକ୍ଷା ଦେଇସାରି ତାଙ୍କର ୨ ବନ୍ଧୁ ତାରାକୋଟି ଗ୍ରାମର ଗୌତମ କୁମାର ସାହୁ ଓ ଭଣ୍ଡାରୀକୁଲା ଗ୍ରାମର ଯୋଗେଶ୍ୱର ମହାନ୍ତଙ୍କ ସହିତ ଓଡି୧୧ଏଚ-୮୫୧୯ ନଂ ବିଶିଷ୍ଟ ସ୍କୁଟିରେ ଘରକୁ ଫେରୁଥିବା ସମୟରେ କୌଣସି କାରଣ ବଶତଃ ଯୁଗଳ ଛକ ନିକଟରେ ତାଙ୍କ ସ୍କୁଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ।ଦୁର୍ଘଟଣାରେ ପ୍ରଜ୍ଞାପରମିତାଙ୍କର ଗୋଡ଼ରେ ଶକ୍ତ ଆଘାତ ଲାଗି ସେ ଗୁରୁତର ହୋଇ ପଡ଼ିଥିବାବେଳେ ତାଙ୍କର ୨ ବନ୍ଧୁ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଆସିଥିଲେ ।ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ବାରିପଦା ଡାକ୍ତରଖାନାକୁ ପଠାଯାଇଥିଲା ।

# ଚାଖଣା ଦୋକାନ ଓ ଘରୁ ଚୋରି ଅଭିଯୋଗ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୋଳିପଦି କେନାଲ ରୋଡ ବିଦେଶୀ ମଦ ଦୋକାନ ପାର୍ଶ୍ୱରେ ଥିବା ଚାଖଣା ଦୋକାନ ଓ ଅନ୍ୟଏକ ଘରୁ ଗତ ରାତ୍ରରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଚାଖଣା ଦୋକାନ କବାଟ ଭାଙ୍ଗି ଚୋରମାନେ ଚାଖଣା ସାମଗ୍ରୀ ସହ ଥଣ୍ଡା ପାନୀୟ ଚୋରି କରିଥିବା ଅଭିଯୋଗରେ ଦର୍ଶାଯାଇଛି। ସେହି ଦୋକାନରେ ଥିବା ସିସିଟିଭି କ୍ୟାମେରା, ମନିଟର ଓ ମେସିନ ଆଦିକୁ ଚୋରମାନେ ନେଇ ଯାଇଛନ୍ତି ବୋଲି ଦୋକାନୀ ଚତୁର୍ଭୁଜ ଜେନା ରବିବାର ସକାଳେ ଦେଖି ଥାନାରେ ଅଭିଯୋଗ କରିଛନ୍ତି। ସେହି ରୋଡରେ ଥିବା ଆଦିତ୍ୟ ବେହେରାଙ୍କ ଘରୁ ମଧ୍ୟ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଆଦିତ୍ୟଙ୍କ ଘରର ଗୋଟିଏ କୋଠରୀ ପଛ ପଟ ଝରକା ଖୋଲାଥିଲା। ଚୋରମାନେ ସେହି ଝରକା ଗ୍ରୀଲ ତାଡି ଘର ଭିତରକୁ ପଶି ବାକ୍ସ ନେଇ ପାଖ ବିଲରେ ଭାଙ୍ଗିଥିଲେ। ସେହି କୋଠରୀ କବାଟ ବନ୍ଦ ଥିବାରୁ ଅନ୍ୟଘରକୁ ପଶି ପାରିନଥିଲେ। ମାତ୍ର ସେଭଳି କିଛି ମୂଲ୍ୟବାନ ସାମଗ୍ରୀ ନଥିବାରୁ ବାକ୍ସଗୁଡିକୁ ପକାଇଦେଇ ପଳାଇ ଥିଲେ। ଆଦିତ୍ୟ ମଧ୍ୟ ରବିବାର ସକାଳୁ ଚୋରି ଦେଖି ଥାନାରେ ଅଭିଯୋଗ କରିଥିଲେ। ୨ ବର୍ଷ ପୂର୍ବରୁ ଅନୁରୂପ ଭାବେ ଆଦିତ୍ୟଙ୍କ ଘରୁ ସମାନ ଢଙ୍ଗରେ ଚୋରି ହୋଇଥିଲା। ଅଭିଯୋଗ ହୋଇଥିଲେ ବି ଚୋର ଧରା ପଡିନଥିଲେ କି ସାମଗ୍ରୀ ଉଦ୍ଧାର ହୋଇ ପାରିନଥିଲା। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ଅଭିଯୋଗ ଉପରେ ମାମଲା ରୁଜୁ ହୋଇନଥିବା ଜଣାଯାଇଛି। ପୁଲିସ ଅନୁସନ୍ଧାନୀ କୁକୁର ସହାୟତାରେ ଚୋରିର ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି। କୁକୁର ପ୍ରଥମେ ଚାଖଣା ଦୋକାନକୁ ଯାଇ ସେଠାରୁ ଆଦିତ୍ୟଙ୍କ ଘରକୁ ଆସିଥିଲା। ଚୋର ଧରାପଡିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ମିଳୁନି ଯୁବ କ୍ରିକେଟରଙ୍କ ପତ୍ତା ଚିନ୍ତାରେ ପରିବାର ଓ କ୍ରିକେଟ ଟିମ

ଭଣ୍ଡାରିପୋଖରୀ, (ସବ୍ୟୁ) : ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୋରିଗାଁ ପଞ୍ଚାୟତ ଷଠଗାଁ ଗ୍ରାମର ଯୁବ କ୍ରିକେଟର ସୌମ୍ୟରଞ୍ଜନ ବେହେରାଙ୍କ ପତ୍ତା ଗତ ୧୨ ଦିନ ଧରି ମିଳୁନଥିବାରୁ ପରିବାର ଓ କ୍ରିକେଟ ଟିମ ଚିନ୍ତାରେ ପଡିଛନ୍ତି। ବିଜ୍ଞାନରେ ସ୍ନାତକ ଶିକ୍ଷାଗତ ଯୋଗ୍ୟତା ଥିବା ସୌମ୍ୟରଞ୍ଜନ(୩୦) ଜଣେ ପେଷାଦାର ଗ୍ରାମାଞ୍ଚଳ କ୍ରିକେଟର। ଦେହୁଡିଆନନ୍ଦପୁର କ୍ରିକେଟ ଟିମ୍‌ର ଅଧିନାୟକ ମଧ୍ୟ ସେ ଅଛନ୍ତି। ଗତ ୨୯ ତାରିଖରେ କ୍ରିକେଟ ଖେଳିବାକୁ ଯାଉଛି ବୋଲି କହି ଆଉ ଫେରିନାହାନ୍ତି ସୌମ୍ୟରଞ୍ଜନ। ତାଙ୍କ ମୋବାଇଲ ଫୋନର ୨ଟି ଯାକ ନମ୍ବର ମଧ୍ୟ ସୁଇଚ ଅଫ। ପିତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିଲୋଚନ ସାର ଭଣ୍ଡାରିପୋଖରୀ ଥାନାରେ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ମାମଲା ମଧ୍ୟ ରୁଜୁ ହୋଇଛି। ପ୍ରେମଜନିତ ପଳାୟନ ଭାବି ପୁଲିସ ପୁଲିସ ଘଟଣାକୁ ଏତେ ଗୁରୁତ୍ୱ ଦେଇନାହାଁ ମାତ୍ର ତାଙ୍କ ଅନୁପସ୍ଥିତିରେ କ୍ରିକେଟ ଦଳ ଏବେ ଅଚଳ। ପରିବାରର ମଝିଆ ପୁଅ ସୌମ୍ୟଙ୍କ ବାଟକୁ ଚାହିଁ ବସିଛନ୍ତି ପିତାମାତା ଓ ଭାଇମାନେ। କ୍ରିକେଟ ଖେଳରେ ଦକ୍ଷତା ଥିବାରୁ ହୁଏତ କେହି କ୍ରିକେଟ ଶତ୍ରୁ ତାଙ୍କର ଅପହରଣ କରିଥାଇ ପାରେ ବୋଲି ପିତା ତ୍ରିଲୋଚନ ସନ୍ଦେହ ପ୍ରକାଶ କରି ପୁଲିସ ଗୁରୁତ୍ୱ ଦେଇ ଅନୁସନ୍ଧାନ କରିବାକୁ ସେ ନିବେଦନ କରିଛନ୍ତି। ଉପଜିଲ୍ଲାପାଳ ଶ୍ରୀଯୁକ୍ତ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

# ଘଷିପୁରା ବ୍ଲକ ଅଞ୍ଚଳରେ ବଦ୍ରିଙ୍କ ପ୍ରଚାର ଜୋରଦାର



ଆନନ୍ଦପୁର , (ସବ୍ୟୁ) :ଘଷିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋଳିମାଟି,ବଡବାନ୍ଦଗଡା ଓ ଭଣ୍ଡାରିଡିହା ପଞ୍ଚାୟତରେ ବିଜେଡିର ନିର୍ବାଚନ ପ୍ରଚାରେ ଘଷିପୁରା ବିଧାୟକ ପ୍ରଫେସର ବଦ୍ରିନାରାୟଣ ପାତ୍ର ନେତୃତ୍ୱରେ ନିର୍ବାଚନ ପ୍ରଚାର ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବସନ୍ତ ପୁରା ଜଗନ୍ନାଥ ମନ୍ଦିରେ ପୂଜା ଅର୍ଚ୍ଚନା କରିବାପରେ ଏକ ବିଶାଳ ପଦଯାତ୍ରାରେ ପ୍ରତ୍ୟେକ ଭୋଟରଙ୍କୁ ଭେଟି ନବିନ ସରକାରଙ୍କ ସଫଳତା ବାବଦରେ ଅବଗତ କରିବା ସହିତ ଆଗାମୀ ନିର୍ବାଚନରେ ବିଜେଡ଼ି ଦଳକୁ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। ବଦ୍ରିଙ୍କୁ ପଦଯାତ୍ରାରେ ପଞ୍ଚାୟତର ବରିଷ୍ଠ ନେତୃବୃନ୍ଦ ଓ ମହିଳା ଯୁବ ଛାତ୍ର ଯୋଗଦେଇଥିଲେ। ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ ,ଅଦେଇ ରାଉତ ,ନିର୍ମଳ ରାଉତ ,ସଂଗ୍ରାମ ରାଉତ ବହୁ ନେତୃ ମଣ୍ଡଳୀ ଯୋଗ ଦେଇ ବିଭିନ୍ନ ଯୋଜନା ବିଷୟରେ ପ୍ରଚାର କରି ଲୋକମାନଙ୍କୁ ଅବଗତ କରାଇଥିଲେ ।

# ବିପୁଳ ମଦ ଜବତ ୧୩ ବେପାରୀ ଗିରଫ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ବ୍ଲକର ଅବକାରୀ ବିଭାଗ,ପୋଲିସ ଓ ମାଜିଷ୍ଟ୍ରେଟ ପକ୍ଷରୁ ମିଳିତ ଭାବେ ପୃଥକ ପୃଥକ ସ୍ଥାନରେ ଚଢାଉ କରି ବିପୁଳ ପରିମାଣରେ ଚୋରା ମଦ ଜବଦ କରିବା ସହିତ ୧୩ (ତେର) ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି। ଆଗକୁ ନିର୍ବାଚନ ଥିବାରୁ ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଭାବେ ଚଢାଉକୁ ଜୋରଦାର କରୁଛନ୍ତି । ବାସୁଦେବପୁରର ବଂଶୀପାଟଣା ମହେନ୍ଦ୍ର ରଣା,ପାରାପୋଖରୀ ବଳରାମ ନାୟକ,ବିଦ୍ୟାଧର ବେହେରା ଓ ବଂଶୀଧର ବେହେରା,ରାଧାନାଥପୁର ବିପିନୀ ମଳିକ,ଦେଉଳି ଗ୍ରାମର ଗୋପବନ୍ଧୁ ନାୟକ ଓ ନୃସିଂହ ନାୟକ,ଭୈରବପୁର ବିଜୁ ନାୟକ,ଅଡୁଆଁ ଶଙ୍କର ମଳିକ ଓ ସୂର୍ଯ୍ୟକାନ୍ତ ମଳିକ,ମନ୍ଦାରୀ ଶରତ ମଳିକ,ବଛୁଦା ଶୁରେଶ ଚନ୍ଦ୍ର ଭୋଇ ଓ ବାଷଠି ରାମଚନ୍ଦ୍ର ବାରିକ ଗରିଫ କରିଛି । ଚୋରା ମଦ ବେପାରୀଙ୍କ ଠାରୁ ୧୬୦ ଲିଟର ଦେଶୀ ମହୁଲି ମଦ,୧୬.୯୦୦ ବିଅର,୫.୪୦୦ ଦେଶୀ ମଦ, ୪୪ ଲିଟର ଆସ୍କା ଫଟି ଜବଦ ହୋଇଛି । ଚଢାଉ ସମୟରେ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା,ଏସଡିପିଓ ସୌରଭ ଓତା,କସିଆ ଆଇଆଇସି ସାବିତ୍ରୀ ପଣ୍ଡା,ଚୂଡାମଣୀ ଆଇଆଇସି ବନାନୀ ବେହେରା,ଇନ୍ସପେକଫର ଦିଲ୍ଲୀପ କୁମାର ନାୟକ,ଓଆଇସି. ନଟବର ମଳିକ,ଶ୍ରୀକାନ୍ତ ମୁର୍ମୁ,ଏଏସଆଇ ଭବେଶ ଦାସ,ଏସଆଇ ରମେଶ ନାୟକ,ଶୁଭଦ୍ରା ବାରିକ,ସତ୍ୟ ରଞ୍ଜନ ସେଠୀ,ଓ ଅନବଦିତ୍ୟ ବାରିକ ସହଯୋଗ କରିଥିଲେ।

# ସତ୍‌ସଙ୍ଗ ବିହାରରୁ ଚୋରି

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର କହରାପୋଖରୀ ସତ୍‌ସଙ୍ଗ ବିହାରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଗତ ଗୁରୁବାର ରାତ୍ରରେ ଚୋରମାନେ ୪ଗୋଟି ରୁମର ଚାବିକୁ କାଟିବା ସହ କୁମୁତା ଭାଙ୍ଗିଦେଇ ଠାକୁରଙ୍କ ପ୍ରଣାମୀ ୩ଟି ବାକ୍ସଗୁଡିକୁ ଉଠେଇ ନେଇ ସତ୍‌ସଙ୍ଗ ବିହାର ପଛପଟେ ଭାଙ୍ଗି ପ୍ରଣାମୀ ଅର୍ଥ ୩୦ ହଜାର ଟଙ୍କା ନେଇ ଯାଇଛନ୍ତି। ଶୁକ୍ରବାର ଠାକୁରଙ୍କ ପୂଜକ ଅନିଲ କୁମାର ଦାସ ଦେଖି ଏହି ଘଟଣା ସତ୍‌ସଙ୍ଗ ବିହାର ସମ୍ପାଦକ ଅଭିମନ୍ୟୁ ଖଟୁଆଙ୍କୁ ଜଣାଇଥିଲେ। ଅଭିମନ୍ୟୁଙ୍କ ଅଭିଯୋଗ ଆଧାରରେ ଥାନାରେ ଅଜଣା ବ୍ୟକ୍ତିଙ୍କ ନାମରେ ୧୪୮/୨୪ନଂ ମାମଲା ହୋଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ସିଦ୍ଧାର୍ଥ ଟିଭି ଡ୍ୟାନ୍ସ ରିଏଲିଟି ସୋ ଅଡିସନରେ ସଂଗୀତ ମହାବିଦ୍ୟାଳୟର ୫ ପ୍ରତିଯୋଗୀ

କରଞ୍ଜିଆ , (ସବ୍ୟୁ) : ସିଦ୍ଧାର୍ଥ ଟିଭି ଡ୍ୟାନ୍ସ ରିଏଲିଟି ସୋ ଦେବଦାସୀ (ସିଜନ୍ ୩)୨ୟ ରାଉଣ୍ଡକୁ କରଞ୍ଜିଆ ସଂଗୀତ ମହାବିଦ୍ୟାଳୟର ୫ ପ୍ରତିଯୋଗୀ ଉନ୍ନିତ ହୋଇଛନ୍ତି। ଭୁବନେଶ୍ୱର ଠାରେ ଅନୁଷ୍ଠିତ ଅଡିସନରେ ସୁଶ୍ରୀ ଆରୁଷୀ ସ୍ୱାଇଁ,ଓ ପୁରୀ ଅଡିସନରେ ହେମାଙ୍ଗିନୀ ମହାନ୍ତ,ଉର୍ପଣା ପ୍ରିୟଦର୍ଶିନୀ ବେହେରା,ପ୍ରେରଣା ପ୍ରିୟଦର୍ଶିନୀ ଗିରି ଓ ଜିଜ୍ଞାସା ଜ୍ୟୋର୍ତିମୟୀ ପାତ୍ର ଦ୍ୱିତୀୟ ରାଉଣ୍ଡକୁ ଉନ୍ନିତ ହୋଇଛନ୍ତି। ସମସ୍ତ ପ୍ରତିଯୋଗୀ କରଞ୍ଜିଆ ସଂଗୀତ ମହାବିଦ୍ୟାଳୟର ଛାତ୍ରୀ।ଏହି ଖବର ପ୍ରକାଶିତ ହେବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।ଏହି କୃତିତ୍ୱ ପାଇଁ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ତଥା ଜନସାଧାରଣ ପିଲାମାନଙ୍କ ନୃତ୍ୟଗୁରୁ ରଞ୍ଜନ କୁମାର ନାଥଶର୍ମା,ସନାତନ ନାଏକ ଓ ଅଧକ୍ଷ କରୁଣାକର ଦାଶଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଫୁଲକେଶନୀ ଠାକୁରାଣୀଙ୍କ ତ୍ରୟୋବାର୍ଷିକ ଯାତ୍ରା ନେଇ ବୈଠକ

ଆସିକା, (ସବ୍ୟୁ): ଆସିକାର ଅନ୍ୟତମ ଅଧିଷ୍ଠାତ୍ରୀ ଠାକୁରାଣୀ ମା ଫୁଲକେଶନୀଙ୍କ ତ୍ରୟୋବାର୍ଷିକ ଯାତ୍ରା ସହ ସହର ରେ ସପ୍ତ ଠାକୁରାଣୀଙ୍କ ମିଳନ ଉତ୍ସବ ପାଇଁ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ପରିଚାଳନା କମିଟି ସଭାପତି ଶିବ ଶଙ୍କର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଯାତ୍ରା ପରିସରଭୁକ୍ତ ଅଞ୍ଚଳର ବହୁ ସଭ୍ୟ ଏବଂ ଯୋନ ସ୍ତରୀୟ ପ୍ରତିନିଧି ମାନେ ଯୋଗଦେଇଥିଲେ। ପ୍ରତି ତିନି ବର୍ଷ ବ୍ୟବଧାନ ରେ ଆସିକାର ଅର୍ଦ୍ଧାଧିକ ସାହିରେ ଆୟୋଜିତ ହେଉଥିବା ଏହି ଯାତ୍ରାର ସ୍ୱତନ୍ତ୍ର ଗୁରୁ ଓ ଆଧାତ୍ମିକ ଭାବାବେଗ ଅଞ୍ଚଳବାସିଙ୍କ ରହିଛି। ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ଆଲୋଚନାରେ ଯାତ୍ରା ମୁଖ୍ୟ ପୁରୋହିତଙ୍କ ସହ ଯୋଗାଯୋଗ କରାଯାଇ ଯାତ୍ରା ତାରିଖ ନିର୍ଦ୍ଧାରଣ ଏବଂ ଯାତ୍ରା ଅବଧି ପ୍ରକାରେ କମିଟି ପ୍ରଶାସନ ସହ ଯୋଗାଯୋଗ କରିବା ନେଇ ପ୍ରସ୍ତାବ ଆସିଥିଲା। ଏହି ପ୍ରସ୍ତାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଆସନ୍ତା ୧୧ତାରିଖ ଗୁରୁବାର ଦିନ ସନ୍ଧ୍ୟାରେ ସାଧାରଣ ବୈଠକ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଏଥିରେ ସତ୍ୟନାରାୟଣ ରଥ, ମନୋଜ ମୁନୀ, ବିଶ୍ୱନାଥ ସାହୁ, ମନ୍ଦିର କମିଟିର ସୁରେନ୍ଦ୍ର ବିଷୋୟୀ, ଦୁର୍ଗା ଆଚାରି, ପୂର୍ଣ୍ଣ ଅଚାରି, ଗିରିବାବୁ ଆଚାରି, ସରୋଜ ଦାସ, ଗଣପତି ରେଡ୍ଡୀ, ସୀମାଞ୍ଚଳ ନାହାକ ସମେତ ବହୁ ଭକ୍ତ ସାମିଲ ଥିଲେ ।

# ଟ୍ରକ ପଛକୁ ପିଟିଲା ବାଇକ : ଚାଳକ ମୃତ

ବେତନଟୀ , (ସବ୍ୟୁ) : ବୈଶିଙ୍ଗା ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥର କଳମା ଛକ ନିକଟରେ ସୋମବାର ପୂର୍ବାହ୍ନ ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ପଛରେ ଜଣେ ବାଇକ୍ ଆରୋହୀ ଧକ୍କା କରିବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି।ସୂଚନା ମୁତାବକ, ମୃତ ବାଇକ୍ ଆରୋହୀ ନିଜର ଓଡି୨୯କେ-୪୩୨୪ନଂ ବିଶିଷ୍ଟ ବାଇକରେ ବୈଶିଙ୍ଗା ପଟରୁ ବାଲେଶ୍ୱର ପଟକୁ ଦ୍ରୁତଗତିରେ ଯାଉଥିବା ସମୟରେ କଳମା ଛକ ନିକଟସ୍ଥ ଫ୍ୟାମିଲି ଡାବା ସମ୍ମୁଖରେ ରାସ୍ତାରେ ଛିଡ଼ା ହୋଇଥିବା ଓଆର୦୪ଏନ -୧୫୬୦ନମ୍ବର ବିଶିଷ୍ଟ ଟ୍ରକ୍ ପଛରେ ବାଇକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ ଚାଳକଙ୍କର ମୃତ୍ୟୁ ଘଟିଛି।ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ବାଇକ ଚାଳକ କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ଟୁଡୁ ଓ ସେ ଉଦଳା ଅଞ୍ଚଳରେ ରହି କାମ କରୁଥିଲେ। ଘଟଣାସ୍ଥଳରେ ବୈଶିଙ୍ଗା ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇ ଦେଇଥିବା ଜଣାଯାଇଛି ।

# ଆଦର୍ଶ ଆଚରଣ ବିଧି ଅନୁପାଳନ ପୂର୍ବକ ପାଳିତ ହେବ ପର୍ବ

ଭଦ୍ରକ,(ସବ୍ୟୁ):ପବିତ୍ର ଇଦ୍ ପର୍ବ ପାଳନ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସଦ୍‌ଭାବନା ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର, ଡ଼େପୁଟି କଲେକ୍ଟର ଜୁଡ଼ିସିଆଲ କାର୍ତ୍ତିକ ନାଥ ମଣ୍ଡଳ ଯୋଗ ଦେଇଥିଲେ । ସବୁ ବର୍ଷ ପରି ଆନନ୍ଦ ଉଲ୍ଲାସର ସହ ଏ ବର୍ଷ ମଧ୍ୟ ଇଦ୍ ପର୍ବ ପାଳନ କରାଯିବ । ମାତ୍ର ଆଗାମୀ ସାଧାରଣ ନିର୍ବାଚନ ଉପଲକ୍ଷେ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧି କୁ ଆଖି ଆଗରେ ରଖି ପର୍ବ ପାଳନ କରିବାକୁ ଜିଲ୍ଲାପାଳ ପରାମର୍ଶ ପ୍ରଦାନ କରିଥିଲେ । ମୁସଲିମ୍ ଜମାତ୍‌ର କର୍ମକର୍ତ୍ତାମାନଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ମତେ ଜହ୍ନ ଦେଖି ରମ୍‌ଜାନ ଉପାସ ମାସ ଆରମ୍ଭ କରାଯାଏ ଏବଂ ୨୯ଟି କିମ୍ବା ୩୦ଟି ଉପାସ ପରେ ପୁଣି ଜହ୍ନ ଦେଖିବା ପରେ ଉପାସ ଭଙ୍ଗ କରାଯାଇ ଆନନ୍ଦର ପର୍ବ ଇଦ୍ ପାଳନ କରାଯାଏ । ଉକ୍ତ ନୀତି ଆଧାରରେ ୯ ତାରିଖରେ ଜହ୍ନ ଦେଖିବା ପାଇଁ ବସିବେ ଏବଂ ଯଦି ଜହ୍ନ ଦେଖାଯାଏ ତେବେ ୧୦ ତାରିଖରେ ନଚେତ୍ ୧୧ ତାରିଖରେ ଇଦ୍ ପର୍ବ ପାଳିତ ହେବ । ଏହି ପର୍ବ ୩ଦିନ ଧରି ପାଳିତ ହେଉଥିଲେ ବି ପ୍ରଥମ ଦିନ ହିଁ ବୃହତ୍ ଆକାରରେ ପାଳନ କରାଯାଏ । ଭଦ୍ରକ ସହରରେ ଥିବା ସମୁଦାୟ ୩୬ଟି ମସ୍‌ଜିଦ୍‌ରେ ସକାଳ ୮ଟା ରୁ ୧୦ ମଧ୍ୟରେ ପୃଥକ୍ ପୃଥକ୍ ସମୟରେ ପ୍ରାର୍ଥନା କରାଯିବା କାର୍ଯ୍ୟସୂଚୀ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା । କୁଆଁସ ଠାରେ ଥିବା ଇଦ୍ଗା ଠାରେ ସକାଳ ଘ୯.୩୦ମି ରୁ ୧୦ଟା ମଧ୍ୟରେ ସାମୂହିକ ପ୍ରାର୍ଥନା ଅନୁଷ୍ଠିତ ହେବ । ଏହି ପର୍ବ ପାଳନ ଉପଲକ୍ଷେ ପ୍ରାର୍ଥନା ସମୟରେ ବହୁଳ ଜନସମାବେଶ ପାଇଁ ଟ୍ରାଫିକ୍ ନିୟନ୍ତ୍ରଣ, ଆମ୍ବୁଲାନସ୍, ପାଣିଟାଙ୍କି ଯୋଗାଣ ସହ ପରିଷ୍କାର ପରିଚ୍ଛନ୍ନ, ବ୍ଲିଚିଂ ଓ ରାସ୍ତା ଆଲୋକ ବ୍ୟବସ୍ଥା ଆଦି ଉପରେ ଦୃଷ୍ଟି ଦେବା ପାଇଁ କମିଟି ତରଫରୁ ପ୍ରଦତ୍ତ ପ୍ରସ୍ତାବ ସମ୍ବନ୍ଧରେ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ୍ ବିଭାଗ ତରଫରୁ ପ୍ରସ୍ତୁତ କରାଯାଇଥିବା ଯୋଜନା ପୋଲିସ୍ ପେଟ୍ରୋଲିଂ ଆଦି ସମ୍ବନ୍ଧରେ ଏସ୍.ପି. ଶ୍ରୀଯୁକ୍ତ ଗୁଣ୍ଟୁପାଲି ସୂଚନା ପ୍ରଦାନ କରିଥିଲେ । ଡ଼ି.ଏସ୍.ପି ଡ଼ିଆଇବି ପ୍ରଭାତ କୁମାର ବିଶ୍ୱାଳ, ସି.ଟି.ଡ଼ି.ଏସ୍.ପି. ଅଂଶୁମାନ ଦ୍ୱିବେଦୀ ପୁରୁଣାବଜାର ଓ ଟାଉନ୍ ଥାନାଧିକାରୀ, ସଂପୃକ୍ତ ବିଭାଗୀୟ ଅଧିକାରୀ ଏବଂ ଶାନ୍ତି କମିଟି ସଦସ୍ୟମାନେ ଏହି ବୈଠକରେ ଉପସ୍ଥିତ ଥିଲେ ।

# ମୁକ୍ତ, ଅବାଧ ଓ ନିରପେକ୍ଷ ମତଦାନ ନିମନ୍ତେ ସଚେତନତା ରାଲି




ଯୋଡ଼ା,(ସବ୍ୟୁ) : କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ପକ୍ଷରୁ ଆଗମୀ ୨୦୨୪ ସାଧାରଣ ନିର୍ବାଚନରେ ମୁକ୍ତ,ଅବାଧ ଓ ନିରପେକ୍ଷ ମତଦାନ ନିମନ୍ତେ ଏକ ସଚେତନତା ରାଲି (ଏସଭିଇଇପି) ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ରବିବାର ସକାଳ ୮ଟା ସମୟରେ ପୌର ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ ପୌର କର୍ମଚାରୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପର୍ଭାଇଜର ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇ ପ୍ରଥମେ ପୌର କାର୍ଯ୍ୟାଳୟରୁ ବାହାରି ବ୍ଲକ ଛକ, ବନେଇକଳା ବସ୍ତି, କଳାପାହାଡ଼ ଛକ ଓ ଶାସ୍ତ୍ରୀନଗର ଦେଇ ନଗର ପରିକ୍ରମା କରିଥିଲେ। ଏହି ରାଲିର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆଗାମୀ ମେ ୨୫ ତାରିଖରେ ହେବାକୁ ଯାଉଥିବା ୨୦୨୪ ସାଧାରଣ ନିର୍ବାଚନ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ସହଯୋଗ ଲୋଡ଼ିଥିଲେ ଛ ଏହି ସଚେତନତା ରାଲିରେ ପୌର ନିର୍ବାହୀ ଯନ୍ତ୍ରୀ ଭକ୍ତବନ୍ଧୁ ମହାନ୍ତ, ରାମ ଚନ୍ଦ୍ର ପାତ୍ର ସମେତ ପୌର କର୍ମଚାରୀ ଓ ସ୍ୱଚ୍ଛ ସାଥୀ ମାନେ ପ୍ଲା-କାର୍ଡ ଓ ଡାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରୁଥିବା ଦେଖିବାକୁ ମିଳିଥିଲା।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜଳଛତ୍ର

ବାଲେଶ୍ୱର,(ସବ୍ୟୁ): ନୂଆପାଡ଼ାସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଅଣଶିକ୍ଷକ କର୍ମଚାରୀସଂଘ ଦ୍ୱାରା ଜଳଛତ୍ରର ଆୟୋଜନ କରାଯାଇଛି । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ଜଳଛତ୍ରର ଆୟୋଜନ କରାଯାଇଥିବା ବେଳେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହାର ଶୁଭ ଉଦ୍ଘାଟନ କରିବା ସହ ସ୍ୱହସ୍ତରେ ଜଳବଣ୍ଟନ କରିଥିଲେ । ଜଳର ସଂରକ୍ଷଣ ସହ ଗ୍ରୀଷ୍ମତାପରୁ ସୁରକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ । ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ, ଛାତ୍ରଛାତ୍ରୀ, କର୍ମଚାରୀ ଉପସ୍ଥିତ ରହି ଜଳ ବଣ୍ଟନରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ଗ୍ରୀଷ୍ମପ୍ରବାହ ଶେଷ ପର୍ଯ୍ୟନ୍ତ ଚାଲିବ ଓ ସ୍ୱେଚ୍ଛାକୃତ ଭାବେ ସମସ୍ତଙ୍କୁ ଏଥିରେ ଯୋଗଦେବା ସହ ଏହାକୁ ସଫଳ କରାଯିବ ବୋଲି ସଂଘର ସଭାପତି ଉପେନ୍ଦ୍ର ପ୍ରସାଦ ଜେନା ଓ ସମ୍ପାଦକ ପ୍ରଦୀପ କୁମାର ଗାଆଣ ସୂଚନା ଦେଇଛନ୍ତି ।

# କ୍ୟାନସର ରୋଗୀଙ୍କ ପାଇଁ କେଶ ଦାନ କଲେ ହିରନ୍ମୟୀ



ସୋର , (ସବ୍ୟୁ) : ସୋର ସୁବାସ ଟ୍ରଷ୍ଟ ଆନୁକୂଲ୍ୟରେ କ୍ୟାନ୍‌ସର ରୋଗୀଙ୍କ ପାଇଁ କେଶ ଦାନ କରିଛନ୍ତି ପଞ୍ଚମ ଶ୍ରେଣୀ ଛାତ୍ରୀ ହିରଣ୍ମୟୀ ପଣ୍ଡା(୧୦)। ଟଙ୍ପୁର ଶାସନର ନିରଂଜନ ପଣ୍ଡା ଏବଂ ଜ୍ୟୋସ୍ନାରାଣୀ ପଣ୍ଡାଙ୍କ ଝିଅ ହିରଣ୍ମୟୀ ପିଲାଟିବେଳୁ ଅନ୍ୟପାଇଁ କିଛି କରିବାର ଇଚ୍ଛା ପ୍ରକାଶ କରିଥାନ୍ତି। ଆଜିର ବିଶ୍ୱସ୍ୱାସ୍ଥ୍ୟ ଦିବସରେ ସୋରର ସୁଶାନ୍ତ ମହାନ୍ତିଙ୍କ ଜରିଆରେ ସୁବାସ ଟ୍ରଷ୍ଟ ଆନୁକୂଲ୍ୟରେ ତାଙ୍କର କେଶ ଦାନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏହି ଅବସରରେ ସୁଶାନ୍ତ କୁମାର ଦୀକ୍ଷିତ୍, ନମିତା ବାରିକ, ଲକ୍ଷ୍ମୀପ୍ରିୟା ପଣ୍ଡା, ହରପ୍ରିୟା ଜେନା ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଅଚିହ୍ନା ବୃଦ୍ଧଙ୍କ ମୃତ ଦେହ ଉଦ୍ଧାର

ଢ଼େଙ୍କିକୋଟ , (ସବ୍ୟୁ) :ଢ଼େଙ୍କିକୋଟ ଫାଣ୍ଡି ଖଣ୍ଡଘର ପଞ୍ଚାୟତ ଅନ୍ତର୍ଗତ ତଣ୍ଡିବେଢ଼ା ହାଇସ୍କୁଲ ନିକଟରେ ରବିବାର ଦିନ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତ ଦେହ ଢ଼େଙ୍କିକୋଟ ପୋଲିସ ଉଦ୍ଧାର କରିଛି ।ତେବେ ଲୋକଟିର ବୟସ ପାଖାପାଖି ୬୦/୬୫ ଭିତରେ ହେବ । କେଉଁ ଏକ ଅଜଣା ଗାଡି ଧକ୍କା ଦେଇ ଚାଲିଯାଇଛି ବୋଲି ପୋଲିସ ପ୍ରକାଶ କରିଛି । ସେ ଏକ ନିଳ ଓ ଧଳା ମିଶ୍ରିତ ଏକ ଚେକ୍ ସାର୍ଟ ପିନ୍ଧିଥିବା ବେଳେ ଲୁଙ୍ଗି ପିନ୍ଧିଛନ୍ତି ।ଶରୀରର ମୁହିଁ,ବେକ,ମୁଣ୍ଡରେ କ୍ଷତ ଚିହ୍ନଅଛି । ଖବରପାଇ ଢ଼େଙ୍କିକୋଟ ଫାଣ୍ଡି ପୁଲିସ ଶବକୁ ଜବତକରି କେନ୍ଦୁଝର ଶବଦାହ ଗୃହରେ ରଖିଛନ୍ତି ।ଲୋକଟିର ପରିଚୟ ଜାଣିବା ପରେ ପୁଲିସ ଅନ୍ୟକିଛି ପଦକ୍ଷେପ ନେବବୋଲି ପ୍ରକାଶ କରିଛନ୍ତି ।ତେଣୁ ଯେ କେହି ଲୋକଟିର ପରିଚୟ ଜାଣିଥିଲେ ଢ଼େଙ୍କିକୋଟ ପୁଲିସ କୁ ଜଣାଇବାକୁ ଅନୁରୋଧ କରାଯାଇଛି।

# ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ୧୯୮୪ ବ୍ୟାଚ ବନ୍ଧୁମିଳନ



କେନ୍ଦୁଝର,(ସ୍ୱପ୍ର) :କେନ୍ଦୁଝର ଜିଲ୍ଲା ଆନନ୍ଦପୁରର ସର୍ବପୁରାତନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ୧୯୮୪ ମସିହା ବ୍ୟାଚର ବନ୍ଧୁ ମିଳନ ଉତ୍ସବ ଆନନ୍ଦପୁର ବ୍ରିଜ ଛକ ଠାରେ ଥିବା ହୋଟେଲ ରୟାଲ ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି ।ସକାଳ ୯ଟାରେ ସମସ୍ତ ବନ୍ଧୁ ମାନେ ହୋଟେଲ ରୟାଲ ପ୍ୟାଲେସ ଠାରେ ପହଞ୍ଚିବା ପରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଖଗେଶ୍ୱର ସାହୁ ସଂଯୋଜନା କରୁଥିବା ବେଳେ ୧୯୪୦ ମସିହାରେ ଶିକ୍ଷା ଦେଇଥିବା ଶିକ୍ଷୟତ୍ରୀ ଜ୍ୟୋର୍ତିମୟୀ ଦୀକ୍ଷିତଙ୍କୁ ସମସ୍ତ ସହପାଠୀମାନେ ସ୍ୱାଗତ ଜଣାଇବା ପରେଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଦୀର୍ଘ ୪୦ ପରେ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଶିକ୍ଷାଦାନ ଦେଇଥିବା ଛାତ୍ର ମାନଙ୍କୁ ଦେଖି ଭାବ ବିହ୍ୱଳ ହୋଇ ଆଖିରେ ଲୁହ ଆସି ଯାଇଥିଲା ।୪୦ ବର୍ଷର ସ୍ମୃତିକୁ ମନେ ପକାଇ ସେହି ଦିନର ଛାତ୍ର ମାନଙ୍କ ସହିତ ଘଟିଯାଇଥିବା ସେହି ସମ୍ପର୍କକୁ ସେ ଭୁଲି ପାରିନଥିବା ବେଳେ ବହୁ ଦୂର ଦୁରାନ୍ତରୁ ଆସିଥିବା ବନ୍ଧୁ ମାନଙ୍କୁ ଦେଖି ସମସ୍ତେ ଭାବ ବିହ୍ୱଳ ହେଇଯାଇଥିଲେ ।ଏହି ଅବସରରେ ଆଦର୍ଶ ଶିକ୍ଷୟତ୍ରୀ ଜ୍ୟୋର୍ତିମୟୀ ଦୀକ୍ଷିତଙ୍କୁ ୧୯୮୪ ବ୍ୟାଚର ବନ୍ଧୁ ମାନେ ଉପଢୌକାନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।ବିଦ୍ୟାଳୟର ପାଠ ପଢା ପରେ କିଛି ଶିକ୍ଷକ ଓ ସହପାଠୀଙ୍କ ଅକାଳ ବିୟୋଗ ହୋଇଯାଇଥିବା ପରେ ସେମାନଙ୍କର ଆତ୍ମର ସଦ୍ଗତି ନିମନ୍ତେ ନିରବ ପାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସଭାପତି ବିରଞ୍ଚି ପାତ୍ରଙ୍କ ସମେତ ପ୍ରଫୁଲ୍ଲ କୁମାର ସାହୁ, ରଞ୍ଜନ ସାହୁ, ପ୍ରୀତିରଞ୍ଜନ ସାହୁ, ପ୍ରସନ୍ନ ସାହୁ, ରାଜ କୁମାର ସାହୁ, ଉମେଶ ଖୁଣ୍ଟିଆ, ତାପସ ମହାରଣା, ମଧୁସୂଦନ ପଣ୍ଡିତ, କିଶୋର ଦଳେଇ, ସୁଧାଂଶୁ ମହାପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ର ମାନେ ଯୋଗ ଦେଇଥିବା ବେଳେ ଶେଷରେ ଅଜିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଇବାକୁ ଟିପିଏନ୍‌ଓଡିଏଲ୍‌ର ପ୍ରୟାସ



ବାଲେଶ୍ୱର,(ସବ୍ୟୁ) : ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଗ୍ରୀଷ୍ମଋତୁରେ ଉପଭୋକ୍ତାମାନଙ୍କୁ ନିରନ୍ତର ଓ ଗୁଣାତ୍ମକ ବିଜୁଳିସେବା ଯୋଗାଇବା ପାଇଁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି । ଚଳିତବର୍ଷ ଗ୍ରୀଷ୍ମଋତୁରେ ଶୀର୍ଷ ଚାହିଦା ୧୩୯୩ ମେଗାୱାଟ ହେବାନେଇ ଟିପିଏନ୍‌ଓଡିଏଲ୍ ଆକଳନ କରିବା ସହ ଏହାର ମୁକାବିଲା ପାଇଁ ପ୍ରସ୍ତୁତି ଜାରି ରଖିଛି । ମିଳିଥିବା ସୂଚନା ମୁତାବକ ୩୩କେଭି.,୧୧କେ.ଭି. ତାର, ଟ୍ରାନ୍ସଫର୍ମର ପ୍ରତିଶେଧ ମୂଳକ ଓ ବିଭ୍ରାଟ ଜନିତ ରକ୍ଷଣା ବେକ୍ଷଣ ସହିତ ଫ୍ୟୁଜ୍‌କଲ ଅଭିଯୋଗର ତ୍ୱରିତ ମୁକାବିଲା, ସବ୍‌ଷ୍ଟେସନଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିପାଇଁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ବିଜନେସ୍ ଆସୋସିଏଟସ୍‌ମାନଙ୍କୁ ନିଯୁକ୍ତି କରାଯାଇଛି । ସେହିପରି ୨୪ଘଣ୍ଟିଆ ପିଏସ୍‌ସିସି କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷଭାବେ ପରିଚାଳନା ସାଂଗକୁ ଏକ ଉତ୍ସର୍ଗୀକୃତ ୨୪ଘଣ୍ଟିଆ କଲ ସେଣ୍ଟର ସ୍ଥାପନ କରାଯାଇଛି । ସ୍ଥାନୀୟ ଟିମ୍ ଓ ବାଲେଶ୍ୱର ପିଏସ୍‌ସିସିର ମୁଖ୍ୟ ନିୟନ୍ତ୍ରଣ କକ୍ଷସହ ସମନ୍ୱୟ ରକ୍ଷା କରିବା ପାଇଁ ସର୍କଲ ଓ ଡିଭିଜନସ୍ତରୀୟ ନିୟନ୍ତ୍ରଣ କକ୍ଷ ସ୍ଥାପନମଧ୍ୟ କରାଯାଇଛି । ୧୧କେଭି ଓ ଏଲ୍‌ଟି ତାରର ରକ୍ଷଣା ବେକ୍ଷଣ ପାଇଁ ଏଏମ୍‌ସି ଅଧିନରେ ୨୫୮ଟି ଗାଡ଼ି ସହିତ ୭୪୬୪ବିଏ କର୍ମଚାରୀଙ୍କୁ ସରହରାଞ୍ଚଳରେ ୨୪ଘଣ୍ଟା ଏବଂ ଗ୍ରାମାଞ୍ଚଳରେ ୧୨ଘଣ୍ଟାପାଇଁ ନିୟୋଜନ କରାଯାଇଛି । ପିଏସ୍‌ଏସ୍ ଓ ୩୩କେଭି. ଲାଇନର ରକ୍ଷଣା ବେକ୍ଷଣ ଲାଗି ଅତିରିକ୍ତ ଯାନ ସହିତ ବିଏ କର୍ମଚାରୀ ମଧ୍ୟ ମୁତୟନ କରାଯାଇଛି । ଜରୁରୀ କାଳୀନ ଅବସ୍ଥା ପାଇଁ ଡିଜିସେଟ୍ ବ୍ୟବସ୍ଥା ସାଂଗକୁ ଯେକୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ଉପକରଣର ଏକ ସ୍ୱତନ୍ତ୍ର ଭଣ୍ଡାର ସ୍ଥାପନ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜନସ୍ୱାସ୍ଥ୍ୟକେନ୍ଦ୍ରକୁ ଅଗ୍ରାଧିକାର ଭିତ୍ତିରେ ବିଦ୍ୟୁତ ଯୋଗାଣ ସ୍ୱଭାବିକ କରିବା ଜରୁରୀ କାଳୀନ ସମୟରେ ଓସଡମାସହ ସମ୍ପର୍କ ସ୍ଥାପନର ବ୍ୟବସ୍ଥା ସାଂଗକୁ ସୁରକ୍ଷା କ୍ଷେତ୍ରରେ ମଧ୍ୟ ବ୍ୟାପକ ପ୍ରସ୍ତୁତି ହୋଇଛି । ସାମ୍ପ୍ରତିକ ଗ୍ରୀଷ୍ମ ପ୍ରବାହର ପ୍ରତିକୂଳସ୍ଥିତିରେ ଉପଭୋକ୍ତାମାନଙ୍କୁ ନିରବଚ୍ଛିନ୍ନ ବିଜୁଳି ସେବା ଯୋଗାଇବା ପାଇଁ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କର ସୁରକ୍ଷା ଓ ସ୍ୱାସ୍ଥ୍ୟବସ୍ଥାକୁ ମଧ୍ୟ ଟିପିଏନ୍‌ଓଡିଏଲ୍ ଗୁରୁତ୍ୱ ଦେଇଛି।

(ଶ୍ରୀମଦ୍ଭଗବଦ୍ ଗୀତା ୫/୦୧)
–କର୍ମସନ୍ୟାସଯୋଗଃ–
(ଅର୍ଜ୍ଜୁନ ଉବାଚ)

**ସନ୍ୟାସଂ କର୍ମ୍ମଣାଂ କୃଷ୍ଣ ! ପୁନର୍ଯୋଗଞ୍ଚ ଶଂସସି ।**
**ଯଚ୍ଛ୍ରେୟ ଏତୟୋରେକଂ ତନ୍ମେ ବ୍ରୁହି ସୁନିଶ୍ଚିତମ୍ ।।୧।।**

ଅର୍ଜ୍ଜୁନ କହିଲେ, ହେ କୃଷ୍ଣ ! କର୍ମଯୋଗ ଉପଦେଶ ଦେଉଛ କିନ୍ତୁ ପରସ୍ପର ବିରୁଦ୍ଧ କର୍ମସନ୍ୟାସ ଓ କର୍ମଯୋଗ ଏକ ବ୍ୟକ୍ତି ପକ୍ଷରେ ଏକ ସମୟରେ ଅସମ୍ଭବ । ଅତଏବ ଏ ଦୁହିଁଙ୍କ ମଧ୍ୟରେ ଯାହା ମୋ ପକ୍ଷରେ ଶ୍ରେୟ, ସେହି ଗୋଟି, ମୋତେ ନିଶ୍ଚୟ କରି ରହ ।।୧।।

## ସମ୍ପାଦକୀୟ

# ରାଗିଂ ଚିନ୍ତା !

କେରଳ ପ୍ରାଣୀ ଚିକିତ୍ସା ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରଙ୍କୁ ରାଗିଂ କରାଯିବା ପରେ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଅଭିଯୋଗ ହେଇଛି । ଘଟଣାଟି ବେଶ ଦୁଃଖଦାୟକ । ଫେବୃଆରୀ ୧୮ରେ କେରଳ ପ୍ରାଣୀ ଚିକିତ୍ସା ବିଶ୍ୱବିଦ୍ୟାଳୟରେ ମିଳିଥିବା ୨୦ ବର୍ଷ ବୟସ୍କ ଛାତ୍ରଙ୍କ ଆତ୍ମହତ୍ୟା କରିବାର କାରଣ ଅତ୍ୟଧିକ ରାଗିଂ ବୋଲି କୁହାଯାଉଛି ଏବଂ ତାଙ୍କୁ ୨୯ ଘଣ୍ଟା ଧରି କ୍ରମାଗତ ଭାବରେ ଆକ୍ରମଣ କରାଯାଇଥିଲା ବୋଲି ସିବିଆଇକୁ ହସ୍ତାନ୍ତର କରିଥିବା ମାମଲାରେ ରାଜ୍ୟ ପୋଲିସ କହିଛି । ପୋଲିସ ରିପୋର୍ଟରୁ ପ୍ରକାଶ ଯେ' କିଛି ଉପର ଶ୍ରେଣୀର ଛାତ୍ର ଏବଂ ସାଙ୍ଗ, ଫେବୃଆରୀ ୧୬ରେ ସକାଳ ୯ ଟାରୁ ୧୭ ତାରିଖ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଆତ୍ମହତ୍ୟା କରିଥିବା ଛାତ୍ରଜଣକୁ ଅତି ନିର୍ଦ୍ଦୟ ଭାବରେ ଆକ୍ରମଣ କରିଚାଲିଥିଲେ । ଏହି ଘଟଣା ପରେ ସେ ନିଶ୍ଚୟ ଭାବରେ ମାନସିକ ସନ୍ତୁଳନ ହରାଇ ବସିଥିବେ । ସେ ହୁଏତ ଭାବି ନେଇଥିବେ ଯେ' ସେ ସେଠାରେ ଆଉ ଅଧ୍ୟୟନ ଜାରି ରଖିପାରିବେ ନାହିଁ କି ପାଠପଢା ସାରିପାରିବେ ନାହିଁ ଏବଂ ପାଠ୍ୟକ୍ରମ ଛାଡି ଘରକୁ ଯାଇପାରିବେ ନାହିଁ ଯାହା ଫଳରେ ସେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଇଛନ୍ତି । ଏହା ବାସ୍ତବରେ କେତେ କଷ୍ଟଦାୟକ ତାହା ସମସ୍ତେ ଅନୁଭବ କରୁଥିବେ । ଏହି ଘଟଣାର ଅଳ୍ପ କେତେମାସ ପୂର୍ବରୁ, କୋଲକାତାର ପ୍ରତିଷ୍ଠିତ ଯାଦବପୁର ବିଶ୍ୱବିଦ୍ୟାଳୟର ଏକ ହଷ୍ଟେଲ ବିଲ୍ଡିଂର ଦ୍ୱିତୀୟ ମହଲା ବାଲକୋନିରୁ ପଡି ଜଣେ ୧୭ ବର୍ଷୀୟ ସ୍ନାତକୋତ୍ତର ଛାତ୍ର ମୃତ୍ୟୁବରଣ କରିଥିଲେ । ପ୍ରଶାସନିକ ବିଫଳତାକୁ ନେଇ ସମାଲୋଚନା କରାଯିବା ସହ ତାଙ୍କ ପରିବାର ରାଗିଂ ଅଭିଯୋଗ ଆଣିବା ପରେ ତାଙ୍କ ମୃତ୍ୟୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷର କାରଣ ହୋଇଥିଲା । ପରେ ପୋଲିସର ଅନୁସନ୍ଧାନରୁ ଜଣାପଡିଲା ଯେ' କେବଳ ରାଗିଂ ନୁହେଁ ତାଙ୍କୁ ଯୌନ ନିର୍ଯାତନା ମଧ୍ୟ ଦିଆଯାଇଥିଲା । କ୍ୟାମ୍ପସରେ ଥିବା ହଷ୍ଟେଲରେ ତାଙ୍କୁ ଉଲଗ୍ନ କରି ପ୍ୟାରେଡ୍ କରାଯାଇଥିଲା ଏବଂ ସେ ରାଗିଂରୁ ରକ୍ଷା ପାଇବା ପାଇଁ ରୁମକୁ ରୁମ ଦୌଡୁଥିବା କଥା ପୁଲିସ କହିଥିଲା । ଏହି ଘଟଣାରେ ପରେ କେତେଜଣଙ୍କୁ ପୁଲିସ ଗିରଫ ମଧ୍ୟ କରିଥିଲା । ଏହିପରି ଦୁଃଖଦାୟକ ଘଟଣା ବାରମ୍ବାର ଘଟିଚାଲିଛି ଏବଂ ବହୁ ନିରୀହ ଛାତ୍ର ଏହିପରି ଘଟଣାର ଶିକାର ହେଇଚାଲିଛନ୍ତି । ନିଜ ନିଜର ଭବିଷ୍ୟତ ପାଇଁ କେତେ ଆନନ୍ଦର ସହିତ ପିଲାମାନେ ଦୌଡ଼ି ଆସନ୍ତି ଭଲ ଭଲ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପାଇଁ । ବହୁ ପରିଶ୍ରମ, ପିତାମାତା, ସାଙ୍ଗସାଥି ଓ ପରିବାର ବର୍ଗଙ୍କ ସହଯୋଗ ଓ ସଦିଚ୍ଛା, ସେମାନଙ୍କୁ ନିଜ ଦିଶାରେ ପହଞ୍ଚାଇଥାଏ । ଅନୁଷ୍ଠାନରେ ପ୍ରବେଶ କରିବା ସମୟରେ, ସେମାନେ ଯେତିକି ଆନନ୍ଦ ଅନୁଭବ କରି ନ ଥାନ୍ତି, ତା ଠାରୁ ଅଧିକ ଆନନ୍ଦ ଓ ଖୁସି ଅନୁଭବ କରନ୍ତି ତାଙ୍କର ପିତାମାତା, ବନ୍ଧୁବାନ୍ଧବ ଓ ନିକଟ ସମ୍ପର୍କୀୟମାନେ । ବିଶେଷ ଭାବରେ, ପିଲାଟିର ବାପାମାଆ ଭବିଷ୍ୟତକୁ ନେଇ ବହୁ ସ୍ୱପ୍ନ ଦେଖନ୍ତି ଏବଂ ଅନୁଭବ କରନ୍ତି, ସତେ ଯେମିତି ତାଙ୍କ ଜୀବନର ଦୁଃଖ ସବୁ ସରି ସରି ଆସୁଛି । କିନ୍ତୁ ଯେତେବେଳେ ପିଲାଟିର ଏହିଭଳି ଭାବରେ ମୃତ୍ୟୁ ହୁଏ, ବାପା–ମା, ଆତ୍ମୀୟ ସ୍ୱଜନଙ୍କ ଅବସ୍ଥା ଯେ' କଣ ହେଉଥିବ, ତାହା ଭାବି ମଧ୍ୟ ହେଉନାହିଁ । କଥା ହେଉଛି, ଏହାର ନିରାକରଣ କଣ ? କାହିଁକି ଏମିତି ଘଟଣା ଘଟିଚାଲିଛି ? ଯେଉଁମାନେ ଦାୟୀ, ତାଙ୍କୁ କି ପ୍ରକାରର ଦଣ୍ଡ ମିଳୁଛି ? ଶିକ୍ଷାନୁଷ୍ଠାନ ଏହାର ପ୍ରତିକାର ପାଇଁ କି କି ପ୍ରକାରର ପଦକ୍ଷେପ ନେଉଛନ୍ତି ? ଏମିତି ଅନେକ ପ୍ରଶ୍ନ ଆମ ସମସ୍ତଙ୍କୁ ଆନ୍ଦୋଳିତ କରୁଛି । ଯାଦବପୁର ଘଟଣା ଦେଶକୁ ଚକିତ କରି ଦେଇଥିବା ବେଳେ କେରଳର ଏହି ଘଟଣା ପୁଣିଥରେ ରାଗିଂକୁ ନେଇ ସୃଷ୍ଟି ହେଉଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ବାଧ୍ୟ କରୁଛି । ବର୍ଷ ବର୍ଷ ଧରି ରାଗିଂ ହେଇଚାଲିଛି, ଏହାର ସମାପ୍ତ ନାହିଁ । ରାଗିଂ ଅନେକ କ୍ୟାରିଅରକୁ ନଷ୍ଟ କରିଦେଇଛି ଏବଂ ବର୍ଷ ବର୍ଷ ଧରି ଅନେକ ଛାତ୍ରଛାତ୍ରୀଙ୍କ ଜୀବନ ନେଇଛି । ତେଣୁ ରାଗିଂକୁ ନେଇ ଥିବା ଏବେକାର ପଦକ୍ଷେପ ଏବଂ ନିୟମ ଯଥେଷ୍ଟ କି ନୁହେଁ, ତାହା ଉପରେ ଚିନ୍ତାକରିବା ଆବଶ୍ୟକ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଅନୁଯାୟୀ, ୨୦୧୮ ରୁ ୨୦୨୩ ମଧ୍ୟରେ ୨୫ ଜଣ ଛାତ୍ର ରାଗିଂ ଯୋଗୁଁ ଆତ୍ମହତ୍ୟା କରି ମୃତ୍ୟୁ ବରଣ କରିଛନ୍ତି । ତେବେ, ଭାରତର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏହା ଉପରେ ଚିନ୍ତା ବ୍ୟକ୍ତ କରି ଶିକ୍ଷାନୁଷ୍ଠାନଗୁଡିକରେ ହେଉଥିବା ରାଗିଂ ଉପରେ ପ୍ରତିବନ୍ଧକ ଲଗାଇଥିଲେ । ପରବର୍ତ୍ତୀ ଅବସ୍ଥାରେ ଆଣ୍ଟି ରାଗିଙ୍ଗ୍ ଉପରେ ରାଘବନ୍ କମିଟି ରିପୋର୍ଟ କାର୍ଯ୍ୟକାରୀ କରାଗଲା । ରାଘବନ କମିଟିର ସୁପାରିଶକୁ ଆଧାର କରି ୨୦୦୯ ରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ରାଗିଂ ବିରୋଧରେ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କଲେ ଏବଂ ସମସ୍ତ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡିକ ନିୟମ ପାଳନ କରିବା ବାଧ୍ୟତାମୂଳକ କରିଥିଲେ । ଜୁନିଅର ଛାତ୍ର ଏବଂ ସିନିୟର ଛାତ୍ରମାନଙ୍କ ମଧ୍ୟରେ ସୁସ୍ଥ ପାରସ୍ପରିକ ସମ୍ପର୍କକୁ ସକ୍ରିୟ ଭାବରେ ତଦାରଖ, ପ୍ରୋତ୍ସାହନ ତଥା ନିୟନ୍ତ୍ରଣ କରିବା ପାଇଁ ଅନୁଷ୍ଠାନ କୋର୍ସ–ଇନଚାର୍ଜ, ଛାତ୍ର ପରାମର୍ଶଦାତା, ଓ୍ୱାର୍ଡେନ୍ ଏବଂ କିଛି ବରିଷ୍ଠ ଛାତ୍ରଙ୍କୁ ଏହାର ସଦସ୍ୟ ଭାବରେ ଉପଯୁକ୍ତ କମିଟି ଗଠନ କରିବା ନେଇ ନିର୍ଦ୍ଦେଶାବଳୀ ଦିଆଗଲା । ୧୨ଟି ବିଭିନ୍ନ ଭାଷାରେ ଅଭିଯୋଗ ପଞ୍ଜିକରଣ କରିବାର ବ୍ୟବସ୍ଥା ସହିତ ରାଗିଂ ଅଭିଯୋଗ ଉପରେ ଏକ ଟୋଲ୍ ଫ୍ରି ହେଲ୍ପଲାଇନ ବ୍ୟବସ୍ଥା କରାଯାଇଥିଲା । ଯଦିଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏବଂ ପରବର୍ତ୍ତୀ ନିୟମଗୁଡିକ ଏକ ସ୍ୱାଗତଯୋଗ୍ୟ ପରିବର୍ତ୍ତନ ଆଣି ଅପରାଧୀଙ୍କୁ ଉତ୍ତରଦାୟୀ କରିଥିଲା, କିନ୍ତୁ ଏବେ ମଧ୍ୟ ଏହି ବ୍ୟାଧି ଶିକ୍ଷାନୁଷ୍ଠାନରେ ରହିଛି । ଯଦିଓ ସଂଖ୍ୟା କମିଛି, କିନ୍ତୁ ଅପରାଧର ମାତ୍ରା ବଦଳିବାରେ ଓ ବଢ଼ିବାରେ ଲାଗିଛି । କେତେକ କ୍ଷେତ୍ରରେ ଦେଖାଯାଉଛି, କଲେଜ ବା ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଏହାର ନିରାକାରଣକୁ ଗୁରୁତ୍ୱ ଦେଉନାହାନ୍ତି । ଏଥିନେଇ ଯେଉଁ ସବୁ ନିର୍ଦ୍ଦେଶାବଳୀ ରହିଛି, ତା ଉପରେ ଯଥେଷ୍ଟ ଧ୍ୟାନ ଦେଉନାହାନ୍ତି । ଯାଦବପୁର ବିଶ୍ୱବିଦ୍ୟାଳୟ ଘଟଣାରେ, ଯଦିଓ ଘଟଣା ଘଟାଇଥିବା ପିଲାଙ୍କ ସହ ରାଜନୀତିର ସମ୍ପୃକ୍ତି ନାହିଁ କିନ୍ତୁ ପୂର୍ବତନ ଛାତ୍ରମାନଙ୍କୁ କ୍ୟାମ୍ପସରେ ରହିବାକୁ ଅନୁମତି ଦିଆଯିବା ଉଚିତ ନ ଥିଲା ଯାହା ଛାତ୍ରଙ୍କ ପାଇଁ ବିପଦ ସୃଷ୍ଟି କରୁଥିଲା । କଲେଜ କର୍ତ୍ତୃପକ୍ଷ ଏବଂ ପରିଚାଳନାରେ ଚରମ ଅବହେଳା ଯୋଗୁଁହିଁ ଏହି ଘଟଣା ଘଟିଲା ବୋଲି କୁହାଯାଇପାରେ । ଅନେକ କ୍ଷେତ୍ରରେ ଛାତ୍ରଛାତ୍ରୀ ଓ ଅଭିଭାବକ ରାଗିଂ ଘଟଣାର ରିପୋର୍ଟ କରି ନ ଥାନ୍ତି । ସମାଜ, ପରିସ୍ଥିତି, ପିଲାର ଭବିଷ୍ୟତ ନେଇ ଚୁପ୍ ରହିଯାନ୍ତି ଯାହା ରାଗିଂ ପରି ଘଟଣା ଘଟାଉଥିବା ଛାତ୍ରଛାତ୍ରୀଙ୍କୁ ଆଗକୁ ଏମିତି ଘଟଣା ଘଟାଇବା ପାଇଁ ସାହାସ ଦିଏ । ଘଟଣାରେ ରାଗିଂର ମାତ୍ରା କମ୍ ହେଉ ବା ବେଶୀ ହେଉ, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଘଟଣା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଇବା ଉଚିତ, ଯାହା ଫଳରେ ଅନୁଷ୍ଠାନ ଓ କର୍ତ୍ତୃପକ୍ଷ ଅଧିକ ସଜାଗ ହେବେ ଏବଂ ଅପରାଧ କରୁଥିବା ଛାତ୍ର ଦଣ୍ଡ ପାଇବେ । ସେହିପରି ରାଗିଂ ନେଇ କଲେଜ ପରିସର ମଧ୍ୟରେ ସଚେତନତା ପାଇଁ ଅଧିକରୁ ଅଧିକ ପ୍ରଚାରଧର୍ମୀ କାର୍ଯ୍ୟକ୍ରମ କରାଯିବା ସହ ଭାରତରେ ରାଗିଂ ବିରୋଧୀ ଆଇନକୁ ଅଧିକ କଠୋର କରିବାର ଆବଶ୍ୟକତା ରହିଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ
ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ସଙ୍କଳ୍ପ**
**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ, ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

# ଜଳବାୟୁ ପରିବର୍ତ୍ତନ ସମସ୍ୟା–୨

**ଅସିତ ମହାନ୍ତି**

ଆମର ସମସ୍ତ ଉପକୂଳବର୍ତ୍ତୀ ସହର ଚେନ୍ନାଇ, ମୁମ୍ବାଇର ଜନସଂଖ୍ୟା ବହୁତ ବିପଦରେ ଅଛି ଏବଂ ଏହି ବିପଦ ବନ୍ଦ ହେଉନାହିଁ । ଆପଣ ମନେ ରଖିଥିବେ ଯେ ୨୦୧୫ ରେ ପ୍ୟାରିସରେ ଏକ ବଡ ଚୁକ୍ତି ହୋଇଥିଲା । ୨୦୧୫ ପରେ, ଗ୍ରୀନହାଉସ ଗ୍ୟାସ୍ ନିର୍ଗମନ ହ୍ରାସ ହେବା ପରିବର୍ତ୍ତେ ବୃଦ୍ଧି ପାଇଛି । ଏହାର ଅର୍ଥ ପରିସ୍ଥିତି ବିପଜ୍ଜନକ ହେବାରେ ଲାଗିଛି । ଜଳବାୟୁ ବୈଜ୍ଞାନିକମାନେ କହୁଛନ୍ତି ଯେ ଆମେ ବିନାଶ ଆଡକୁ ଯାଉଛୁ । ଯଦିଓ ୨୦୩୦ ସୁଦ୍ଧା କାର୍ବନ ଡାଇଅକ୍ସାଇଡର ପରିମାଣ ହ୍ରାସ କରିବାକୁ ପଡିବ, ତେବେ ନିର୍ଗମନର ଉତ୍ସକୁ ଅଧା କରିବାକୁ ପଡିବ । ଏହାକୁ ହ୍ରାସ କରିବାରେ ବିଶ୍ୱର ସରକାରମାନେ ଗମ୍ଭୀର କି ? ଏହାକୁ ଦେଢ ଡିଗ୍ରୀରେ ଛାଡିଦିଅ, ଯଦି ତୁମେ ଏହାକୁ ଦୁଇ ଡିଗ୍ରୀରେ ବନ୍ଦ କରିବାକୁ ଚାହୁଁଛ, ତେବେ ତୁମକୁ ଏହାକୁ ୨୮ ପ୍ରତିଶତ ହ୍ରାସ କରିବାକୁ ପଡିବ, କିନ୍ତୁ ଏହା ବୃଦ୍ଧି ପାଉଛି ଗତ ୪୦ ବର୍ଷ ମଧ୍ୟରେ ଆମେ ଆମର ବନ୍ୟ ଜୀବନର ଅଧାରୁ ଅଧିକ ନଷ୍ଟ କରିଛୁ କାହିଁକି? ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ହେଉଛି ଜଙ୍ଗଲ ନଷ୍ଟ ।

ପୃଥିବୀର ସମସ୍ତ ପ୍ରଜାତିର ପ୍ରାଣୀମାନଙ୍କ ମଧ୍ୟରୁ ଆମେ ଗତ ୪୦ ବର୍ଷ ମଧ୍ୟରେ ସେମାନଙ୍କୁ ସବୁଦିନ ପାଇଁ ନଷ୍ଟ କରିଛୁ, ଅର୍ଥାତ୍ ସେଗୁଡ଼ିକ ବିଲୁପ୍ତ ପ୍ରଜାତି ଏବଂ ଏହି ହାର ପ୍ରତିବର୍ଷ ବୃଦ୍ଧି ପାଉଛି । ଆମକୁ ଜନସଂଖ୍ୟା ବନ୍ଦ କରିବାକୁ ପଡିବ । ଅନେକାଂଶରେ ଜନସଂଖ୍ୟା ବୃଦ୍ଧି ପ୍ରକୃତିର ଶୋଷଣର କାରଣ ହେଉଛି । ସମଗ୍ର ବିଶ୍ୱରେ ବୈଜ୍ଞାନିକମାନେ କହୁଛନ୍ତି ଯେ ସମଗ୍ର ହିମାଳୟ ଅଞ୍ଚଳ ଏକ ପରିବେଶ ବିପର୍ଯ୍ୟୟରେ ପରିଣତ ହୋଇଛି । ସେଥିପାଇଁ ଲଦାଖରେ ଆନ୍ଦୋଳନ । ଯେତେବେଳେ ଆପଣ ଖୋଦନ କାର୍ଯ୍ୟ କରିବେ, କାର୍ବନ ବାହାରକୁ ଆସିବ ଯାହାକୁ ଶୁଟ୍ କୁହାଯାଏ । ଏଗୁଡ଼ିକ ବହୁତ ଛୋଟ । ହିମାଳୟ ଉପରେ ଯେଉଁ ବରଫ ଅଛି, ଯେତେବେଳେ ତାହା ଉପରେ ଏଗୁଡିକ ପଡିବ, ତା' ହେଲେ କ'ଣ ହେବ? ବରଫ କଳା ହୋଇ ଗରମକୁ ଶୋଷିବ । ଏହାର ପରିଣାମ ବରଫ ତରଳିବ । ଏହା ବାସ୍ତବରେ ଲଦାଖରେ ଘଟୁଛି । ଲଦାଖର ଇକୋସିଷ୍ଟମ୍ ଅତ୍ୟନ୍ତ ସୂକ୍ଷ୍ମ, ଏହି କାର୍ଯ୍ୟକୁ ସହ୍ୟ କରିବାକୁ ଅସମର୍ଥ ।

ଆମେ ବଡ଼ ବିନାଶର ପଥରେ ଠିଆ ହୋଇଛୁ । ଲୋକମାନେ ଆବଶ୍ୟକତା ମୁତାବକ ସଚେତନ ନୁହଁନ୍ତି । ଜଳବାୟୁ ପରିବର୍ତ୍ତନ ହେତୁ ଚଳିତ ବର୍ଷ ଭାରତର ଜିଡିପି ୧୦ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଛି । ଏହି ଆଘାତ ଆଗାମୀ ବର୍ଷ ଏବଂ ଦଶନ୍ଧିରେ ୩୦–୪୦ ପ୍ରତିଶତକୁ ବୃଦ୍ଧି ହେବାର ସମ୍ଭାବନା ଅଛି । ତେବେ କଳ୍ପନା କରନ୍ତୁ କେତେ ଟ୍ରିଲିୟନ୍ ଡଲାର କ୍ଷତି ହୋଇଛି । ଏହା ଅର୍ଥନୀତି ଉପରେ କେତେ ବଡ ପ୍ରଭାବ ପକାଇଛି ! ୨ ଡିଗ୍ରୀ ତାପମାତ୍ରା ବିଷୟରେ ଆମେ କଥାବାର୍ତ୍ତା ହେଉଛୁ ! ଦିନରେ ତାପମାତ୍ରା ପ୍ରକୃତରେ ବୃଦ୍ଧି ପାଇବ, ଯାହା ପୂର୍ବରୁ ଦେଖାଯାଉଛି । ଏହା ବାସ୍ତବରେ ୨ ଡିଗ୍ରୀ ନୁହେଁ ବରଂ ୪ ଡିଗ୍ରୀ ଏବଂ ଯେତେବେଳେ ଏକ୍ସଟ୍ରିମ ଓ୍ୱେଦର ଥାଏ – ତେବେ ଏହା ୮ ଡିଗ୍ରୀ ହେବ । ଲୋକମାନେ ଉତ୍ତରପ୍ରଦେଶ, ଦିଲ୍ଲୀ, ହରିୟାନା ଏବଂ ରାଜସ୍ଥାନରେ ୫୫–୬୦ ଡିଗ୍ରୀରେ ବଞ୍ଚିପାରିବେ କି ? ଏସି କାମ କରିବ କି? ଯାନବାହାନ ରାସ୍ତାରେ ଚାଲିପାରିବ କି ? ଏହି ଉତ୍ତାପରେ ଗାଧୋଇବାକୁ ଛାଡିଦିଅ, ପିଇବା ପାଇଁ ପାଣି ରହିବ ନାହିଁ ଯଦି କାରଟି ବାହାରେ ପାର୍କିଂ ହୋଇଛି, ଟାୟାର ଫାଟି ଯାଇପାରେ ଏବଂ ରାସ୍ତାଗୁଡ଼ିକ ତରଳି ଯାଇପାରେ । ବାସ୍ତବରେ କଥା ହେଉଛି, ତାପମାତ୍ରା ସମାନ ଭାବରେ ବୃଦ୍ଧି ହେଉନାହିଁ, ହାରାହାରି ୨ ଡିଗ୍ରୀ ଯଦି ଏହା ରାତି ୦ ଅଟେ, ତେବେ ଦିନରେ ହାରାହାରି ୨ ହେବ । ଯେତେବେଳେ ଏହି ତାପମାତ୍ରା ପରିସର ବୃଦ୍ଧି ପାଇବ, ବ୍ୟକ୍ତି ଏହାକୁ କିପରି ସମ୍ଭାଳିବେ? ଆମ ଶରୀରର ପ୍ରଣାଳୀ ଏକ ନିର୍ଦ୍ଦିଷ୍ଟ ତାପମାତ୍ରା ସହିତ ସନ୍ତୁଳନ ସୃଷ୍ଟି କରିଛି । ଯେତେବେଳେ ଏହା ବଦଳିଯାଏ, ବଞ୍ଚିବା ସମ୍ଭବ କି? କେତେ ନୂତନ ପ୍ରକାରର ରୋଗ ଉତ୍ପନ୍ନ ହେବ ବୋଲି କେହି ଭାବିଛନ୍ତି କି ? କୋଭିଡ ପରି ହଜାର ହଜାର ରୋଗ ଆସିବାକୁ ଯାଉଛି, କାରଣ ସେହି ସମସ୍ତ ଜୀବାଣୁ ବରଫ ତଳେ ହଜାର ହଜାର ବର୍ଷ ଧରି ପୋତି ହୋଇ ରହିଛନ୍ତି । ଯେତେବେଳେ ସେହି ବରଫ ତରଳିଯାଏ, ସମସ୍ତ ଜୀବାଣୁ ବାହାରକୁ ଆସିବେ । ଭାଇରସ୍ ଏପରି କିଛି ନୁହେଁ ଯାହାର କୌଣସି ବୟସ ଅଛି । ଜୀବାଣୁ ଏକ ରାସାୟନିକ ପରି ତେବେ ରାସାୟନିକ ପଦାର୍ଥର କୌଣସି ବୟସ ଅଛି କି? ଜୀବାଣୁ ଜୀବନ୍ତ / ଅଣ–ଜୀବନ୍ତ ବୋଲି ବିବେଚନା କରାଯାଏ କାରଣ ସେଗୁଡ଼ିକ ରାସାୟନିକ ପଦାର୍ଥ ପରି ଏକ କରୋନା ଜୀବାଣୁ ସମଗ୍ର ବିଶ୍ୱକୁ ଥରାଇ ଦେଇଥିଲା । ସେଠାରେ ଲକ୍ଷ ଲକ୍ଷ ଭାଇରସ୍ ବାହାରକୁ ଆସିବାକୁ ଅପେକ୍ଷା କରିଛନ୍ତି ।

କେହି ଆଶ୍ଚର୍ଯ୍ୟ ହେଉଛନ୍ତି କି? WHO କିଛି ଦିନ ପୂର୍ବରୁ ଏହିପରି କିଛି କହିଥଲା । ଶରଣାର୍ଥୀ ପ୍ରସଙ୍ଗ ସମଗ୍ର ବିଶ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଭାରତରେ ମଧ୍ୟ ଏହା ଏକ ସମସ୍ୟା ଯାହା CAA ସହିତ ଜଡିତ । ଜଳବାୟୁ ପରିବର୍ତ୍ତନ ମଧ୍ୟ ଏହା ଉପରେ ପ୍ରଭାବ ପକାଇବ । ଦୁନିଆର ୮୦୦ କୋଟି ଲୋକଙ୍କ ମଧ୍ୟରୁ ୧୨୦ କୋଟି ଲୋକ ଶରଣାର୍ଥୀ ହେବାକୁ ଯାଉଛନ୍ତି । କେଉଁ ଦେଶ ସେମାନଙ୍କୁ ରଖିବ ? ଏହା ବାସ୍ତବରେ ଏକ ନୂତନ ପ୍ରକାରର ଶରଣାର୍ଥୀ, ଯାହାକୁ ଜଳବାୟୁ ଶରଣାର୍ଥୀ କୁହାଯାଏ । ଯେତେବେଳେ ଏହା ଘଟିବା ଆରମ୍ଭ ହୁଏ, ସେତେବେଳେ ଏହା ଭୌଗଳିକ ରାଜନୀତିକୁ କିପରି ପ୍ରଭାବିତ କରିବ ସେ ବିଷୟରେ ଆପଣ କେବେ ଚିନ୍ତା କରିଛନ୍ତି କି? ସମଗ୍ର ବିଶ୍ୱରେ ଯୁଦ୍ଧ ଆରମ୍ଭ ହେବ । ଯୁଦ୍ଧ ନିଜେ ଜଳବାୟୁ ପରିବର୍ତ୍ତନର ଏକ ପ୍ରମୁଖ କାରଣ କିପରି? ସମସ୍ତେ ଜାଣନ୍ତି ଯେ ଯେତେବେଳେ ଅଙ୍ଗାରକାମ୍ଳ କଣିକା ବାୟୁରେ ପ୍ରବେଶ କରେ, ଯେତେବେଳେ ବୋମା ବିସ୍ଫୋରଣ ହୁଏ, କିମ୍ବା ଯେତେବେଳେ ବୋମା ବର୍ଷା ହେତୁ ନିଆଁ ଲାଗେ, ବାୟୁମଣ୍ଡଳରେ କେତେ କଳା ଧୂଆଁ ପ୍ରବେଶ କରେ? ଉତ୍ତାପ ଜାଲ ଏହା ବ୍ୟତୀତ କାର୍ବନ ଡାଇଅକ୍ସାଇଡ୍ ମୁକ୍ତ ହୁଏ, ଯାହା ନିଜେ ଏକ ଗ୍ରୀନ୍ ହାଉସ୍ ଗ୍ୟାସ୍ । ତେଣୁ ଯୁଦ୍ଧ ନିଜେ ଜଳବାୟୁ ପରିବର୍ତ୍ତନରେ ସହାୟକ ହୁଏ । ଜଳବାୟୁ ପରିବର୍ତ୍ତନ ହେତୁ ଅନ୍ୟ ବାଧ୍ୟତାମୂଳକ ଉପାୟରେ ଯୁଦ୍ଧ ନକରିବା ଅସମ୍ଭବ ଅଟେ । ସାମରିକ ବିଶେଷଜ୍ଞମାନେ କୁହନ୍ତି ଯେ ଏହା ସମ୍ଭବ ଯେ ପରବର୍ତ୍ତୀ ବିଶ୍ୱଯୁଦ୍ଧ ଜଳବାୟୁ ପରିବର୍ତ୍ତନ ଯୋଗୁଁ ହୋଇପାରେ ଏବଂ ପରବର୍ତ୍ତୀ ବିଶ୍ୱଯୁଦ୍ଧ ବହୁତ ଦୂରରେ ନାହିଁ । କଲୋନୀ ପାଇଁ ପ୍ରଥମ ଦୁଇଟି ବିଶ୍ୱଯୁଦ୍ଧ ହୋଇଥିଲା, ସେମାନଙ୍କୁ ଜମି ଆବଶ୍ୟକ ଥିଲା ! ଅତୀତରେ କିଛି ଯୁଦ୍ଧ ହୋଇଛି – ତେଲ ପାଇଁ । ଆଗାମୀ ଯୁଦ୍ଧ କେବଳ ଜଳ ପାଇଁ ହେବ ! ଏହାର ଅର୍ଥ ଆମେ ଶୋଷରେ ମରିବାକୁ ଯାଉଛୁ ମନୁଷ୍ୟ କଥା ତ ଛାଡ଼ନ୍ତୁ , ଗୋଟିଏ ଛୋଟ ପକ୍ଷୀ ଘରଚଟିଆ– ତାଙ୍କ ସହିତ କ'ଣ ହେବ? କୌଣସି ଗଛ ନାହିଁ ଏବଂ ତାପମାତ୍ରା ବୃଦ୍ଧି, ଏମାନଙ୍କର କ'ଣ ହେବ ? ପକ୍ଷୀମାନଙ୍କର ଯନ୍ତ୍ରଣା ବିଷୟରେ କେହି ଭାବନ୍ତି କି? ପକ୍ଷୀମାନେ ଆମର ଇକୋସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଆମେ ପ୍ରକୃତରେ ଆମର ପିଢ଼ିକୁ କେଉଁ ଦୁନିଆ ଦେଉଛୁ? ତେଣୁ ଯୁଦ୍ଧ ମାନବ କାର୍ଯ୍ୟକଳାପର ଏପରି କୌଣସି କ୍ଷେତ୍ର ନାହିଁ ଯାହା ଜଳବାୟୁ ପରିବର୍ତ୍ତନର ପରିଣାମ ଭୋଗିବ ନାହିଁ । ଦୈନିକ ମଜୁରୀ ଶ୍ରମିକମାନଙ୍କ ସହିତ କ'ଣ ହେବ? ଏହି ଲୋକମାନେ ଖରାଦିନେ ଏପରି ଉତ୍ତାପରେ କିପରି କାମ କରିବେ? ସମସ୍ତେ ଜାଣନ୍ତି ଯେ ନିର୍ମାଣ କାର୍ଯ୍ୟ ଦିନରେ ହୋଇଥାଏ । ଜଳବାୟୁ ପରିବର୍ତ୍ତନ ୨୧୦୦ ସୁଦ୍ଧା ଭାରତରେ ଶ୍ରମ ଉତ୍ପାଦନକୁ ୪୦ ପ୍ରତିଶତକୁ ହ୍ରାସ କରିପାରେ – 'ଦ ଇକୋନୋମିକ ଟାଇମ୍ସ' । ଦ୍ୱିତୀୟ ଜିନିଷ ଯାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆମ ଶରୀର, ଏହାର ଶାରୀରିକ ବ୍ୟବସ୍ଥା ଅଛି । ଯେହେତୁ ଆମେ ଭାରତୀୟ, ଆମ ଶରୀର ଏପରି ଭାବରେ ତିଆରି ହୋଇଛି ଯେ ଏହା ଏକ ନିର୍ଦ୍ଦିଷ୍ଟ ପରିମାଣର ଉତ୍ତାପକୁ ସହ୍ୟ କରିପାରିବ । ଯେତେବେଳେ ତୁମେ ସେହି ତାପମାତ୍ରା ପରିସରରେ ରୁହ ନାହିଁ, ତୁମକୁ ଅତିରିକ୍ତ ବ୍ୟବସ୍ଥା କରିବାକୁ ପଡିବ । ଏହାର ଅର୍ଥ ଆପଣଙ୍କୁ ଏସି ଆବଶ୍ୟକ ହେବ କିମ୍ବା ଆପଣଙ୍କୁ ବିଦେଶ ଯିବାକୁ ପଡିବ ଯେତେବେଳେ ବିଦେଶୀମାନେ ଭାରତକୁ ଆସନ୍ତି ସେମାନେ ଟି–ଶାର୍ଟରେ ବୁଲନ୍ତି । କାରଣ ସେମାନଙ୍କ ଶରୀର –୧୦, –୨୦ ତାପମାତ୍ରାରେ ଅଭ୍ୟସ୍ତ । ଏହାର ଅର୍ଥ ଉଚ୍ଚ ତାପମାତ୍ରା ମସ୍ତିଷ୍କକୁ ପ୍ରଭାବିତ କରିଥାଏ ।

ଆମେ ପ୍ରକୃତରେ ସାଇକୋସୋମାଟିକ୍ ଜୀବ ଜଳବାୟୁ ପରିବର୍ତ୍ତନ ହେତୁ ଆମର ସମ୍ପୂର୍ଣ୍ଣ ମାନସିକ ବ୍ୟବସ୍ଥା ଧ୍ୱଂସ ହୋଇଯିବ । ଯେତେବେଳେ ସମଗ୍ର ପୃଥିବୀ ଗରମ ହୁଏ, ମଣିଷ ମଧ୍ୟ ଗରମ ହେବ । ଏହି ତାପମାତ୍ରାରେ – ସର୍ବପ୍ରଥମେ ଆମେ ଅଧାରୁ ଅଧିକ ପ୍ରଜାତିଙ୍କୁ ମାରି ସାରିଛୁ, ବାକି ସବୁକୁ ମାରିଦେବା ଜଳବାୟୁ ପରିବର୍ତ୍ତନ ଘଟଣାଗୁଡ଼ିକର ଅଧା (୪୪ ପ୍ରତିଶତ) କେବଳ ହିମାଳୟ ଅଞ୍ଚଳରେ ଘଟିଥାଏ (ବିଜନେସ ଇନସାଇଡ଼ର) । ଆମ ପାଇଁ ହିମାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ବଡ କଥା । ସେଥିପାଇଁ ଲଦାଖରେ ଆନ୍ଦୋଳନ ଚାଲିଛି । ହିମାଳୟକୁ ଉତ୍ତରର ପ୍ରହରୀ କୁହାଯାଏ । କିନ୍ତୁ ଭୂବିଜ୍ଞାନୀମାନେ କହିଛନ୍ତି ଯେ, ହିମାଳୟ ଏକ ଦୁର୍ବଳ ପର୍ବତ । ସେମାନଙ୍କୁ ୟଙ୍ଗ ଫୋଲ୍ଡ ମାଉଣ୍ଟେନ୍ସ କୁହାଯାଏ । ସେଥିପାଇଁ ଏଥିରେ ଭୂସ୍ଖଳନ ଅଧିକ ଘଟେ । କାରଣ ଏହା ପ୍ରକୃତରେ ଏକ କଞ୍ଚା ପର୍ବତ । ହିମାଳୟ ଏବେ ମଧ୍ୟ ବର୍ଷକୁ କିଛି ସେଣ୍ଟିମିଟର ବୃଦ୍ଧି ପାଉଛି, ଅର୍ଥାତ୍ ସେମାନେ ବର୍ତ୍ତମାନ ଗଠନ ପ୍ରକ୍ରିୟା ଚାଲୁ ରହିଛି । ଏହା ଅଧିକ ପୁରୁଣା ନୁହେଁ । ଆରାବଳି ପର୍ବତଗୁଡିକ ବହୁତ ପୁରୁଣା ।

ବିନ୍ଧ୍ୟାଞ୍ଚଳ ମଧ୍ୟ ପୁରୁଣା ହିମାଳୟ କିପରି ଗଠିତ ହୋଇଛି ? ଏକ ଭୂଖଣ୍ଡ ଯାହା ପୁରୁଣା ଏସିଆ ଥିଲା ତାହା ସହିତ ଧକ୍କା ଦେଉଛି ଏବଂ ଯେତେବେଳେ ଦୁଇଟି ଲ୍ୟାଣ୍ଡମାସ୍ ପରସ୍ପର ସହ ମୁହାଁମୁହିଁ ହୁଅନ୍ତି, ଏହା ସ୍ପଷ୍ଟ ଯେ ଲ୍ୟାଣ୍ଡମାସ୍ ଏକ ପର୍ବତର ରୂପ ନେବ । ତାହା ହେଉଛି ହିମାଳୟର ଗଠନ । ଏହା କାହା ପାଇଁ ରହସ୍ୟ ନୁହେଁ, ହିମାଳୟର ଜଙ୍ଗଲ କିପରି କଟାଗଲା ଏବଂ ଏହାର ଜଙ୍ଗଲ ସମ୍ପଦ ନଷ୍ଟ ହୋଇଗଲା ? ସେଠାରୁ ଯାହା ଲୁଟ୍ ହୋଇପାରେ ତାହା ଲୁଟ୍ ହୋଇଛି । ଏହା ଆମ ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ ସେଠାରେ ରହୁଥିବା ଲୋକମାନେ କାନ୍ଦୁଛନ୍ତି । ହିମାଳୟ ହେଉଛି ଏକ କାନ୍ଥ ଯେଉଁଥିରେ ମୋସୁମୀ ପବନ ଧକ୍କା ହୋଇ ବର୍ଷା ସୃଷ୍ଟି କରିଥାଏ । ସେଥିପାଇଁ ଉତ୍ତର ଭାରତର ପର୍ବତରେ ସର୍ବାଧିକ ବୃଷ୍ଟିପାତ ହୁଏ । କାରଣ ହିମାଳୟ ହେଉଛି ସେହି କାନ୍ଥ, ବେଙ୍ଗାଲୁରୁ ମୋସୁମୀ ପବନ ଆସେ ଏବଂ ଯେତେବେଳେ ସେମାନେ ହିମାଳୟର କାନ୍ଥକୁ ଧକ୍କା ଦିଅନ୍ତି, ସେତେବେଳେ ବର୍ଷା ହୁଏ । କିନ୍ତୁ ସେହି କାନ୍ଥ ଶୁଖିଲା ହେବାକୁ ଯାଉଛି । ତେବେ ପଞ୍ଜାବ, ହରିୟାନା, ଉତ୍ତରପ୍ରଦେଶ ଏବଂ ରାଜସ୍ଥାନରେ କ'ଣ ହେବ? ହିମାଳୟର ମରୁଡ଼ି – ଯାହା ଘଟିବାକୁ ଯାଉଛି, ଅକଳ୍ପନୀୟ ଜିନିଷ ଯଦି ତାପମାତ୍ରା ୩ ରୁ ୪ ଡିଗ୍ରୀ ବୃଦ୍ଧି ହୁଏ (ଯାହା ନିଶ୍ଚିତ ଭାବରେ ବୃଦ୍ଧି ପାଇବ), ତେବେ ଫୁଲର ପଲିନେସନ ବନ୍ଦ ହୋଇଯିବ ଏବଂ ଯେତେବେଳେ ପଲିନେସନର ଏଜେଣ୍ଟ ଆଉ ନାହାଁନ୍ତି, ତେବେ ପଲିନେସନ କେଉଁଠାରେ ହେବ? ପଲିନେସନ ପାଇଁ କ'ଣ ଆବଶ୍ୟକ? ଏକ କୀଟ ବା ଭଅଁର । ଯେତେବେଳେ ଏହା ଆଉ ନାହିଁ, ପଲିନେସନ ହେବ ନାହିଁ, ତେବେ ପ୍ରଜାତିଗୁଡିକ ତୁରନ୍ତ ଅଦୃଶ୍ୟ ହୋଇଯିବେ ।

ମହା ବିନାଶ ସହିତ ଜଡିତ ଏହି ପ୍ରସଙ୍ଗ, ଇତିହାସରେ ଏପରି ଘଟଣା କେବେ ହୋଇ ନଥିଲା, କିନ୍ତୁ ଆମେ ଏହା ବିଷୟରେ ଚିନ୍ତିତ ନୋହୁଁ । ଜନସଂଖ୍ୟା ବଢି ଚାଲିଛି , ଏହା ସ୍ପଷ୍ଟ ଯେ ଲୋକମାନେ ନିଜର ଚାହିଦାକୁ ବୃଦ୍ଧି କରିବେ ଅର୍ଥାତ କାର୍ବନ ଏମିସନ ବଢିବ । ପ୍ରକୃତିର ଦୋହନ ଅଧିକ ହେବ । ତାହେଲେ , ଏହା ସ୍ପଷ୍ଟ ଯେ ତାପମାତ୍ରା ବୃଦ୍ଧି ପାଇବ । ସମୟ ଥାଉ ଥାଉ ଯଦି ଏହାକୁ ରୋକ ନଯାଏ ତେବେ ପୂରା ମାନବ ସମାଜ ଛଟପଟ ହୋଇ ମୃତ୍ୟୁ ମୁଖରେ ପଡିବେ ଏବଂ ପୃଥିବୀ ଏକ ନିଆଁର ଗୋଲାକାର ବସ୍ତୁରେ ପରିଣତ ହେବ ।

**ସୁଜନପୁର , ଯାଜପୁର**
**ମୋ–୯୩୪୮୭୬୮୮୧୨**

# ସନଡାଉନିଙ୍ଗ ସିଣ୍ଡ୍ରୋମ

**ଡାକ୍ତର ସମ୍ରାଟ କର**

ବହୁଦିନ ପରେ ଭେଟ ହୋଇଥିଲେ ସାଙ୍ଗ ସୁଜିତ। ଅନେକ ଦିନ ପରେ ପିଲାଦିନର ସାଙ୍ଗଙ୍କୁ ଭେଟିଲା ପରେ ମୋତେ ବହୁତ ଖୁସି ଲାଗିଥିଲା। ତାଙ୍କ ସହିତ ଆସିଥିବା ତାଙ୍କର ଜଣେ ବନ୍ଧୁ ନିରୋଦ ସହ ଆମେ ତିନିଜଣ ସାନ୍ଧ୍ୟ ଭ୍ରମଣ ପାଇଁ ବାହାରିବାର ମୁଁ ପ୍ରସ୍ତାବ ଦେଲି । ତେବେ ନିରୋଦ ଯିବନାହିଁ ବୋଲି ମୁଁ ଜାଣିବାରୁ ମୋର ଉତ୍ସୁକତା ବଢ଼ିଗଲା ।

ମୁଁ ସବୁ ପଚାରିବାରୁ ସୁଜିତ ମୋତେ କହିଲା ସନ୍ଧ୍ୟା ସମୟରେ ସେ ପ୍ରାୟତଃ କୁଆଡ଼େ ବାହାରକୁ ଯାଏନାହିଁ । କାରଣ ଏହି ସମୟରେ ତାର ଏକ ପ୍ରକାର ମାନସିକ ଅସନ୍ତୁଳନ ଦେଖାଯାଏ ଓ ସେ ଟିକେ ଚିଡ଼ଚିଡ଼ା ହୋଇଯାଏ । ମୁଁ ତାଙ୍କୁ କହିଲି ମୁଁ ଜଣେ ମାନସିକ ରୋଗ ବିଶେଷଜ୍ଞ ଭାବେ ଭଲ ଭାବେ ଜାଣିଛି, ଏହା ଏକ ପ୍ରକାର ମାନସିକ ସମସ୍ୟା। ସନ୍ଧ୍ୟା ହେଉଛି ଏମିତି ଏକ ସମୟ ଯେଉଁଥିରେ ଲୋକମାନେ ନିଜ ପରିବାର ସହିତ ଖୁସିର ମୁହୂର୍ତ୍ତ ବିତାଇଥାନ୍ତି । କାମର ଚାପ ନଥାଏ ।

ଦିନସାରା କ୍ଳାନ୍ତିକୁ ଦୂର କରିବା ପାଇଁ ବିଭିନ୍ନ ପ୍ରକାର ମନୋରଞ୍ଜନଧର୍ମୀ କାମ କରିବାକୁ ପସନ୍ଦ କରନ୍ତି । କିନ୍ତୁ କେତେକ ଲୋକଙ୍କ କ୍ଷେତ୍ରରେ ସନ୍ଧ୍ୟା ହେବା ସହିତ ଏକ ପ୍ରକାର ମାନସିକ ସମସ୍ୟା ଦେଖାଦିଏ । ବିଶେଷ ଭାବେ ଆଲଜାଇମର ଏବଂ ଡିମେନସିଆରେ ପୀଡ଼ିତ ବ୍ୟକ୍ତିଙ୍କ ଠାରେ ଶାରୀରିକ ଓ ଭାବନାତ୍ମକ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିଥାଏ ।

ସନ୍ଧ୍ୟା ସମୟରେ ଏଭଳି ସମସ୍ୟା ଦେଖାଯାଉଥିବାରୁ ଏହାକୁ ସନଡାଉନ ସିଣ୍ଡ୍ରୋମ ବୋଲି କୁହାଯାଏ । ମନୋଚିକିତ୍ସକମାନେ କହିଛନ୍ତି ଯେ, ସନଡାଉନିଙ୍ଗ ଶବ୍ଦ ଦ୍ୱିପ୍ରହରରୁ ଆରମ୍ଭ କରି ରାତି ପର୍ଯ୍ୟନ୍ତ ବ୍ୟକ୍ତିର ଭ୍ରମାତ୍ମକ ସ୍ଥିତିକୁ ଦର୍ଶାଇଥାଏ। ଏହି ସମୟ ଭିତରେ ବ୍ୟକ୍ତିଠାରେ ଚିନ୍ତା, ଭ୍ରମାତ୍ମକ ଚିନ୍ତାଧାରା, ଆକ୍ରାମକତା, ଦ୍ୱନ୍ଦ୍ୱ ଆଦି ସ୍ଥିତି ଦେଖାଯାଇଥାଏ, ଯାହାକୁ ନେଇ ସେମାନେ ଅବସାଦଗ୍ରସ୍ତ ରହିଥାନ୍ତି । ସନଡାଉନିଙ୍ଗ ସିଣ୍ଡ୍ରୋମ ହେଉଛି ଏକ ନ୍ୟୁରୋଲୋଜିକାଲ ଡିଜଅର୍ଡ଼ର । ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ପ୍ରକାର ଚିକିତ୍ସା ପ୍ରଣାଳୀ ନଥିଲେ ମଧ୍ୟ ଏହାର ଲକ୍ଷଣଗୁଡ଼ିକୁ ଜାଣିବା ପାଇଁ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା ହୋଇ ଆସୁଛି। ସାଧାରଣ ଭାବେ ଦେଖାଯାଉଥିବା ଲକ୍ଷଣ ଗୁଡ଼ିକ ହେଉଛି ଅସ୍ତବ୍ୟସ୍ତ ଲାଗିବା, ଚିଡ଼ଚିଡ଼ା ଲାଗିବା, ଦ୍ୱନ୍ଦ୍ୱ ଓ ଚିନ୍ତା, ରାସ୍ତା ନପାଇ ନିଜେ ହଜିଯିବା ଭଳି ଲାଗିବା ଇତ୍ୟାଦି ।

ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ଏହାର ପ୍ରକୃତ କାରଣ ଜାଣିବାକୁ ଚାହୁଁଛନ୍ତି । ଏହି ସମସ୍ୟାର ସମ୍ପର୍କ ରୋଗୀର ସର୍କେଡିୟନ ରିଦିମ ସହିତ ରହିଛି ଏକ ପ୍ରକାର ଶାରୀରିକ, ମାନସିକ ଓ ବ୍ୟବହାରିକ ପରିବର୍ତ୍ତନ, ଯାହାକୁ ଗୋଟିଏ ଦିନ ବା ୨୪ ଘଣ୍ଟା ଚକ୍ର ପରେ ଆକଳନ କରାଯାଏ । ସୂର୍ଯ୍ୟାସ୍ତ ଯୋଗୁଁ ମନ ଉପରେ ଯେଉଁ ନକାରାତ୍ମକ ପ୍ରଭାବ ପଡ଼େ ତାହାର ଚିକିତ୍ସା ପାଇଁ କେତେକ ଔଷଧ ରହିଛି ।

ଏହି ସମସ୍ୟା ନେଇ ରୋଗୀଟିର ପାଖ ଲୋକମାନଙ୍କର ସେପରି ଭୟଭୀତ ହେବାର କାରଣ ନାହିଁ । କାରଣ ଏହା ଏକ ଗୁରୁତର ମାନସିକ ରୋଗ ସମସ୍ୟା ନୁହେଁ । ତେବେ ଏ କ୍ଷେତ୍ରରେ ଘର ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି । ରୋଗୀଟି ସହ ଭଲ ଭାବେ ମିଶିବା ସହ ତାଙ୍କ ସହ ଅନାବଶ୍ୟକ କଥା ନଗପି ତାଙ୍କ ସହିତ ବେଶ ଭଲ ସକରାତ୍ମକ କଥାବାର୍ତ୍ତା ହୁଅନ୍ତୁ ।

ଲୋକଟି ଯେପରି ସୁଷମ ଖାଦ୍ୟ, ସବୁଜ ପନିପରିବା ଓ ଟଟକା ଫଳ ଖାଇବାକୁ ପାଇବ ସେ ଦିଗକୁ ଦେଖନ୍ତୁ । ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ଅତ୍ୟନ୍ତ ଅପରିହାର୍ଯ୍ୟ । ଅଧିକ ସମସ୍ୟା କିଛି ଦେଖାଦେଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

**ମାନସିକ ରୋଗ ବିଶେଷଜ୍ଞ,**
**ପୁରୀଘାଟ ରୋଡ଼,**
**କଟକ, ମୋ–୯୧୩୨୪୩୩୩୩୩**

# ପରିବର୍ତ୍ତନ...

## ଅମୃତବାଣୀ

ପରିବର୍ତ୍ତନ ବ୍ରହ୍ମାଣ୍ଡର ନିୟମ ଅଟେ । ଆପଣ ଗୋଟିଏ କ୍ଷଣରେ କୋଟିପତି କିମ୍ବା କଙ୍ଗାଳ ହୋଇପାରିବେ । ପରିବର୍ତ୍ତନ ଆମର ଜୀବନରେ ଗୋଟିଏ ପ୍ରମୁଖ ଆଉ ବହୁତ ମହତ୍ତ୍ୱପୂର୍ଣ୍ଣ ଅଂଶ ଅଟେ । ସମସ୍ତଙ୍କୁ ଏହାକୁ ଆପଣେଇବାର ଆବଶ୍ୟକତା ରହିଛି । କିନ୍ତୁ ଏହାର ପରିବର୍ତ୍ତନ ପ୍ରତ୍ୟେକଙ୍କ ପାଇଁ ଗୋଟିଏ ପ୍ରକାରର ହୋଇନଥାଏ । କିଛିଲୋକ ପ୍ରେମରେ ପରିବର୍ତ୍ତନ ଆଣିଥାନ୍ତି ତ ଆଉ କିଛି ଏହାକୁ ଘୃଣା କରିଥାନ୍ତି । କୁହାଯାଏ ଯେ ପରିବର୍ତ୍ତନର ବିନା କିଛି ବି ଠିକ୍‌ରେ ବିକଶିତ ହୋଇ ପାରିବନି । କାହିଁକିନା ପ୍ରତ୍ୟେକ ପରିବର୍ତ୍ତନ ନିଜ ସହିତ କିଛି ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବ ନେଇକରି ଆସିଥାଏ ।

କିଛିଲୋକ ଏହି ପରିବର୍ତ୍ତନ ସହିତ ତାଳ–ମେଳ ବସେଇବା ଜାଣିଥାନ୍ତି ତ କିଛିଲୋକ ମଧ୍ୟ ଏମିତି ଅଛନ୍ତି ଯିଏ ପରିବର୍ତ୍ତନ ସହିତ ତାଳ–ମେଳ ବସେଇବା ଜାଣିନାହାନ୍ତି । ପରିବର୍ତ୍ତନ ଗୋଟିଏ ସ୍ୱାଭାବିକ ଏବଂ ଅପ୍ରତିରୋଧ୍ୟ ପ୍ରକ୍ରିୟା ଅଟେ ଯାହା ସମୟ, ପିଢି ଏବଂ ଯୁଗର ପରିବର୍ତ୍ତନ ସହିତ ଘଟିତ ହୋଇଥାଏ । ଗୋଟିଏ ପ୍ରସିଦ୍ଧ କଥା ଅଛି–'ପ୍ରବାହରସହିତ ଯାଅ', ଏହି କଥା ଆମକୁ ବିନା କୌଣସି ଅଭିଯୋଗରେ ପ୍ରତ୍ୟେକ ସ୍ଥିତିର ସମ୍ମାନ କରିବା ଆଉ ଜୀବିତ ରହିବା ଶିଖେଇ ଥାଏ । କାହିଁକିନା ଆମେ ପ୍ରକୃତିକୁ ନିୟନ୍ତ୍ରିତ ଅଥବା ବଦଳେଇ ପାରିବା ନାହିଁ । ସେଥିପାଇଁ ଆମେ ତା'ସହିତ ଲଢ଼ିବା ଅପେକ୍ଷା ଏହାକୁ ଆପଣେଇବା ଜରୁରୀ ।



ସବୁବେଳେ ଦୁଇ ପ୍ରକାରର ବ୍ୟକ୍ତି ହୋଇଥାନ୍ତି–ପ୍ରଥମ ଯିଏ ଗ୍ଲାସ୍‌କୁ ଅଧା ଭରି ହୋଇଥିବା ଦେଖିଥାନ୍ତି ଅର୍ଥାତ୍ ଯାହାର ଦୃଷ୍ଟି ସକାରାତ୍ମକ ହୋଇଥାଏ ଆଉ ଦ୍ୱିତୀୟ ସେହି ଯିଏ ଗ୍ଲାସ୍‌କୁ ଅଧା ଖାଲି ଦେଖିଥାଏ । ଅର୍ଥାତ୍ ଯାହାର ଦୃଷ୍ଟିକୋଣ ନକାରାତ୍ମକ ହେଇଥାଏ । ଯଦି ଆମେ ଏହି ଦୁଇ ଶ୍ରେଣୀ ଲୋକଙ୍କ ବିଷୟରେ କଥା ହେବା, ତା'ହେଲେ ଆମେ ଏହି ନିଷ୍କର୍ଷ ବାହାର କରିପାରିବାକି ପ୍ରଥମ ପରିବର୍ତ୍ତନର ସମ୍ମାନ କରିବା ଆଉ ଦ୍ୱିତୀୟ ପରିବର୍ତ୍ତନରେ ବ୍ୟାକୁଳ ଅନୁଭବ କରିବା । ଯେତେବେଳେ ପରିବର୍ତ୍ତନ ନିଜର ପସନ୍ଦର ହୋଇଥାଏ ତା'ହେଲେ ଆମେ ତାକୁ ଗୋଟିଏ ଅବସର ରୂପରେ ଦେଖିଥାଉ କିନ୍ତୁ ଯେତେବେଳେ ପରିବର୍ତ୍ତନ ଆକସ୍ମିକ ହୋଇଯାଏ ତା'ହେଲେ ଆମେ ଡରି ଯାଇଥାଉ ।

ଯେତେବେଳେ ଆମେ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ନଥାନ୍ତି ସେତେବେଳେ ପରିବର୍ତ୍ତନ ଆମକୁ ଚିନ୍ତା ଭଳି ଲାଗିଥାଏ । ପରିବର୍ତ୍ତନ ପ୍ରତ୍ୟେକ ସମୟରେ ହୋଇଥାଏ କିନ୍ତୁ ଆମକୁ ପରିବର୍ତ୍ତନ ସହିତ ଜୀବନ ଜୀଇଁବା ଶିଖିବାକୁ ହେବ ଆଉ ଏହି କଥାକୁ ସ୍ୱୀକାର କରିବାକୁ ହେବ କି ଏହା ଆମର ନିୟନ୍ତ୍ରଣ ଉପରେ । ଏହା ଭଗବାନଙ୍କର ପସନ୍ଦ ଅଟେ, କିନ୍ତୁ ଆମର ନୁହେଁ । ସେଥିପାଇଁ ପରିବର୍ତ୍ତନର ସମ୍ମାନ କର ଆଉ ଭଗବାନଙ୍କୁ ସମ୍ମାନ କର ।

**ମନୋଜ କୁମାର ବେହେରା**
**ବାୟାବାବା ମଠ ଲେନ୍,**
**ଭୁବନେଶ୍ୱର,ମୋ–୭୯୭୮୮୩୦୬୧୧**

# କଂଗ୍ରେସରେ ମିଶିଲେ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଓ ବ୍ଲକ ଅଧ୍ୟକ୍ଷା ପ୍ରତିଭା ମଞ୍ଜରି ନାୟକ



ଭୁବନେଶ୍ୱର (ସବ୍ୟୁ): କେନ୍ଦୁଝର ସଦର ବିଧାନସଭା କ୍ଷେତ୍ରର ବିଜେଡ଼ିର ପୂର୍ବତନ ବିଧାୟକ ଇଂ ସୁବର୍ଣ୍ଣ ନାୟକ ଓ ଝୁମ୍ପୁରା ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ପ୍ରତୀଭା ମଞ୍ଜରୀ ନାୟକ ଆଜି ତାଙ୍କର ଶତାଧିକ ସମର୍ଥକଙ୍କ ସହିତ ଆଜି କେନ୍ଦୁଝର ଜିଲ୍ଲାର ଦୁଇ ବରିଷ୍ଠ ନେତା ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଓ ଜୟଦେବ ଜେନାଙ୍କ ଉପସ୍ଥିତିରେ କଂଗ୍ରେସ ଦଳର ନୀତି, ଆଦର୍ଶ ଓ ବିଚାରଧାରାକୁ ଭଲପାଇ ଦଳରେ ସାମିଲ ହୋଇଛନ୍ତି ।

ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ଜୟଦେବ ଜେନା, ଶ୍ରୀ ନାୟକ ଓ ଶ୍ରୀମତୀ ପ୍ରତିଭା ମରୀ ନାୟକଙ୍କୁ କଂଗ୍ରେସ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡ଼ା, ପିସିସି ସାଧାରଣ ସଂପାଦକ ଆଲୋକ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ପିସିସି ମୁଖପାତ୍ର ରଜନୀ ମହାନ୍ତି, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧିର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଜିଲ୍ଲା ଆଦିବାସୀ କଂଗ୍ରେସ ସଭାପତି ଇଂ ବିନୋଦ ବିହାରୀ ନାଏକ, କଂଗ୍ରେସ ନେତା ଚତୁର୍ଭୁଜ ନାୟକ, ଯଦୁମଣି ବାରିକ, ଇଂ ସନ୍ତୋଷ କୁମାର ସାହୁ, ଦେବେନ୍ଦ୍ର ନାଥ ନାୟକ ଓ ବୀରଭଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ଏୟାରଟେଲ୍‌କୁ ଓଡ଼ିଶାର ଶ୍ରେଷ୍ଠ ୫ଜି ନେଟ୍‌ୱର୍କ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ନେଟୱର୍କ ଓ ଗ୍ରାହକ ଙ୍କ ପାଇଁ ସ୍ୱାଧୀନ ବିଶ୍ୱସ୍ତରୀୟ ମାନକ ଓପନ୍ ସିଗନାଲ ଓଡ଼ିଶା ଟେଲିକମ୍ ସର୍କଲର ଶ୍ରେଷ୍ଠ ୫ଜି ନେଟୱର୍କ ଭାରତୀ ଏୟାରଟେଲକୁ ପୁରସ୍କୃତ କରିଛି । ମୋବାଇଲ୍ ଅଭିଜ୍ଞତା ବିଶ୍ଳେଷଣ ପାଇଁ ଓପନ୍ ସିଗନାଲ୍ ହେଉଛି ବିଶ୍ୱସ୍ତରୀୟ ମାନକ ଏବଂ ପ୍ରକୃତ ଗ୍ରାହକ ଅନୁଭୂତିକୁ ବୁଝିବା ପାଇଁ ଏକ ନିଶ୍ଚିତ ମାର୍ଗଦର୍ଶିକା ଅଟେ । ସଦ୍ୟତମ ଉପଭୋକ୍ତା ରିପୋର୍ଟରେ ଏୟାରଟେଲ ମୋଟ ନେଟୱାର୍କ ଚାର୍ଟରେ ଶୀର୍ଷରେ ରହିଛି ଏବଂ ୬ଟି ପୁରସ୍କାର ମଧ୍ୟରୁ ୬ଟି ଜିତିଛି ଏବଂ ଏହା ରାଜ୍ୟର ଶ୍ରେଷ୍ଠ ୫ଜି ନେଟୱାର୍କରେ ପରିଣତ ହୋଇଛି । ଏୟାରଟେଲ ଉଭୟ ଲାଇଭ୍ ଏବଂ ଅନ-ଡିମାଣ୍ଡ ଭିଡିଓ ଷ୍ଟ୍ରିମିଂରେ ସାମଗ୍ରିକ ୫ଜି ଭିଡିଓ ଷ୍ଟ୍ରିମିଂ ଅଭିଜ୍ଞତାରେ ଶୀର୍ଷ ସ୍ଥାନରେ ରହିଛି ଯାହା ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ଅନୁଭୂତି ପ୍ରଦାନ କରୁଛି । କମ୍ପାନି ଭଏସ୍ ଆପ୍ ଅଭିଜ୍ଞତାରେ ମଧ୍ୟ ଏହି ଗେମ୍ ରେ ଅଗ୍ରଣୀ ରହିଛି, ମଲ୍ଟିପ୍ଲେୟାର ମୋବାଇଲ୍ ଗେମ୍ ଖେଳିବା ସମୟରେ ଏହାର ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ସଂଯୋଗ ପ୍ରଦାନ କରୁଛି ଏବଂ ମୋବାଇଲ୍ ଭଏସ୍ ଆପ୍ରେ ଓଭର-ଦ-ଟପ୍ (ଓଟିଟି) ଭଏସ୍ ସେବା ବ୍ୟବହାର କରୁଛି । ମୋଟାମୋଟି ଭାବେ ଏୟାରଟେଲ୍ ୨୫.୧ ଏମ୍‌ବିପିଏସ୍‌ର ବିଜୟ ସ୍କୋର ସହ ସମଗ୍ର ଦେଶରେ ଶ୍ରେଷ୍ଠ ୫ଜି ଅପଲୋଡ୍ ସ୍ପିଡ୍ ଆୱାର୍ଡରେ ସିଧାସଳଖ ବିଜେତା ରହିଛି ।

# କିଟ୍ ଓ ୟୁଏନ୍ ଭଲ୍ୟୁଣ୍ଟିଅର୍ସ ମଧ୍ୟରେ ବୁଝାମଣା

ଭୁବନେଶ୍ୱର (ସବ୍ୟୁ): କିଟ୍ ବିଶ୍ୱବିଦ୍ୟାଳୟ ଓ ୟୁଏନ୍ ଭଲ୍ୟୁଣ୍ଟିଅର୍ସ (ୟୁଏନ୍‌ଭି) ମଧ୍ୟରେ ସୋମବାର ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଭାରତରେ ଅବସ୍ଥାପିତ ଜାତିସଂଘ ଆବାସିକ ସଂଯୋଜକ ସୋମ୍ବି ସାର୍ପଙ୍କ ଉପସ୍ଥିତିରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ୍ ସିଂହ ଓ ୟୁଏନ୍‌ଭିର ଭାରତ ସଂଯୋଜକ ସୁଶିଲ ଚୌଧୁରୀଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ଆଦାନପ୍ରଦାନ ହୋଇଥିଲା । ଏହି ବୁଝାମଣା ଅନୁଯାୟୀ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜାତିସଂଘର ବିଭିନ୍ନ ସଂସ୍ଥା ଦ୍ୱାରା କରାଯାଉଥିବା ବିକାଶମୂଳକ କାର୍ଯ୍ୟରେ ନିୟୋଜିତ ହେବେଛ ଏଥିପାଇଁ ସେମାନଙ୍କୁ ମଧ୍ୟ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ । ଏହି ସୁଯୋଗ ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଜାତୀୟ ବିକାଶ କ୍ଷେତ୍ରରେ ମୂଲ୍ୟବାନ ବୃତ୍ତିଗତ ଅଭିଜ୍ଞତା ଆହରଣରେ ସହାୟକ ହେବା ସହ ସେମାନଙ୍କ ଭବିଷ୍ୟତ କ୍ୟାରିଅର ଗଢ଼ି ତୋଳବାରେ ସାହାଯ୍ୟ କରିବ । କୌଣସି ଘରୋଇ ବିଶ୍ୱବିଦ୍ୟାଳୟ ସହ ୟୁଏନ୍‌ଭି ଭଳି ସମ୍ମାନଜନକ ସଂସ୍ଥା



ବୁଝାମଣା କରିବା କ୍ଷେତ୍ରରେ ଏହା ହେଉଛି ସମଗ୍ର ଦକ୍ଷିଣ ଏସିଆରେ ପ୍ରଥମ । କିଟ୍ ବିଶ୍ୱବିଦ୍ୟାଳୟ ସହ ଏହି ବୁଝାମଣପତ୍ର ସ୍ୱାକ୍ଷର କରିଥିବାରୁ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ୟୁଏନ୍‌ଭି ଏବଂ ଭାରତରେ ଏହାର ଆବାସିକ ସଂଯୋଜକ ସୋମ୍ବି ସାର୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଅବସରରେ ଶ୍ରୀ ସାମନ୍ତ କହିଛନ୍ତି, ଏହି ବୁଝାମଣା ଯେ କେବଳ ଦୁଇ ଅନୁଷ୍ଠାନ ମଧ୍ୟରେ ସହଭାଗିତା ନୁହେଁ, ଏହା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସ୍ୱପ୍ନ ପୂରଣ କରିବାରେ ସୁଯୋଗ ପ୍ରଦାନରେ ସହାୟକ ହେବା ସହ ବିଶ୍ୱ ବିକାଶରେ ସେମାନଙ୍କ ଯୋଗଦାନ ନିମନ୍ତେ ସେମାନଙ୍କର ପ୍ରତିଭା ଓ ଦକ୍ଷତା ବିକଶିତ ହୋଇପାରିବ ବୋଲି ସେ କହିଛନ୍ତି । ଶ୍ରୀ ସାର୍ପ କହିଛନ୍ତି, ଏହି ପ୍ରୟାସ ଛାତ୍ରଛାତ୍ରୀମାନଙ୍କୁ ୟୁଏନରେ କାର୍ଯ୍ୟ କରିବାର ପ୍ରତ୍ୟକ୍ଷ ଅଭିଜ୍ଞତା ପ୍ରଦାନ କରିବା ସହ ୟୁଏନ୍‌ଭିର ବିଭିନ୍ନ ସଂସ୍ଥା ଓ ସ୍ଥାନୀୟ ସମ୍ପ୍ରଦାୟ ସହ ମିଶି ସ୍ଥାୟୀ ବିକାଶ ପ୍ରୟାସରେ ସେମାନଙ୍କ ଯୋଗଦାନ ନିମନ୍ତେ ସକ୍ଷମ କରାଇବ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନୂଆଦିଲ୍ଲୀସ୍ଥିତ ଜାତିସଂଘ ଆଞ୍ଚଳିକ ସଂଯୋଜକ କାର୍ଯ୍ୟାଳୟର ଚିଫ୍ ଅଫ୍ ଷ୍ଟାଫ୍ ରାଧିକା କାଉଲ ବାତ୍ରା, ୟୁଏନ୍‌ଡିପିର ଓଡ଼ିଶା ମୁଖ୍ୟ ଆଭା ମିଶ୍ର, ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଓଡ଼ିଶା ମୁଖ୍ୟ ହିମାଂଶୁ ବଳ, ୟୁନିସେଫ୍‌ର ଓଡ଼ିଶା ମୁଖ୍ୟ ଉଇଲିୟମ୍ ହାନଲନ୍, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଓ କିସ ବିଶ୍ୱବିଦ୍ୟାଳୟର କୁଳସଚିବ ଡ ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ବନ୍ତରେ ବିଜେଡିର କର୍ମୀ ସମ୍ମିଳନୀ : ଭଣ୍ଡାରିପୋଖରୀ ବିକାଶଧାରାକୁ ବଜାୟୀ ରଖିବି : ବିଧାୟକ ପ୍ରାର୍ଥୀ ସଞ୍ଜୀବ

ବନ୍ତ,(ସବ୍ୟୁ):ବନ୍ତ ବଜାର ନୂଆ ବସଷ୍ଟାଣ୍ଡ ଠାରେ ବିଜୁ ଜନତା ଦଳର ପ୍ରଥମ ନିର୍ବାଚନୀ କର୍ମୀ ସମ୍ମିଳନୀରେ ଅନୁଷ୍ଠିତ ହୋଇଯାଇଛି । ଯୁବନେତା ସୁବାଷ ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ ଯୋଗ ଦେଇ ପ୍ରଫୁଲ୍ଲ ସାମଲ ମୋତେ ଭଦ୍ରକ ଆଣିଥିଲେ । ଏଠାରେ ପ୍ରଫୁଲ୍ଲ ଭାଇ ୩ ଥର ବିଧାୟକ ହୋଇଛନ୍ତି । ଏଠାରେ ସେ ଯେଉଁ ରଖିଛନ୍ତି, ସେସଂପର୍କ ମୁଁ ଅତୁଟ ରଖିବି । ନିର୍ବାଚନ ମଣ୍ଡଳୀବାସୀଙ୍କ ପାଇଁ ୨୪ ଘଣ୍ଟା କାର୍ଯ୍ୟ କରିବି । ବରିଷ୍ଠ ମାନଙ୍କୁ ସମ୍ମାନ ଦେବି, ମାଆ ମାନଙ୍କ ପାଖରେ ପହଞ୍ଚିବି, ଯୁବକ ମାନଙ୍କୁ ସାଥିରେ ନେଇ ଆଗକୁ ଚାଲିବି ଏବଂ ଭଣ୍ଡାରିପୋଖରୀର ବିକାଶଧାରାକୁ ସର୍ବାଦା ବଜାୟୀ ରଖିବି ବୋଲି କହିଥିଲେ । ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା ଯୋଗ ଦେଇ ଶ୍ରୀ ମଲ୍ଲିକ ଗତ ନିର୍ବାଚନରେ ଭଦ୍ରକ ବିଧାନସଭା କ୍ଷେତ୍ରରେ ୪୦ ହଜାରରୁ ଅଧିକ ଭୋଟରେ ବିଜୟୀ ହୋଇଥିଲେ । ଚଳିତ ନିର୍ବାଚନରେ ଦଳ ତାଙ୍କୁ ଭଣ୍ଡାରିପୋଖରୀରୁ ପ୍ରାର୍ଥୀ କରିଥିବା ବେଳେ ମଞ୍ଜୁଲତା ମଣ୍ଡଳଙ୍କୁ ଭଦ୍ରକ ସାଂସଦ ପ୍ରାର୍ଥୀ କରିଛି । ରାଜ୍ୟରେ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ଦେଖିବା ସହ ସାଂସଦ ପ୍ରାର୍ଥୀନୀ ଶ୍ରୀମତୀ ମଣ୍ଡଳ ଓ ବିଧାୟକ ପ୍ରାର୍ଥୀ ଶ୍ରୀ ମଲ୍ଲିକଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରିଥିଲେ । ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗ ଦେଇ ଶ୍ରୀ ମଲ୍ଲିକ ମୋ ପୁଅ ପରି । ତାଙ୍କୁ ଓ ସାଂସଦ ପ୍ରାର୍ଥୀନୀ ଶ୍ରୀମତୀ ମଣ୍ଡଳଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ଏବଂ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବାକୁ ସମସ୍ତଙ୍କୁ ନିବେଦନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାଂସଦ ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣତିକାନ୍ତି ସାମଲ, ଜିଲା ଛାତ୍ର ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ଉପସଭାପତି ଚିନ୍ମୟ ଦାସ, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ବିପିନ ନାୟକ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଯୁବ ସଭାପତି ସତ୍ୟସାଧନ ବେଜ, ବ୍ଲକ ଛାତ୍ର ସଭାପତି ପ୍ରଣବ କିଶୋର ଲେଙ୍କା, ବରିଷ୍ଠ ନେତା ସେକ୍ ଜଲାଲଉଦ୍ଦୀନ, ପ୍ରଶାନ୍ତ ଦାଶ, ସମିତି ସଭ୍ୟ ପରମେଶ୍ୱର ବାରିକ, ପ୍ରଶାନ୍ତ ସାମଲ, ରବିନ୍ଦ୍ର ଦାସ, ଭବେନ୍ଦ୍ର ସାହୁ, ସ୍ମୃତି ରଞ୍ଜନ ସ୍ୱାଇଁ ଯୋଗ ଦେଇ ରାଜ୍ୟରେ ନବୀନ ପଟ୍ଟନାୟକଙ୍କର ବିଭିନ୍ନ ଜନହିତକର ଯୋଜନା ସଂପର୍କରେ ବକ୍ତବ୍ୟ ରଖିବା ସହ ନବୀନଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ଏବଂ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରିଥିଲେ । ଏଥିରେ ୨୫ ପଞ୍ଚାୟତରୁ ଦଳୀୟ ନେତୃତ୍ୱଙ୍କ ସମେତ ୧୦ ହଜାରରୁ ଅଧିକ ମହିଳା ଓ ପୁରୁଷ କର୍ମୀ ଯୋଗ ଦେଇଥିବାର ଦେଖାଯାଇଥିଲା । ପ୍ରାରମ୍ଭରେ ଗଣିଜାଙ୍ଗ ତାରିଣୀ ଛକ ଠାରୁ ଦଳୀୟ କର୍ମୀ ମାନେ ଏକ ବାଇକ ଶୋଭାଯାତ୍ରାରେ ପ୍ରାର୍ଥୀଙ୍କ ସମେତ ଅନ୍ୟ ନେତୃତ୍ୱ ମାନଙ୍କୁ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଆଲୋକ ରାଉତ, ଶକ୍ତିଧର ରାଉତ, ଦେବଦତ୍ତ ଜେନା, ଅକ୍ଷୟ ଦାସଙ୍କ ସମେତ ଅନ୍ୟ ମାନେ ସହଯୋଗ କରିଥିଲେ।

# ପିଏନ୍‌ବି ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଚିତ୍ର ସ୍ମରଣ ପ୍ରତିଯୋଗିତା



ଭୁବନେଶ୍ୱର (ସବ୍ୟୁ) : ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମଣ୍ଡଳ କାର୍ଯ୍ୟାଳୟ, ବ୍ରହ୍ମପୁର ଦ୍ୱାରା ନରାକାସ ବ୍ରହ୍ମପୁର ତତ୍ତ୍ୱାବଧାନରେ ଏକ ଚିତ୍ର ସ୍ମରଣ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଡଃ ଆଲୋକ ରଞ୍ଜନ ସେନାପତି ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଏଥିରେ ସଦସ୍ୟ କାର୍ଯ୍ୟାଳୟର ୨୫ଜଣ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜଭାଷା ମୁଖ୍ୟ ପ୍ରବନ୍ଧକ ତଥା ନରାକାସ ସଦସ୍ୟ ସଚିବ ଡଃ ବନବିହାରୀ ସାହୁ, ରାଜଭାଷା ବରିଷ୍ଠ ପ୍ରବନ୍ଧକ ଆନନ୍ଦ ବିହାରୀ ଶ, କନିଷ୍ଠ ଅନୁବାଦ ଅଧିକାରୀ ପ୍ରିନ୍ସ ଲକି ସିଂ, ବରିଷ୍ଠ ଅନୁବାଦକ ରାଜନାରାୟଣ ପାତ୍ର, ରାଜଭାଷା ପ୍ରବନ୍ଧକ ପ୍ରତିଭା ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।

# ଜୀ ସାର୍ଥକର ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ' ୪୦୦ ଅଧ୍ୟାୟରେ

ଭୁବନେଶ୍ୱର (ସବ୍ୟୁ): ଓଡିଶାର ଘରେ ଘରେ ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ ଜୀ ସାର୍ଥକରେ ସଫଳତାର ସହିତ ଆଗେଇ ଚାଲିଛି ଧାରାବାହିକ 'ତୁ ଖରା ମୁଁ ଛାଇ' । ସୋମବାରରୁ ଶନିବାର ରାତି ୮:୩୦ ରେ ପ୍ରସାରିତ ଭିନ୍ନ ଧରଣର ଏହି ଧାରାବାହିକ କାହାଣୀର ମୁଖ୍ୟ ଚରିତ୍ରରେ ନଜର ଆସିଛନ୍ତି ଏଜେ ଓ ମାନିନୀ । ସମୟର ଅଗ୍ରଗତି ସହ କାହାଣୀର ଗତି ମଧ୍ୟ ଆଗକୁ ବଢ଼ି ଚାଲିଛି । ଅନେକ ରୋଚକ ମୋଡ଼ ସହ ଦର୍ଶକଙ୍କ ମନ ଜିତିବାରେ ସଫଳ ହୋଇ 'ତୁ ଖରା ମୁଁ ଛାଇ' ୪୦୦ ଅଧ୍ୟାୟର ପୂର୍ଣ୍ଣ କରିଛି । ଆପଣଙ୍କର ଏହି ସହଯୋଗ ଓ ଭଲପାଇବା ଏହି ମେଗା ଧାରାବାହିକାକୁ ଆଗକୁ ନେବାକୁ ଆମକୁ ପ୍ରେରଣା ଯୋଗାଇଆସୁଛି ।

ଅକ୍ଷୟ ପରିଜା ଓ କ୍ଷୀରୋଦ ପଟ୍ଟନାୟକ ପ୍ରଯୋଜିତ ଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶିତ 'ତୁ ଖରା ମୁଁ ଛାଇ'



ନଟଖଟି ଅଭିନେତ୍ରୀ ସ୍ମୃତିରେଖାଙ୍କୁ ମୁଖ୍ୟ ଭୂମିକା ମାନିନୀ ଚରିତ୍ରରେ ଦେଖିବାକୁ ମିଳିଥିବା ବେଳେ ମଡେଲିଂରୁ ନିଜର କ୍ୟାରିଅର ଆରମ୍ଭ କରିଥିବା ରଞ୍ଜନ ଏଜେ ଚରିତ୍ରରେ ଓ ମୟୂରୀ ଚରିତ୍ର ରେ ଥିବା ଅନନ୍ୟା ଶର୍ମା ନିଜର ଅଭିନୟର ଯାଦୁରେ ଓଡ଼ିଆ ଦର୍ଶକଙ୍କ ମନ ଜିତିପାରିଛନ୍ତି । ସ୍ମୃତିରେଖା ଓ ରଞ୍ଜନଙ୍କ ସହ ସୌମ୍ୟା କାନୁନଗୋ, ସନ୍ଧ୍ୟାରଣୀ ବେହେରା ,ପ୍ରୀତି ଓ ରାକେଶ ଏହି କାହାଣୀରେ ଏକ ଦମଦାର ଭୂମିକାରେ ଅଛନ୍ତି । ପୂର୍ବରୁ ଜୀ ସାର୍ଥକରେ ପ୍ରସାରିତ ପ୍ରତିଟି ମେଗା ଧାରାବାହିକକୁ ମିଳିଛି ଦର୍ଶକଙ୍କ ଆଦୃତି । 'ତୁ ଖରା ମୁଁ ଛାଇ' କୁ ମଧ୍ୟ ଓଡ଼ିଆ ଦର୍ଶକ ଭଲ ପାଇବା ଦେଇଛନ୍ତି ଓ ଆଗକୁ ଏହି ଧାରା ଜାରି ରହିବ ବୋଲି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ୍ କହିଛନ୍ତି ।

# ବିଜେଡ଼ିରେ ଯୋଗଦେଲେ କନ୍ଧମାଳ ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସ ନେତା



ଭୁବନେଶ୍ୱର (ସବ୍ୟୁ): ବୌଦ୍ଧ ଜିଲ୍ଲା ଅନ୍ତର୍ଗତ କନ୍ଧମାଳ ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ସୋମବାର ଶଙ୍ଖଭବନ ଠାରେ କନ୍ଧମାଳ ଲୋକସଭା ସାଂସଦ ଡକ୍ଟର ଅଚ୍ୟୁତ ସାମନ୍ତ, କନ୍ଧମାଳ ବିଧାୟକ ମହିଧର ରଣା, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ବୌଦ୍ଧ ଜିଲ୍ଲା ପର୍ଯ୍ୟବେକ୍ଷକ ଅମରେଶ ଜେନାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି ଓ କଂଗ୍ରେସ କର୍ମୀ ଡକ୍ଟର ସାମନ୍ତ, ଶ୍ରୀ ରଣା, ଡକ୍ଟର ପାତ୍ର ଓ ଶ୍ରୀ ଜେନା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ବିଜେପି ଓ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ସାମନ୍ତ, ଶ୍ରୀ ରଣା, ଡକ୍ଟର ପାତ୍ର ଓ ଶ୍ରୀ ଜେନା କହିଥିଲେ। ଏହି ମିଶ୍ରଣ ପର୍ବରେ ଯୁବ ଓକିଲ ଭାଗ୍ୟରଥି ମଲ୍ଲିକ, ଆମ୍ ଆଦମୀ ପାର୍ଟିର ବୌଦ୍ଧ ଜିଲ୍ଲା ସଂଯୋଜକ ଆଶିଶ ଘିବିଲା, ପୂର୍ବତନ ସମବାୟ ସଭାପତି ଓ ଶଗଡା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଅଭିମନ୍ୟୁ ନାୟକ, ପୂର୍ବତନ ସମବାୟ ନିର୍ଦ୍ଦେଶକ ଓ ଅଇଁଲାପାଲି ପଞ୍ଚାୟତର ସମିତିସଭ୍ୟ ପ୍ରାର୍ଥୀ ପ୍ରସନ୍ନ ବକ୍ସି, ବିଜେପିର ପୂର୍ବତନ ବାଉଁଶୁଣି ମଣ୍ଡଳ ସାଧାରଣ ସମ୍ପାଦକ ଦାମୋଦର ମିଶ୍ର, ବିଜେପିର ବାଉଁଶୁଣି ମଣ୍ଡଳ ଯୁବମୋର୍ଚ୍ଚା ସମ୍ପାଦକ ସତ୍ୟନାରାୟଣ ଡାଙ୍ଗ, ପଦ୍ମନାଭ ପ୍ରଧାନ, ନିରଞ୍ଜନ ଦେହୁରୀ, ଶଙ୍କର ସେଠି ପ୍ରମୁଖ ଶତାଧିକ କର୍ମୀ ଓ ନେତା ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଞ୍ଜେଇ ଜବତ ବେପାରୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ତମାଣ୍ଡୋ ଥାନା ପୋଲିସ୍ ଜଣେ ଗଞ୍ଜେଇ ବେପାରୀକୁ ଗିରଫ କରିବାସହ ତା' ନିକଟରୁ ୩ କି.ଗ୍ରା ଗଞ୍ଜେଇ ଜବତ କରିଛି। ନପୁଟ୍ ଛକ ନିକଟରେ ଜଣେ ଗଞ୍ଜେଇ ବେପାରୀ ଗଞ୍ଜେଇ ଧରି ଆଉଜଣେ ବେପାରୀଙ୍କୁ ଦେବା ପାଇଁ ଅପେକ୍ଷା କରିଥିବାବେଳେ ପୋଲିସ୍ ଖବରପାଇ ସେଠାରେ ଚଢାଉ କରିଥିଲା। ବେପାରୀ ରତ୍ନାକର ଚାନ୍ଦ (୫୨)ଙ୍କୁ କାବୁ କରିନେବା ସହ ତା' ନିକଟରୁ ଗଞ୍ଜେଇ ଜବତ କରିଥିଲା। ରତ୍ନାକର ଘର ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅଞ୍ଚଳରେ ବୋଲି ପୋଲିସ୍ କହିଛି। ଗିରଫ ରତ୍ନାକରଙ୍କୁ ସୋମବାର କୋର୍ଟଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

# ଜଣ୍ଡିସ ପୀଡିତ ପରିବାରଙ୍କୁ ଭେଟିଲେ ବିଧାୟକ ନିରାକରଣ ପାଇଁ ପଦକ୍ଷପ ନେବାକୁ ୱାଟ୍‌କୋ ଅଧିକାରୀଙ୍କୁ ନିର୍ଦ୍ଦେଶ

କଟକ, (ସ୍ୱପ୍ର): କଟକ ମହାନଗର ନିଗମ ଅନ୍ତର୍ଗତ ୫୨ନଂ ୱାର୍ଡରେ ଜଣ୍ଡିସ ରୋଗକୁ ନେଇ ଭୟର ବାତାବରଣ ଖେଳିଯାଇଛି। ସ୍ଥାନୀୟ ରାଜେନ୍ଦ୍ରନଗର ମଙ୍ଗଳାମନ୍ଦିର ପୋଷ୍ଟ ଅଫିସ ଗଳିରେ ରହୁଥିବା ପ୍ରଶାନ୍ତ ପଣ୍ଡାଙ୍କ ପରିବାର ଲୋକଙ୍କ ମଧ୍ୟରେ ଜଣ୍ଡିସ ରୋଗ ବ୍ୟାପିଥିଲା। ସପ୍ଲାଇ ପାଣିକୁ ନେଇ ଅଭିଯୋଗ ଆସିବା ପରେ ଜଣ୍ଡିସ ସଂକ୍ରମିତ ରୋଗର ଦୂରୀକରଣ ପାଇଁ ସ୍ଥାନୀୟ କର୍ପୋରେଟରଙ୍କ ଠାରୁ ଆରମ୍ଭ କରି ୱାଟ୍‌କୋ ଏବଂ ସିଏମ୍‌ସି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ନିରାକରଣ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଖବର ଜାଣିବା ପରେ ଅଞ୍ଚଳବାସୀଙ୍କ ପାଖରେ ପହଁଞ୍ଚିଛନ୍ତି ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ। ସେ ସୋମବାର ପୀଡିତ ପରିବାରକୁ ଭେଟି ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ସପ୍ଲାଇ ପାଣି ଆସୁଥିବା ପାଇପର ସଠିକ୍ ଯାଞ୍ଚ କରିବା ସହିତ ଏହାର ପ୍ରକୃତ କାରଣ ଖୋଜି ଏହାର ନିରକରଣ ପାଇଁ ୱାଟକୋ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖାଲି ସେତିକି ନୁହେଁ ବିଧାୟକ ଶ୍ରୀ ବିଶ୍ୱାଳ ପୀଡିତ ପରିବାରଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ବୁଝିବା ସହିତ ଆବଶ୍ୟକ ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ବିଧାୟକଙ୍କ ଘଟଣାସ୍ଥଳ ପରିଦର୍ଶନ କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା, ୱାଟ୍‌କୋ ଅଧିକାରୀ ଦେବବ୍ରତ ମହାନ୍ତି, ସିଏମ୍‌ସି



ସ୍ୱାସ୍ଥ୍ୟାଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ଅଂଚଳବାସୀ ଉପସ୍ଥିତ ଥିଲେ ।

# ସିଏମସି ୫୨ ନମ୍ବର ୱାର୍ଡ ଜଣ୍ଡିସ ପୀଡିତ ଙ୍କୁ ଭେଟିଲେ ନୟନ ମହାନ୍ତି

କଟକ (ସବ୍ୟୁ) ଆଜି ଚୌଦ୍ୱାର- କଟକ ବିଧାନସଭା ବି ଜେ ପି ପ୍ରାର୍ଥୀ ନୟନ କିଶୋର ମହାନ୍ତି ୫୨ ନମ୍ବର ୱାର୍ଡ ସ୍ଥିତ ରାଜେନ୍ଦ୍ର ନଗରର ଜଣ୍ଡିସ ବ୍ୟାପି ଥିବା ଅଞ୍ଚଳ ପରିଦର୍ଶନ କରିଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଦିଆ ଯାଉଥିବା ଦୂଷିତ ଜଳ ବ୍ୟବହାର କରି ଶତାଧିକ ଅଧିବାସୀ ଏହି ରୋଗରେ ପୀଡିତ ଥିବା ଜଣାପଡିଛି । ଶ୍ରୀ ମହାନ୍ତି ଜନସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ବିଭାଗ ର ଉଚ୍ଚ ପଦାଧିକାରୀ ଙ୍କ ସହିତ ଆଲୋଚନା କରି ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦୃଷ୍ଟି ଆକର୍ଷଣ କରି ଥିଲେ । ଏହି ପରିଦର୍ଶନ ସମୟରେ ଧୀର



ପ୍ରସାଦ ମହାନ୍ତି, ଅନୀଲ ଦଳାଇ, ବୀର କିଶୋର ସାହୁ ,ବିଶ୍ୱରାଜ୍ ବିଶ୍ୱାଳ ,ସଞ୍ଜୀବ କୁମାର ବେହେରା ,ସ୍ମୃତି ବିଶ୍ୱାଳ ,ପ୍ରିୟବ୍ରତ ପ୍ରସାଦ , ରାଜେନ୍ଦ୍ର ମହାନ୍ତି ,ଆଦିତ୍ୟ ଯାଦବ ,ସୁଭାଷ ମଲ୍ଲିକ ,ରାଜ ମଲ୍ଲିକ ,ବିନୋଦ ରେଡ୍ଡୀ ,ଯଯାତି ଦେବତା ,ଅଙ୍କି କୁମାର ଆଶ ,ସାଗର ରାଉତ ,ଚନ୍ଦୁ ଦାସ , ପ୍ରଶାନ୍ତ ପାତ୍ର ,ଶୁଭ୍ରାଂଶୁ ସ୍ୱାଇଁ , ପ୍ରତ୍ୟୁଷ କୁମାର ବଳ ,ଦୀପ୍ତି ରଞ୍ଜନ ସ୍ୱାଇଁ , ସମୀର ଦାଶ ,ସତ୍ୟଜିତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଡ୍ରିମ୍‌ସ ମେଡିକାଲ କଲେଜରେ ରଙ୍ଗୋଲି ପ୍ରତିଯୋଗିତା

କଟକ, (ସ୍ୱପ୍ର): ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲଥ ସାଇନ୍ସ ଆଣ୍ଡ ହସ୍‌ପିଟାଲ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅଭାସୀରେ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏମ୍‌ବିବିଏସ୍ ପ୍ରଥମ ବର୍ଷ ଛାତ୍ରଛାତ୍ରୀ ଏଥିରେ ଅଂଶ ଗ୍ରହଣ କରି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଏବର୍ଷର ଥିମ୍ ମୋ ସ୍ୱାସ୍ଥ୍ୟ, ମୋ ଅଧିକାର ଉପରେ ନିଜର ସୃଜନଶୀଳ ଦୃଷ୍ଟିଭଙ୍ଗୀ ରଙ୍ଗୋଲିରେ ପ୍ରଦର୍ଶନ କରିଥିଲେ । ଭାଗ ନେଇଥିବା ୧୧ଟି ଦଳ ମଧ୍ୟରୁ ଆଙ୍କାକ୍ଷା ସାହୁ ଓ ପ୍ରିୟଦର୍ଶିନୀ ବିଶୋଇ ଏବଂ ମୋନାଲିସା ଦେବ ଓ ଜ୍ୟୋତିର୍ମୟୀ କର ଯୋଡି ଯୁଗ୍ମ ଭାବରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଶିକ୍ଷାନୁଷ୍ଠାନର ଡିନ୍ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ଡା. ମୃତ୍ୟୁଞ୍ଜୟ ପଣ୍ଡା, ଡା. ବୁଲୁ ମହାନ୍ତି ଏବଂ ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟ ଦିବସର ପାଳନର ତାତ୍ପର୍ଯ୍ୟ ସଂପର୍କରେ କହିଥିଲେ । ଡା. ଅର୍ପିତା ପ୍ରିୟଦର୍ଶିନୀ ଓ ଡା. ପ୍ରଜ୍ଞାଦା ରୀତା ଯୋଶୀ ବିଚାରକ ଭାବରେ ଛାତ୍ରଛାତ୍ରୀଙ୍କ କଳାକୃତିର ମୂଲ୍ୟାଙ୍କନ କରିଥିଲେ ।

## ଓଡ଼ିଶାରେ ସର୍ବାଧିକ ପସନ୍ଦର ଡିଜିଟାଲ ସେବା ପ୍ରଦାନକାରୀ ଜିଓ

# ଜାନୁୟାରୀରେ ଯୋଡ଼ିଛି ସର୍ବାଧିକ ୧.୩ ଲକ୍ଷ ନୂଆ ଗ୍ରାହକ

ଭୁବନେଶ୍ୱର (ସବ୍ୟୁ): ଟ୍ରାଇ ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ଜିଓ ଓଡ଼ିଶାରେ ସର୍ବାଧିକ ପସନ୍ଦର ତଥା ଏକ ନମ୍ବର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ନିଜର ଜୟଯାତ୍ରା ଜାରି ରଖି ଜାନୁୟାରୀ ମାସରେ ଓଡ଼ିଶାରେ ସର୍ବାଧିକ ୧.୩ ଲକ୍ଷରୁ ଅଧିକ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ିଛି । ଟ୍ରାଇ ତଥ୍ୟ ଅନୁଯାୟୀ, ୨୦୨୪ ଜାନୁୟାରୀ ମାସରେ ଜିଓ ଓଡ଼ିଶାରେ ୧୩୦୭୩୫ ନୂଆ ମୋବାଇଲ୍ ଗ୍ରାହକ ଯୋଡ଼ିଥିବା ବେଳେ ଏହାର ନିକଟତମ ପ୍ରତିଦ୍ୱନ୍ଦୀ ଏୟାରଟେଲ୍ ଏହି ସମୟରେ ମାତ୍ର ୩୯୧୬୫ ମୋବାଇଲ ଉପଭୋକ୍ତା ଯୋଡ଼ିଛି ଛ ଅନ୍ୟପକ୍ଷରେ, ଭୋଡାଫୋନ୍ ଆଇଡିଆ (ଭି) ଓ ବିଏସ୍‌ଏନ୍‌ଏଲ୍ ଜାନୁୟାରୀ ମାସରେ




ଗ୍ରାହକ ହରାଇଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ଏହି ତଥ୍ୟରୁ ଜଣାପଡ଼ିଛି । ଏଥିସହିତ ୨୦୨୪ ଜାନୁୟାରୀ ୩୧ ସୁଦ୍ଧା ଓଡ଼ିଶାରେ ଜିଓ ନେଟୱାର୍କରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ପାଖାପାଖି ୧.୫ କୋଟିର ନିକଟତର ହୋଇଛି । ଜାନୁୟାରୀରେ ଓଡ଼ିଶାରେ ଟେଲିକମ୍ ଗ୍ରାହକ ସଂଖ୍ୟାରେ ୧.୪୬ ଲକ୍ଷ ବୃଦ୍ଧି ଫଳରେ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ଜାନୁୟାରୀ ଶେଷ ସୁଦ୍ଧା ୩.୩୪ କୋଟିକୁ ବୃଦ୍ଧି ହୋଇଛି । ଓଡ଼ିଶାରେ ସର୍ବାଧିକ ପସନ୍ଦର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଜିଓ କ୍ରମାଗତ ଭାବେ ପ୍ରତି ମାସରେ ସର୍ବାଧିକ ନୂଆ ଗ୍ରାହକ ଯୋଡ଼ିବା ସହ ଓଡ଼ିଶା ଟେଲିକମ୍ ବଜାରରେ ନିଜର ନେତୃତ୍ୱ ସ୍ଥାନକୁ ଆହୁରି ସୁଦୃଢ଼କରିଛି ।

# ଇସି ଅଫିସ ଆଗରେ ଧସ୍ତାଧସ୍ତି



**ନୂଆଦିଲ୍ଲୀ:** ଦିଲ୍ଲୀ ସ୍ଥିତ ନିର୍ବାଚନ କମିଶନଙ୍କ ଅଫିସ ବାହାରେ ବିକ୍ଷୋଭ କରୁଥିବା ଟିଏମସିର ୧୦ ଜଣ ସାଂସଦଙ୍କୁ ଉଠାଇ ନେଇ ଅଟକ ରଖିଛି ପୁଲିସ୍ । ଶାସକ ଦଳ କେନ୍ଦ୍ରୀୟ ଏଜେନ୍ସି ଗୁଡ଼ିକୁ ବିରୋଧୀଙ୍କ ବିରୋଧରେ ବ୍ୟବହାର କରୁଥିବାରୁ ଏହାର ପ୍ରତିବାଦ ଟିଏମସି ପକ୍ଷରୁ କରାଯାଇଛି । ଟିଏମସି ସାଂସଦମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ପୁଲିସ୍ ସେମାନଙ୍କୁ ଘୋଷାଡ଼ି ନେଇ ଅଟକ ରଖିଥିଲା । ସାମ୍ନାକୁ ଆସିଥିବା ଭିଡିଓରୁ ଦେଖିବାକୁ ମିଳୁଛି ଯେ ରାଜ୍ୟସଭା ସାଂସଦ ଡେରେକ ଓବ୍ରାଏନଙ୍କୁ ପୁଲିସ୍ ଠେଲାପେଲା କରିବା ସହ ବଳ ପୂର୍ବକ ଟେକି ନେଇ ବସରେ ବସାଉଛି । ଟିଏମସିର ୧୦ ଜଣ ଯାକ ସାଂସଦ ନିର୍ବାଚନ କମିଶନର ପୂର୍ଣ୍ଣ ବେଞ୍ଚକୁ ଦେଖା କରିବାକୁ ଚାହୁଁଥିଲେ । କେନ୍ଦ୍ରୀୟ ଏଜେନ୍ସିର ଅପବ୍ୟବହାର କରାଯାଉଛି । ଏଥିସହ ୪ ତଦନ୍ତକାରୀ ସଂସ୍ଥାର ମୁଖ୍ୟ ମାନଙ୍କୁ ହଟାଇବାକୁ ଟିଏମସି ଦାବି କରିଛି । ଏହି ୧୦ ଜଣିଆ ପ୍ରତିନିଧି ମଣ୍ଡଳରେ ଓବ୍ରାଏନଙ୍କ ସମେତ ଡୋଲା ସେନ, ସାଗରିକା ଘୋଷ, ସାକେତ ଗୋଖଲେ ଓ ଶିତାଂଶୁ ସେନ ପ୍ରମୁଖ ରହିଥିଲେ । ସେମାନେ ସବୁ ଦଳକୁ ନିର୍ବାଚନରେ ସମାନ ସୁଯୋଗ ଦାବିରେ ୨୪ ଘଣ୍ଟିଆ ବିକ୍ଷୋଭ କରିବେ ବୋଲି କହିଥିଲେ । ନିର୍ବାଚନ କମିଶନରଙ୍କୁ ଦେଖା କରିବା ପରେ ପୁଲିସ୍ ସେମାନଙ୍କୁ ଅଫିସ ସାମ୍ନାରୁ ଚାଲି ଯିବାକୁ ଅନୁରୋଧ କରିଥିଲା । ହେଲେ ସେମାନେ ଅଫିସ ସାମ୍ନାରେ ବିକ୍ଷୋଭ ଆରମ୍ଭ କରିଦେଇଥିଲେ । ପ୍ରାୟ ୧ ଘଣ୍ଟା ପରେ ପୁଲିସ ସେମାନଙ୍କୁ ବଳପୂର୍ବକ ସେଠାରୁ ଉଠାଇ ନେଇ ବସରେ ଭର୍ତ୍ତି କରିଥିଲା । ଓବ୍ରାଏନଙ୍କୁ ଠେଲାପେଲା କରି ପୁଲିସ କର୍ମଚାରୀମାନେ କିଛି ଦୂରରେ ଥିବା ଗୋଟିଏ ବସକୁ ନେଉଥିବା ବେଳର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି । ଟିଏମସି ସାଂସଦମାନେ ଅଭିଯୋଗ କରିଛନ୍ତି ଯେ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ରୀୟ ଏଜେନ୍ସି କେବଳ ବିରୋଧୀଙ୍କ ଉପରେ ଫୋକସ କରୁଛି । କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା ହେଉଥିବା ଗିରଫଦାରୀ ସଂପୂର୍ଣ୍ଣ ରାଜନୀତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସେମାନେ କହିଛନ୍ତି । ଟିଏମସି ସାଂସଦ ଡୋଲା ସେନ କହିଛନ୍ତି, ୨୦୨୨ର ଗୋଟିଏ ମାମଲାରେ ଏନଆଇଏ ୨୦୨୪ରେ ଗିରଫ କରୁଛୁ । ଆଇନ ଶୃଙ୍ଖଳା ରାଜ୍ୟର ବ୍ୟାପାର ଓ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ସ୍ଥାନୀୟ ପୁଲିସକୁ ସୂଚିତ କରାଯିବା କଥା । ହେଲେ ସେମିତି କିଛି ବି କରାଯାଉଛି । ତେଣୁ କେନ୍ଦ୍ରୀୟ ଏଜେନ୍ସି ଗୁଡ଼ିକର ୪ ମୁଖ୍ୟଙ୍କୁ ବଦଳା ଯାଉଛି । ଏପ୍ରିଲ ୧ରେ ଆମେ ନିର୍ବାଚନ କମିଶନର ଅଧିକାରୀମାନଙ୍କୁ ଭେଟିଥିଲୁ । ନିର୍ବାଚନୀ ଗଣତନ୍ତ୍ରରେ ସମସ୍ତଙ୍କର ସମାନ ସୁଯୋଗ ରହିଛି । ସିବିଆଇ, ଇଡି, ଏନଆଇଏ ଓ ଆୟକର ବିଭାଗ ଯେଉଁ ଭଳି ମାତିଛନ୍ତି, ସେଥିରୁ ଲାଗୁଛି ଯେ ସେମାନେ ବିଜେପିର ବ୍ରାଞ୍ଚ ସଦସ୍ୟ । ଏପରି ପଦକ୍ଷେପ ବିରୋଧୀଙ୍କ ଜୀବନକୁ କଷ୍ଟକର କରି ଦେଇଛି । ବିଜେପି ନେତାଙ୍କ ଘରେ ଏନଆଇଏ ଅଫିସରମାନେ ବୈଠକ କରିଥିବା ଟିଏମସି ସାଂସଦ ସାଗରିକା ଘୋଷ ଅଭିଯୋଗ କରିଛନ୍ତି ।

ଉଦାହରଣ ଦେଇ ସେ କହିଛନ୍ତି, ଏପ୍ରିଲ ୫ ଓ ୬ ତାରିଖ ରାତିରେ ଏନଆଇଏ ଅଧିକାରୀମାନେ ପୁଲିସକୁ ବିନା କୌଣସି ସୂଚନା ଦେଇ ରେଡ୍ କରିଥିଲେ । ଦୁଇ ବର୍ଷ ତଳର ଗୋଟିଏ କେସରେ ଏନଆଇଏ ଏପରି ପଦକ୍ଷେପ ନେଇଛି । ଭୋର ୩ଟାରେ ମହିଳାମାନଙ୍କ ଘର ରେଡ କରାଯାଉଛି । ସେମାନେ ମହିଳାମାନଙ୍କୁ ହଇରାଣ କରିବା ସହ ଅସଦାଚରଣ କରିଛନ୍ତି । ତେଣୁ ଏନଆଇଏ, ଇଡି, ସିବିଆଇ ଓ ଆୟକର ବିଭାଗର ମୁଖ୍ୟମାନଙ୍କୁ ବଦଳାଇବା ପାଇଁ ନିର୍ବାଚନ କମିଶନଙ୍କୁ ଅନୁରୋଧ କରାଯାଇଥିବା ସାଗରିକା କହିଛନ୍ତି ।

## କଂଗ୍ରେସ-ଏନ୍‌ସି ଆସନ ବୁଝାମଣା



**ନୂଆଦିଲ୍ଲୀ:** ଜମ୍ମୁ-କଶ୍ମୀରରେ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ଓ ନ୍ୟାସନାଲ କନଫରେନ୍ସ ମଧ୍ୟରେ ଆଲୋଚନା ହୋଇଛି । ଆସନ ବୁଝାମଣା ସମ୍ପର୍କରେ ନ୍ୟାସନାଲ କନଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା କହିଛନ୍ତି ଯେ ଏନସି ପ୍ରାର୍ଥୀମାନେ ତିନୋଟି ଆସନରେ ଲଢ଼ିବେ ଏବଂ ଅବଶିଷ୍ଟ ଆସନରେ ଆମେ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କରିବୁ । ସେ କହିଛନ୍ତି ଯେ ଉଧମପୁର, ଜମ୍ମୁ ଓ ଲଦାଖ ଆସନରେ କଂଗ୍ରେସ ଏବଂ ଅନନ୍ତନାଗ-ରାଜୌରୀ, ବାରାମୁଲା ଏବଂ ଶ୍ରୀନଗର ଆସନରେ ନ୍ୟାସନାଲ କନଫରେନ୍ସ ପ୍ରତିଦ୍ୱନ୍ଦ୍ୱିତା କରିବ । ଚୌଧୁରୀ ଲାଲ ସିଂହ ଉଧମପୁରରୁ, ରମଣ ଭଲ୍ଲା ଜମ୍ମୁରୁ ଏବଂ ମିଆଁ ଅଲତାଫ ଅହମ୍ମଦ ଅନନ୍ତନାଗରୁ ନିର୍ବାଚନ ଲଢ଼ିବେ । ଅବଶିଷ୍ଟ ଆସନ ପାଇଁ ଖୁବ୍ ଶୀଘ୍ର ପ୍ରାର୍ଥୀ ଘୋଷଣା କରାଯିବ । ପିଡିପି ସହ ମେଣ୍ଟ ପ୍ରସଙ୍ଗରେ ଓମାର ଅବଦୁଲ୍ଲା କହିଛନ୍ତି ଯେ ଆମେ ଏକାଠି ନିର୍ବାଚନ ଲଢ଼ିବାକୁ ଚେଷ୍ଟା କରିଥିଲୁ କିନ୍ତୁ ଏହି ସହମତି ହୋଇପାରିନଥିଲା । ଲୋକସଭା ନିର୍ବାଚନରେ ଆମକୁ ସାହାଯ୍ୟ କରିବାକୁ ଆମେ ତାଙ୍କୁ କହିଥିଲୁ । ବିଧାନସଭାରେ ଆମେ ସେମାନଙ୍କୁ ସାହାଯ୍ୟ କରିବୁ କିନ୍ତୁ ତାହା ଫଳପ୍ରଦ ହେଲା ନାହିଁ । ଗଣତନ୍ତ୍ରରେ ସେମାନଙ୍କର ଯେକୌଣସି ସ୍ଥାନରୁ ନିର୍ବାଚନ ଲଢ଼ିବାର ଅଧିକାର ରହିଛି ।

## ହେମନ୍ତଙ୍କ ବିରୋଧରେ ଇଡି ଚାର୍ଜସିଟ୍

**ନୂଆଦିଲ୍ଲୀ:** ଜମି ଦୁର୍ନୀତି ଓ ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଜାନୁଆରି ୩୧ ତାରିଖରେ ଗିରଫ କରାଯାଇଥିଲା । ହେମନ୍ତଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଯେଉଁ ପ୍ରମାଣ ଯୋଗାଡ଼ କରିଛି ସେଥିରେ ଫ୍ରିଜ୍, ସ୍ମାର୍ଟଟିଭି ଆଦିର ଇନଭଏସ୍ ଆଦି ରହିଛି । ହେମନ୍ତ ସୋରେନ୍ ବେଆଇନ ଭାବେ ୮.୮୬ ଏକର ଜମି ଅକ୍ତିଆର କରିଥିଲେ । ଏହି ସମସ୍ତ ଜମିର ମୂଲ୍ୟ ୩୧ କୋଟି ଟଙ୍କା । ଏହା ସହ ତାଙ୍କର ଆୟବର୍ହିଭୂତ ସମ୍ପତ୍ତି ସମ୍ପର୍କରେ ନିର୍ଦ୍ଦେଶାଳୟ ପ୍ରମାଣ ଯୋଗାଡ଼ କରିଛି । ଏହି ପ୍ରମାଣ ମଧ୍ୟରେ ରାଞ୍ଚିର ଦୁଇଜଣ ଡିଲରଙ୍କଠାରୁ ଜବତ କରାଯାଇଥିବା ସ୍ମାର୍ଟ ଟିଭି ଓ ଫ୍ରିଜ୍ର ଇନଭଏସ୍ ରହିଛି । ଏହି ପ୍ରମାଣକୁ ମଧ୍ୟ ପିଏମ୍ଏଲ୍ଏ କୋର୍ଟ ଆଇନତଃ ସିଦ୍ଧ ବୋଲି ଗ୍ରହଣ କରିଛି । ଏହି ଦାମୀ ସାମଗ୍ରୀଗୁଡ଼ିକ ସନ୍ତୋଷ ମୁଣ୍ଡାଙ୍କ ପରିବାର ସଦସ୍ୟଙ୍କ ନାମରେ କିଣାଯାଇଛି । ସନ୍ତୋଷ ଗତ ୧୪-୧୫ ବର୍ଷ ଧରି ୮.୮୬ ଏକର ଜମିର ତତ୍ତ୍ୱାବଧାରକ ଭାବେ ଦାୟିତ୍ୱ ତୁଲାଉଛନ୍ତି । କିନ୍ତୁ ନିର୍ଦ୍ଦେଶାଳୟର ପଚରାଉଚୁରାରେ ହେମନ୍ତ ସୋରେନ୍ ଏହି ଜମି ସହ ତାଙ୍କର କୌଣସି ସମ୍ପର୍କ ନଥିବା କହିଥିଲେ । ପରେ ହେମନ୍ତ ହିଁ ବେଆଇନ ଭାବେ ଜମି ଦଖଲ କରିଥିବା ଜଣାପଡ଼ିଥିଲା । ସୋରେନ୍‌ଙ୍କ ଗିରଫଦାରୀ ନେଇ ଝାଡ଼ଖଣ୍ଡ ରାଜନୀତି ସରଗରମ ରହିଥିବା ବେଳେ ଇଡିର ପ୍ରମାଣ ଦାଖଲ ତାଙ୍କ ଅଡୁଆ ବାଢ଼ିବ ବୋଲି କୁହାଯାଉଛି ।

## କେ କବିତାଙ୍କ ଅନ୍ତରୀଣ ଜାମିନ୍ ଆବେଦନ ଖାରଜ



**ନୂଆଦିଲ୍ଲୀ:** ଖାରଜ ହେଲା ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍) ନେତ୍ରୀ କେ କବିତାଙ୍କ ଅନ୍ତରୀଣ ଜାମିନ୍ ଆବେଦନ । ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟ ଆଜି ତାଙ୍କ ଆବେଦନ ଖାରଜ କରିଥିବା ଜଣାପଡ଼ିଛି । ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ତିହାର ଜେଲରେ ବନ୍ଦୀ ଥିବା କବିତା ଅନ୍ତରୀଣ ଜାମିନ୍ ପାଇଁ ଆବେଦନ କରିଥିଲେ । ହେଲେ ତାଙ୍କ ଆବେଦନକୁ କୋର୍ଟ ଗ୍ରହଣ କରିନଥିବା ସାମ୍ନାକୁ ଆସିଛି । ଗତ ମାସରେ ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ବିଆରଏସ ନେତ୍ରୀ କବିତାଙ୍କୁ ଗିରଫ କରାଯାଇଥିଲା । ଗତ ଏପ୍ରିଲ ୨ରେ କୋର୍ଟ ତାଙ୍କୁ ୧୪ଦିନ ପାଇଁ ନ୍ୟାୟିକ ହେପାଜତକୁ ପଠାଇଥିଲେ । ଏବେ ସେ ଏପ୍ରିଲ ୧୫ପର୍ଯ୍ୟନ୍ତ ଜେଲରେ ରହିବେ । ମିଳିଥିବା ସୂଚନା ମୁତାବକ, ପୁଅର ପରୀକ୍ଷା ଥିବା ଦର୍ଶାଇ କବିତା ଅନ୍ତରୀଣ ଜାମିନ ପ୍ରଦାନ କରିବାକୁ କୋର୍ଟରେ ଆବେଦନ କରିଥିଲେ । ବିଆରଏସ ନେତ୍ରୀଙ୍କ ଆବେଦନ ଉପରେ ଶୁଣାଣି ବେଳେ ତାଙ୍କ ଓକିଲ କହିଥିଲେ ଯେ, କେ. କବିତାଙ୍କ ପୁଅଙ୍କର ପରୀକ୍ଷା ଏପ୍ରିଲ ମାସରେ ଆରମ୍ଭ ହେବାକୁ ଯାଉଛି । ତାଙ୍କର ୧୬ବର୍ଷର ପୁଅ ପରୀକ୍ଷା ସମୟରେ ମା'ର ସମର୍ଥନ ଆବଶ୍ୟକ କରେ । ଭାଇ କିମ୍ବା ବାପା, ମା'ଙ୍କ ଅନୁପସ୍ଥିତିକୁ ପୂରଣ କରିପାରିବେ ନାହିଁ । ଏପରି ପରିସ୍ଥିତିରେ ତାଙ୍କୁ ଅନ୍ତରୀଣ ଜାମିନ ଦିଆଯାଉଛି । ଏହା ଶୁଣି ଶୁଣାଣି ସମୟରେ ଇଡି ପକ୍ଷରୁ ହାଜର ହୋଇଥିବା ଓକିଲ ଜୋହେବ ହୁସେନ୍ କହିଥିଲେ ଯେ, ଏହି ମାମଲାରେ କବିତା ମୁଖ୍ୟ ଅଭିଯୁକ୍ତ । ସେ ତାଙ୍କ ବିରୋଧରେ ମୋବାଇଲ୍ ଫୋନରେ ଥିବା ପ୍ରମାଣକୁ ନଷ୍ଟ କରିଦେଇଛନ୍ତି । ଇଡି ଏବେ ପ୍ରମାଣ ଖୋଜିବାକୁ ଚେଷ୍ଟା କରୁଛି । ଏବେ ଜାମିନ୍ ଦେଲେ ତଦନ୍ତରେ ବାଧା ସୃଷ୍ଟି ହେବ । କବିତାଙ୍କ ପୁଅଙ୍କର ୧୨ଟି ପରୀକ୍ଷା ମଧ୍ୟରୁ ୭ଟି ଶେଷ ହୋଇଛି । ସେ ଏକୁଟିଆ ନାହାନ୍ତି । କାରଣ ତାଙ୍କ ବାପା ଏବଂ ବଡ ଭାଇ ମଧ୍ୟ ତାଙ୍କ ସହିତ ଅଛନ୍ତି । ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ କୋର୍ଟ ତାଙ୍କ ଆବେଦନ ଖାରଜ କରିଥିବା ଜଣାପଡ଼ିଛି ।

## ନିର୍ବାଚନ ଲଢ଼ିବେ ସଞ୍ଜୟ ଦତ୍ତ



**ମୁମ୍ବାଇ:** ସଞ୍ଜୟ ଦତ୍ତଙ୍କ ବାପା ଦିବଙ୍ଗତ ସୁନୀଲ ଦତ୍ତ ମୁମ୍ବାଇରୁ ସାଂସଦ ଓ ମନ୍ତ୍ରୀ ଥିଲେ । ତାଙ୍କ ଭଉଣୀ ପ୍ରିୟା ଦତ୍ତ ମଧ୍ୟ ସାଂସଦ ଥିଲେ । ଏଥର ନିର୍ବାଚନ ଲଢ଼ିବେ ବଲିଉଡର ସଞ୍ଜୁ ବାବା ଓରଫ ସଞ୍ଜୟ ଦତ୍ତ । ସେ କଂଗ୍ରେସ ଟିକେଟରେ ହରିଆଣାର ଯମୁନାନଗର ଆସନରୁ ନିର୍ବାଚନ ଲଢ଼ିପାରନ୍ତି । ଦୀର୍ଘ ଦିନ ହେବ ଏଭଳି କିଛି ଚର୍ଚ୍ଚା ଲାଗିଛି । ଏବେ ଏହି ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ଲଗାଇଛନ୍ତି ଖୋଦ୍ ଅଭିନେତା ସଞ୍ଜୟ ଦତ୍ତ । ଚଳିତ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଖବରକୁ ସଞ୍ଜୟ ଦତ୍ତ ଖଣ୍ଡନ କରିଛନ୍ତି । ସେ ନିର୍ବାଚନ ଲଢ଼ିବା ଖବର ସତ ନୁହେଁ । ଏହା କେବଳ ଏକ ଗୁଜବ ବୋଲି ସେ ସୋଶାଲ ମିଡିଆରେ ଏକ ପୋଷ୍ଟ ସେୟାର କରି ସୂଚନା ଦେଇଛନ୍ତି । ସେ ନିଜ ସୋଶାଲ ମିଡିଆ ହ୍ୟାଣ୍ଡେଲରେ କହିଛନ୍ତି, 'କୌଣସି ବି ଦଳରେ ମୁଁ ସାମିଲ ହେବାକୁ ଯାଉନାହିଁ । ଯଦି ମୁଁ ରାଜନୀତିରେ ଏଣ୍ଟ୍ରି କରିବି ତେବେ ମୁଁ ନଜେ ଏନେଇ ଘୋଷଣା କରିବି । ଦୟାକରି ଏଭଳି ଗୁଜବଠାରୁ ଦୂରେଇ ରହନ୍ତୁ । ଉଡା ଖବର ତଥା ଗୁଜବ ଉପରେ ବିଶ୍ୱାସ ନ କରିବାକୁ ସେ ଲୋକଙ୍କୁ ଅପିଲ୍ କରିଛନ୍ତି । ପୂର୍ବରୁ ଚର୍ଚ୍ଚା ହେଉଥିଲା ଯେ, କଂଗ୍ରେସ ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟଙ୍କ ବିରୋଧରେ ସେଲେବ୍ରିଟି କାର୍ଡ ଖେଳିପାରେ । ଏଥିପାଇଁ ହାଇକମାଣ୍ଡ ସଞ୍ଜୟ ଦତ୍ତଙ୍କ ନାଁ ଉପରେ ମୋହର ମାରି ସାରିଛନ୍ତି ।

## ଅନନ୍ତନାଗରେ ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ମୁହାଁମୁହିଁ

**ଶ୍ରୀନଗର:** ଲୋକସଭା ନିର୍ବାଚନରେ ଜମ୍ମୁ-କଶ୍ମୀରରେ ବିଭିନ୍ନ ରାଜନେତିକ ଦଳ ନିଜ ନିଜର ପ୍ରଚାର ଜୋରଦାର୍ କରିଛନ୍ତି । ଲୋକସଭା ନିର୍ବାଚନରେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମନବୀ ଆଜାଦ୍ ନିଜର ପାରମ୍ପରିକ ଆସନ ବଦଳାଇ ଦେଇଛନ୍ତି । ସେ ନିଜର ପାରମ୍ପରିକ ଲୋକସଭା ଆସନ ଉଧମପୁର-କଠୁଆ ପରିବର୍ତ୍ତେ ଚଳିତ ଥର ଅନନ୍ତନାଗ-ରାଜେରୀ ଲୋକସଭା ଆସନରୁ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି । ଏହି ଆସନରେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି ଗୁଲାମନବୀଙ୍କୁ ଟକ୍କର ଦେବେ । ଫଳରେ ଚଳିତ ଲୋକସଭା ନିର୍ବାଚନରେ ଅନନ୍ତନାଗ-ରାଜେରୀ ଲୋକସଭା ଆସନ ହଟ୍ ସିଟ୍‌ରେ ପରିଣତ ହୋଇଛି । ଦୁଇ ନେତା ନିଜ ନିଜର ଅସ୍ତିତ୍ୱ ନେଇ ଚଳିତ ଥର ଲଢ଼େଇ କରୁଛନ୍ତି । ଗୁଲାମନବୀ ପ୍ରାୟ ଦୁଇ ବର୍ଷ ତଳେ କଂଗ୍ରେସ ଶିବିର ଛାଡ଼ିଥିଲେ । ସେ ନିଜର ଅଲଗା ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ୍ ପାର୍ଟି ଗଠନ କରିଥିଲେ । ଜମ୍ମୁ-କଶ୍ମୀରରେ ଏହା ତାଙ୍କର ଦ୍ୱିତୀୟ ଲୋକସଭା ନିର୍ବାଚନ । ଯେଉଁଥିରେ ସେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ୨୦୧୪ରେ ସେ କଂଗ୍ରେସ ଟିକେଟରେ ଉଧମପୁର-କଠୁଆ ଲୋକସଭା ଆସନରେ ଲି ପରାଜିତ ହୋଇଥିଲେ ।

## ମଣିପୁରକୁ ରକ୍ଷା କରିଛି କେନ୍ଦ୍ର: ମୋଦି

**ନୂଆଦିଲ୍ଲୀ:** ଆଦିବାସୀ ଓ ଅଣଆଦିବାସୀ ସଂଘର୍ଷ ଯୋଗୁ ଅଶାନ୍ତ ହୋଇ ପଡ଼ିଥିବା ମଣିପୁର ପ୍ରସଙ୍ଗରେ ବଡ଼ ବୟାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ମଣିପୁର ହିଂସାରେ ଅନେକ ଲୋକ ପ୍ରାଣ ହରାଇଥିବା ବେଳେ ଲକ୍ଷାଧିକ ଲୋକ ବେଘର ହୋଇ ରିଲିଫ କ୍ୟାମ୍ପରେ ରହୁଛନ୍ତି । ତଥାପି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ କେନ୍ଦ୍ର ସରକାର ଠିକ ସମୟରେ ହସ୍ତକ୍ଷେପ କରି ମଣିପୁରକୁ ରକ୍ଷା କରି ଦେଇଛନ୍ତି । ଅତ୍ୟନ୍ତ ସମ୍ବେଦଶୀଳ ଭାବେ ମଣିପୁର ସ୍ଥିତିର ମୁକାବିଲା କରିବା ସମସ୍ତଙ୍କ ଦାୟିତ୍ୱ । କେନ୍ଦ୍ର ଓ ରାଜ୍ୟ ସରକାର ଠିକ ସମୟରେ ହସ୍ତକ୍ଷେପ କରିବାରୁ ମଣିପୁର ସ୍ଥିତିରେ ସୁଧାର ଆସିଥିବା ମୋଦି ଦାବି କରିଛନ୍ତି । ଆସାମ ଟ୍ରିବ୍ୟୁନକୁ ସାକ୍ଷାତକାର ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ମଣିପୁର ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ତାଙ୍କର ଶ୍ରେଷ୍ଠ ସମ୍ବଳ ଓ ପ୍ରଶାସନିକ ବ୍ୟବସ୍ଥାକୁ ବ୍ୟବହାର କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିବାଦର ଉଗ୍ର ସ୍ଥିତି ବେଳେ ମଣିପୁରରେ ରହିଥିଲେ । ବିଭିନ୍ନ ସଂଗଠନ ଓ ଅଂଶିଦାରଙ୍କ ସହ ବିବାଦର ସମାଧାନ ପାଇଁ ୧୫ରୁ ଅଧିକ ବୈଠକ କରିଥିଲେ । କେନ୍ଦ୍ର ସରକାର ନିୟମିତ ଭାବେ ରାଜ୍ୟ ସରକାରଙ୍କୁ ସବୁ ପ୍ରକାରର ସହାୟତା ଯୋଗାଇ ଦେଇଥିଲେ । ବର୍ତ୍ତମାନ ରିଲିଫ ଓ ପୁନଃ ଥଇଥାନ ପ୍ରକ୍ରିୟା ଚାଲିଛି । କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ଆର୍ଥିକ ସହାୟତା ସମେତ ବିଭିନ୍ନ ପ୍ରକାରର ସୁବିଧା ବ୍ୟବସ୍ଥା କରାଯାଇଛି । ଗତବର୍ଷ ମେ' ମାସରୁ ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷ ଯୋଗୁ ମଣିପୁରରେ ହିଂସାକାଣ୍ଡ ଦେଖିବାକୁ ମିଳିଥିଲା ।

## ଇସ୍ରାଏଲ-ହାମାସ୍ ଯୁଦ୍ଧ ନିୟନ୍ତ୍ରଣ କରିବାରେ ଜାତିସଂଘ ବିଫଳ




**ତେଲ୍ ଅଭିଭ:** ଇସ୍ରାଏଲ ଓ ପାଲେଷ୍ଟାଇନ ସଙ୍ଗଠନ ହାମାସ୍ ମଧ୍ୟରେ ଚାଲିଥିବା ବିନାଶକାରୀ ଯୁଦ୍ଧ ଏବେ ସପ୍ତମ ମାସରେ ପହଞ୍ଚିଛି । ଗତ ୬ ମାସ ମଧ୍ୟରେ ଏହି ଯୁଦ୍ଧଜନିତ ଧ୍ୱଂସଲୀଳା ଓ ମୃତ୍ୟୁର ତାଣ୍ଡବ ସମଗ୍ର ବିଶ୍ୱକୁ ଆନ୍ଦୋଳିତ କରିଛି । ଇସ୍ରାଏଲ ଏହି ଯୁଦ୍ଧ ବନ୍ଦ କରିବା ପାଇଁ ଏବେ ଏହାର ମିତ୍ର ରାଷ୍ଟ୍ର ଆମେରିକା ସମେତ ଅନ୍ୟ ସହଯୋଗୀ ରାଷ୍ଟ୍ରମାନେ ଚାପ ସୃଷ୍ଟି କରୁଛନ୍ତି । କିନ୍ତୁ ହମାସ୍କୁ ମୂଳପୋଛ କରିବା ପାଇଁ ସଂକଳ୍ପ ନେଇ ଇସ୍ରାଏଲ ଗାଜାକୁ ଧ୍ୱଂସ କରିଚାଲିଛି । ଯୁଦ୍ଧ ନିୟନ୍ତ୍ରଣ କରିବାରେ ଜାତିସଂଘ ବିଫଳ ହୋଇଥିବା ବେଳେ ହମାସ୍ ସଂଗଠନ ପ୍ରତି ଦରଦ ଦେଖାଇ ଜାତିସଂଘର ଅନେକ ଅଧିକାରୀ ସମାଲୋଚିତ ହୋଇଛନ୍ତି । ଅନ୍ୟପକ୍ଷରେ ଏହି ଯୁଦ୍ଧରେ ବେସାମରିକ ମୃତ୍ୟୁ ସଂଖ୍ୟା ଅଧିକ ଥିବାରୁ ଇସ୍ରାଏଲ ଅନ୍ତର୍ଜାତୀୟ ସ୍ତରରେ କଡ଼ା ସମାଲୋଚନାର ସମ୍ମୁଖୀନ ହୋଇଛି । ଗାଜାରେ ମାନବିକ ସଙ୍କଟ ଜଟିଳ ରୂପ ନେଇଛି ଏବଂ ଏକ ତୃତୀୟାଂଶ ଲୋକ ଦୁର୍ଭିକ୍ଷର ଶିକାର ହୋଇଛନ୍ତି । ଗତ ବର୍ଷ ଅକ୍ଟୋବର ୭ ତାରିଖରେ ପାଲେଷ୍ଟାଇନରେ ହମାସ ସଂଗଠନ ଇସ୍ରାଏଲ ଉପରେ ଅତି ବର୍ବର ଆକ୍ରମଣ କରିବା ପରେ ଇସ୍ରାଏଲ ଗାଜାରେ ସାମରିକ ଅଭିଯାନ ଆରମ୍ଭ କରିଥିଲା । ଏବେ ଏହା ୬ ମାସ ଅତିକ୍ରାନ୍ତ କରିଗଲାଣି । ଏହି ସମୟ ମଧ୍ୟରେ ଗାଜାର ଅଧିକାଂଶ ଅଞ୍ଚଳ ଧ୍ୱଂସସ୍ତୂପରେ ପରିଣତ ହୋଇଛି । ତେବେ ହମାସକୁ ସଂପୂର୍ଣ୍ଣ ନିପାତ କରିବା ଏବଂ ପଣବନ୍ଦୀମାନଙ୍କୁ ଘରକୁ ଫେରାଇ ଆଣିବା ପାଇଁ ଇସ୍ରାଏଲର ଲକ୍ଷ୍ୟ ପୂରଣ ହୋଇପାରିନାହିଁ । ହମାସ୍ର ଅଭୂତପୂର୍ବ ଆକ୍ରମଣ ପରେ ଇସ୍ରାଏଲର ସହଯୋଗୀ ରାଷ୍ଟ୍ରମାନେ ଏହାକୁ ହୋଲୋକାଷ୍ଟ ପରଠାରୁ ସବୁଠାରୁ ଭୟଙ୍କର ଆକ୍ରମଣ ବୋଲି କହିଥିଲେ ଏବଂ ଇସ୍ରାଏଲର ଜବାବୀ ଆକ୍ରମଣକୁ ସମର୍ଥନ କରିଥିଲେ । ଏବେ ଇସ୍ରାଏଲର ଆକ୍ରମଣରେ ଅଧିକାଂଶ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟୁଥିବାରୁ ଏହାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଉଛି । ଯୁଦ୍ଧ ଆରମ୍ଭ ହେବା ପରଠାରୁ ୩୩ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ଯୁଦ୍ଧକୁ କିପରି ଶେଷ କରାଯିବ ଏବଂ ଏହି ଅଞ୍ଚଳର ଭବିଷ୍ୟତ କ'ଣ ହେବ ସେ ଦିଗରେ ଘୋର ଅନିଶ୍ଚିତତା ଲାଗି ରହିଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏକ ସ୍ୱାଧୀନ ପାଲେଷ୍ଟାଇନ ରାଷ୍ଟ୍ର ପାଇଁ ଆନ୍ତର୍ଜାତିକ ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଗାଜାକୁ ମାନବିକ ସହାୟତା ଆଳରେ ପୂନର୍ବାର ହମାସକୁ ସୁଦୃଢ଼ ହେବାକୁ ଦିଆଯିବ ନାହିଁ ବୋଲି ସେ ଘାଷଣା କରିଛନ୍ତି ।

ଜାତିସଂଘର ହସ୍ତକ୍ଷେପ ପରେ ଗାଜାକୁ ମାନବୀୟ ସହାୟତା ପାଇଁ ଅନୁମତି ମିଳିଥିଲେ ମଧ୍ୟ ଲଗାତାର ଧ୍ୱଂସଲୀଳା ଭିତରେ ଏହାର ଗୁରୁତ୍ୱ ରହୁନାହିଁ । ରିଲିଫ୍ କେନ୍ଦ୍ରଗୁଡ଼ିକ ଉପରେ ବୋମାମାଡ଼ ଓ ଗୁଳିବର୍ଷା ହୃଦୟ ବିଦାରକ ସ୍ଥିତି ସୃଷ୍ଟି କରିଛି । ଗାଜାର ସମସ୍ତ ପ୍ରମୁଖ ହସ୍ପିଟାଲ ଏବେ ଛାରଖାର ହୋଇଯାଇଛି । ଲୋକେ ଖାଦ୍ୟ ଓ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି । ଗାଜାରେ ଇସ୍ରାଏଲ ଗଣହତ୍ୟା କରିଥିବା ଅଭିଯୋଗର ତଦନ୍ତ କରୁଥିବା ଅନ୍ତର୍ଜାତୀୟ ନ୍ୟାୟାଳୟ ଗାଜାରେ ସାଧାରଣ ନାଗରିକଙ୍କ ସୁରକ୍ଷା ପାଇଁ ଇହୁଦୀ ରାଷ୍ଟ୍ର ଅଧିକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ତର୍ଜାତୀୟ ଚାପର ସମ୍ମୁଖୀନ ହେବା ସତ୍ତ୍ୱେ ନେତାନ୍ୟାହୁ ଜିଦରେ ଅଟଳ ଅଛନ୍ତି ଏବଂ ସମସ୍ତ ବନ୍ଧକଙ୍କୁ ହମାସ୍ ବିନା ସର୍ତ୍ତରେ ମୁକ୍ତ ନକରିବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ ବୋଲି କହିଛନ୍ତି । ଗାଜାର ବିଭିନ୍ନ ଅଞ୍ଚଳରୁ ପଳାଇ ଆସିଥିବା ୧୦ ଲକ୍ଷରୁ ଅଧିକ ଲୋକ ଏବେ ରାଫାରେ ରହୁଥିବା ବେଳେ ଆଗକୁ ରାଫାରେ ତୀବ୍ର ଆକ୍ରମଣ ପାଇଁ ଇସ୍ରାଏଲ ଚେତାବନୀ ଶୁଣାଇଛି । ଭୂମଧ୍ୟସାଗରର ପୂର୍ବ ଉପକୂଳରେ ଅବସ୍ଥିତ ଏକ କ୍ଷୁଦ୍ର ଅଞ୍ଚଳ ଗାଜା ଏବେ ଭୟାନକ ମାନବିକ ସଙ୍କଟର ସମ୍ମୁଖୀନ ହୋଇଛି ଏବଂ ଜାତିସଂଘ ଲୋକଙ୍କୁ ସହାୟତା ଯୋଗାଇବାରେ ବିଫଳ ହୋଇଛି । ୨୦୦୭ ମସିହାରୁ ଏଠାରେ ଆତଙ୍କବାଦୀ ସଂଗଠନ ହମାସ୍ ଶାସନ କରୁଛି ।

## ଜନସେବା ପାର୍ଟିକୁ ୫ କୋଟି ଦେଲେ ସୁପରଷ୍ଟାର ଚିରଞ୍ଜୀବୀ



**ଅମରାବତୀ:** ଲୋକସଭା ନିର୍ବାଚନ ପୂର୍ବରୁ ତେଲୁଗୁ ସୁପରଷ୍ଟାର ଚିରଞ୍ଜୀବୀ ତାଙ୍କ ଭାଇ ପଓ୍ୱନ କଲ୍ୟାଣଙ୍କ ଜନସେନା ପାର୍ଟିକୁ ୫ କୋଟି ଟଙ୍କା ଦାନ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଅଭିନେତା ଚିରଞ୍ଜୀବୀଙ୍କ ସାନ ଭାଇ ପଓ୍ୱନ କଲ୍ୟାଣ ଟିଡିପି ଏବଂ ବିଜେପି ସହିତ ଲୋକସଭା ଏବଂ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ଲଢୁଥିବା ଜନସେନା ଦଳର ମୁଖ୍ୟ ଅଟନ୍ତି । ଜନସେନା ମୁଖ୍ୟ ପଓ୍ୱନ କଲ୍ୟାଣ ଟଲିଉଡ ସୁପରଷ୍ଟାର ଏବଂ ତାଙ୍କ ଭାଇ ଚିରଞ୍ଜୀବୀଙ୍କୁ ଆଜି ଏକ ଚଳଚ୍ଚିତ୍ର ସୁଟିଂ ସ୍ଥାନରେ ଭେଟିଥିଲେ । ପଓ୍ୱନ କଲ୍ୟାଣଙ୍କ ଦ୍ୱିତୀୟ ଭାଇ ନାଗା ବାବୁ ମଧ୍ୟ ତାଙ୍କ ସହ ଥିଲେ । ଜନସେନା ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ ଏହି ଅବସରରେ ସୁପରଷ୍ଟାର ଚିରଞ୍ଜୀବୀ ନିର୍ବାଚନ ଲିବା ଉଦ୍ଦେଶ୍ୟରେ ଦଳ ପାଇଁ ପଓ୍ୱନ କଲ୍ୟାଣଙ୍କୁ ୫ କୋଟି ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ଜନସେନା ମୁଖ୍ୟ ହାଇଦ୍ରାବାଦଠାରୁ ୮୦ କିଲୋମିଟର ଦୂର ପୋଚମ୍ପଲ୍ଲୀ ଯାଇଥିଲେ, ଯେଉଁଠାରେ ଅଭିନେତା ଚିରଞ୍ଜୀବୀ ତାଙ୍କର ନୂଆ ଚଳଚ୍ଚିତ୍ର ବିଶ୍ୱମ୍ଭାରାର ସୁଟିଂ କରୁଥିଲେ ।ସାକ୍ଷାତ ସମୟରେ ଦୁଇ ଭାଇ ରାଜନୀତି ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲେ । ଆନ୍ଧ୍ରପ୍ରଦେଶରେ ଆସନ୍ତା ୧୩ ତାରିଖରେ ବିଧାନସଭା ଓ ଲୋକସଭା ନିର୍ବାଚନ ହେବାକୁ ଯାଉଛି ।

## ସୁନା ଦରର ୭୧ ହଜାର ଟଙ୍କା

**ନୂଆଦିଲ୍ଲୀ:** ଆଜି ସୁନା ମୂଲ୍ୟରେ ୪୦୦ରୁ ଅଧିକ ଟଙ୍କା ବୃଦ୍ଧି ପାଇଛି । ଫଳରେ ଖାଣ୍ଟି ସୁନା ଦାମ୍ ୧୦ ଗ୍ରାମ ପିଛା ୭୧,୬୨୦ ଟଙ୍କାରେ ପହଞ୍ଚିଛି । ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ୬୫,୬୫୦ ରହିଛି । ସୁନା ସହ ରୁପାର ଚମକ ମଧ୍ୟ ଆଜି ତେଜ୍ ହୋଇଛି । ଏହାର ମଧ୍ୟ ଦାମ୍ ବଢ଼ିଛି । ରୁପାର ଦାମ୍ ୧୦୪୦ରୁ ଅଧିକ ଟଙ୍କା ବୃଦ୍ଧି ପାଇଛି । ଫଳରେ କିଲୋଗ୍ରାମ ପିଛା ରୁପା ଦର ୮୩,୪୦୦ ଟଙ୍କାରେ ପହଞ୍ଚିଛି । ଯାହା ଏହାର ସର୍ବକାଳୀନ ଉଚ୍ଚ ସ୍ତର ।

କ୍ରିକେଟ ଇତିହାସରେ ପ୍ରଥମ

# ଟି-୨୦ରେ ମୁମ୍ବାଇର ବିଶ୍ୱ ରେକର୍ଡ

ମୁମ୍ବାଇ,୮।୪(ଏଜେନ୍ସି): ଚଳିତ ବର୍ଷ ଆଇପିଏଲରେ ମୁମ୍ବାଇ କ୍ରମାଗତ ୩ଟି ମ୍ୟାଚ୍ ହାରିବା ପରେ ରବିବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ପ୍ରଥମ ବିଜୟ ହାସଲ କରିଥିଲା । ଆଇପିଏଲ ଟ୍ରଫି ୫ ଥର ଜିତିଥିବା ମୁମ୍ବାଇ ଇଣ୍ଡିଆନ୍ସ ରବିବାର ୱାଙ୍ଖେଡେ ଷ୍ଟାଡିୟମରେ ଇତିହାସ ରଚିଛି । ଟି-୨୦ କ୍ରିକେଟରେ ମୁମ୍ବାଇ ହାସଲ କରିଛି ୧୫୦ତମ ବିଜୟ । ଏତେ ସଂଖ୍ୟକ ବିଜୟ ହାସଲ କରିବାରେ ମୁମ୍ବାଇ ପ୍ରଥମ ଟିମ ବନିଛି । ବିଶ୍ୱର କୌଣସି ଘରୋଇ କିମ୍ବା ଅନ୍ତର୍ଜାତୀୟ ଟିମ ଟି-୨୦ରେ ଏତେ ସଂଖ୍ୟକ ବିଜୟ ହାସଲ କରି ନାହାନ୍ତି । ମୁମ୍ବାଇ ଇଣ୍ଡିଆନ୍ସ ବିଶ୍ୱ ରେକର୍ଡ କରିଛି । ଚଳିତ ବର୍ଷ ଆଇପିଏଲରେ ମୁମ୍ବାଇ କ୍ରମାଗତ ୩ଟି ମ୍ୟାଚ୍ ହାରିବା ପରେ ରବିବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ପ୍ରଥମ ବିଜୟ ହାସଲ କରିଥିଲା । ୨୩୫ ରନର ଟାର୍ଗେଟକୁ ପିଛା କରୁଥିବା ଦିଲ୍ଲୀ ୨୦ ଓଭରରେ ୮ ୱିକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା । ମୁମ୍ବାଇର ଏହି ୧୫୦ଟି ବିଜୟରେ ସୁପର ଓଭର ୱିନକୁ ସାମିଲ କରାଯାଇନାହିଁ । କେବଳ ଆଇପିଏଲ ଓ ବର୍ତ୍ତମାନ ବନ୍ଦ ହୋଇ ସାରିଥିବା ଚାମ୍ପିଅନ୍ସ ଲିଗ ଟି-୨୦ ବିଜୟକୁ ବିଚାରକୁ ନିଆଯାଇଛି । ମୁମ୍ବାଇ ଇଣ୍ଡିଆନ୍ସ ୨୭୩ଟି ମ୍ୟାଚ୍ ଖେଳି ୧୫୦ଟିରେ ଜିତିଥିବା ବେଳେ ୧୧୭ଟି ହାରିଛି । ୨ଟି ମ୍ୟାଚ୍ର ଫଳାଫଳ ବାହାରି ପାରି ନାହିଁ । ସୁପର ଓଭରରେ ଦଳ ଗୋଟିଏ ମ୍ୟାଚ୍ ହାରିଛି ଓ ଗୋଟିଏରେ ଜିତିଛି । ସର୍ବାଧିକ ବିଜୟ ତାଲିକାରେ ଚେନ୍ନାଇ ସୁପର କିଙ୍ଗସ ୧୪୮ ବିଜୟ ସହ ଦ୍ୱିତୀୟ ସ୍ଥାନରେ ଅଛି । ଚେନ୍ନାଇ ୨୫୩ ଟି-୨୦ ମ୍ୟାଚ୍ ଖେଳି ୧୪୮ରେ ଜିତିଛି ଓ ୧୦୧ରେ ହାରିଛି । ୨ଟି ମ୍ୟାଚର ରେଜଲ୍ଟ ବାହାରି ପାରି ନାହିଁ । ଆଇପିଏଲ ଟ୍ରଫି ୫ଥର ଜିତିଥିବା ଚେନ୍ନାଇ ସୁପର ଓଭରରେ ୨ଟି ମ୍ୟାଚ୍ ହାରିଛି । ତାଲିକାର ତୃତୀୟ ସ୍ଥାନରେ ଭାରତୀୟ ଟିମ ରହିଛି । ଟିମ ଇଣ୍ଡିଆର ୪ଟି ସୁପର ଓଭର ମ୍ୟାଚକୁ ବାଦ ଦେଲେ ଦଳ ୨୧୯ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୧୪୦ଟିରେ ଜିତିଛି । ଭାରତର ୬ଟି ମ୍ୟାଚର ରେଜଲ୍ଟ ବାହାରି ପାରି ନାହିଁ । ଗୋଟିଏ ମ୍ୟାଚ୍ ଟାଇ ହୋଇଛି ଓ ଦଳ ୬୮ଟି ଟି-୨୦ରେ ହାରିଛି ।

# କେକେଆର୍‌କୁ ହରାଇ ଚେନ୍ନାଇ ବିଜୟୀ

ଆଇପିଏଲ୍ ମହାସମର





ଚେନ୍ନାଇ,୮।୪(ଏଜେନ୍ସି): ଆଇପିଏଲ୍‌ର ୨୨ତମ ମ୍ୟାଚରେ ସୋମବାର କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ୭ ୱିକେଟ୍‌ରେ ହରାଇ ଚେନ୍ନାଇ ସୁପରକିଙ୍ଗ୍ସ (ସିଏସ୍‌କେ) ବିଜୟଲାଭ କରିଛି । କେକେଆର୍ ୯ ୱିକେଟ୍ ହରାଇ ୧୩୭ ରନ୍ କରିଥିବା ବେଳେ ଚେନ୍ନାଇ ୧୪ଟି ବଲ୍ ବାକିଥାଇ ୩ ୱିକେଟ ବିନିମୟରେ ୧୪୧ ରନ୍ କରିଥିଲେ । ଚେନ୍ନାଇର ଏମଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚରେ ଟସ୍ ଜିତି ଚେନ୍ନାଇ ସୁପରକିଙ୍ଗ୍ସ ଅଧିନାୟକ ରିତୁରାଜ ଗାଏକ୍ୱାର୍ଡ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ । କୋଲକାତା ନାଇଟରାଇଡର୍ସ ଅଧିନାୟକ ଶ୍ରେୟାସ ଆୟରଙ୍କ ନେତୃତ୍ୱରେ ଦଳ ବ୍ୟାଟିଂ କରିବାକୁ ପଡିଆକୁ ଓହ୍ଲାଇଥିଲା । କୋଲକାତା ନାଇଟରାଇଡର୍ସ ବ୍ୟାଟିଂ କରି ଧାର୍ଯ୍ୟ ୨୦ ଓଭରରେ ୯ ୱିକେଟ୍ ହରାଇ ୧୩୭ ରନ୍ କରିଥିଲା । ଯାହାକି ଚେନ୍ନାଇ ସୁପରକିଙ୍ଗ୍ସ ପାଇଁ ସହଜସାଧ୍ୟ ବିଜୟର ରାସ୍ତା ଖୋଲି ଦେଇଥିଲା । କୋଲକାତା ନାଇଟରାଇଡର୍ସ ପକ୍ଷରୁ ସୁନୀଲ ନାରିନ ୩୭ ରନ୍ କରିଥିବା ବେଳେ ଅଙ୍ଗକ୍ରିସ୍ ରଘୁବାଂଶୀ ୨୪, ଅଧିନାୟକ ଶ୍ରେୟାସ ଆୟର ୩୪ ରନ୍, ରମଣଦୀପ ସିଂ ୧୩, ଆନ୍ଦ୍ରେ ରସେଲ ୧୦ ରନ୍ କରିଥିଲେ । ଚେନ୍ନାଇ ସୁପରକିଙ୍ଗ୍ସ ୧୭.୪ ଓଭରରେ ୩ ୱିକେଟ୍ ହରାଇ ୧୪୧ ରନ୍ କରିଥିଲେ । ଚେନ୍ନାଇ ସୁପରକିଙ୍ଗ୍ସ ପକ୍ଷରୁ ରଚିନ ରବିନ୍ଦ୍ର ୧୫ ରନ୍ କରିଥିବା ବେଳେ ଋତୁରାଜ ଗାଏକ୍ୱାର୍ଡ ୬୭ ରନ୍, ଡାର୍କ ମିଚେଲ ୨୫ ରନ୍, ଶିବମ ଦୁବେ ୨୮ ରନ୍ କରିଥିଲେ ।

**ଆଜିର ମ୍ୟାଚ**
ପଞ୍ଜାବ-ହାଇଦ୍ରାବାଦ
ସମୟ: ରାତି ୭.୩୦
ସ୍ଥାନ: ମୁଲାନପୁର
ପ୍ରସାରଣ: ଷ୍ଟାରନେଟୱାର୍କ, ଜିଓ ସିନେମା

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରାଜସ୍ଥାନ | ୪ | ୪ | ୦ | ୮ |
| କୋଲକାତା | ୩ | ୩ | ୦ | ୬ |
| ଲକ୍ଷ୍ନୌ | ୪ | ୩ | ୧ | ୬ |
| ଚେନ୍ନାଇ | ୪ | ୨ | ୨ | ୪ |
| ସନ୍‌ରାଇଜର୍ସ | ୪ | ୨ | ୨ | ୪ |
| ପଞ୍ଜାବ | ୪ | ୨ | ୨ | ୪ |
| ଗୁଜରାଟ | ୫ | ୨ | ୩ | ୪ |
| ମୁମ୍ବାଇ | ୪ | ୧ | ୩ | ୨ |
| ବେଙ୍ଗାଲୁରୁ | ୫ | ୧ | ୪ | ୨ |
| ଦିଲ୍ଲୀ | ୫ | ୧ | ୪ | ୨ |

# ‘ନାୟକ’ ଭୂମିକାରେ ବଟଲର୍






ଜୟପୁର,୮।୪(ଏଜେନ୍ସି): ଅସାଧାରଣ ବ୍ୟାଟିଂ ସହ ମାତ୍ର ୫୮ ବଲରୁ ୯ ଚୌକା ଓ ୪ ଛକା ସହ ବିସ୍ଫୋରକ ଶତକ ଅର୍ଜନ କରି ଆରସିବି ବିପକ୍ଷରେ ରାଜସ୍ଥାନ ରୟାଲ୍ସକୁ ଅବିଶ୍ୱସନୀୟ ବିଜୟ ଉପହାର ଦେଇଛନ୍ତି ଇଂଲିସ ଓପନର୍ ଜୋସ୍ ବଟଲର୍ । ଏହାପରେ ପ୍ରଶଂସକମାନେ ତାଙ୍କୁ ଲୋକପ୍ରିୟ ବଲିଉଡ୍ ଚଳଚ୍ଚିତ୍ର ‘ନାୟକ’ରେ ଅନିଲ କାପୁରଙ୍କ ଅଭିନୀତ ଚରିତ୍ର ସହ ତୁଳନା କରିଛନ୍ତି । ରାଜସ୍ଥାନ ରୟାଲ୍ସ ମଧ୍ୟ ଏହି ଚଳଚ୍ଚିତ୍ରର ଏକ ଦୃଶ୍ୟକୁ ପୁନଃ ନିର୍ମାଣ କରି ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ପ୍ରକାଶ କରିଛି । ଏଥିରେ ବଟଲଙ୍କୁ ଅନିଲଙ୍କ ଚରିତ୍ରରେ ଦେଖିବାକୁ ମିଳୁଛି । ରାଜସ୍ଥାନ ରୟାଲ୍ସ ଦଳର ଏହି ସୃଜନଶୀଳତାକୁ ଖୋଦ୍ ଅନିଲ ମଧ୍ୟ ପ୍ରଶଂସା କରିଛନ୍ତି ।

# ବୀଣାପାଣୀକ୍ଲବ ପକ୍ଷରୁ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ସୋର,୮।୪(ସବ୍ୟୁ): ସୋର ବ୍ଲକ ମଙ୍ଗଳପୁର ବରିସାହି ଛକଠାରେ ବୀଣାପାଣୀ କ୍ଲବ ପକ୍ଷରୁ ଆୟୋଜିତ ଏକ ରାତ୍ରକାଳୀନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଖେଳକୁ କ୍ଲବର ମ୍ୟାନେଜର ସଂଜିତ କୁମାର ମହାନ୍ତି ଉଦଘାଟନ କରିଥିଲେ । ୬ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ବିଷ୍ଣୁପୁର ଟିମ୍, ମଙ୍ଗଳପୁର ଟିମ୍, ନୂଆପାଟଣା ଟିମ୍, ଢୁଙ୍ଗମ ଟିମ୍, ଦୁର୍ଗାପୁର ଟିମ୍, ବାଗୁଡ଼ି ମେଡିକାଲ ଟିମ୍, ଦିଗୀ ଟିମ୍ ଏବଂ ଆଙ୍ଗୁଳା ଟିମ୍ ମଧ୍ୟରେ ଖେଳ ହୋଇଥିଲା । ଫାଇନାଲରେ ବୀଣାପାଣି କ୍ରିକେଟ ଟିମ ଏବଂ ବାଗୁଡ଼ି ମେଡିକାଲ ଟିମ ମଧ୍ୟରେ କଡା ହୋଇଥିଲା । ପ୍ରଥମେ ଟସ୍ ଜିଣି ବୀଣାପାଣୀ ଟିମ୍ ଫିଲ୍ଡି କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ମେଡିକାଲ ଟିମ୍ ୬ ଓଭର ଖେଳି ୬ ଟି ୱିକେଟ ହରାଇ ୩୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଏହାର ଜବାବରେ ବୀଣାପାଣୀ ଟିମ୍ ଚାରି ଓଭର ଖେଳି ୩୫ ରନ୍ କରି ବିଜୟୀ ହୋଇଥିଲା । ଏହି ଖେଳକୁ ସମାଜସେବୀ ଡ. ଚନ୍ଦନ କୁମାର ଦାସ ଏବଂ ରୁଦ୍ର ନାରାୟଣ ଦାସ ପରିଚାଳନା କରିଥିଲେ । ଡ. ଦାସ ବିଜୟୀ ଏବଂ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ଚିଣ୍ଟୁ ମହାନ୍ତି, ଶିଙ୍କୁ ଦାସ, ବିମଳ ପଣ୍ଡା, ପ୍ରଶାନ୍ତ ବେହେରା, ଅସିତ ଦାସ, ଜଗା ମହାନ୍ତି, ବଳି ମହାନ୍ତି, ଦିବ୍ୟାଂଶୁ ଦାସ, ସରୋଜ ଦାସ, ଭଗବାନ ଦାସ ଏବଂ ଭବାନୀ ଶଙ୍କର ଦାସ ପରିଚାଳନା କରିଥିଲେ ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
“MONOTECH”
Systems PVT.LTD.
For Contact : 8917518606

# ଆଫଗାନିସ୍ତାନରେ ଆଇପିଏଲ୍ ପ୍ରସାରଣ ରୋକ୍




ଆଫଗାନିସ୍ତାନ,୮।୪(ଏଜେନ୍ସି): ୨୦୦୮ରେ ଭାରତରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଆରମ୍ଭ ହୋଇଥିଲା । ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଯଥା ଆଇପିଏଲ୍ ଦୁନିଆର ସବୁଠୁ ବଡ କ୍ରିକେଟ୍ ଲିଗ୍ ପାଲଟିଛି । ଏହି ବର୍ଷ ହେଉଛି ଆଇପିଏଲର ୧୭ ତମ ସିଜିନ୍ ସମଗ୍ର ବିଶ୍ୱରେ କୋଟି କୋଟି ଦର୍ଶକ ଅଛନ୍ତି । ଆଇପିଏଲ୍ ଏସିଆ, ୟୁରୋପ, ଆମେରିକା ଏବଂ ଆରବ ଦେଶର ସବୁ ସ୍ଥାନରେ ଦେଖାଯାଏ । ଦୁନିଆର ବଡ ଖେଳାଳିମାନେ ଏହି ଲିଗରେ ଭାଗ ନେଇଥାନ୍ତି ଆଫଗାନିସ୍ତାନରେ ଆଇପିଏଲ୍ ପ୍ରସାରିତ ହେଉନାହିଁ । ଆଫଗାନିସ୍ତାନରେ ବର୍ତ୍ତମାନ ତାଲିବାନ ସରକାର ଅଛି । ତାଲିବାନ ସରକାର ଆଫଗାନିସ୍ତାନରେ ଆଇପିଏଲ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ୨୦୨୧ ମସିହାରେ ତାଲିବାନ ଆଫଗାନିସ୍ତାନରେ ଆଶ୍ରାଫ ଘାନିଙ୍କ ସରକାର ହଟାଇ ନିଜର ସରକାର ଗଠନ କରିଥିଲା । ସେବେଠାରୁ ଆଫଗାନିସ୍ତାନରେ ଅନେକ ପରିବର୍ତ୍ତନ ଆସିଛି । ବର୍ତ୍ତମାନ ତାଲିବାନ ଅନୁଯାୟୀ ଆଫଗାନିସ୍ତାନରେ ଆଇପିଏଲ ଦେଖାଇବାକୁ ବାରଣ କରିଛି ।

# ବିଜୟ ଧାରାକୁ ଫେରିଲେ ଭର୍ଷ୍ଟପେନ



ସୁଜୁକା (ଜାପାନ), ୮।୪ (ଏଜେନ୍ସି): ବିଶ୍ୱ ବିଜେତା ରେଡ୍‌ବୁଲ୍ ଚାଳକ ମ୍ୟାକ୍ସ ଭର୍ଷ୍ଟପେନ ରବିବାର ବିଜୟ ଧାରାକୁ ଫେରିଛନ୍ତି । ସ୍ଥାନୀୟ ସୁଜୁକା ସକରଟ୍ରେ ଆୟୋଜିତ ଜାପାନିଜ୍ ଫର୍ମୁଲା ୱାନ୍ ଗ୍ରାଁ ପ୍ରିରେ ସେ ପ୍ରଥମ ସ୍ଥାନରେ ରହି ବିଜେତା ହୋଇଛନ୍ତି । ତାଙ୍କ ଦଳୀୟ ସାଥୀ ସର୍ଜିଓ ପେରେଜ୍ ଦ୍ୱିତୀୟ ସ୍ଥାନରେ ରହି ରେଡ୍‌ବୁଲକୁ ୧-୨ ସଫଳତା ଦେଇଛନ୍ତି । ମେଲବୋର୍ଣ୍ଣରେ ରିଟାୟରମେଣ୍ଟ ହୋଇ ଦେଡ଼ରୁ ବାଦ୍ ପଡ଼ିଥିବା ନେଦରଲାଣ୍ଡ୍ସ ଚାଳକ ଭର୍ଷ୍ଟାପେନ ଚଳିତ ଋତୁରେ ଚତୁର୍ଥ ରେସରୁ ତୃତୀୟ ମୁକୁଟ କରାୟତ୍ତ କରିଛନ୍ତି । ଦୁଇ ସପ୍ତାହ ତଳେ ଅଷ୍ଟ୍ରେଲିଆନ୍ ଗ୍ରାଁ ପ୍ରି ଜିତିଥିବା ସ୍ପେନରେ ଫେରାରି ଚାଳକ କାର୍ଲୋସ ସେଞ୍ଜ ତୃତୀୟ ସ୍ଥାନରେ ରହି ପୋଡିୟମ୍ ଫିନିସ୍ କରିଛନ୍ତି । ସେଞ୍ଜଙ୍କ ଦଳୀୟ ସାଥୀ ଚାର୍ଲସ ଲେକ୍ଲର୍କ ଚତୁର୍ଥ ଏବଂ ମ୍ୟାକ୍ଲରେନରେ ଲାଣ୍ଡୋ ନୋରିସ ପଞ୍ଚମରେ ରହିଥିଲା ବେଳେ ୭ ଥରର ବିଶ୍ୱ ବିଜେତା ମର୍ସିଡିଜ୍ ଚାଳକ ଲୁଇସ ହାମିଲଟନ୍ ନବମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି ।







Meera's COURTYARD
AT KURANGA PHULNAKHARA
Huge lush green happening space situated in between Cuttack and Bhubaneswar.
- Pollution free ambience
- Blend of traditionalism & modernity
- Far from the madding crowd
- Truely magnificent setting
- Hassel free parking,

WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

# ମା’ବିରଜା ଓ ଧାମନଗର ତାଏକୋଣ୍ଡୋ ପ୍ରତିଯୋଗିତା

ଯାଜପୁର,୮।୪(ସବ୍ୟୁ): ଯାଜପୁର ଟାଉନ ସ୍ଥିତ ରୋଟାରୀ କ୍ଲବ ପରିସରରେ ମା’ବିରଜା ତାଏକୋଣ୍ଡୋ ଓ ଧାମନଗର ଟାଇକୋଣ୍ଡୋ ମିଳିତ ଆନୁକୂଲ୍ୟରେ ତୃତୀୟ କଲର ବେଲ୍ଟ ପ୍ରମୋସନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୫୦ ରୁ ଉର୍ଦ୍ଧ୍ୱ ବାଳକ, ବାଳିକା ଭାଗ ନେଇଥିଲେ, ଓଡ଼ିଶା ତାଏକୋଣ୍ଡୋ ସଂଘର ସମ୍ପାଦକ ମନମୋହନ ଭଞ୍ଜ ଯୋଗଦେଇ ପିଲାମାନଙ୍କ ପ୍ରତିଯୋଗିତାର ମୂଲ୍ୟାଙ୍କନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ ଓ କୋଚ ରାଜେନ୍ଦ୍ର ମାଝୀ ଏବଂ ମା’ବିରଜା ତାଏକୋଣ୍ଡୋ ଏକାଡେମୀର ସଭାପତି ସୁରଜଲାଲ ସାମଲ ଓ ଉଭୟ ଏକାଡେମୀର କୋଚ୍ ଗଜେନ୍ଦ୍ର ମାଝୀ ଯୋଗଦେଇ ପିଲାମାନଙ୍କ ଶାରୀରିକ ଓ ମାନସିକ ଅଭିବୃଦ୍ଧି ଘଟିବା ସହିତ ଝିଅ ପିଲାମାନେ ଆତ୍ମରକ୍ଷା କୌଶଳ ଜାଣିପାରିବେ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲା ।

# ଚର୍ଚ୍ଚାରେ ଚହଲଙ୍କ ପତ୍ନୀ ଧନଶ୍ରୀ



ନୂଆଦିଲ୍ଲୀ,୮।୪(ଏଜେନ୍ସି): ଟିମ୍ ଇଣ୍ଡିଆର ଷ୍ଟାର୍ ସ୍ପିନର୍ ୟୁଜଭେନ୍ଦ୍ର ଚହଲଙ୍କ ପତ୍ନୀ ଧନଶ୍ରୀ ବର୍ମା ଲଗାତର ଚର୍ଚ୍ଚାରେ ରହିଥାନ୍ତି । ଏଥର ତାଙ୍କର ଏକ ନୂଆ ଭିଡିଓ ଭାଇରାଲ୍ ହୋଇଛି । ଭାଇରାଲ୍ ଭିଡିଓରେ ଧନଶ୍ରୀ କଣ୍ଠଶିଳ୍ପୀ ଟୋନି କକରଙ୍କୁ ଆଲିଙ୍ଗନ କରୁଥିବାର ଦେଖିବାକୁ ମିଳିଛି । ଭିଡିଓଟି ମୁମ୍ବାଇର ଏକ ଇଭେଣ୍ଟ୍ର । ଧନଶ୍ରୀ ଏହି ଇଭେଣ୍ଟ୍ରେ ଚକୋଲେଟ୍ ବ୍ରାଉନ୍ ରଙ୍ଗର ଏକ ଗାଉନ୍ ପିନ୍ଧି ପହଞ୍ଚିଥିଲେ । ନିକଟରେ ‘ଏଲ୍‌ଏସଡି-’ ଫିଲ୍ମର ଗୀତ ‘କମସିନ କଲି’ ରିଲିଜ୍ ହୋଇଛି । ଏଥିରେ ଧନଶ୍ରୀ ଜବରଦସ୍ତ ନୃତ୍ୟ ପ୍ରଦର୍ଶନ କରିଛନ୍ତି । ଏହି ଗୀତକୁ ଗାଇଛନ୍ତି ନେହା କକ୍କଡ ଓ ଟୋନି କକ୍କଡ । ଧନଶ୍ରୀ ବର୍ମାଙ୍କର ଇନ୍‌ଷ୍ଟାଗ୍ରାମ୍‌ରେ ୬୧ ଲକ୍ଷରୁ ଅଧିକ ଫଲୋୟର୍ସ ଅଛନ୍ତି । ଧନଶ୍ରୀ ବୃତ୍ତିରେ ଜଣେ କୋରିଓଗ୍ରାଫର୍ । ୟୁଜଭେନ୍ଦ୍ର ଚହଲଙ୍କ କଥା କହିବା ତ ସେ ବର୍ତ୍ତମାନ ୨୦୨୪ ଆଇପିଏଲର ରାଜସ୍ଥାନ ରୟାଲରେ ଖେଳୁଛନ୍ତି । ୟୁଜଭେନ୍ଦ୍ର ୨୦୨୪ ଆଇପିଏଲର ରାଜସ୍ଥାନ ରୟାଲରେ ୧୪ଟି ମ୍ୟାଚରେ ୨୧ଟି ୱିକେଟ୍ ନେଇସାରିଛନ୍ତି । ସେ ୨୦୨୩ ମସିହା ଅଗଷ୍ଟ ମାସ ପରଠାରୁ ଆଉ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିନାହାନ୍ତି । ଧନଶ୍ରୀ ନିଜ ଦୈନନ୍ଦିନ ଜୀବନର ଛୋଟମୋଟ କଥାରୁ ନେଇ, ତାଙ୍କ ନୃତ୍ୟ ଭିଡିଓ ଓ ସ୍ୱାମୀଙ୍କ ସହ ବିତାଇଥିବା ଅନେକ ସ୍ୱତନ୍ତ୍ର ମୁହୂର୍ତ୍ତର ଭିଡିଓକୁ ନିଜ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲରେ ଅପ୍ଲୋଡ୍ କରିଥାନ୍ତି । ତାଙ୍କୁ ପ୍ରଶଂସକଙ୍କ ନିକଟରୁ ଅସୁମାରୀ ଭଲପାଇବା ମିଳିଥାଏ ।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Rakesh Chandra Mohanty: ମୁଖ୍ୟ ସମ୍ପାଦକ: ରାକେଶ ଚନ୍ଦ୍ର ମହାନ୍ତି । Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି

# ମହାନଦୀରେ ହ୍ରାସ ପାଉଛି ଜଳପ୍ରବାହ



ଖଣ୍ଡପଡ଼ା,(ସବ୍ୟୁ) : କୁହାଯାଏ ନଦୀର ମଧ୍ୟ ଜୀବନ ଥାଏ। କିନ୍ତୁ ମହାନଦୀର ସାମ୍ପ୍ରତିକ ସ୍ଥିତି ଦେଖିଲେ ଲାଗେ ଯେ କିଛି ବର୍ଷ ମଧ୍ୟରେ ହୁଏତ ମରୁଭୂମି ପାଲଟିଯିବ ଓଡ଼ିଶାର ଜୀବନରେଖା ପାଲଟିଥିବା ଚିରସ୍ରୋତା ମହାନଦୀ। ବିଗତ ୧୫ରୁ ୨୦ ବର୍ଷ ମଧ୍ୟରେ କ୍ରମାଗତ ଭାବେ ମହାନଦୀ ଗର୍ଭରେ ଜଳପ୍ରବାହ ହ୍ରାସ ପାଇଚାଲିଛି। ଯାହାକି ମହାନଦୀ ଅବବହିକା ତଟବର୍ତ୍ତୀ ଅଞ୍ଚଳବାସୀଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡୁଥିବା ଦେଖିବାକୁ ମିଳୁଛି। ପୂର୍ବରୁ ଯେଉଁ ସ୍ଥାନରେ ଗଭୀର ନୀଳଜଳ ଲହଡ଼ି ଭାଙ୍ଗୁଥିଲା ଓ ତଙ୍ଗାରେ କାତ ପାଉନଥିଲା ସେହି ସ୍ଥାନ ବର୍ତ୍ତମାନ ବାଲିଗଦାରେ ପରିଣତ ହେଇଛି। ନୟାଗଡ଼ ଜିଲ୍ଲାର ଗଣିଆଠାରେ ଭାପୁର ବ୍ଲକ୍ ପର୍ଯ୍ୟନ୍ତ ପ୍ରାୟ ୩୦ କିମିରୁ ଉର୍ଦ୍ଧ୍ୱ ଅଞ୍ଚଳକୁ ମହାନଦୀ ସ୍ପର୍ଶ କରିଛି। ପୂର୍ବରୁ ମହାନଦୀର ଜଳକୁ ଆଧାର କରି ନଇକୂଳିଆ ଗ୍ରାମ କିଶୋରପ୍ରସାଦ, ସିଧାମୂଳା, ବଡ଼ବାଣପୁର, କଣ୍ଟିଲୋ, ପଥରଚକଡ଼ା, ପଦ୍ମାବତୀ ଗ୍ରାମଗୁଡ଼ିକରେ ଗଢ଼ି ଉଠିଥିବା କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକ ଅନେକ ଦିନରୁ ଜଳାଭାବ କାରଣରୁ ବନ୍ଦ ହୋଇସାରିଲାଣି। ଏଥି ସହ ବଡ଼ବାଣପୁର ନିକଟରେ ୨୦୦୮ ମସିହା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିବା ୩୦ ଲକ୍ଷର କେ.ଏଫ୍.ଡବ୍ଲ୍ୟୁ ମେଗା ଜଳସେଚନ ପ୍ରକଳ୍ପ ମଧ୍ୟ ବନ୍ଦହେବା ସହ ଖତ ହେଉଛି। ଏହା ଛଡ଼ା ନଇକୂଳିଆ ଗ୍ରାମରେ ବସତି ସ୍ଥାପନ କରି ମହାନଦୀରୁ ମାଛମାରି ଜୀବିକା ନିର୍ବାହ କରୁଥିବା କେବର୍ତ୍ତ ସମୁଦାୟମାନଙ୍କ ଜୀବନ ଜୀବିକା ମଧ୍ୟ ମହାନଦୀ ଶୁଖିଯିବା କାରଣରୁ ଗଭୀର ଭାବେ ପ୍ରଭାବିତ ହୋଇଛି। ଲୋକମାନଙ୍କର ଜୀବନ ରକ୍ଷା କରୁଥିବା ମହାନଦୀର ଏପରି ଅବସ୍ଥା ଏବେ ବେଶ ଚିନ୍ତାର କାରଣ ହୋଇଛି।

# ବଡ଼ାସ ପଞ୍ଚାୟତରେ ଦୁର୍ନୀତି : ଭୂତ ଖାଇଲା ମାଗଣା ରନ୍ଧା ଖାଦ୍ୟ

କଣାସ,(ସବ୍ୟୁ) :ପୁରୀ ଜିଲ୍ଲା କଣାସ ବ୍ଲକ୍ ବଡ଼ାସ ଗ୍ରାମ ପଞ୍ଚାୟତରେ ମାଗଣା ରନ୍ଧା ଖାଦ୍ୟକୁ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି। ଭୂତ ଆସି ମାଗଣା ରନ୍ଧା ଖାଦ୍ୟ ଖାଇଲା ବୋଲି କୁହାଯାଇଛି।ଅଭିଯୋଗରୁ ଜଣାଯାଏ ଯେ ଗତ ୨୦୨୨ମସିହା ଅଗଷ୍ଟ ମାସରେ ବନ୍ୟା ଯୋଗୁ କଣାସ ବ୍ଲକର କେତେକ ଗ୍ରାମରେ ପାଣି ପଶିଯିବା ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।ଏମିତିକି ଅନେକ ପରିବାରରେ ରୋଷେଇ ହୋଇପାରିନଥିଲା ଲୋକମାନେ ଭୋକ ଉପାସରେ ଦିନ ବିତାଇ ଥିଲେ।ସେହି ସମୟରେ ସରକାରଙ୍କ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ଗ୍ରାମ ପଞ୍ଚାୟତ ପକ୍ଷରୁ ସାତ ଦିନ ପାଇଁ ମାଗଣାରେ ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।ତରପଡ଼ା ଗ୍ରାମର ଜଣେ ବ୍ୟକ୍ତି ବଡ଼ାସ ପଞ୍ଚାୟତ ତରପଡ଼ା ଗ୍ରାମରେ ବନ୍ୟା ସମୟରେ କେତେ ଲୋକ ମାଗଣା ରନ୍ଧା ଖାଦ୍ୟ ଖାଇଥିଲେ ଜାଣିବା ପାଇଁ କଣାସ ବ୍ଲକ୍ ଅଫିସରୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ ।ଉକ୍ତ ତଥ୍ୟରୁ ଜଣାପଡିଥିଲାକି ତରପଡ଼ା ଗ୍ରାମର ପ୍ରସନ୍ନ ବେହେରା ପିତା ଲମ୍ବୋଦର ବେହେରା ୧୫/୦୧/୨୦୨୧ରେ ସେ ମୃତ୍ୟୁ ବରଣ କରିଛନ୍ତି ।ତାଙ୍କର ମୃତ୍ୟୁ ପ୍ରମାଣ ପତ୍ର ସଂଖ୍ୟା ୫୫୭୭/୨୦୨୧ କିନ୍ତୁ ୨୦୨୨ଅଗଷ୍ଟ ବନ୍ୟାରେ ସେ ମାଗଣା ରନ୍ଧା ଖାଦ୍ୟ ଖାଇଥିବା ପଞ୍ଚାୟତ ଆକୁଟାନ୍ସ ଖାତାରେ ତାଙ୍କର ଦସ୍ତଖତ ରହିଛି ।ଏଥିରୁ ଜଣାପଡିଛି ମାଗଣା ରନ୍ଧା ଖାଦ୍ୟ ଖାଇବା ପାଇଁ ଭୂତ ଆସିଥିଲା ।ଦୁର୍ନୀତିର ଫର୍ଦ୍ଦ ଏତିକିରେ ସରିନି ଆହୁରି ଲମ୍ବିଛି ତରପଡ଼ା ଗ୍ରାମର ଅନେକ ପରିବାରରେ ସଭ୍ୟ ସଂଖ୍ୟା ଯେତିକି ତା ଠାରୁ ଢେର ଅଧିକ ପକାଯାଇଛି ସେଥି ମଧ୍ୟରୁ ପବିତ୍ର ସୁନ୍ଦରାୟ ପିତା ଧୂଳି ସୁନ୍ଦରାୟ ତାଙ୍କ ପରିବାରରେ ବଡ଼ ସାନ ମିଶି ୪ଜଣ ବ୍ୟକ୍ତି ଥିବା ବେଳେ ଆକୁଟାନ୍ସ ଖାତାରେ ତାଙ୍କର ମୋଟ ୭ଜଣ ଉଲ୍ଲେଖ କରାଯାଇଛି ଏବଂ ତାଙ୍କ ଦସ୍ତଖତକୁ ଚଞ୍ଚକତା କରାଯାଇଥିବା ପବିତ୍ର କୁମାର ସୁନ୍ଦରାୟ ଅଭିଯୋଗ କରିଛନ୍ତି । ଉକ୍ତ ଆକୁଟାନ୍ସ ଖାତାରେ ଗ୍ରାମର ବିଭିନ୍ନ ବ୍ୟକ୍ତିଙ୍କ ଦସ୍ତଖତକୁ ଚଞ୍ଚକତା କରି ଜଣେ କିମ୍ବା ଦୁଇଜଣ ବ୍ୟକ୍ତି ସମୁଦାୟ ଗ୍ରାମର ଲୋକଙ୍କ ଦସ୍ତଖତ କରିଥିବା ଗୁରୁତର ଅଭିଯୋଗ ହୋଇଛି ।ସରକାରଙ୍କ ପକ୍ଷରୁ ଗୋଟିଏ ମିଲ୍ ପିଛା ବଡ଼ ଲୋକଙ୍କୁ ୧୦୦ ଟଙ୍କା ଓ ଛୋଟ ପିଲାଙ୍କୁ ୬୦ ଟଙ୍କା ହିସାବରେ ଟଙ୍କା ପ୍ରଦାନ କରାଯାଇଛି ।ହେଲେ ବନ୍ୟା ବିପନ୍ନ ସମୟରେ ଲୋକମାନଙ୍କୁ ସଠିକ୍ ଭାବେ ଖାଦ୍ୟ ଦିଆନଯାଇ ଲକ୍ଷ ଲକ୍ଷ ଟଙ୍କା ବଡାସ ସରପଞ୍ଚ ହରିଲୁଟ କରାଯାଇଥିବା ସୂଚନା ଅଧିକାର ତଥ୍ୟରୁ ଜଣାପଡିଛି ।ଏଭଳି ମହାଦୁର୍ନୀତିରେ ବଡ଼ାସ ପଞ୍ଚାୟତ ସରପଞ୍ଚ ବ୍ରଜ କିଶୋର ପଢ଼ି,ପଞ୍ଚାୟତ ନିର୍ବାହୀ ଅଧିକାରୀ,ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀ ଗୋପାଳ କୃଷ୍ଣ ଦଳେଇ ଓ ସେହି ସମୟରେ ଥିବା ତତ୍କାଳୀନ କଣାସ ବିଡ଼ିଓ ଏଥିରେ ସଂପୃକ୍ତ ଥିବା ଜଣାପଡିବା ପରେ ଏହି ଘଟଣାକୁ ନେଇ ଲୋକାୟୁକ୍ତ ଭୁବନେଶ୍ୱରରେ ଏକ ଅଭିଯୋଗ କରିଛନ୍ତି ସୂଚନା ଅଧିକାର କର୍ମୀ ପବିତ୍ର କୁମାର ସୁନ୍ଦରାୟ ।ବିଭାଗୀୟ ସଚିବ,ପୁରୀ ଜିଲ୍ଲାପାଳ,ଏଭଳି ଦୁର୍ନୀତିର ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି ।

# ମହିଳାଙ୍କୁ ଥାନାରେ ମିଳୁନି ନ୍ୟାୟ

ଫୁଲନଖରା,(ସବ୍ୟୁ) :ସଦର ଥାନା ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ଅଞ୍ଚଳର ଲିମା ଦାସ (୨୬) ଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏହି ଘଟଣାକୁ ଚାପି ଦେବାକୁଉଦମ କରୁଥିବା ଅଭିଯୋଗ ହୋଇଛି। ଏପରିକି ଅଭିଯୋଗ ହେବାର ଦୁଇ ସପ୍ତାହ ପରେ ମଧ ପୀଡ଼ିତାଙ୍କୁ ନାୟ ମିଳିନଥିବା ଜଣାଯାଇଛି। ଅଭିଯୋଗ ମୁତାବକ ଲିମା ଦାସ ସେହି ଅଞ୍ଚଳର ଜଣେସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କୁ ପ୍ରେମ ବିବାହ କରିଥିଲେ। ବର୍ତ୍ତମାନ ଅଧିକ ୫ ଲକ୍ଷ ଟଙ୍କା ଆଣିବାକୁ ତାଙ୍କ ଶାଶୁ, ଦେଢ଼ଶୁର ଓ ଯାଆ ବାରମ୍ବାର ତାଗିଦ କରିବା ସହିତ ମାଡ଼ ମାରୁଛନ୍ତି। ବାପ ଘରୁ ଟଙ୍କା ଆଣିବାରେ ବିଫଳ ହେବାରୁ ଲିମାଙ୍କୁ ଇତି ମଧରେ ଶାଶୁଘର ଲୋକେ ଘରୁ ବାହାର କରିଦେଇଛନ୍ତି। ଲିମାଏବେ ୩ ବର୍ଷର ପୁଅକୁ ଧରି ବାରଦୁଆର ହେଉଛନ୍ତି। ତାଙ୍କ ସ୍ୱାମୀ ବାହାରେ ଚାକିରି କରିଥିବାରୁ ସେ ଅନ୍ୟ ଉପାୟ ନପାଇ ଏବେ ଅସହାୟ ହୋଇପଡ଼ିଛନ୍ତି। ତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ସହ ଦୋଷୀଙ୍କୁ ଦଣ୍ଡିତ କରିବାକୁ ଲିମା ନିବେଦନ କରିଛନ୍ତି।

# ଶମ୍ଭୁ ମିଳନ ୧୦ରେ

ନିରାକାରପୁର,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ହାଇସ୍କୁଲ ପଡ଼ିଆରେ ୧୦ ତାରିଖର ଅପରାହ୍ନ ୩ଟା ବେଳେ ତ୍ରୟୋଦଶ ଶମ୍ଭୁ ମିଳନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ତ୍ରୟୋଦଶ ଶମ୍ଭୁ ମିଳନରେ ନିରାକାର ପୁର ଗ୍ରାମର ନିଳକଣ୍ଠଶ୍ର ଦେବ, ଲେଣ୍ଡୁ ର ଚନ୍ଦନେଶ୍ର ଦେବ, ରାମାବିଲି – ନିଳକଣ୍ଠେଶ୍ର ,ସୋଢ଼ରପୁର କପିଳେଶ୍ର, ବାହୁରବର କୁମୁଦେଶ୍ୱେର ଦେବ, ବୋଦଙ୍ଗରା ଲୋକନାଥ ଦେବ, ଆସେଲି ଚନ୍ଦନେଶ୍ର ଦେବ, ଅରାଞ୍ଚଳର ଗ୍ରାମେଶ୍ର ଦେବ, ବାଲିଗାଁ କପିଳେଶ୍ୱର ଦେବ, ଗୋଳବାଈ କୃଷ୍ଣେଶ୍ୱର ଦେବ, ରୋଷଣା ଇଷାନେଶ୍ୱର୍ ଦେବ , ପାଣ୍ଡବପାଟଣାର କପିଳେଶ୍ୱର ଦେବ ଓ ହଜ ନାଟ୍ୟଶ୍ର ଦେବ ପ୍ରମୁଖ ଠାକୁର ଏହି ସ୍ଥଳକୁ ଏକ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରି ଆସିବା ପରେ ପୂଜାର୍ଚ୍ଚନା କରାଯିବ।ଏହି ଅପୂର୍ବ ଦୃଶ୍ୟକୁ ଦର୍ଶନ କରି ପ୍ରଭୁଙ୍କ ଆଶିଷ ଲାଭ କରିବାକୁ ବହୁ ସଂଖ୍ୟାରେ ଭକ୍ତଙ୍କୁ ଯୋଗଦାନ କରିବାକୁ ତ୍ରୟୋଦଶ ଶମ୍ଭୁ ମିଳନ କମିଟି ପକ୍ଷରୁ ଜଣାଯାଇଛି।

# ରକ୍ତଦାନ ଶିବିର

ନିମାପଡା,(ସବ୍ୟୁ): ନେକ୍ସସ ହେଲ୍ଥ ଫାଉଣ୍ଡେସନ ପକ୍ଷରୁ ନିମାପଡା ବ୍ଲକ ଭଗବତୀପୁର ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ସମାଜସେବୀ ନିରୋଦ ବରଣ ଖୁଂଟିଆ ଅତିଥିଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । ଏଥିରେ ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସୁଧିର ରଂଜନ ମହାନ୍ତି,ସୁଶାନ୍ତ ପ୍ରଧାନ,ଶିକ୍ଷାବିତ୍ ସୁବ୍ରତ ମହାନ୍ତି,ଫାଉଣ୍ଡେସନର ମାର୍ଗଦର୍ଶକ ସତ୍ୟରଂଜନ ବାରିକ,ସ୍ମୃତି ରଂଜନ ପ୍ରଧାନ,କପିଳ ବିଶ୍ୱାଳ,ସତ୍ୟଜିତ ନାୟକ,ସସ୍ମିତା ଦାସ,ସୁଶାନ୍ତ କୁମାର ସେଠୀ,ସୁବ୍ରତ ମଲ୍ଲିକ,ଦେବାଶିଷ ମଲ୍ଲିକ,ସଂଜିତ ଖଟୋଇ,ଚନ୍ଦନ ମହାରଣା,ଅମୂଲ୍ୟ ପ୍ରସାଦ ବାରିକ,ମିଟୁ ମଲ୍ଲିକ ପ୍ରମୁଖ ଉପସ୍ଥିତଥିଲେ । ଗ୍ରୀଷ୍ମ ପ୍ରବାହ ଲାଗିରହିଥିବା ବେଳେ ରକ୍ତର ଅଭାବ ଦେଖାଦେଇଛି । ଏହି ସମୟରେ ଫାଉଣ୍ଡେସନ ପକ୍ଷରୁ ଶିବିର ଆୟୋଜନ କରାଯାଇ ରକ୍ତ ସଂଗ୍ରହକୁ ସ୍ଥାନୀୟ ବାସିନ୍ଦା ଫାଉଣ୍ଡେସନର ଏଭଳି ମହତ କାର୍ଯ୍ୟକୁ ବେଶ ପ୍ରଶଂସା କରିଛନ୍ତି ।

# ୮ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ



କୋଣାର୍କ , (ସବ୍ୟୁ) : କୋଣାର୍କ ଥାନା ପରିସରରେ ପୁରୀ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ କୋଣାର୍କ ଶାଖା ଓ ଆମ ପୋଲିସ ସମିତି ମିଳିତ ଆନୁକୂଲ୍ୟରେ ଶାଖାର ସଭାପତି ବାବା ଶକ୍ତିଦେବ ଶତପଥୀଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକ ପରିଚୟ ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୮ଜଣ ବରିଷ୍ଠ ନାଗରିକ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ, କୋଣାର୍କ ଥାନା ଆମ ପୋଲିସ ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ବରିଷ୍ଠ ନାଗରିକ ହରିଶ୍ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ କାର୍ଯ୍ୟଧାରା ଅବ୍ୟାହତ ରଖିବା ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସାମଗ୍ରିକ ପ୍ରୟାସ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ କୋଣାର୍କ ସମେତ ଆଖପାଖ ଅଞ୍ଚଳର ୮ ଜଣ ବରିଷ୍ଠ ନାଗରିକଙ୍କୁ ମୁଖ୍ୟ ଅତିଥି କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ ପରିଚୟ ପତ୍ର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ କୋଣାର୍କ ଶାଖାର ସଂଯୋଜକ ନିର୍ମଳ କୁମାର ପ୍ରଧାନ ସମେତ ଅନୁଷ୍ଠାନର କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ ।

# ଆଗକୁ ଅଶୋକାଷ୍ଟମୀ ରଥ ଯାତ୍ରା ଅନୁପଯୋଗୀ କେନାଲ ରାସ୍ତା, ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟି

ନିରାକାରପୁର,(ସବ୍ୟୁ) : ଆଉ ୭ ଦିନ ପରେ ଅଶୋକାଷ୍ଟମୀ ରଥଯାତ୍ରା ଅନୁଷ୍ଠିତ ହେବ । ଏଥି ପାଇଁ ଖୋର୍ଦ୍ଧା ଜିଲ୍ଲାର ଦୁଇଟି ସ୍ଥାନ ଗୋଟିଏ ଭୁବନେଶ୍ୱର ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଓ ଅନ୍ୟଟି ଖୋର୍ଦ୍ଧା ଟାଙ୍ଗୀ ବ୍ଲକ ଡିଆ କପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ରଥଯାତ୍ରା ସବୁଠାରୁ ଅନ୍ୟତମ। ରୁକୁଣା ରଥ ଦିନ ବେଳା ପକ୍କା ରାସ୍ତା ରେ ଟଣା ହେଉଥିବାବେଳେ କିନ୍ତୁ କପିଳେଶ୍ର ଙ୍କ ଅଶୋକାଷ୍ଟମୀ ରଥ ବିଲ ଗହିର ମଝିରେ ଟଣା ହେବ ଏକ ଅନନ୍ୟ ପରମ୍ପରା। ଏବେଠାରୁ କପିଳେଶ୍ୱର ଦେବଙ୍କ ପୀଠରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ କିନ୍ତୁ ଏହି ସ୍ଥାନକୁ ସଂଯୋଗ କରୁଥିବା ମଲାଗୁଣୀ କେନାଲ ରାସ୍ତା ବର୍ତ୍ତମାନ କେନାଲ ମରାମତି ପାଇଁ ରାସ୍ତା ଖରାପ ହୋଇଥିବା ସହ କେନାଲ ମରାମତି କାର୍ଯ୍ୟ ପାଇଁ ଠିକାଦାର ଜେସିବି ରେ କେନାଲ କଡ଼କୁ ଅଧିକ ଖୋଳି ଦେବାରୁ ନିକଟରେ ପୋତା ହୋଇ ଯାଇଥିବା ବିଦ୍ୟୁତ୍ ଖୁଣ୍ଟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି।ଫଳରେ ଏହି ଜାଗାକୁ ଯାତାୟତରେ ବ୍ୟାହତ ସୃଷ୍ଟି ହେବା ସହ ଅଧିକ ବର୍ଷା ପବନ ହେଲେ ବିଦ୍ୟୁ ଖୁଣ୍ଟ ପଡ଼ି ଯିବାର ବିପଦ ସୃଷ୍ଟି କରୁଛି। ଆଉ ମାତ୍ର ୭ ଦିନ ଥିବାବେଳେ କେବେ ଏହି କେନାଲ ମରାମତି କାର୍ଯ୍ୟ ଶେଷ ହେବ ଓ କେନାଲ ରାସ୍ତା ରେ ଗାଡି ମଟର ଚଳାଚଳ ସହିତ ବିଦ୍ୟୁତ୍ ଖୁଣ୍ଟ ସଠିକ୍ ଭାବେ ରହିବ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଗୁରୁ ଦେବାକୁ ଦାବି ହେଉଛି। ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ କିପରି ଏହାର ସମାଧାନ ହେବ ସେଥିପାଇଁ ଚେଷ୍ଟା କରାଯାଉଛି ବୋଲି ଜଣାଇଛନ୍ତି।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଗଣିଆ,(ସବ୍ୟୁ) :ଗଣିଆ ଥାନା ଅନ୍ତର୍ଗତ ବେଲପଡାପାଟଣା ପଞ୍ଚାୟତ ର ବେଲପଡା ମଝିସାହି ଗାଁ ପୋଖରୀରୁ ସୋମବାର ଦିନ ଏକ ବୃଦ୍ଧ ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର ହୋଇଛି । ଗାଁ ର ଙ୍କ ସୁଦର୍ଶନ ମହାପାତ୍ର ( ୭୪)ସୋମବାର ମଧ୍ୟାହ୍ନରେ ଘରୁ ଶୋଇକି ଉଠିଲା ପରେ ୩୦୦ ମିଟରରେ ଥିବା ନେଳି ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ । ଏକ ଘଣ୍ଟା ପରେ ଘରକୁ ନ ଫେରିବାରୁ ଝିଅ ଗ୍ରାମର ଲୋକମାନଙ୍କୁ କହିବା ପରେ ସବୁ ଆଡ଼େ ଖୋଜା ଖୋଜି କରିବା ପରେ ନିରାଶ ହୋଇଥିଲେ । କିଛି ସମୟ ପରେ ଗ୍ରାମର ମନୋଜ ବେହେରା ପୋଖରୀକୁ ଶୌଚ ହେବାକୁ ଯାଇଥିଲେ ପାଣି ଭିତରକୁ ଗଲା ବେଳେ ଗୋଡ଼ରେ କଣ ବାଜିଲା ଭଳି ଲାଗିଲା, ଭୟରେ ବାହାରକୁ ଆସି ଲୋକଙ୍କୁ ଡାକିଲା ପରେ ଲୋକମାନେ ଆସି ପାଣି ଭିତରୁ ସୁଦର୍ଶନଙ୍କର ମୃତ ଶରୀରକୁ ସଙ୍ଗେ ସଙ୍ଗେ ଗଣିଆ ଗୋଷ୍ଠୀ ସ୍ୱାଥ୍ୟ କେନ୍ଦ୍ରକୁ ଆଣିଥିଲେ ।ଡାକ୍ତର ଦେଖିଲା ପରେ ମୃତ ଘୋଷଣା କରିଥିଲେ। ଖବର ପାଇଁ ଗଣିଆ ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଁଞ୍ଚି ଶବ ଜବତ କରିବା ସହିତ ଅପମୃତ ମାମଲା ରୁଜ୍ଜ କରି ଶବ ଜବତ କରିଥିଲେ। ଆସନ୍ତା କାଲି ମଙ୍ଗଳବାର ଶବ ବ୍ୟବଚ୍ଛେଦ ହେବ ବୋଲି ଥାନା ଅଧିକାରୀ କହିଛନ୍ତି ।

# କେନାଲରେ ଖସି ଯୁବକ ନିଖୋଜ

ବାରଙ୍ଗ , (ସବ୍ୟୁ) :ପୁରୀ ମେନ୍ କେନାଲ ତଳକୁ ଖସି ଜଣେ ଯୁବକ ନିଖୋଜ ଅଛନ୍ତିଛ ଯୁବକ ଜଣକ କଟକ ସଦର ଥାନା ନଖରା ଅଞ୍ଚଳର ରାକେଶ କୁମାର ସାହୁ(୨୭) ବୋଲି ଜଣାପଡିଛି । ଏଭଳି ଘଟଣା ବାରଙ୍ଗ ଅଞ୍ଚଳ ରେ ଦେଖିବାକୁ ମିଳିଛି। ତେବେ ଏଠାରେ ପ୍ରଶ୍ନ ଉଠେ , ପୁରୀ ମୁଖ୍ୟ କେନାଲ ର ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ କରିବା ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଦାବି କରିଆସୁଥିଲେ ମଧ ପ୍ରଶାସନ ଏହାକୁ କର୍ଣ୍ଣପାତ କରୁନଥିବା ସ୍ଥାନୀୟ ଅଂଚଳରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନା ଅନୁଯାୟୀ ନଖରା ଅଞ୍ଚଳର ରାକେଶ କୁମାର ସାହୁ(୨୭) ରବିବାର ବିଳମ୍ବିତ ରାତିରେ ନରାଜ ନିକଟସ୍ଥ ଏକ ପ୍ରତିଷ୍ଠିତ ଦୁଗ୍ଧ କମ୍ପାନୀରେ କାର୍ଯ୍ୟସାରି ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାରେ ନିଜର ବ୍ୟାଟେରୀ ସ୍କୁଟିରେ ନେଇ ଘରକୁ ଫେରୁଥିବା ବେଳେ କାନପୁର ନିକଟସ୍ଥ ପୁରୀ ମୁଖ୍ୟ କେନାଲରେ ଭାରସାମ୍ୟ ହରାଇ କେନାଲ ଭିତରକୁ ଖସି ପଡିଥିଲେ । କେନାଲକୁ ଖସି ପଡିବା ପରେ ରାକେଶ ନିଖୋଜ ରହିଥିବା ସହିତ କେନାଲ ଭିତରୁ ରାକେଶଙ୍କ ବ୍ୟାଟେରୀ ସ୍କୁଟର ଓ ମୋବାଇଲ ପଡ଼ିଥିଲା । ଖବର ପାଇ ଘଟଣାସ୍ଥଳରେ ବାରଙ୍ଗ ପୋଲିସ ଓ ବାରଙ୍ଗ ଅଗ୍ନିଶମ ବାହିନୀ ପହଁଚି ସୋମବାରସନ୍ଧ୍ୟା ପର୍ଯ୍ୟନ୍ତ ବହୁ ଖୋଜା ଖୋଜି କରିଥିଲେ ମଧ ରାକେଶ ଙ୍କ କୌଣସି ସୂଚନା ମିଳିନଥିବା ପୋଲିସ କହିଛି। ଏସଂପର୍କରେ ରାକେଶ ଙ୍କ ଭାଇ ଅନିଲ କୁମାର ସାହୁ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗରେ ରାକେଶ ନିଖୋଜ ରହିଥିବା ଉଲ୍ଲେଖ କରିଥିବା ବେଳେ ରାକେଶଙ୍କ ଶଶୁର ରାକେଶ ଅପହରଣ ହୋଇଥିବା ଅଭିଯୋଗ କରିଛନ୍ତି। ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନବିନି ଜରିରଖିଛି ।

# ଜାଭିୟର ହାଇସ୍କୁଲ ବାର୍ଷିକ ଉତ୍ସବ




ଫୁଲନଖରା, (ସବ୍ୟୁ) : ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋଠାରେ ଥିବା ସେଣ୍ଟଜେଭିୟର ହାଇସ୍କୁଲର ୧୧ ତମବାର୍ଷିକ ଉତ୍ସବ 'ଉମିଦ' ବିଦାଳୟ ଅଧକ୍ଷା ଛବି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯକ୍ରମରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ରାଜ ସଭାପତି ତଥା ବରିଷ୍ଠ ସାମ୍ବାଦିକସୁଜ୍ଞାନ ଚୌଧୁରୀ ମୁଖ ଅତିଥିଭାବେ ଯୋଗଦେଇଥିବା ବେଳେ ଅଧାପକ ଡଃ.ସତନାରାୟଣ ସାହୁ,ଜାଭିୟର ଗ୍ରୁପ କାର୍ଯନିର୍ବାହୀ ନିର୍ଦ୍ଦେଶକ ହିମାଂଶୁଭୂଷଣ ତ୍ରିପାଠୀ, ସ୍କୁଲ ପ୍ରତିଷ୍ଠାତା ଶେଖକଲିମୁଦ୍ଦିନ ଓ ସମ୍ପାଦିକା ଇଂ.ଯଶ୍ମିନ ବେଗମ ଅତିଥିଭାବେ ମଞ୍ଚାସୀନ ଥିଲେ। ବରିଷ୍ଠ ଶିକ୍ଷକ ବିଜୟକୁମାର ଦାସ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର କୃତୀଛାତ୍ରଛାତ୍ରୀଙ୍କୁ ଅତିଥିଙ୍କଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରିୟଙ୍କା ନାୟକ କାର୍ଯକ୍ରମସଂଚାଳନ କରିଥିଲାବେଳେ ସମସ୍ତ ଶିକ୍ଷକ ଶିକ୍ଷିକା ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ଦାସ ଧନବାଦ ଅର୍ପଣକରିଥିଲେ। ଶେଷରେ ବିଦାଳୟ ଛାତ୍ରଛାତ୍ରୀମାନଙ୍କଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ ହୋଇଥିଲା।

# ତ୍ରିଧାରା ନୃତ୍ୟ ସଙ୍ଗୀତ ମହୋତ୍ସବ



ବାଲିପାଟଣା ,(ସବ୍ୟୁ) :ତ୍ରିଧାରା କଳାକେନ୍ଦ୍ର ଆନୁକୂଲ୍ୟରେ ପ୍ରଥମ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ବାଲିପାଟଣା ସ୍ଥିତ ଅନୁଷ୍ଠାନ ପରିସରରେ ଆୟୋଜିତ ହୋଇଯାଇଛି।ଗୁରୁ ଜୟନ୍ତ କୁମାର ଓଝା ଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ,ଗୋଟିପୁଅ ନୃତ୍ୟ ଗୁରୁ ଲିଙ୍ଗରାଜ ବାରିକ୍, ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା,ଓକିଲ ଲକ୍ଷ୍ମୀଧର ତ୍ରିପାଠୀ ପ୍ରମୁଖ ଯୋଗଦେଇ ବର୍ତ୍ତମାନର ଶିକ୍ଷା ପଦ୍ଧତିରେ ଛାତ୍ର ଛାତ୍ରୀ ମାନେ ଶିକ୍ଷା ସହିତ ନୃତ୍ୟ,ସଙ୍ଗୀତ ଓ ଅନ୍ୟାନ୍ୟ କଳାତ୍ମକ ପ୍ରତିଭା ଆହରଣ ପାଇଁ ସୁଯୋଗ ସୃଷ୍ଟି କରିବା ଆବଶ୍ୟକ ବୋଲି କହିଥିଲେ।ତ୍ରିଧାରା ଅନୁଷ୍ଠାନ ପ୍ରତିଭା ସୃଷ୍ଟି କରିବା ରେ ମୁଖ୍ୟ ଭୂମିକା ନେଇଥିବାରୁ ଅତିଥି ମାନେ ଏହାର ସଫଳତା କାମନା କରିଥିଲେ।କାର୍ଯ୍ୟକ୍ରମକୁ ଇଞ୍ଜିନିୟର ଶ୍ରୀନିବାସ ଘଟୁଆରୀ ପରିଚାଳନା କରିଥିଲେ।ଦୀପକ ଆଚାର୍ଯ୍ୟ ଧନ୍ୟବାଦ୍ ଅର୍ପଣ କରିଥିଲେଛସଭା କାର୍ଯ୍ୟ ପରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଭୋପାଳୀ ରାଗ ରେ ହିନ୍ଦୁସ୍ଥାନୀ ଗାୟନ କରିବା ପରେ ଗୁରୁ ଧନେଶ୍ର ସ୍ୱାଇଁ ଶିଷ୍ୟମାନଙ୍କ ସହିତ ମର୍ଦ୍ଦଳ ରେ ଯୁଗଳ ବନ୍ଦୀ ଉପସ୍ଥାପନ କରିଥିଲେ।ଏହାପରେ ଏଗାର ଜଣ ଛାତ୍ର ସମୂହ ତବଲା ବାଦନ କରି ଦର୍ଶକ ମାନଙ୍କୁ ବିମୋହିତ କରିବା ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ,ପଲ୍ଲୀ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।ତବଲା ଗୁରୁ ବିଶ୍ୱରଂଜନ ନନ୍ଦ,ସଙ୍ଗୀତ ଗୁରୁ ସୌଭାଗ୍ୟ ରଞ୍ଜନ ପ୍ରହରାଜ,ଅନୁଷ୍ଠାନର କର୍ମକର୍ତ୍ତା କମଳାକାନ୍ତ ମହାନ୍ତି,ରତିକାନ୍ତ ପଣ୍ଡା,ଚରଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମର ସଫଳତାରେ ସହଯୋଗ କରିଥିଲେ।

# ବିଜେପି ପ୍ରତିଷ୍ଠା ଦିବସ ପାଳିତ

ଦଶପଲ୍ଲା, (ସବ୍ୟୁ) :ବିଜେପି ର ୪୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି ।ଦଶପଲ୍ଲା ବିଜେପି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ବିଜେପି ଜିଲ୍ଲା ସମ୍ପାଦକ ଚନ୍ଦ୍ର ଶେଖର ଦାସ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ବସନ୍ତ କୁମାର ମହାନ୍ତି, ଡା. ରବୀନ୍ଦ୍ର କୁମାର ସେଠି,ଶିମିଳି ସାହି ଗ୍ରାମ ପଞ୍ଚାୟତ ସରପଞ୍ଚ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ବିଜେପି ପ୍ରତିଷ୍ଠା ଦିବସ ଓ ମୋଦିଙ୍କ ସୁଶାନ ବିଷୟରେ ଆଲୋକ ପାତ କରି ଥିଲେ । ଜ୍ଞାନ ରଞ୍ଜନ ସାହୁ ସଭାକୁ ସଂଯୋଜନା କରିଥିବା ବେଳେ ବାଣିଗୋଛା ମଣ୍ଡଳ ସଭାପତି କିଶୋର ଦଳ ବେହେରା ଧନ୍ୟବାଦ ଅର୍ପଣ କରି ଥିଲେ।ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ନଗର ପ୍ରମୁଖ ମନୋଜ ସାହୁ , ସୌମ୍ୟ ରଞ୍ଜନ ରଥ, ପ୍ରଶାନ୍ତ ବାରିକ, ଆଦିକନ୍ଦ ପ୍ରଧାନ, ପ୍ରଦୋଷ କୁମାର ଜେନା, ଗୋପୀନାଥ ସାହୁ ପ୍ରମୁଖ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ବିଜେପିରେ ଯୋଗଦାନ



ସାକ୍ଷୀଗୋପାଳ ,(ସବ୍ୟୁ) : ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପୁରୀ ଜିଲ୍ଲା ପରିଷଦ ୩୩ ନମ୍ବର ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଧ୍ରୁବ ଚରଣ ଦାସ , ସଂଗଠକ ସତୀଶ ମିଶ୍ର ,ସତ୍ୟବାଦୀ ବ୍ଲକର ପୂର୍ବତନ ଅଧ୍ୟକ୍ଷାଙ୍କ ପ୍ରତିନିଧି ସଂକର୍ଷଣ ପ୍ରଧାନଙ୍କ ସମେତ ୩୦ ଜଣ ବ୍ୟକ୍ତି ସୋମବାର ଦିନ ଭାରତୀୟ ଜନତା ଦଳରେ ସାମିଲ ହୋଇଛନ୍ତି । ପୁରୀ ଲୋକସଭା ଆସନର ଭାଜପା ପ୍ରାର୍ଥୀ ଡାକ୍ତର ସମ୍ବିତ ପାତ୍ର ,ସତ୍ୟବାଦୀ ବିଧାନ ସଭା ଆସନର ଭାଜପା ପ୍ରାର୍ଥୀ ଓମ ପ୍ରକାଶ ମିଶ୍ର , ୩୩ ନମ୍ବର ଜିଲ୍ଲା ପରିଷଦ ଜୋନ ସଭ୍ୟ ରତିକାନ୍ତ ମିଶ୍ର, ବିଜେପି ରାଜ୍ୟପରିଷଦ ସଭ୍ୟ ମଧୁ ସିଂହାରି , ସତ୍ୟବାଦୀ ବିଜେପି ମୁଖପାତ୍ର ତ୍ରିଲୋଚନ ରଥ , ସମିତି ସଭ୍ୟ ଦୀପକ ଶତପଥୀ , ମଣ୍ଡଳ ସଭାପତି କମଳାକାନ୍ତ ମିଶ୍ର ଙ୍କ ଉପସ୍ଥିତରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଧ୍ରୁବ ଚରଣ ଦାସ, ସତ୍ୟବାଦୀ ବ୍ଲକର ପୂର୍ବତନ ଅଧ୍ୟକ୍ଷାଙ୍କ ପ୍ରତିନିଧି ସଂକର୍ଷଣ ପ୍ରଧାନ, ନାରୀ ନେତ୍ରୀ ସର୍ଣ୍ଣ ଲତା ଜେନା , ଯୁବ ସଂଗଠକ ସତୀଶ ମିଶ୍ରଙ୍କ ସମେତ ୩୦ ଜଣ ବ୍ୟକ୍ତି ବିଜେପି ଲୋକସଭା କାର୍ଯ୍ୟାଳୟ ପୁରୀରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି । ବିଜେଡ଼ି ଦଳ ତ୍ୟାଗ କରି ବିଜେପିରେ ଯୋଗ ଦେବା ପରେ ଧ୍ରୁବ ଚରଣ ଦାସ କହିଛନ୍ତି , ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶାର ବିକାଶ ତଥା ସତ୍ୟବାଦୀର ବିକାଶରେ ନିଜର ସାମାନ୍ୟତମ ଅବଦାନ ରଖିବା ପାଇଁ ବିଜେପିରେ ଯୋଗ ଦେଇଅଛି । ଏହି ମିଶ୍ରଣ ପକ୍ରିୟା ଆସନ୍ତା ନିର୍ବାଚନରେ ବିଜେପି ଦଳ ପ୍ରତି ଭଲ ପ୍ରଭାବ ପକାଇବ ବୋଲି ପୁରୀ ଲୋକ ସଭା ଆସନର ବିଜେପି ଡାକ୍ତର ସମ୍ବିତ ପାତ୍ର ପ୍ରକାଶ କରିଛନ୍ତି ।

# ସୃଜନିକାର ଡ୍ୟାନ୍ସ ନୟାଗଡ ଡ୍ୟାନ୍ସ ପ୍ରତିଯୋଗିତା ୨୧ରେ



ରଣପୁର, (ସବ୍ୟୁ) : ଆସନ୍ତା ଅପ୍ରେଲ ୨୧ ତାରିଖ ରବିବାର ସକାଳ ୯ ଘଣ୍ଟା ସମୟରେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ଥିତ ମାମଣିନାଗ କଲ୍ୟାଣ ମଣ୍ଡପଠାରେ ସୃଜନିକା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପରିଷଦ ତରଫରୁ ଡ୍ୟାନ୍ସ ନୟାଗଡ ଡ୍ୟାନ୍ସ ପ୍ରତିଯୋଗୀଙ୍କ ପାଇଁ ଅଡ଼ିସନ ଅନୁଷ୍ଠିତ ହେବ । ଏନେଇ ରବିବାରଦିନ ସୃଜନିକା ତରଫରୁ ସାମ୍ବାଦିକ ସମ୍ମୀଳନୀ କରୀ ସୂଚନା ପ୍ରଦାନ କରାଯାଇଛି। ତେବେ ସୃଜନିକା ଡ୍ୟାନ୍ସ ନୟାଗଡ ଡ୍ୟାନ୍ସ ପ୍ରତିଯୋଗିତା ତରଫରୁ ଜିଲ୍ଲା ର ଚାରୀଟି ବ୍ଲକ ରେ ପ୍ରତିଯୋଗିତା କରାଯାଇ ସେଥି ମଧ୍ୟରୁ ବଛା ବଛା ପ୍ରତିଯୋଗି ଙ୍କୁ ନେଇ ଜିଲ୍ଲା ସ୍ତରୀୟ ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ ପ୍ରତିଯୋଗିତ ନୟାଗଡ ରେ ଅନୁଷ୍ଠିତ ହେବା ଏବଂ ଏମାନଙ୍କ ମଧ୍ୟରୁ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗି ଙ୍କୁ ସନ୍ମାନିତ କରାଯିବା ନେଇ ସୂଚନା ପ୍ରଦାନ କରିଛନ୍ତ।ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ପ୍ରତିଯୋଗୀ ମାନଙ୍କର ବୟସ ୮ ବର୍ଷରୁ ଆରମ୍ଭ ହୋଇ ୧୮ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ହୋଇଥିବା ବେଳେ ସେମାନେ ସମସ୍ତ ପ୍ରକାର ନୃତ୍ୟ ପରିବେଷଣ କରିପାରିବେ ।ପ୍ରତିଯୋଗୀମାନେ ଅପ୍ରେଲ୍ ୨୧ ତାରିଖ ରବିବାର ସକାଳ ୯ ଟାରେରେଣପୁର ବ୍ଲକ ମଣିନାଗ କଲ୍ୟାଣ ମଣ୍ଡପଠାରେ ନିଜର ନାମକୁ ପଞ୍ଜିକୃତ କରାଇବେ । ପ୍ରତିଯୋଗୀମାନେ ସେମାନଙ୍କ ନାମ, ମୋବାଇଲ ନମ୍ବର ଦେଇ ଦିଆ ଯାଇଥିବା ଫୋନ ନମ୍ବର ରେ (୯୪୩୭୭୬୨୧୫୪ ଏବଂ ୯୯୩୮୩୦୯୬୫୨ ) ଯୋଗାଯୋଗ କରି ନିଜର ନାମକୁ ମଧ୍ୟ ପଞ୍ଜିକରଣ କରିପାରିବେ ।ପ୍ରତିଯୋଗୀମାନେ ନିଜ ସାଙ୍ଗରେ ଜନ୍ମ ପ୍ରମାଣ ପତ୍ର ଯଥା (ଆଧାର କାର୍ଡ଼ , ଭୋଟର ପରିଚୟ ପତ୍ର କିମ୍ବା ବିଦ୍ୟାଳୟ ଆଇ, କାର୍ଡ଼) ନିଜ ସହିତ ଆଣିବା ଆବଶ୍ୟକ ହୋଇଥିବା ଜଣାପଡିଛି ସୃଜନିକା ଓଡ଼ିଆ ଭାଷା ସାହିତ୍ୟ ଓ ସଂକୃତି ପରିଷଦ ଓ ଡ୍ୟାନ୍ସ ନୟାଗଡ଼ ଡ୍ୟାନ୍ସ ସଦସ୍ୟ ବରିଷ୍ଠ ଶିକ୍ଷାବିତ ବିରଞ୍ଚି ନାରାୟଣ ତ୍ରିପାଠୀ, ସମାଜ ସେବୀ ଦାମୋଦର ସାହୁ, ସଚିବ ନିର୍ମଳ ଚନ୍ଦ୍ର ଶୁର ଦେଓ,ପ୍ରାଧାପକ ବିଜୟ କୁମାର ଜେନା, ଅଧାପିକା ନୀଳିମା ନନ୍ଦ, ଅଭିନେତା ଦେବେନ୍ଦ୍ର ପ୍ରସାଦ ପରମଗୁରୁ, ରଣପୁର ଅଞ୍ଚଳ ର ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ. ମଞ୍ଚପରିଚାଳକ ଓ ଅଧାପକ ସତ୍ୟ ନାରାୟଣ ମହାପାତ୍ର ଓ ରାଜ କିଶୋର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଥିଲେ. ଏବଂ ରଣପୁର ମାଟିର ପ୍ରତିଭା କୁ ଆଗକୁ ଯିବା ପାଇଁ ଏହି ପ୍ରତିଯୋଗିତା ସହାୟକ ହେବବୋଲି ମତବ୍ୟକ୍ତ କରିବା ସହିତ ଏଭଳି କାର୍ଯ୍ୟକ୍ରମ କୁ ସ୍ୱାଗତ କରାଯାଇଥିଲା ।

# ଲୁଟ ବାଇକ ଜବତ : ଲୁଟେରା ଗିରଫ




ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲାର ବଡଚଣା ଥାନା ପୋଲିସ ଲୁଟ ହୋଇଥିବା ଏକ ବାଇକକୁ ଉଦ୍ଧାର କରିବା ସହିତ ଏଥିରେ ସମ୍ପୃକ୍ତ ଲୁଟେରାକୁ ଗିରଫ କରିଛି । ଗିରଫ ଲୁଟେରା ଜଣକ ହେଉଛି କୋରେଇ ଥାନା ଅନ୍ତର୍ଗତ ଯୁଗଳ ଗ୍ରାମର ନୀଳମଣି ମିଶ୍ରଙ୍କ ପୁଅ ସୌରଭ ମିଶ୍ର (୨୦) । ପୋଲିସ ଠାରୁ ପ୍ରାପ୍ତ ସୂଚନା ମୁତାବକ ଗତ ୭ ତାରିଖ ସନ୍ଧ୍ୟାରେ ଚଣ୍ଡିଖୋଲ ନିକଟ ସୁଙ୍ଗୁଡା ଗ୍ରାମର ମନମୋହନ ରାଉତ ତାଙ୍କ ହିରୋ ହୋଣ୍ଡା ବାଇକଟିକୁ ଚଣ୍ଡିଖୋଲ ପରିବା ମାର୍କେଟ ପାଖରେ ରଖିଥିଲେ । ସେ ମାର୍କେଟରୁ ଆସି ଦେଖନ୍ତିତ ତାଙ୍କ ବାଇକଟି ସେଠାରେ ନାହିଁ । ଖୋଯାଖୋଯି ପରେ ସେ ବାଇକ ନପାଇବାରୁ ଏନେଇ ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ଥାନା କେଶ ନମ୍ବର ୧୭୫/୨୪ରେ ମାମଲା ରୁଜୁ କରି ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ଲୁଟ ବାଇକ ଓ ଲୁଟେରାକୁ ଠାବ କରିବା ପାଇଁ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଜେ ଆବେଦିନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୋଲିସର ଖାନତଲାସି ଚାଲିଥିଲା ବେଳେ ଲୁଟେରା ସୌରଭ ୫୩ ନମ୍ବର ଜାତୀୟ ରାଜପଥରେ ଲୁଟ ବାଇକଟି ନେଇ ପାରାଦୀପ ଆଡକୁ ଯାଉଥିଲା ବେଳେ କଣ୍ଟିଗଡ଼ିଆ ନିକଟରେ ଶ୍ରୀ ଆବେଦିନ ତାକୁ କାବୁ କରି ବାଇକ ସହିତ ଥାନାକୁ ଆଣିଥିଲେ । ଆଜି ଲୁଟେରା ସୌରଭକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ।

# ନାବାଳିକା ଅପହରଣ : ନାବାଳକ ସ୍ୱଧାର ଗୃହକୁ ସ୍ଥାନାନ୍ତର

ପାଣିକୋଇଲି (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଂଚାୟତ ଅନ୍ତର୍ଗତ କୁରୁପଦା ଗ୍ରାମର ଜନୈକା ନାବାଳିକା(୧୬)କୁ ଅପହରଣ କରିଥିବା ଅଭିଯୋଗରେ ପୁଲିସ ଧନେଶ୍ୱର ଗ୍ରାମର ଜଣେ ନାବଳକ (୧୭)ପ୍ରେମିକକୁ ସ୍ୱଧାର ଗୃହକୁ ପଠାଇଛି। ସୁଚନାନୁସାରେ ଉକ୍ତ ନାବାଳିକାକା ସହିତ ଉକ୍ତ ନାବାଳକର ପ୍ରେମ ସମ୍ପର୍କ ଥିଲା। ତେବେ ଗତ ୨୭ ତାରିଖ ଦିନ ରାତିରେ ନାଳକ ଜଣକ ଉକ୍ତ ନାବାଳିକାକୁ ଧରି ଫେରାର ହୋଇଯାଇଥିଲା। ପରେ ଘରେ ନପାଇ ନାବାଳିକାର ଜେଜେ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଥିଲା। ଏ ନେଇ ପୁଲିସ ଉକ୍ତ ପ୍ରେମୀ ଯୁଗଳଙ୍କୁ ଧରିବା ଲାଗି ପ୍ରେମର ଗର ସମେତ ବିଭିନ୍ନ ସ୍ଥାନରେ ଚଢାଉ କରିଥିବା ବେଳେ ସଂଳ ହୋଇପାରିନଥିଲା। ତେବେ ଗତ ୪ ତାରିଖ ଦିନ ଖବର ପାଇ ପୁଲିସ ଉକ୍ତ ନାବାଳିକାକୁ ତାର ପ୍ରେମିକ ଘରୁ ଉଦ୍ଧାର କରିବା ପରେ ଉଭୟଙ୍କ ଡ଼ାକ୍ତରିମାଇନା କରିବା ପରେ ନାବାଳିକାକୁ ଯାଜପୁର ସ୍ଥିତ ସ୍ୱଧାରଗୃହକୁ ପଠାଇଥିବା ବେଳେ ନାବାଳକକୁ ଅନୁଗୁଳସ୍ଥିତ ସ୍ୱଧାର ଗୃହକୁ ପଠାଇଛି।

# ବ୍ୟବସାୟୀଙ୍କଠାରୁ ୪ଲକ୍ଷ ଲୁଟ୍

ଡେରାବିଶ, (ସବ୍ୟୁ) : ଡେରାବିଶ ବ୍ଲକ କାର୍ଯ୍ୟାଳୟ ସନ୍ନିକଟ ଭାଟଭାଗ ଅଙ୍ଗନୱାଡିକେନ୍ଦ୍ର ନିକଟସ୍ଥ ରାସ୍ତାରେ ଆଜି ଅପରାହ୍ଣରେ ଜଣେ କୁକୁଡା ବ୍ୟବସାୟୀଙ୍କ ଠାରୁ ଲୁଟ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ କେନ୍ଦ୍ରାପଡା ଜଇପୁରା ଅଂଚଳର କୁକୁଡା ବ୍ୟବସାୟୀ ମହମ୍ମଦ ଆଲମ ଡେରାବିଶ ବ୍ଲକ ଅଂଚଳର ବିଭିନ୍ନ ଦୋକାନରେ କୁକୁଡା ବ୍ୟବସାୟ କରିଥାନ୍ତି । ତେବେ ସେହି ଅଂଚଳରୁ ଆଜି ଟଙ୍କା ଆଦାୟ କରି ଫେରୁଥିବା ବେଳେ ବ୍ଲକ ନିକଟସ୍ଥ ରାସ୍ତାରେ ଦୁଇଜଣ ଯୁବକ ତାଙ୍କୁ ମାଡମାରି ୪ଲକ୍ଷ ଟଙ୍କା ଲୁଟ କରିଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି । ସେ ଡେରାବିଶ ଅଂଚଳରୁ ଫେରୁଥିବାବେଳେ ଦୁଇଜଣ ଯୁବକ ତାଙ୍କୁ ବାଇକରେ ପିଛା କରିବା ସହିତ ଉକ୍ତ ସ୍ଥାନରେ ତାଙ୍କ ବାଇକକୁ ଧକ୍କା ଲଗାଇବାରୁ ସେ ପଡିଯାଇଥିଲେ । ଏହି ସମୟରେ ପିଛା କରୁଥିବା ଯୁବକ ଦ୍ୱୟ ତାଙ୍କୁ ମାଡ ମାରିବା ସହିତ ଆଦାୟ ହୋଇଥିବା ୪ଲକ୍ଷ ଟଙ୍କା ନେଇଫେରାର ହୋଇଯାଇଥିଲେ । ଯାହାକି ଏହି ଘଟଣା ସି.ସି କ୍ୟାମେରାରେ କଏଦ ହୋଇଛି । ଖବର ପାଇ ସଦରଥାନା ପୋଲିସ ଘଟଣା ସ୍ଥଳରେ ପହଁଚି ସି.ସି. କ୍ୟାମେରାକୁ ତନଖି କରିବା ସହିତ ଚିକିତ୍ସିତ ହେଉଥିବା ମହମ୍ମଦ ଆଲମର ବୟାନ ରେକର୍ଡ କରିଛନ୍ତି । ତେବେ ଲୁଟେରାମାନଙ୍କୁ ଖୁବ ଶିଘ୍ର କାବୁ କରାଯିବ ବୋଲି ସଦରଥାନା ଆଇ.ଆଇ.ସି ସରୋଜକାନ୍ତ ସାହୁ କହିଛନ୍ତି ।

# ତୃଷାର୍ତ୍ତ ହରିଣର ମୃତ୍ୟୁ



ରଘୁନାଥପୁର,,(ସବ୍ୟୁ) : ରଘୁନାଥପୁର ବ୍ଲକରେ ଥିବା ଏକମାତ୍ର ସଂରକ୍ଷଣ ଜଙ୍ଗଲ ଧଳତଙ୍ଗଗଡରେ ଶହ ଶହ ହରିଣ ପ୍ରବଳ ରୌଦ୍ରତାପରେ ପିଇବା ପାଇଁ ପାଣି ନପାଇ ଜଙ୍ଗଲ ବାହାରକୁ ଚାଲି ଆସୁଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ହରିଣ ଟ୍ରେନରେ କଟି ମୃତ୍ୟୁବରଣ କରୁଥିବା ବେଳେ ଆଉ କେତେକ କୁକୁର କାମୁଡାରେ ମୃତ୍ୟୁବରଣ କରୁଛନ୍ତି। ଆଜି ଏକ ହରିଣ ପିଇବା ପାଇ ଜଙ୍ଗଲରେ ବାହାରକୁ ପାଣି ଅନ୍ୱେଷଣରେ ଆସି ତଅଁରା ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମର ଗୌରାଙ୍ଗ ମଲ୍ଲିକ ଘର ନିକଟ ଖାନା ବାଡି ଠାରେ ମରି ପଡିଥିବାର ସ୍ଥାନୀୟ ଲୋକ ଅପରାହ୍ଣ ୫ଟାରେ ଦେଖିବାକୁ ପାଇଥିଲେ। ଲୋକମାନେ ଉକ୍ତ ହରିଣଟି ମରିପଡିଥିବାର ଦେଖି ଜଙ୍ଗଲ ବିଭାଗ ରେଞ୍ଜରକୁ ଟେଲିଫୋନ କରି ଜଣାଇଥିଲେ।ଖବର ପାଇ ଜଙ୍ଗଲ ବିଭାଗ କର୍ମଚାରୀମାନେ ଆସି ମୃତ ହରିଣଟିକୁ ଜବତ କରିଥିଲେ। ପ୍ରକାଶଥାଉକି, ଜଙ୍ଗଲ ମଧ୍ୟରେ ପୋଖରୀ ଗୁଡିକ ଶୁଖିଲା ପଡିଛି। ଜଙ୍ଗଲର ଚର୍ତୁପାର୍ଶ୍ୱ ଖୋଲା ପଡିଛି। ଏଥିପାଇଁ ପ୍ରବଳ ରୌଦ୍ରତାପରେ ଏହି ଜଙ୍ଗଲରେ ଥିବା ହରିଣଗୁଡିକ ପାଣି ପାଇ ଡହଳବିକଳ ହେଉଛନ୍ତି। ସେମାନେ ଜଙ୍ଗଲରେ ପାଣି ନପାଇ ବାଧ ହୋଇ ଜଙ୍ଗଲ ବାହାରକୁ ପାଣି ଅନ୍ୱେଷଣରେ ଚାଲି ଆସୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଜଙ୍ଗଲ ମଧ୍ୟରେ ହରିଣ ମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରିବା ସହିତ ଜଙ୍ଗଲ ଚର୍ତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କାର୍ଯ୍ୟ କରିବାକୁ ଏ ଅଞ୍ଚଳର ବହୁ ବୁଦ୍ଧିଜୀବ ଦାବି କରିଛନ୍ତି।

# ଧର୍ମଶାଳା ରାଜନୈତିକ ପାଣିପାଗ

ଧର୍ମଶାଳା( ସ ବ୍ୟୁ) : ରାଜନୈତିକ ଦୃଷ୍ଟି କୋଣରୁ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଗୁରୁତ୍ୱ ରହିଆସିଛି । ଦୀର୍ଘ ୩ ଦଶନ୍ଧି ହେଲା ଅଣକଂଗ୍ରେସର ଦୁର୍ଗ ରହିଥିବା ଏହି ନିର୍ବାଚନ ମଣ୍ଡଳୀରେ ଏଥର ଅଣକଂଗ୍ରେସ ପ୍ରାର୍ଥୀଙ୍କ ବିଜୟ ସ୍ପଷ୍ଟ ବାରିହେଉଛି । ଏଠାରେ ବିଜେଡି ପକ୍ଷରୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ବିଜେପି ସ୍ମୃତିରେଖା ପହିଙ୍କୁ ପ୍ରାର୍ଥୀ କରିଛି । ତେବେ ଧର୍ମଶାଳାରେ ଶ୍ରୀମତୀ ପହି ପ୍ରାର୍ଥୀ ହେବା ପରେ ବିଜେପି ପ୍ରାର୍ଥୀ ହେବାକୁ ଆଶା ରଖିଥିବା ହିମାଂଶୁ ଶେଖର ସାହୁ ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଅନ୍ୟପଟେ କଂଗ୍ରେସ ପକ୍ଷରୁ ଅଦ୍ୟାବଧ୍ ଏଠାରେ ପ୍ରାର୍ଥୀ ଦିଆଯାଇ ନାହିଁ । ଏଠାରେ କଂଗ୍ରେସ ତରଫରୁ ପୁର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରାର୍ଥୀତ୍ୱରେ ଆଗରେ ରହିଥିବା ବେଳେ ପୁର୍ବତନ ବିଧାୟକ କାଙ୍ଗାଳି ପଣ୍ଡାଙ୍କ ବୋହୁ ମଧୁସ୍ମିତା ଆଚାର୍ଯ୍ୟ ପ୍ରାର୍ଥୀତ୍ୱ ରେସରେ ରହିଛନ୍ତି । ତେବେ ଦଳ ଏଠାରେ କାହାକୁ ପ୍ରାର୍ଥୀ କରୁଛି ତାହା ପରବର୍ତୀ ସମୟରେ ଜଣାପଡିବ । ରାଜନୈତିକ ବିଶେଷଜ୍ଞଙ୍କ ମତ ଅନୁଯାୟୀ ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା ଜୋରଦାର ହେବ ।

# ଯୁବ ବ୍ୟବସାୟୀଙ୍କ ପରଲୋକ



ଚଣ୍ଡିଖୋଲ,(ସବ୍ୟୁ) : ହୃଦଘାତରେ ଜଣେ ଯୁବ ବ୍ୟବସାୟୀଙ୍କର ପରଲୋକ ଘଟିଛି । ଅକାଳ ମୃତ୍ୟୁ ବରଣ କରିଥିବା ଏହି ଯୁବ ବ୍ୟବସାୟୀ ହେଉଛନ୍ତି ସୋରଳ ଗ୍ରାମର ସ୍ୱର୍ଗତ ଦିବାକର ସିଂହଙ୍କର ମଧ୍ୟମ ପୁତ୍ର କିଶୋର ସିଂହ (୪୮) । ଗତ ୨୦ ବର୍ଷ ହେବ ସେ ଚଣ୍ଡିଖୋଲ ଛକ ନିକଟ ଗାନ୍ଧିଛକ ଗୋପାଳପୁର ଠାରେ ଘର କରି ରହି ଆସିବା ସହିତ ଏଠାରେ ଧାନ ବ୍ୟବସାୟ କରି ଆସୁଥିଲେ । ସୋମବାର ସକାଳେ ସେ ଘରେ ଥିବା ବେଳେ ଛାତିରେ ଭୀଷଣ ଯନ୍ତ୍ରଣା ଅନୁଭବ କରିଥିଲେ । ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବଡ଼ଚଣା ମେଡ଼ିକାଲରେ ଭର୍ତ୍ତି କରିଥିଲେ ।

ହେଲେ ଡାକ୍ତର ଏଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ତାଙ୍କ ମର ଶରୀରକୁ ନିଜ ପୈତୃକ ଗ୍ରାମ ସୋରଳକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା । ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁତ୍ର ଶୁଭ୍ରାଂଶୁ ମୁଖାଗ୍ନି ଦେଇଥିଲେ ।

# ଚୈତ୍ର କବିତା ଆସର

ରାହାମା,(ସବ୍ୟୁ) :ତିର୍ତ୍ତୋଲ ଥାନା ଅନ୍ତର୍ଗତ ତେରମାଣପୁର ଠାରେ ଥିବା ଶ୍ରୀନୃସିଂହ ମନ୍ଦିର ପରିସରରେ ମଟିଘର ପକ୍ଷରୁ ଚୈତ୍ର କବିତା ଆସର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡ. କ୍ଷୀରୋଦ ଓଝା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାହିତ୍ୟ ଆସରରେ ସମ୍ପାଦକ ବିଷ୍ଣୁ ପ୍ରସାଦ ସେଠୀ ବିବରଣୀ ପାଠ କରିଥିଲେ । ନିରୋଦ କୁମାର ଆଚାର୍ଯ୍ୟ,ଟୁକନ ଚରଣ ସେଠୀ, ବିଜୟ କୁମାର ମୁଦୁଲି, ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ, ଇନ୍ଦୁପ୍ରଭା ବିଶ୍ୱାଳ, ସଂଯୁକ୍ତା ସାହୁ, ତିର୍ତ୍ତୋଲ କଲେଜ ଓଡିଆ ବିଭାଗ ପ୍ରାଧ୍ୟାପକ ଅଶୋକ କୁମାର ରାଉତ, ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ରବି ସାର, ଧୀରେନ୍ଦ୍ର କୁମାର ବେହେରା, ଗୀତା ଦାସ, ଅଧିକାରୀ ରମାକାନ୍ତ ଦାସ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ ।

# ଆଲୋଚନା ଚକ୍ର, ପୁସ୍ତକ ଉନ୍ମୋଚନ ଓ କବିତା ପାଠୋତ୍ସବ

ଦଶରଥପୁର (ସବ୍ୟୁ) ଦଶରଥପୁର ନିକଟସ୍ଥ କୁଆଁସ ମଙ୍ଗଳା ପୀଠ ଠାରେ ଭଦ୍ରକ ତିହିଡିର ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦ ଏବଂ ଦଶରଥପୁର ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଏକ ଆଲୋଚନା ଚକ୍ର, ପୁସ୍ତକ ଉନ୍ମୋଚନ ଓ କବିତା ପାଠୋତ୍ସବ ବିଭୁତି ଭୂଷଣ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଅଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବେ ଡଃ ବାସୁଦେବ ମିଶ୍ର, ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ସାରସ୍ୱତ ସାଧକ ପଣ୍ଡିତ ଦୈତାରି ମହାପାତ୍ର, ବକ୍ତାଭାବେ ହରେରାମ ପଣ୍ଡା, ଉମାକାନ୍ତ ଧଳ, ଶିକ୍ଷାବିତ ନିତ୍ୟାନନ୍ଦ ମଲ୍ଲିକ, ଶରତ ଚନ୍ଦ୍ର ଜେନା, ଚନ୍ଦ୍ରମଣି ସାହୁ, ପ୍ରମୁଖ ଯୋଗଦେଇ ସମାଜ ଗଠନରେ ଓଡିଆ କବିତାର ଭୂମିକା ସମ୍ପର୍କରେ ବକ୍ତାମାନେ ନିଜ ନିଜର ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ଏହି ଅବସରରେ ବିଭୂତି ଭୂଷଣ ସେନାପତିଙ୍କ ପୁସ୍ତକ ବିସ୍ମୟ ଲୋକାର୍ପଣ ହୋଇଥିଲା। କବି ନିରଞ୍ଜନ ପତି, ନାରାୟଣ ଦାସ, ଶୁଭେନ୍ଦୁ ମହାପାତ୍ର, ନୀଳମାଧବ ସେନାପତି, ମନୋଜ କୁମାର ପାଣିଗ୍ରାହୀ, ବିଶ୍ୱମୈତ୍ରୀ ନାୟକ, ପ୍ରମୋଦ ପଣ୍ଡା, ରବିନାରାୟଣ ମହାନ୍ତି, ଧିରେନ୍ଦ୍ର ମଲ୍ଲିକ, ସାବିତ୍ରୀ ମଲ୍ଲିକ, ମଥୁରା ମୋହନ ବେହେରା, ସୁଦର୍ଶନ ସାହୁ ବିଶ୍ୱମ୍ଭର ନାୟକ, ଅଭୟ ଦାସ, ସତ୍ୟବ୍ରତ ସାମଲ ପ୍ରମୁଖ ପଚାଶରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତାପାଠ କରିଥିଲେ। ଶୀତଳ କୁମାର ବେହେରାଙ୍କ ସଂଯୋଜନାରେ ଅତିଥି ପରିଚୟ ଆଡଭୋକେଟ ବିଷ୍ଣୁ ଦଳେଇ, ସ୍ୱାଗତ ଭାଷଣ ନୀଳମାଧବ ସେନାପତି, ସମ୍ପାଦକୀୟ ବିବରଣୀ ପାଠ ଅଧ୍ୟାପିକା ସଂଯୁକ୍ତା ଭାରତୀ ଓ ଧନ୍ୟବାଦ ଅର୍ପଣ ଆଶୁତୋଷ କରଣ କରିଥିଲେ।।

# ଅଭିଯୋଗ କରିବାକୁ ଆସିଥିବା ୧୧ ଜଣଙ୍କୁ ଅଦାଲତ ଚାଲାଣ କଲା ପାଣିକୋଇଲି ପୁଲିସ

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଂଚାୟତ ଧନତ୍ରୀ ବାଲିଘାଟରେ ବାଲି ମାଫିଆ ଓ ଗ୍ରାମବାସୀ ମାନଙ୍କ ମଧ୍ୟରେ ଶନିବାର ରାତିରେ ଗଣ୍ଡଗୋଳ ଘଟିଥିଲା। ଯାହାକୁ ନେଇ ଧନତ୍ରୀ ଗ୍ରାମବାସୀ ମାନଙ୍କ ପକ୍ଷରୁ ମଧୁସୁଦନ ରାଉତ, ନଗେନ୍ଦ୍ର ନାରାୟଣ ସ୍ୱାଇଁ, ଜୟନ୍ତ ସାହୁ, ସତ୍ୟବ୍ରତ ସାହୁ, ସୁଧାଂଶୁ ଶେଖର ସାହୁ, ମୁକ୍ତିକାନ୍ତ ସାହୁ, ନିମାଇଁ ଚରଣ ସାହୁ, ମନୋରଂଜନ ବେହେରା, ଦୀପକ କୁମାର ସାହୁ, ରାମଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ସାହୁ,ଓ ମନୋରଂଜନ ସାହୁ ଥାନାକୁ ଅଭିଯୋଗ ନେଇ ଆସିଥିବା ବେଳେ ପୁଲିସ ସେମାନଙ୍କୁ ଥାନାରେ ଅଟକ ରଖିଥିଲା। ଏନେଇ ଧନତ୍ରୀ ବାଲିଘାଟର ମ୍ୟାନେଜର ମୂଳାପାଳ ପଂଚାୟତ ବରପଦା ଗ୍ରାମର ସ୍ୱର୍ଗତ ବାବାଜୀ ସାମଲଙ୍କ ପୁଅ ଘୁରୁଡ଼ ସାମଲଙ୍କ ଅଭିଯୋଗ କ୍ରମେ ବାଲିଘାଟରେ ଅଭିଯୁକ୍ତମାନେ ପହଂଚି ଗାଡି ଭଂଗାରୁଜା କରିବା ସହ ଜେସିବି ଅପରେଟରକୁ ଗ୍ରାମକୁ ଟେକି ନେଇ ମରଣାନ୍ତକ ଆକ୍ରମଣ କରିଥିବାର ଅଭିଯୋଗରେ ଦର୍ଶାଯାଇ ମାମଲା ରୁଜୁ କରାଯାଇଥିବା ବେଳେ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ କରାଯାଇଛି। ତେବେ ଅଟକଥିବା ୧୧ ଜଣଙ୍କୁ ରାତି ୧୦ଟା ବେଳେ ରାତିଅଧିଆ ଅଦାଲତ ଚାଲାଣ କରାଯାଇଛି । ଫଳରେ ଧନତ୍ରୀ ଗ୍ରାମରେ ଉତେଜନା ପ୍ରକାଶ ପାଇଛି । ଅପରପକ୍ଷେ ଗ୍ରାମବାସୀମାନେ ଏହା ବେଆଇନ ବାଲିଘାଟ ବୋଲି ଦାବି କରୁଛନ୍ତି । ହେଲେ ଆଜି ବାଲିଘାଟ ବନ୍ଦ ରହିଥିବା ଜଣାପଡିଛି ।

# ବେଲଗାମ ଧାଡ଼ି ଭଙ୍ଗା ଟ୍ରକ, ଦୁଇ ଦିନରେ ଗଲାଣି ଦୁଇ ଜୀବନ

ପାରାଦୀପ – ( ଜି. ପ୍ର ) ଗତ ଦୁଇ ଦିନ ତଳେ ପାରାଦୀପ ଜିରୋପଏଣ୍ଟ ରେ ସଡକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଆଜି ପୁଣି ଯାଇଛି ଆଉ ଜଣଙ୍କ ଜୀବନ । ଆଜି ପାରାଦୀପ ଟ୍ରକ ମାଲିକ ସଂଘ ଆଗରେ ଦୁଇ ମୋଟରସାଇକେଲ ଆରୋହିଙ୍କୁ ଏକ ଟ୍ରକ ଚାପି ଦେଇ ପଳାଇବାରୁ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଅବସ୍ଥାରେ କଟକ ମେଡିକାଲ ସ୍ଥାନାନ୍ତରିତ ହୋଇଛନ୍ତି । ମୃତକ ହେଲେ ରଞ୍ଜିତ ପ୍ରଧାନ ଓ ସେ ଇଣ୍ଡିଆ କୋକ କମ୍ପାନୀ ରେ କାମ କରୁଥିବା ବେଳେ ଗୁରୁତର ହେଉଛନ୍ତି ସନ୍ତୋଷ ବାରିକ ସେ ଲିବର୍ଟି ମେରାଇନ ରେ କାର୍ଯ୍ୟ କରୁଥିଲେ । ସନ୍ତୋଷ ନିଜ ବାଇକ ରେ ଆସୁଥିବା ବେଳେ ରଞ୍ଜିତ ତାଙ୍କୁ ଲିଫ୍ଟ ମାଗି ଆସୁଥିଲେ । ଏକ ଦ୍ରୁତଗାମୀ ଆଇରନ ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ହିଁ ରଞ୍ଜିତଙ୍କର ମୃତ୍ୟୁ ଘଟିଛି । ପ୍ରତିଦିନ କିଛି ଆଇରନ ବୋଝେଇ ଟ୍ରକ ଧାଡ଼ି ରେ ନଆସି ଧାଡ଼ି ଭାଙ୍ଗି ଦ୍ରୁତ ଗତିରେ ଆସୁଥିବାରୁ ଏଭଳି ଦୁର୍ଘଟଣା ଘଟୁଛି ଓ ଅନେକଙ୍କର ଜୀବନ ମଧ୍ୟ ଯାଉଛି । ଧାଡ଼ି ଯିଏ ଭାଙ୍ଗିବ ତା ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଥିବାବେଳେ ଏଠି ଏକ ରାକେଟ ଏହି ଧାଡ଼ି ଭାଙ୍ଗି ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ରୋଜଗାର କରୁଥିବା ଚର୍ଚ୍ଚା ହେଉଛି ।

# ପୁଲିସ ହାବୁଡ଼ରେ ଚୋରା ମଦ ବେପାରୀ



ମହାକାଳପଡ଼ା ,(ସବ୍ୟୁ) : ମହାକାଳପଡ଼ା ପୋଲିସ୍ ଆଜି ଜମ୍ବୁ– ମାର୍ଶାଘାଇ ରାସ୍ତାର କଲେଜଛକ ଓ ମହାକାଳପଡ଼ା ଗଡ଼ା ମଝିରେ ରାସ୍ତାରେ ଏକ ବାଇକ୍ ଯୋଗେ ଚୋରା ମଦ ନେଉଥିବା ବେଳେ ମହାକାଳପଡ଼ା ପୋଲିସ ତାକୁ ଧରିଛି । କୁଦାନଗରୀ ଥାନା ଅନ୍ତର୍ଗତ କଳାବୁଦା ଗ୍ରାମର ନୀଳମାଧବ ନାଥ ଏକ ବାଇକ୍ ଯୋଗେ ୧୫୫ ବୋତଲ ବିୟର ଆଜି ଦିନ ୮.୩୦ ସମୟରେ ନେଉଥିବା ବେଳେ ପୋଲିସ ହାବୁଡ଼ରେ ପଡ଼ିଥିଲେ । ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଟ୍ରାକ୍ଟର ଦୁର୍ଘଟଣାରେ ଶିଶୁର ମୃତ୍ୟୁ

ମାହାଙ୍ଗା ,(ସବ୍ୟୁ) : ଭଦ୍ରେଶ୍ୱର ଥାନା ଅର୍ନ୍ତଗତ ଝାଡ଼େଶ୍ୱରପୁର ଗ୍ରାମର ଗୁଙ୍ଗୁଡିଆମୁହଁ ଠାରେ ୮ତାରିଖ ଦିନ ୧୨.୩୦ମିନିଟ୍‌ରେ ଏକ ଟ୍ରାକ୍ଟର ଦୁର୍ଘଟଣାରେ ଶିଶୁର ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାରୁ ଜଣାପଡିଛି ଯେ ଝାଡ଼େଶ୍ୱରପୁର ଗ୍ରାମର ପ୍ରଦିପ୍ତ ବେହେରାଙ୍କ ପୁଅ ପିୟୁସ ବେହେରା(୨ବର୍ଷ ୯ମାସ) ଖେଳୁଥିବା ସମୟରେ ରାସ୍ତା କାମରେ ନିୟୋଜିତ ହୋଇଥିବା ଟ୍ରାକ୍ଟର ନମ୍ବର ଓଆର୍ ୦୫–ଏଟି–୨୭୮୦ର ଡ୍ରାଇଭର ଜିତେନ୍ଦ୍ର ସିଂହ ମାଟି ବୋହୁଥିବା ସମୟରେ ପିୟୁସଙ୍କ ଉପରେ ଗାଡି ଚଢ଼ାଇ ଦେଇଥିଲେ। ଘଟଣାସ୍ଥଳରେ ପିୟୁସର ମୃତ୍ୟୁ ଘଟିଥିଲା। ହେଲେ ପରିବାର ଲୋକେ ପିୟୁସକୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ। ଡାକ୍ତର ପିୟୁସକୁ ମୃତ୍ୟୁ ଘୋଷଣା କରିଛନ୍ତି। ଏ ସଂପର୍କରେ ପିୟୁସର ବଡବାପା ଦିପକ ବେହେରା ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରିରଖି ଛନ୍ତି।

# ଶୁଷ୍କ ଚାକୁଣ୍ଡା ଗଛ ଭାଙ୍ଗିପଡିବା ଆଶଙ୍କା, ଛିଡିବ ୧୧କେଭି ବିଦ୍ୟୁତ ତାର !

ବିଞ୍ଝାରପୁର,(ସବ୍ୟୁ) ବିଞ୍ଝାରପୁର ବ୍ଲକର ଚନ୍ଦ୍ରମୁଁ ପଂଚାୟତର ମଲ୍ଲୀପୁର ଚନ୍ଦ୍ରମୁଁ ରାଜସ୍ୱ ଗ୍ରାମର ସୀମାନ୍ତବର୍ତୀ ଅଂଚଳରେ ଏଜ ଜନାକୀର୍ଣ୍ଣ ଅଂଚଳରେ ଯାଇଥିବା ୧୧କେଭି ବିଦ୍ୟୁତତାର କେଉଁ ମୂହୂର୍ତରେ ଛିଣ୍ଡି ପଡିବାର ଆଶଙ୍କା ସୃଷ୍ଟି ହୋଇଛି । ପ୍ରକାଶ ଯେ ଚନ୍ଦ୍ରମୁଁ ଗ୍ରାମର ଗୌରୀଦେବୀ ମନ୍ଦିର ଗଡା ରାସ୍ତାରେ ଚନ୍ଦ୍ରମୁଁ ସ୍କୁଲକୁ ଯିବା ରାସ୍ତା ଉପରେ ଏହି ୧୧କେଭି ତାରଟି ଯାଇଛି । ଏହି ତାର ଉପରେ ଏକ ବିଶାଳ ଚାକୁଣ୍ଡା ଗଛର ଡାଳ ରହିଛି । ବିଦ୍ୟୁତ ସ୍ପର୍ଶରେ ଏହି ଚାକୁଣ୍ଡା ଗଛଟି ଶୁଷ୍କ ହୋଇ ଯିବା ସହିତ ସମ୍ପ୍ରତି ମୃତ ଅବସ୍ଥାରେ ରହିଛି । ବିଦ୍ୟୁତ ତାର ଉପରର ଏହି ବିଶାଳ ଡାଳଟି ଫାଟି ଯାଇଛି । କେଉଁ ମୂହୂର୍ତରେ ଏଇଟି ଭାଙ୍ଗି ପଡି ତାର ଉପରେ ପଡିପାରେ ଏବଂ ବିଦ୍ୟୁତ ତାର ଛିଣ୍ଡିବା ସୁନିଶ୍ଚିତ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ଏହି ରାସ୍ତାରେ ବିଦ୍ୟାଳୟକୁ ଶତାଧିକ ଛାତ୍ରଛାତ୍ରୀ, ଶିକ୍ଷକ , ଶିକ୍ଷୟିତ୍ରୀ ,ସ୍ଥାନୀୟ ବାସିନ୍ଦା, ଗୋରୁ ଗାଇ ନେଉଥିବ। ଚାଷୀମାନେ ସେମାନଙ୍କର ଦୈନନ୍ଦିନ ଜୀବନରେ ଗମନା ଗମନ କରିଥାନ୍ତି । ଏହି ବିପଜ୍ଜନକ ସ୍ଥିତି କେଉଁ ମନୂହୂର୍ତରେ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ତେବେ ଏଭଳି ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉ ବୋଲି କୈଳାସ ଚନ୍ଦ୍ର ମହାନ୍ତି ଦାବୀ କରିଛନ୍ତି ।

# ରେଡିଓ ଆଉଟରିଚର ବସନ୍ତ ମିଳନ

ତିର୍ତ୍ତୋଲ,(ସବ୍ୟୁ) ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଇବ୍ରସିଂସ୍ଥିତ ଉତ୍ତରେଶ୍ୱରୀ କ୍ଲବ ମଞ୍ଚରେ ରେଡିଓ ଆଉଟରିଚ ୯୦.୮ ଏଫଏମ୍ ର ଶ୍ରୀରାମପୁର ଷ୍ଟେସନ ପକ୍ଷରୁ ବସ' ମିଳନ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଫଏମ୍‌ର ନିର୍ଦ୍ଦେଶକ ସୁବ୍ରତ ପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସାହିତ୍ୟକ ଡ.ସୁରେନ୍ଦ୍ରନାଥ ତ୍ରିପାଠୀ, ମୁଖ୍ୟବକ୍ତା ରଜନୀଦେବୀ ଜରାଶ୍ରମର ଅଧକ୍ଷା ଆଇନଜୀବି ମୁଲତା ରାଉତ, ସମ୍ମାନିତ ଅତିଥି ଜ୍ୟୋର୍ତିବିଦ ଡ.ଅରୁଣ କୁମାର ପାଣି, ସାହିତ୍ୟକ ପଣ୍ଡିତ ନାଗୁଚରଣ ଦେବତା, ହେମ' କୁମାର ନାୟକ, ନଗେନ୍ଦ୍ରନାଥ ସ୍ୱାଇଁ, କୈଳାସ ଚନ୍ଦ୍ର ପ୍ରଧାନ, ସୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ବସ' ମରୀ ଦାସ, କବି ଦୀପ୍ତି ଖଣ୍ଡୁଆଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଗାଳ୍ପିକ ହୃଷିକେଶ ଜେନା ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଡଃ ତନ୍ମୟ କୁମାର ସେଠୀ ଓ ସାମ୍ବାଦିକ ତୃପ୍ତିରଞ୍ଜନ ମହାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବିତା ପାଠୋତ୍ସବରେ କବି ମନୋରମା ଦାସ, ମାନସୀପ୍ରଭା ସ୍ୱାଇଁ, ଶ୍ୟାମସୁନ୍ଦର ବେହେରା, ପ୍ରତିଭା ମିଶ୍ର, ଅରୁପାନନ୍ଦ ସ୍ୱାଇଁ, ପ୍ରଶା' ସେଠୀଙ୍କ ସମେତ ୩୦ରୁ ଉର୍ଦ୍ଧ କବିଙ୍କ କବିତା ଏଫମ୍ ରେଡିଓ ତରଫରୁ ରେକର୍ଡିଂ କରାଯାଇଥିଲା ।

# ଗୁରୁ ବ୍ରଦର୍ସ ପକ୍ଷରୁ ସାହସୀ ଯୁବକ ସମ୍ମାନିତ



ରାଜକନିକା ,(ସବ୍ୟୁ) : କଣ୍ଟପଡ଼ା ବଜାର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମ ରେ ଡାଳିକାଏନ୍ଦା ଗ୍ରାମର ସମାଜସେବୀ ତଥା ମୁମ୍ବାଇ ଗୁରୁ ବ୍ରଦର୍ସର ଏମ. ଡି ଡ଼. ହୟଗ୍ରୀବ ଗୁରୁଙ୍କ ପକ୍ଷରୁ ଆଳି ବ୍ଲକ ବାଳକାଟି ଗ୍ରାମର ୫ ଜଣ ସାହସୀ ଯୁବକ ଙ୍କୁ ସମ୍ମାନିତ କରାଯାଇଛି । ୫ ତାରିଖ ଶୁକ୍ରବାର ପୂର୍ବାହ୍ନ ରେ ଆଳି ଅଟାଳ ପଞ୍ଚାୟତ ଖନ୍ଦୋଳ ଗ୍ରାମର ବିଶ୍ୱରଞ୍ଜନ ବେହେରାଙ୍କ ପତ୍ନୀ ମୋନାଲିସା ତାଙ୍କ ୯ ମାସର ଶିଶୁ କନ୍ୟା କୁ ଧରି କୌଣସି କାରଣରୁ ଗଡ଼ଗଡି ସେତୁ ଉପରୁ ଖରସ୍ରୋତା ନଦୀକୁ ଡେଇଁ ପଡ଼ିଥିଲେ । ତାଙ୍କୁ ଉଦ୍ଧାର କରିବାକୁ ପରେ ପରେ ତାଙ୍କ ସ୍ୱାମୀ ମଧ ନଦୀକୁ ଡେଇଁ ଉବୁଟୁବୁ ହେଉଥିଲେ । ଏହି ସମୟରେ ନଦୀ କୂଳରେ ବସିଥିବା ବାଳକାଟି ଗ୍ରାମର ବୀରେନ ରାଉତ, ଅଲେଖ ସେଠୀ, ସୁଶାନ୍ତ ମଲ୍ଲିକ, ଅଭିଷେକ ମଥାନ, କୁମାର ଶୁଭମ ନଦୀ କୂଳରେ ଥିବା ଏକ ଭୁଟୁଭୁଟି କୁ ନିଜେ ନେଇ ଉକ୍ତ ଶିଶୁ କନ୍ୟା ସହିତ ମହିଳା ଓ ତାଙ୍କ ସ୍ୱାମୀ କୁ ଉଦ୍ଧାର କରିଥିଲେ । ନିଜ ଜୀବନ କୁ ବାଜି ଲଗାଇ କୁମ୍ଭୀର ପ୍ରବଣ ଏହି ନଦୀରୁ ଉକ୍ତ ପରିବାର କୁ ଉଦ୍ଧାର କରିଥିବାରୁ ସେମାନଙ୍କର ଏହି ସାହାସିକ କାର୍ଯ୍ୟ ପାଇଁ ଗୁରୁ ବ୍ରଦର୍ସ ପକ୍ଷରୁ ସାମାଜିକ କର୍ମୀ କୈଳାସ ଚନ୍ଦ୍ର ସେଠୀ ସେମାନଙ୍କୁ ଫୁଲ ତୋଡ଼ା, ଉତ୍ତରୀୟ ଓ ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ । ସବୁ ସମୟରେ ଗୁରୁ ବ୍ରଦର୍ସ ପକ୍ଷରୁ ସଫଳତା ହାସଲ କରିଥିବା ବିଭିନ୍ନ ବ୍ୟକ୍ତି ବିଶେଷ ଙ୍କୁ ସମ୍ମାନିତ କରାଯାଇଥାଏ ।

# ବାଇକ ଦୁର୍ଘଟଣାରେ ଦୁଇ ଯୁବକଙ୍କ ପ୍ରାଣ ଗଲା

ନିଶ୍ଚିନ୍ତକୋଇଲି,(ସବ୍ୟୁ) : କଟକ ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ତହସିଲ ଛକ ଠାରେ ସୋମବାର ପୂର୍ବାହ୍ନରେ ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବାରୁ ୨ ଚାଳକଙ୍କ ମୃତ୍ୟୁ ହୋଇଛି । ଘଟଣା ସ୍ଥଳରେ ସାଲେପୁର ପୋଲିସ ପହଞ୍ଚି ବାଇକ ଦୁଇଟିକୁ ଜବତ କରି ଶବକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ମେଡ଼ିକାଲକୁ ପଠାଇଛନ୍ତି । ଭୁବନେଶ୍ୱର ଧଉଳୀ ଥାନା ଅଞ୍ଚଳର ନାରାୟଣ ବାରିକ(୩୫) ତାଙ୍କର କେନ୍ଦ୍ରାପଡ଼ା ଅଫିସକୁ ଯାଉଥିଲାବେଳେ ନିଶ୍ଚିନ୍ତକୋଇଲି ଥାନା ଅଧିନ ମହାଜନପୁର ଗ୍ରାମର କୃଷ୍ଣଚନ୍ଦ୍ର ସାହୁଙ୍କ ବଡ଼ପୁଅ କ୍ଷୀରୋଦ ସାହୁ(୪୦) ତାଙ୍କ ବାଇକ ଯୋଗେ ସାଲେପୁର ଯାଉଥିଲେ । ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣା ସ୍ଥଳରେ ନାରାୟଣର ମୃତ୍ୟୁ ହୋଇଥିବା ବେଳେ କ୍ଷୀରୋଦଙ୍କର କଟକର ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାଯାଇଛି । କ୍ଷୀରୋଦ ନିଶ୍ଚିନ୍ତକୋଇଲି ଶିକ୍ଷା ଜିଲ୍ଲା କାର୍ଯ୍ୟାଳୟରେ ଅନ୍ତର୍ନିବେଶୀ ଶିକ୍ଷା ସହାୟକ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କର ମୃତ୍ୟୁରେ ଏ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତକ କ୍ଷୀରୋଦଙ୍କର ଏକ ୫ବର୍ଷର ପୁତ୍ର ସନ୍ତାନ ଓ ବିଧବା ପତ୍ନୀ ଅଛନ୍ତି । ଶବ ବ୍ୟବଚ୍ଛେଦ ପରେ ତାଙ୍କ ମହାଜନପୁର ବାସଭବନକୁ ଅଣଯାଇ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଛି ।

# ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ

ରଘୁନାଥପୁର,(ସବ୍ୟୁ) : ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ପଞ୍ଚାୟତର ଗହ୍ଣାପୁର ଗ୍ରାମର ନିରଞ୍ଜନ ଗୋଚ୍ଛାୟତଙ୍କର ବାସଗୃହରେ ଆଜି ସନ୍ଧ୍ୟା ୫ଟା ୩୦ମିନିଟ୍ ସମୟରେ ବିଦ୍ୟୁତ ସଟ ସରକିଟରେ ଅଗ୍ନିକାଣ୍ଡ ଘଟି ୧ବଖରା ଘର ଜଳିଯାଇଛି। ଖବରପାଇ ରଘୁନାଥପୁର ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ଉକ୍ତ ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ପରିବାର ଲୋକ ଅଳ୍ପକେ ରକ୍ଷାପାଇଯାଇଥିଲେ। ଏହି ସମ୍ପର୍କରେ ଟିପିସିଓଡିଏଲ କର୍ମଚାରୀ ଲାଇନମ୍ୟାନ୍ ଖବରପାଇ ବିଦ୍ୟୁତ୍ ଲାଇନ୍ ବିଛିନ୍ନ କରିଥିଲେ। ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଘଟଣା ସ୍ଥଳରେ ପହଂଚି ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବାପାଇଁ ପ୍ରତିଶୃତି ଦେଇଛନ୍ତି।

# ସ୍କୁଲ ପ୍ରଧାନଶିକ୍ଷକଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଲେ ଶିକ୍ଷୟିତ୍ରୀ

ଧର୍ମଶାଳା, (ସ ବ୍ୟୁ) : ଧର୍ମଶାଳା ଥାନା ଅନ୍ତର୍ଗତ ମୁରାରୀପୁରସ୍ଥିତ ଗୋପାଳଜୀୟୁ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ଥାନାରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ସ୍କୁଲର ଜଣେ ଶିକ୍ଷୟିତ୍ରୀ । ସୂଚନା ଅନୁଯାୟୀ ଗୋପାଳଜୀୟୁ ହାଇସ୍କୁଲରେ ଦୀର୍ଘ ୨ ବର୍ଷ ହେଲା କେଉଁଝର ଜିଲ୍ଲା ଆନନ୍ଦପୁର ଅଂଚଳର ପ୍ରୟଙ୍କା ରାଉତ ଶିକ୍ଷକତା କରୁଛନ୍ତି । ତେବେ ଗତ ଦେଢ ବର୍ଷ ହେଲା ସ୍କୁଲର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସେଠୀ ତାଙ୍କୁ ଦୁର୍ବ୍ୟବହାର କରିବା ସହ ମାନସିକ ନିର୍ଯ୍ୟାତନା ଦେଉଛନ୍ତି । ଏପରିକି ଶିକ୍ଷୟିତ୍ରୀ ଜଣକ କାମ କରୁଥିବା ବେଳେ ପ୍ରଧାନ ଶିକ୍ଷକ ତାଙ୍କୁ ଖରାପ ଦୃଷ୍ଟିରେ ଅନାଉଥିବା ବେଳେ ସ୍ଥାନୀୟ ଲୋକମାନଙ୍କ ନିକଟରେ ତାଙ୍କର ଚରିତ୍ର ସଂହାର କରୁଥିବା ନେଇ ସେ ଅଭିଯୋଗ କରିଛନ୍ତି । ଗତ କିଛି ଦିନ ତଳେ ପ୍ରଧାନ ଶିକ୍ଷକଙ୍କ ପ୍ରରୋଚନାରେ ସ୍ଥାନୀୟ ଅଂଚଳର କାଳିଆ ବେହେରା ତାଙ୍କୁ ସ୍କୁଲ ପରିସରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏନେଇ ଶିକ୍ଷୟିତ୍ରୀ ଜଣକ ଧର୍ମଶାଳା ଥାନାରେ ଗତକାଲି ଲିଖିତ ଅଭିଯୋଗ କରିବା ପରେ ପୁଲିସ କାଳିଆ ବେହେରାଙ୍କ ବିରୁଦ୍ଧରେ ୨୫୯ନଂ ରେ ଏକ ମାମଲା ରୁଜୁ କରିଘଟଣାର ତଦନ୍ତ ଚଳାଇଛି । ଅନ୍ୟପଟେ ଏଭଳି ଅଭିଯୋଗକୁ ପ୍ରଧାନ ଶିକ୍ଷକ ଶ୍ରୀ ସେଠୀ ଖଣ୍ଡନ କରିବା ସହ ଶିକ୍ଷୟିତ୍ରୀ ଜଣକ କୌଣସି କଥାକୁ ନମାନି ନିଜ ମନମାନିରେ କାମ କରୁଛନ୍ତି । ଏନେଇ ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରିଥିଲେ । ଏନେଇ ଜିଲ୍ଲା ଶିକ୍ଷାଧିକାରୀ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ । ହେଲେ ଶିକ୍ଷୟତ୍ରୀ ଜଣକ ଶିକ୍ଷାଧିକାରୀଙ୍କ ନୋଟିସକୁ ଗ୍ରହଣ କରିନଥିଲେ ଏବଂ ଏଥିରେ ଖପା ହୋଇ ଶିକ୍ଷୟିତ୍ରୀ ଜଣକ ମିଛ କେଶରେ ତାଙ୍କୁ ଫସାଇବା ପାଇଁ ଉଦ୍ୟମ କରିଛନ୍ତି ବୋଲି ପ୍ରଧାନ ଶିକ୍ଷକ ଶ୍ରୀ ସେଠୀ କହିଛନ୍ତି । ତେବେ ପୁଲିସ ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟା ସାମନାକୁ ଆସିବ ବୋଲି ଆଲୋଚନା ହେଉଛି ।